# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୫/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, August 25/2021 | ★★

୧୭ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ଟୋକିଓ ପାରାଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ମଙ୍ଗଳବାର ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଆତସବାଜି କାର୍ଯ୍ୟକ୍ରମ। **(ରିପୋର୍ଟ ଖେଳପୃଷ୍ଠା)**

# ଅଫ୍‌ଲାଇନ ମାଟ୍ରିକ୍ ଫଳ ପ୍ରକାଶିତ

## ୨୭୧ଜଣଙ୍କ ଗ୍ରେଡ୍‌ରେ ଉନ୍ନତି, ୪୫୯ଜଣଙ୍କ ଅବନତି

- ପାସ୍ ହାର ୮୦.୮୩ %
- ସେପ୍ଟେମ୍ବର ୮ ରି-ଚେକିଂ ଶେଷ ତାରିଖ
- ମଧମାରେ ସମସ୍ତ ୧୦ ଜଣ ପାସ୍
- ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୬୩୦୯ ଉତ୍ତୀର୍ଣ୍ଣ

**କଟକ ଅଫିସ, ୨୪।୮:** ଚଳିତବର୍ଷ ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ପ୍ରକାଶ ପାଇଥିବା ମାଟ୍ରିକ ରେଜଲ୍ଟରେ ଅସନ୍ତୁଷ୍ଟ ହୋଇ ଅଫ୍‌ଲାଇନ୍ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ଫଳ ମଙ୍ଗଳବାର ପ୍ରକାଶ ପାଇଛି। ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ଦ୍ୱାରା କରାଯାଇଥିବା ଏହି ପରୀକ୍ଷାରେ ପାସ୍‌ହାର ୮୦.୮୩ପ୍ରତିଶତ ରହିଛି। ଅଫ୍‌ଲାଇନ ପରୀକ୍ଷା ପାଇଁ ୬,୬୨୦ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୫,୨୩୩ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୩,୧୦୦ ଛାତ୍ର ଓ ୨,୧୩୩ ଛାତ୍ରୀ। ଛାତ୍ରୀଙ୍କ ତୁଳନାରେ ଏଥର ଛାତ୍ର ଆଗରେ ରହିଛନ୍ତି। ବିଶେଷକରି ଅଫ୍‌ଲାଇନ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୭୧ଜଣଙ୍କ ଗ୍ରେଡ୍‌ରେ ଉନ୍ନତି ଆସିଥିବାବେଳେ ୪୫୯ଜଣ ଗ୍ରେଡ୍ ହ୍ରାସ ପାଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ପରୀକ୍ଷାଫଳ ଉପଲବ୍ଧ ହୋଇଥିବା ବକ୍ସିବଜାର ରୋଡସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ଏବଂ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ଚଳିତ ପରୀକ୍ଷାରେ ୪୨ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଥିବାବେଳେ ୨୫୫ ଏ-୨, ୩୪୮ ବି-୧, ୪୫୮ ବି-୨, ୫୯୯ ସି, ୮୪୬ ଜଣ ଡି ଏବଂ ୨୬୮୫ ପରୀକ୍ଷାର୍ଥୀ ☞ପୃଷ୍ଠା-୪

## ଯଶୋଧାରାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



ଯଶୋଧାରା ମିଶ୍ର

**ନୂଆଦିଲ୍ଲୀ, ୨୪।୮:** ବିଶିଷ୍ଟ ସାହିତ୍ୟିକା ଯଶୋଧାରା ମିଶ୍ର ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ସମୁଦ୍ରକୂଳ ଘର' ପୁସ୍ତକ ପାଇଁ ୨୦୨୦ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର ମଙ୍ଗଳବାର ଯଶୋଧାରାଙ୍କ ନାମ ଘୋଷଣା କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ଏବଂ ଏକ ତାମ୍ର ଫଳକ ମିଳିବ। ବୀଣାପାଣି ମହାନ୍ତି, ପ୍ରତିଭା ଶତପଥୀ ଏବଂ ରମାକାନ୍ତ ରଥଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ 'ସମୁଦ୍ରକୂଳ ଘର'କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅରୁଚିକର ରାଣେ**

# ୫୦% ସଂରକ୍ଷଣ ସୀମା ହଟୁ: ବିଜେଡି

*ପଛୁଆବର୍ଗଙ୍କୁ ନେଇ ରାଜନୀତି ଜୋର ଧରିଛି। ଏହାକୁ ନେଇ ବିଜେଡି ଓ ଭାଜପା ପରସ୍ପର ଉପରେ ଦୋଷ ଲଦାଲଦିରେ ଲାଗିଛନ୍ତି। ଦେଶରେ ଜାତିଭିତ୍ତିକ ଜନଗଣନା ହେଉ ଏବଂ ୫୦% ସଂରକ୍ଷଣ ସୀମା ଉଠାଇ ଦିଆଯାଉ। ବିଜେଡି ଏଭଳି ଦାବି ଉଠାଇଛି। ଏହାସହ ରାଜ୍ୟ ଭାଜପା ଏନେଇ କାହିଁକି ଚୁପ୍ ରହିଛି ବୋଲି ପ୍ରଶ୍ନ କରିଛି। ଅନ୍ୟପକ୍ଷରେ ବିଜେଡି ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି।*

- ଜାତିଭିତ୍ତିକ ଜନଗଣନା ଦାବି କଲା ଦଳ
- ଲଢେଇରେ ସାମିଲ ପାଇଁ ଭାଜପା ନେତାଙ୍କୁ ଆହ୍ୱାନ
- ବିଜେଡି ମନଗଢ଼ା ଗପ ଶୁଣାଉଛି: ଭାଜପା

**ଭୁବନେଶ୍ୱର,୨୪।୮(ବ୍ୟୁରୋ)** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା ସରକାର ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ବଦ୍ଧପରିକର। ହେଲେ ସଂଘୀୟ ଢାଞ୍ଚା ଓ ଆଇନଗତ କଟକଣା ଏଥିରେ ବାଧା ହୋଇଥିବା ବିଜେଡି କହିଛି। ମଙ୍ଗଳବାର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିର ଦୁଇ ବରିଷ୍ଠ ନେତା ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, ପଛୁଆ ବର୍ଗଙ୍କ ପାଇଁ ଯୋଜନା ପ୍ରସ୍ତୁତ ପୂର୍ବରୁ ସେମାନଙ୍କ ସଂଖ୍ୟା ଜାଣିବା ନିହାତି ଆବଶ୍ୟକ। ଏଥିପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଜାତିଭିତ୍ତିକ ଜନଗଣନା ଦାବି ଉଠାଇଛନ୍ତି। ଏହାଦ୍ୱାରା କେବଳ ରାଜ୍ୟ ନୁହେଁ, ସାରା ଦେଶର ପଛୁଆବର୍ଗଙ୍କ ପ୍ରକୃତ ସଂଖ୍ୟା ଜଣାପଡ଼ିବ ବୋଲି ଅରୁଣ କହିଛନ୍ତି। କେନ୍ଦ୍ର ସରକାର ମନା କରିବା ପରେ ରାଜ୍ୟ ସରକାର ୨୦୨୦ ଜାନୁୟାରୀ ୧୧ରେ କ୍ୟାବିନେଟ ବୈଠକ ଡକାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଜାତିଭିତ୍ତିକ ଜନଗଣନା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ☞ପୃଷ୍ଠା-୪

# କେନ୍ଦ୍ରମନ୍ତ୍ରୀ ରାଣେ ଗିରଫ

*ମହାରାଷ୍ଟ୍ରରେ ଦୁଇଦିନ ଧରି ଦେଖିବାକୁ ମିଳିଛି ମହାନାଟକ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କୁ ମହଙ୍ଗା ପଡ଼ିଛି। ଭାରତ କେଉଁ ବର୍ଷ ସ୍ୱାଧୀନତା ଲାଭ କରିଥିଲା ତାହା ଉଦ୍ଧବ ଜାଣିନାହାନ୍ତି। ଏହି ଅଜ୍ଞାନତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଶକ୍ତ ଚାପୁଡ଼ା ମାରିଥାଆନ୍ତି ବୋଲି ସୋମବାର ରାଣେ କହିଥିଲେ। ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀଙ୍କ ମୁହଁରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଗ୍ରହଣ କରିପାରିନାହାନ୍ତି ଅନେକେ। ବିଶେଷକରି ଉଦ୍ଧବଙ୍କ ନେତୃତ୍ୱାଧୀନ ଶିବସେନା ପକ୍ଷରୁ ରାଣେଙ୍କ ମନ୍ତ୍ୟବକୁ ଘୋର ବିରୋଧ କରାଯାଇଛି। ରାଣେଙ୍କ ବିରୋଧରେ ମୁମ୍ବାଇ ସମେତ ରାଜ୍ୟର ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରତ୍ନଗିରି କୋର୍ଟରେ ଅଗ୍ରିମ ଜାମିନ ଆବେଦନ ଖାରଜ ହୋଇଯିବା ପରେ ମଙ୍ଗଳବାର ବରିଷ୍ଠ ଭାଜପା ନେତା ରାଣେଙ୍କୁ ଗିରଫ କରାଯାଇଛି।*



ନାରାୟଣ ରାଣେ

**ମୁମ୍ବାଇ,୨୪।୮** କେନ୍ଦ୍ର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନାରାୟଣ ରାଣେ ସୋମବାର ଭାଜପାର ଜନ ଆଶୀର୍ବାଦ ଯାତ୍ରାରେ ସାମିଲ ହୋଇ ରାୟଗଡ଼ ଜିଲାରେ କହିଥିଲେ, ଭାରତ କେଉଁ ବର୍ଷ ସ୍ୱାଧୀନ ହୋଇଥିଲା ତାହା ମୁଖ୍ୟମନ୍ତ୍ରୀଙ୍କୁ ଜଣାନାହିଁ। ଗତ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବାବେଳେ ଉଦ୍ଧବ ଏହା କହି ନ ପାରି ଉତ୍ତର ଜାଣିବା ପାଇଁ ପଛକୁ ଅନାଇଥିଲେ। ମୁଁ ଯଦି ସେଠାରେ ଥାଆନ୍ତି ତାଙ୍କୁ ଶକ୍ତ ଚାପୁଡ଼ା ଦେଇଥାଆନ୍ତି। ରାଣେଙ୍କ ଏହି ମନ୍ତବ୍ୟକୁ ନେଇ ପ୍ରବଳ ବିରୋଧ ଓ ବିକ୍ଷୋଭ ଦେଖିବାକୁ ମିଳିଥିଲା। ଶିବସେନା ନାଶିକ ଶାଖା ମୁଖ୍ୟ ସ୍ଥାନୀୟ ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ଏଫ୍‌ଆଇଆର୍ କରିଥିଲା। ତାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୫୦୯-ମାନହାନି, ☞ପୃଷ୍ଠା-୪




## ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ସୋପର ଅଞ୍ଚଳରେ ମଙ୍ଗଳବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ଜଣାପଡ଼ିବା ପରେ ସୋମବାର ରାତିରେ ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରାଯାଇ ସର୍ଚ୍ଚ ଅପରେଶନ ଚାଲିଥିଲା। ମଙ୍ଗଳବାର ସକାଳେ ଆତଙ୍କବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।

## ୭୮ ଜଣଙ୍କୁ ଉଦ୍ଧାର କଲା ଭାରତ

ନୂଆଦିଲ୍ଲୀ, ୨୪।୮: ଆଫଗାନିସ୍ତାନରୁ ଏୟାର ଇଣ୍ଡିଆ ବିମାନରେ ୭୮ ଜଣଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ସେମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଉଦ୍ଧାରଙ୍କ ମଧ୍ୟରେ ୨୫ ଭାରତୀୟ, ୪୬ ଆଫଗାନ୍ ଶିଖ୍ ଏବଂ ହିନ୍ଦୁ ରହିଛନ୍ତି। ସେମାନଙ୍କ ସହ ଗୁରୁ ଗ୍ରନ୍ଥ ସାହିବ୍‌ର ୩ଟି ପୁସ୍ତକ ଅଣାଯାଇଛି। ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ସମସ୍ତ ନାଗରିକଙ୍କୁ ପ୍ରଥମେ ତାଜିକିସ୍ତାନର ଦସ୍‌ହନ୍‌ବେକୁ ନିଆଯାଇ ନୂଆଦିଲ୍ଲୀକୁ ଅଣାଯାଇଥିଲା। କାବୁଲରେ ଆହୁରି ୨ ଶହ ଆଫଗାନ୍ ଶିଖ୍ ଏବଂ ହିନ୍ଦୁ ଫସିରହିଛନ୍ତି। ସେମାନେ କାବୁଲସ୍ଥିତ କାର୍ତେ ପରୱାନ୍ ଗୁରୁଦ୍ୱାରଠାରେ ଆଶ୍ରୟ ନେଇଥିବା ଇଣ୍ଡିଆନ ୱାର୍ଲ୍ଡ ଫୋରମ୍‌ର ଅଧ୍ୟକ୍ଷ ପୁନିତ୍ ସିଂ ଚାନ୍ଦହୋକ୍ କହିଛନ୍ତି। କାବୁଲ, ଦସ୍‌ହାନ୍‌ବେ ଏବଂ ଦୋହାରୁ ୪୭୫ ଭାରତୀୟଙ୍କ ସମେତ ପ୍ରାୟ ୫୪୦ ଜଣଙ୍କୁ ଭାରତ ରବିବାର ଆଫଗାନିସ୍ତାନରୁ ଉଦ୍ଧାର କରିଛି। ଏହି ମିଶନକୁ 'ଅପରେଶନ ଦେବୀ ଶକ୍ତି' ନାମକରଣ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଏକ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଉକ୍ତ ମିଶନରେ ଅଦ୍ୟାବଧି ୮୦୦ ଜଣଙ୍କୁ ଉଦ୍ଧାର କରାଯାଇଛି।

## ମୁସଲମାନ ଭିକାରୀଙ୍କୁ ମାଡ଼: ୪ ଗିରଫ

ଜୟପୁର, ୨୪।୮: ରାଜସ୍ଥାନର ଆଜମେର ସହରରେ ଭିକ୍ଷା ମାଗୁଥିବା ୨ ମୁସଲମାନ ସମ୍ପ୍ରଦାୟର ଭିକାରୀଙ୍କୁ ମାଡ଼ ମରାଯାଇଛି। ଅଭିଯୁକ୍ତମାନେ ସେମାନଙ୍କୁ ପାକିସ୍ତାନ ପଳାଇବାକୁ କହିଥିବା ଅଭିଯୋଗ ହୋଇଛି। ଏହାର ଏକ ଭିଡିଓ ଶୁକ୍ରବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ତେବେ ପୀଡ଼ିତଙ୍କୁ ଚିହ୍ନଟ କରାଯାଇପାରି ନ ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତ ଜାମିନରେ ମୁକୁଳିଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋରଠାରେ ସୋମବାର ସମାନ ଘଟଣା ସାମ୍ନାକୁ ଆସିଥିଲା। ଜଣେ ୨୫ ବର୍ଷୀୟ ମୁସଲିମ୍ ଚୁଡ଼ି ବିକାଳି ତାଙ୍କ ନାଁ ବଦଳାଇଥିବା କହି ଅଭିଯୁକ୍ତମାନେ ମାଡ଼ ମାରିଥିଲେ।

# ତିନିପଟେ ତାଲିବାନ୍

## ମାସୁଦଙ୍କ ହାତରେ କେତେ ସୁରକ୍ଷିତ ପଞ୍ଜଶିର

**କଥା କଥାକେ ଫୁଟୁଛି ଗୁଳି, ଶୁଭୁଛି ବିସ୍ଫୋରଣର ଛାତିଥରା ଶବ୍ଦ। ତାଲିବାନ୍ ଜାରି କରିଛି ଫତ୍‌ୱା। ଅମାନ୍ୟ କଲେ ଶରିଆ ଆଇନରେ ଗଡ଼ିବ ମୁଣ୍ଡ। ଆତଙ୍କରେ ମରି ମରି ବଞ୍ଚୁଛନ୍ତି ଆଫଗାନ୍। କାରଣ ପୁଣି ଫେରିଛି ତାଲିବାନର ତିରିଶ ବର୍ଷ ତଳର ବର୍ବରତା। ଅଗତ୍ୟା କିଏ ଭାଗ୍ୟକୁ ଆଦରି ପଳାୟନ କରୁଛନ୍ତି ତ ଆଉ କେହି ମୁଣ୍ଡପାତି ସହିଯିବାକୁ ବାଧ ହୋଇଛନ୍ତି। ଏହାରି ଭିତରେ ଅଭେଦ୍ୟ ଦୁର୍ଗ ପଞ୍ଜଶିରରୁ ପୁଣି ଉଠିଛି ବିଦ୍ରୋହର ସ୍ୱର। ଏବେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ତାଲିବାନ୍‌କୁ ରୋକିପାରିବେ କି ପଞ୍ଜଶିର ସିଂହ ଅହମଦ ଶାହ ମାସୁଦଙ୍କ ଫାଇଟର।**


ପଞ୍ଜଶିରସ୍ଥିତ ପରାଖ ଅଞ୍ଚଳରେ ଆଫଗାନ ସୁରକ୍ଷା ବଳର ପାଟ୍ରୋଲିଂ।

କାବୁଲ,୨୪।୮

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ୨୦ ବର୍ଷ ମଧ୍ୟରେ ଆମେରିକା ୮୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛି। ଭିତ୍ତିଭୂମି ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଭାରତ ପକ୍ଷରୁ ମଧ୍ୟ ୨୨ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆମେରିକୀୟ ସୈନ୍ୟଙ୍କ ଘରବାହୁଡ଼ା ଆଫଗାନିସ୍ତାକୁ ବିପତ୍ତି ଆଣିଛି। ଆଫଗାନ୍ ସେନାକୁ ଆମେରିକା ପକ୍ଷରୁ ଦିଆଯାଇଥିବା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବେ ତାଲିବାନ ହାତରେ। ୱାଣ୍ଟେଡ୍ ଆତଙ୍କବାଦୀମାନଙ୍କୁ ଜେଲରୁ ମୁକ୍ତ କରାଯିବା ପରେ ତାଲିବାନର ବଳ ବୃଦ୍ଧି ଘଟିଛି। ଆଫଗାନିସ୍ତାନ ସହ ଭାରତର ଯେଉଁ ସୀମା ସଂଲଗ୍ନ ଅଛି ତାହା ପାକିସ୍ତାନ ଦଖଲରେ ରହିଛି। ଇରାନ ଓ ରୁଷିଆ ତାଲିବାନକୁ ଆମେରିକା ବିରୋଧରେ ବ୍ୟବହାର କରିବାକୁ ଚାହୁଁଥିବାବେଳେ ପାକିସ୍ତାନ ଓ ଚାଇନା ଭାରତ ବିରୋଧୀ କାର୍ଯ୍ୟକଳାପରେ ଆତଙ୍କବାଦୀଙ୍କୁ ନିୟୋଜିତ କରିବାକୁ ଉପାୟ ପାଞ୍ଚୁଛନ୍ତି। ଏଭଳି ସମୟରେ ଆଫଗାନିସ୍ତାନ ସ୍ଥିତି ଜଟିଳ ହେବାରେ ଲାଗିଛି। ତାଲିବାନ ୩୩ଟି ପ୍ରଦେଶ ଦଖଲ କରିସାରିଥିବାବେଳେ ଅଟକିଯାଇଛି କେବଳ ପଞ୍ଜଶିରରେ। ତାଲିବାନ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ପଞ୍ଜଶିର ଲାୟନ ଭାବେ ପରିଚିତ ୱାରଲର୍ଡ ଅହମଦ ଶାହ ମାସୁଦଙ୍କ ୩୨ ବର୍ଷୀୟ ପୁଅ ଅହମଦ ମାସୁଦ। ତାଙ୍କୁ ପୂର୍ଣ୍ଣ ସହଯୋଗ ଦେଉଛନ୍ତି ଆତ୍ମଘୋଷିତ ରାଷ୍ଟ୍ରପତି ଅମରୁଲ୍ଲା ସାଲେହ। କିନ୍ତୁ ଆତଙ୍କବାଦ ନିରୋଧୀ ଏହି ଭୂଖଣ୍ଡରେ ତାଲିବାନର ପ୍ରତିରୋଧ କେତେଦିନ ଚାଲିପାରିବ ବୋଲି ସନ୍ଦେହ ସୃଷ୍ଟି ହେଲାଣି।

୧୯୯୦ ଦଶକର ଗୃହଯୁଦ୍ଧ ବେଳେ ତାଲିବାନ ଆଗରେ ଏବଂ ଏହାର ଦଶନ୍ଧି ପୂର୍ବରୁ ସୋଭିଏଟ୍ ନିକଟରେ ମୁଣ୍ଡ ନୁଆଁଇ ନ ଥିବା ପଞ୍ଜଶିର ଉପତ୍ୟକା ଉପରେ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ତାଲିବାନ ଆଗରେ ଆତ୍ମସମର୍ପଣ କରିବେ ନାହିଁ ବୋଲି କହିଥିବା ମାସୁଦ କହିଛନ୍ତି, ଏଭଳି ଦିନ ଆସିପାରେ ବୋଲି ବାପାଙ୍କ ସମୟରୁ ଆମେ ଆଶଙ୍କା କରିଥିଲୁ। ତେଣୁ ସେହି ସମୟରୁ ହିଁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଛୁ। ଆମ ପାଖରେ ୬,୦୦୦ରୁ ଊର୍ଦ୍ଧ୍ୱ ଲଢୁଆ ଅଛନ୍ତି। ଆମ ସୁରକ୍ଷା ବଳକୁ ଏବେ ଅନ୍ତର୍ଜାତୀୟ ସମୁଦାୟର ସହାୟତା ଦରକାର। ଫ୍ରାନ୍ସ, ୟୁରୋପ, ଆମେରିକା, ଆରବ ୱାର୍ଲ୍ଡ ୨୦ ବର୍ଷ ପୂର୍ବେ ବାପାଙ୍କୁ ରୁଷିଆ ଓ ତାଲିବାନ ବିରୋଧରେ ସାହାଯ୍ୟ କରିଥିଲେ। ଏବେ ମଧ୍ୟ ସେମାନେ ସହଯୋଗ କରନ୍ତୁ ବୋଲି ମାସୁଦ ଅନୁରୋଧ କରିଛନ୍ତି। କିନ୍ତୁ ତାଲିବାନ ଆତଙ୍କବାଦୀମାନେ ପଞ୍ଜଶିର ଦ୍ୱାରଦେଶରେ ପହଞ୍ଚି ନର୍ଦର୍ନ ଆଫଗାନିସ୍ତାନ ୩ ଜିଲା ପୁନଃ ଦଖଲ କରିବା ପରେ ସ୍ଥିତି ବଦଳିଯାଇଛି। ସ୍ଥାନୀୟ ମିଲିଶିଆମାନେ ଏହାକୁ ଛଡ଼ାଇ ଆଣିବା ପାଇଁ ବିଶେଷ କିଛି କରି ନ ଥିବା ଜଣାପଡ଼ିଛି। ମାସୁଦଙ୍କ ଜଣେ ପରାମର୍ଶଦାତା କହିଛନ୍ତି, ପଞ୍ଜଶିର ଆଉ ତାଲିବାନ ବିରୋଧରେ ଲଢ଼ିପାରିବ ନାହିଁ। ତାଲିବାନ ଆତଙ୍କବାଦୀଙ୍କ ସଂଖ୍ୟା ଏବେ ଢେର ଅଧିକ। ବର୍ତ୍ତମାନ ଆଉ ୧୯୮୦ କିମ୍ବା ୧୯୯୦ ଦଶକର ସ୍ଥିତି ନାହିଁ।

ପ୍ରକାଶ ଯେ, ଆଫଗାନ ମୁଜାହିଦ୍ଦିନ କମାଣ୍ଡର ଅହମଦ ଶାହ ମାସୁଦ ପ୍ରତିରୋଧୀ ଗୋଷ୍ଠୀର ନେତୃତ୍ୱ ନେଇ ସୋଭିଏଟ୍ ୟୁନିୟନ୍ ଏବଂ ତାଲିବାନଠାରୁ ପଞ୍ଜଶିରକୁ ସୁରକ୍ଷା ଦେଇଥିଲେ। ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ତାଲିବାନର ଶାସନ ଚାଲିଥିଲା। ସେହି ସମୟରେ ମାସୁଦ ମୁଖ୍ୟ ବିରୋଧୀ ବଳର ନେତୃତ୍ୱ ନେଇଥିଲେ। ୨୦୦୧ ସେପ୍ଟେମ୍ବରରେ ତାଙ୍କୁ ତାଲିବାନ ହତ୍ୟା କରିଥିଲା। ତାଙ୍କ ପୁଅ ଅହମଦ ମାସୁଦ ଆଫଗାନିସ୍ତାନରେ ଗୃହଯୁଦ୍ଧ ଦେଖିବାକୁ ଚାହୁଁ ନ ଥିବାରୁ ତାଲିବାନ ସହ ଶାନ୍ତି ଆଲୋଚନା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ଇସ୍‌ଲାମିକ୍ ଗୋଷ୍ଠୀକୁ ବିରୋଧ କରିବା ପାଇଁ ଦରକାର ପଡ଼ିଲେ ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତ ବୋଲି ସେ ଚେତାବନୀ ଦେଇଛନ୍ତି। ଗତ ସପ୍ତାହରେ ବାଗ୍‌ଲାନ ପ୍ରଦେଶର ବାନୋ, ଦେହ ସାଲେହ, ପୁଲ୍-ଇ-ହେସାର ଜିଲାକୁ ସ୍ଥାନୀୟ ମିଲିଶିଆ ଗୋଷ୍ଠୀ ଦଖଲ କରିଥିଲେ। ଅଗଷ୍ଟ ୧୫ରେ ତାଲିବାନର କାବୁଲ ଦଖଲ ପରେ ଏହାକୁ ପ୍ରଥମ ସଶସ୍ତ୍ର ପ୍ରତିରୋଧ ବୋଲି ବିବେଚନା କରାଯାଉଛି। ସୋମବାର ତାଲିବାନ ଫୋର୍ସ ୩ ଜିଲାକୁ ପୁଣି ଛଡ଼ାଇ ନେଇ ପଞ୍ଜଶିର ନିକଟ ବଡ଼ାଖଶାନ, ତଖାର ଓ ଆନ୍ଦ୍ରାବରେ ନିଜ ସ୍ଥିତି ମଜଭୁଦ କରିଛନ୍ତି। ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏନେଇ ଟୁଇଟ୍ କରିଛନ୍ତି। ପଞ୍ଜଶିରକୁ ତାଲିବାନ ତିନିପଟୁ ଘେରିଯାଇଛି। ମାସୁଦଙ୍କ ପୁଅ ଆଉ ପ୍ରତିରୋଧ କରିପାରିବେ ନାହିଁ। ତାଙ୍କର ଆଉ ସମର୍ଥନ ବଳ ନାହିଁ।


ଅହମଦ ମାସୁଦ


ଅହମଦ ଶାହ ମାସୁଦ

## କାବୁଲରୁ ୟୁକ୍ରେନ୍ ବିମାନ ଅପହରଣ




ଇରାନ୍‌କୁ ନେଇଯାଇଥିଲେ ଅପହରଣକାରୀ

କାବୁଲ, ୨୪।୮

ଆଫଗାନିସ୍ତାନରୁ ନିଜ ନାଗରିକଙ୍କୁ ଉଦ୍ଧାର ପାଇଁ ଯାଇଥିବା ୟୁକ୍ରେନ୍ ବିମାନକୁ କାବୁଲରୁ ଅପହରଣ କରାଯାଇଥିବା ଏବଂ ତାହାକୁ କେତେଜଣ ଅଜଣା ବ୍ୟକ୍ତି ଇରାନ୍‌କୁ ନେଇଥିବା ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ୟୁକ୍ରେନ୍ ଡେପୁଟି ବହିର୍ବ୍ୟାପାର ମନ୍ତ୍ରୀ ୟେଭ୍‌ଗେନି ୟେନିନ୍ ଏହି ସୂଚନା ଦେଇଛନ୍ତି। ବିମାନରେ ୟୁକ୍ରେନ୍ ନାଗରିକଙ୍କୁ ଏୟାର ଲିଫ୍ଟ ପୂର୍ବରୁ କେତେଜଣ ଦୁର୍ବୃତ୍ତ ରବିବାର ତାହାକୁ ଇରାନ୍‌କୁ ନେଇଯାଇଥିଲେ ବୋଲି ୟେନିନ୍ ମଙ୍ଗଳବାର କହିଛନ୍ତି। ଏଥିଯୋଗୁ ୟୁକ୍ରେନ୍‌ର ୩ଟି ଏୟାର ଲିଫ୍ଟ ବିଫଳ ହୋଇଥିଲା ଏବଂ ୟୁକ୍ରେନ୍ ନାଗରିକଙ୍କୁ ଉଦ୍ଧାର କରାଯାଇପାରି ନ ଥିବା ସେ ପ୍ରକାଶ କରିଛନ୍ତି। ଅପହରଣକାରୀଙ୍କ ହାତରେ ଅସ୍ତ୍ରଶସ୍ତ୍ର ଥିବା ୟେନିନ୍ କହୁଥିବାବେଳେ ପରେ ବିମାନ ସହ କ'ଣ ଘଟିଲା ତାହା କିନ୍ତୁ ସେ ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ଉଭୟ ଇରାନ୍‌ର ରାଜଧାନୀ ତେହରାନ୍ ଏବଂ ୟୁକ୍ରେନ୍ ରାଜଧାନୀ କିୟେଭ୍ ପକ୍ଷରୁ ଏହି ଅପହରଣ ରିପୋର୍ଟକୁ ଖଣ୍ଡନ କରାଯାଇଛି। ଇରାନ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି, ବିମାନଟି ଉତ୍ତରପୂର୍ବ ଇରାନର ମଶାଦଠାରେ ଇନ୍ଧନ ଭର୍ତ୍ତି କରିବା ପରେ କିୟେଭ୍‌କୁ ଉଡ଼ାଣ କରିଥିଲା। ୟୁକ୍ରେନ୍ ନାଗରିକଙ୍କୁ ଉଦ୍ଧାରବେଳେ ହେଉଥିବା ଅସୁବିଧାକୁ ବ୍ୟାଖ୍ୟା କରିବାକୁ ଯାଇ ୟେନିନ୍ ଏପରି କହିଥିବା ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି।


ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଜାରି କାବୁଲ ବିମାନବନ୍ଦର ଦୃଶ୍ୟ।

## ଜି-୭ରେ ଆଫଗାନିସ୍ତାନ ଭବିଷ୍ୟତ ଚିନ୍ତା

■କାମରୁ ତାଲିବାନ୍‌ର ସତ ଜଣାପଡ଼ିବ:ବୋରିସ୍
■ଧମକ ସତ୍ତ୍ୱେ ଅଗଷ୍ଟ ୩୧ ସୁଦ୍ଧା ସରିବନି ସୈନ୍ୟ ପ୍ରତ୍ୟାହାର

ଲଣ୍ଡନ, ୨୪।୮

ଆଫଗାନିସ୍ତାନରୁ ବିଦେଶୀ ସେନା ହଟିବାର ଶେଷ ତାରିଖ ଅଗଷ୍ଟ ୩୧ ପାଖେଇ ଆସୁଥିବାବେଳେ ସେଠାରୁ ସମସ୍ତ ବାହାର ନାଗରିକ ଓ ସହଯୋଗୀଙ୍କୁ ସଫଳତାର ସହ ଉଦ୍ଧାର କରାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ସମେତ ଆଫଗାନିସ୍ତାନ ସଙ୍କଟ ଉପରେ ଆଲୋଚନା ଓ ଆବଶ୍ୟକ ନିଷ୍ପତ୍ତି ନିଆଯିବା ନିମନ୍ତେ ଜରୁରିକାଳୀନ ଭିତ୍ତିରେ ମଙ୍ଗଳବାର ଜି-୭ ବୈଠକ ବସିଛି। ୨ ଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୈଠକ ଆରମ୍ଭ କରିବା ପରେ ହ୍ୱାଇଟ୍‌ହାଉସ୍ ଭିତରକୁ ରିପୋର୍ଟରମାନଙ୍କୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ବୈଠକ ପରେ ହ୍ୱାଇଟ୍‌ହାଉସ୍ ପକ୍ଷରୁ ଏକ ଟୁଇଟ୍ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆଫଗାନିସ୍ତାନ ନୀତି, ମାନବିକ ସହାୟତା ଓ ନିଜ ନାଗରିକ, ଗତ ଦୁଇ ଦଶନ୍ଧି ମଧ୍ୟରେ ସହଯୋଗ କରିଥିବା ସାହସୀ ଆଫଗାନ୍ ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀକୁ ସହାୟତାର ହାତ ବଢ଼ାଇବାକୁ ଜି-୭ ନେତାଙ୍କ ସହ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରାଯାଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କହିଥିଲେ, ତାଲିବାନ୍‌ର ସତ ଏହାର କଥାରୁ ନୁହେଁ, କାମରୁ ଜଣାପଡ଼ିବ। ଅଗଷ୍ଟ ୩୧ ପୂର୍ବରୁ ସମସ୍ତ ବିଦେଶୀ ସୈନ୍ୟ ଆଫଗାନିସ୍ତାନ ନ ଛାଡ଼ିଲେ ପରିଣତି ଭୟାବହ ହେବ ବୋଲି ତାଲିବାନ୍ ଧମକ ଦେଇଛି। ଏହା ସତ୍ତ୍ୱେ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ଅସମ୍ଭବ ବୋଲି ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ସ୍ପଷ୍ଟ କରିଛନ୍ତି। ଏପରି ସ୍ଥିତିରେ ବ୍ରିଟେନ୍, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଏବଂ ଆମେରିକା ସଦସ୍ୟ ଥିବା ଜି-୭ ଏଲିଟ୍ ଗ୍ରୁପ୍‌ର ଭର୍ଚୁଆଲ ବୈଠକରେ ଆଫଗାନିସ୍ତାନ ବାବଦରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବ୍ରିଟେନ୍ ଏବେ ଜି-୭ ଗ୍ରୁପ୍‌ର ଅଧ୍ୟକ୍ଷ ରହିଛି। ଭିଡିଓ କନଫରେନ୍ସିଂରେ ଅନୁଷ୍ଠିତ ବୈଠକରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ), ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍‌ହାଉସରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଜି-୭ ନେତାଙ୍କ ସହ ଆଲୋଚନା କରୁଛନ୍ତି।

## ରାଣେଙ୍କ ଜୀବନ ପ୍ରତି ବିପଦ: ଭାଜପା

ଶିବସେନା ମନ୍ତ୍ରୀ କହିଲେ ତାଙ୍କୁ ଶକ୍ ଟ୍ରିଟ୍‌ମେଣ୍ଟ ଦରକାର

ମୁମ୍ବାଇ,୨୪।୮

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଗିରଫ ହୋଇଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନାରାୟଣ ରାଣେଙ୍କୁ ନେଇ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ପୋଲିସ ହାଜତରେ ରାଣେଙ୍କ ଜୀବନ ପ୍ରତି ବିପଦ ଥିବା ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଛି। ଦଳର ଏମ୍‌ଏଲ୍‌ସି ପ୍ରସାଦ ଲାଡ୍ କହିଛନ୍ତି, ରାଣେଙ୍କୁ ପାଖାପାଖି ୭୦ ବର୍ଷ ହେବ। ସେ ଖାଉଥିବାବେଳେ ପୋଲିସ ତାଙ୍କୁ ଯେପରି ଭାବେ ଗିରଫ କରିଛି ତାହା ନିନ୍ଦନୀୟ। ପୋଲିସ ହାଜତରେ ରାଣେଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏହାର ଜବାବରେ ଶିବସେନା ମନ୍ତ୍ରୀ ଗୁଲାବରାଓ ପାଟିଲ କହିଛନ୍ତି, ରାଣେ ନିଜର ମାନସିକ ଭାରସାମ୍ୟ ହରାଇବସିଛନ୍ତି। ତାଙ୍କୁ ଶକ୍ ଟ୍ରିଟ୍‌ମେଣ୍ଟ ଦରକାର।

ମହାରାଷ୍ଟ୍ର ଭାଜପା ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ପାଟିଲ କହିଛନ୍ତି, ସେ ରାଣେଙ୍କ ମନ୍ତବ୍ୟକୁ ସମର୍ଥନ କରୁନାହାନ୍ତି। ତେବେ ତାକୁ ନେଇ ସେ ଦୁଃଖ ପ୍ରକାଶ ମଧ୍ୟ କରିବେ ନାହିଁ। ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ୍‌ନବିସ କହିଛନ୍ତି, ଭାଜପା ରାଣେଙ୍କ ମନ୍ତବ୍ୟକୁ ସମର୍ଥନ କରେ ନାହିଁ। କିନ୍ତୁ ଦଳ ତାଙ୍କ ପଛରେ ୧୦୦ ପ୍ରତିଶତ ଛିଡ଼ା ହୋଇରହିଛି। ରାଜ୍ୟ ପୋଲିସକୁ ପ୍ରତିଶୋଧମୂଳକ ରାଜନୀତିର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। ଆଇନଶୃଙ୍ଖଳା ରହିବା ଉଚିତ। ତାଲିବାନ ଭଳି ଶାସନ ଚଳିବ ନାହିଁ।


ଠାଣେ ଭାଜପା ଅଫିସକୁ ଶିବସେନା ପକ୍ଷରୁ ଟେକାମାଡ଼ କରାଯିବା ପରେ ଭାଜପା କର୍ମୀମାନେ ଠେଙ୍ଗା ଧରି ଜମିଛନ୍ତି।

# ବଢ଼ିଲା କଂଗ୍ରେସ କନ୍ଦଳ

ନୂଆଦିଲ୍ଲୀ, ୨୪।୮


ଟି. ଏସ୍. ସିଂଦେଓ


ଭୁପେଶ ବାଘେଲ

■ଛତିଶଗଡ଼ : ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ଆସନ ମାଗିଲେ ସିଂହ ଦେଓ
■ବାଘେଲଙ୍କ ସହ ରାହୁଲଙ୍କୁ ଭେଟିଲେ

ପଞ୍ଜାବ, ରାଜସ୍ଥାନ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଥମିବାର ନାଁ ଧରୁ ନ ଥିବାବେଳେ ଏବେ ଛତିଶଗଡ଼ରେ କ୍ଷମତା ହାତେଇବାକୁ ନେଇ ଦଳରେ ଫାଟ ଦେଖାଦେଇଛି। ଶାସନ ଗାଦି ହାତରେ ରଖିବାକୁ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ବରିଷ୍ଠ ନେତା ତଥା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଟି. ଏସ୍. ସିଂଦେଓଙ୍କ ମଧ୍ୟରେ ବିବାଦ ଘନେଇଛି। ଏହାର ସମାଧାନ ପାଇଁ ମଙ୍ଗଳବାର ଉଭୟଙ୍କୁ ଭେଟିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତନ ପାଇଁ କଂଗ୍ରେସ ଉପରେ ଚାପ ପଡୁଥିବାବେଳେ ଏ ପର୍ଯ୍ୟନ୍ତ ପାର୍ଟି ହାଇକମାଣ୍ଡ ପକ୍ଷରୁ ଏ ନେଇ କୌଣସି ସଙ୍କେତ ଦିଆଯାଇନାହିଁ। ବିବାଦର ସମାଧାନ ପାଇଁ ରାହୁଲ ଉଭୟଙ୍କ ସହ ଆଲୋଚନା କରିଛନ୍ତି।

ରାହୁଲଙ୍କ ବାସଭବନରେ ଅନୁଷ୍ଠିତ ଏହିବ ବୈଠକରେ ଛତିଶଗଡ଼ ଦାୟିତ୍ୱରେ ଥିବା ଅଲ୍ ଇଣ୍ଡିଆ କଂଗ୍ରେସ କମିଟି(ଏଆଇସିସି)ର ପି. ଏଲ୍. ପୁନିଆ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳ ମଧ୍ୟ ଉପସ୍ଥିତ ଥିଲେ। ଉଭୟ ନେତା ରାହୁଲଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା। ଉଭୟଙ୍କୁ ରାହୁଲ ବୁଝାଇବା ସହ ଆଗାମୀ ଦିନରେ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଆଉ ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ଗଣମାଧ୍ୟମକୁ ସୂଚନା ଦେଇ ପୁନିଆ କହିଛନ୍ତି, ବୈଠକରେ ରାଜ୍ୟର ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଛତିଶଗଡ଼ର ନେତୃତ୍ୱ ସମ୍ପର୍କରେ କୌଣସି କଥା ଉଠି ନ ଥିବା ସେ ପ୍ରକାଶ କରିଛନ୍ତି। ଜୁନ୍‌ରେ ବାଘେରଙ୍କ ସରକାରଙ୍କୁ ଅଢ଼େଇ ବର୍ଷ ପୂରିଛି। ୨୦୧୮ରେ ନିର୍ବାଚନ ଜିତିବା ପରେ ଅଢ଼େଇ ବର୍ଷରେ ମୁଖ୍ୟମନ୍ତ୍ରୀ ପଦ ଅଦଳବଦଳ ନିମନ୍ତେ ନିଷ୍ପତ୍ତି ହୋଇଥିଲା ବୋଲି ସିଂ ଦେଓ ଦାବି କରିଛନ୍ତି। ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନିଷ୍ପତ୍ତିକୁ ମାନିବେ ବୋଲି ଉଭୟେ କହିଛନ୍ତି। ଏଥିସହ ବାଘେଲ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ମଧ୍ୟ ଭେଟିଛନ୍ତି।

## 'ଅମରିନ୍ଦରଙ୍କ ଉପରେ ଭରସା ନାହିଁ'

ନୂଆଦିଲ୍ଲୀ, ୨୪।୮



■ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ଦାବି
■ହାଇକମାଣ୍ଡଙ୍କୁ ଭେଟିବେ ୩୧ ବିଧାୟକ

କଂଗ୍ରେସ ନେତା ନଭଜ୍ୟୋତ ସିଂ ସିଦ୍ଧୁଙ୍କ ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ଖୋଲାଖୋଲି ବିରୋଧ କରିଛନ୍ତି ଦଳର ୩୧ ବିଧାୟକ। ସେମାନଙ୍କ ସମେତ କେତେଜଣ ପୂର୍ବତନ ବିଧାୟକ ମଙ୍ଗଳବାର ମନ୍ତ୍ରୀ ତ୍ରିପତ ରାଜିନ୍ଦର ସିଂ ବାଜୱାଙ୍କ ବାସଭବନରେ ଏକାଠି ହୋଇଛନ୍ତି। ଅମରିନ୍ଦରଙ୍କ ଉପରେ ଆଉ ଭରସା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ପଦରୁ ତାଙ୍କୁ ହଟାଇବା ପାଇଁ ସେମାନେ ପାର୍ଟି ହାଇକମାଣ୍ଡଙ୍କୁ ଭେଟି ଦାବି ରଖିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ ସିଦ୍ଧୁ ଏହି ବୈଠକରେ ଉପସ୍ଥିତ ନ ଥିଲେ। ପଞ୍ଜାବ ମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି କହିଛନ୍ତି, ଦଳର ୫ ମନ୍ତ୍ରୀ, ପିସିସିସି ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ପର୍ଗତ ସିଂ ଖୁବ୍‌ଶୀଘ୍ର ଦିଲ୍ଲୀ ଗସ୍ତ କରି ଏଆଇସିସି ମୁଖ୍ୟ ସୋନିଆ ଗାନ୍ଧୀଙ୍କୁ ଭେଟି ଏହି ଦାବି ରଖିବେ। ଅମରିନ୍ଦରଙ୍କୁ ବଦଳାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ବାଜୱା କହିଛନ୍ତି। ବୈଠକରେ ୪୬ ବିଧାୟକ ଉପସ୍ଥିତ ଥିଲେ ବୋଲି ସେ ଦାବି କରିଛନ୍ତି। ଦଳରେ ଅମରିନ୍ଦରଙ୍କ ଆହୁରି ଅନେକ ବିରୋଧୀ ଥିବା ବାଜୱା କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୩୬,୫୭,୫୫୬ | ୪୪,୫୯,୭୪୧ | ୧୯,୧୨,୧୮,୮୧୮ |
| ଭାରତ | ୩,୨୫,୧୦,୭୭୭ | ୪,୩୫,୭୭୪ | ୩,୧୭,୪୫,୮୧୪ |
| ଓଡ଼ିଶା | ୧୦,୦୨,୩୨୩ | ୭୪୯୩(+୫୩) | ୯,୮୭,୩୬୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ବନ୍ଦ ପାଇଁ ଷଡ଼ଯନ୍ତ୍ର

- ପୂର୍ବ ଗୌରବ ପାଇଁ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା ହେଉ
- ଏକାଠି ହେଲେ ନେତା, କଳାକାର, ବୃଦ୍ଧିଜୀବୀ
- ସାମିଲ ହେଲେ ୩ ଜଣ ପଦ୍ମଶ୍ରୀ

**ସମ୍ବଲପୁର,୨୪।୮ (ବ୍ୟୁରୋ)**

ସମ୍ବଲପୁରଠାରେ ୧୯୭୮ରେ ସ୍ଥାପିତ ରାଜ୍ୟର ପ୍ରଥମ ତଥା ଦେଶର ଅଷ୍ଟମ ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ କରିଦେବା ଲାଗି ଷଡ଼ଯନ୍ତ୍ର କରାଯାଉଛି। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି କେନ୍ଦ୍ରର ସମସ୍ତ କର୍ମଚାରୀ, ଅଧିକାରୀଙ୍କୁ ବଦଳି କରିଦିଆଯାଇଛି। ଏହାକୁ ନେଇ ସମଗ୍ର ପଶ୍ଚିମ ଓଡ଼ିଶାରେ ବିରୋଧର ସ୍ୱର ଉଠିଛି। ମଙ୍ଗଳବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଏଥିରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ଡ. ହଳଧର ନାଗ, ପଦ୍ମଶ୍ରୀ ଡ. ମିତ୍ରଭାନୁ ଗୌନ୍ତିଆଙ୍କ ସମେତ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ବାବୁ ସାମିଲ ହୋଇଥିଲେ। ଉପସ୍ଥିତ ଥିବା ସମସ୍ତ ନେତା, କଳାକାର, ବୃଦ୍ଧିଜୀବୀ ଦୂରଦର୍ଶନ କେନ୍ଦ୍ରର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା କରାଯାଉ ବୋଲି ଦାବି ଉଠାଇଥିଲେ।

ବରଗଡ଼ ଏମପି ପୂଜାରୀ କହିଥିଲେ, ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଐତିହାସିକ। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ପ୍ରଚାରପ୍ରସାର କରିବାରେ ଏହାର ପ୍ରମୁଖ ଭୂମିକା ରହିଥିଲା।



ଜିଲାପାଳଙ୍କ ଅଫିସ ସମ୍ମୁଖ ବିକ୍ଷୋଭ ସମାବେଶରେ କଳାକାର, ବିଶିଷ୍ଟ ବ୍ୟକ୍ତି ଓ ନେତା ।

ଏପରି କି ପଶ୍ଚିମ ଓଡ଼ିଶାରୁ ୩ ଜଣ କଳାକାରଙ୍କୁ ପଦ୍ମଶ୍ରୀ ପାଇବାରେ ମଧ୍ୟ ସହଯୋଗ କରିଥିଲା। ଏବେ ଏହାକୁ ଉଠାଇଦେବାକୁ ଯୋଜନା କରାଯାଉଛି। ତେବେ ଏହି ପ୍ରସଙ୍ଗ ସଂସଦରେ ଉପସ୍ଥାପନ କରାଯିବା ସହ ପ୍ରଧାନମନ୍ତ୍ରୀ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ପାଖରେ ଦାବି ରଖାଯିବ। ପଶ୍ଚିମ ଓଡ଼ିଶା କଳାକାରଙ୍କୁ ନେଇ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ସେ କହିଛନ୍ତି। ପଦ୍ମଶ୍ରୀ ହଳଧର ନାଗ କହିଥିଲେ, ପଶ୍ଚିମ ଓଡ଼ିଶାକୁ ସବୁବେଳେ ଅବହେଳା କରାଯାଇ ଆସୁଛି। ହାଇକୋର୍ଟ ବେଞ୍ଚ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ ଅଫିସ ଭଳି କାର୍ଯ୍ୟାଳୟକୁ ପୂର୍ବ ଓଡିଶାରୁ ନିୟନ୍ତ୍ରଣ କରାଯାଉଛି। ଏବେ ପଶ୍ଚିମ ଓଡ଼ିଶା କଳାକାର ନିର୍ଭର କରୁଥିବା ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ କରିବାର ଷଡ଼ଯନ୍ତ୍ର କରାଯାଉଛି। ସରକାରଙ୍କ ନିଷ୍ପତ୍ତି ପ୍ରତ୍ୟାହାର ନ ହେବା ଯାଏ ଲଢ଼େଇ କରାଯିବ। ସେହିପରି ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କହିଥିଲେ, କେନ୍ଦ୍ର ସରକାରଙ୍କ ଅଧୀନରେ ଦୂରଦର୍ଶନ କେନ୍ଦ୍ର ପରିଚାଳନା ହେଉଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି ପ୍ରଚାରପ୍ରସାର ସହ ଅନେକ କଳାକାରଙ୍କୁ ଏହି କେନ୍ଦ୍ର ଆଗକୁ ବଢ଼ିବାକୁ ସୁଯୋଗ ଦେଇଛି। କେନ୍ଦ୍ର ସରକାର ଏହାର ପୁନଃ ବିଚାର କରନ୍ତୁ ବୋଲି ଦାବି କରିଥିଲେ। ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଥିଲେ, ପୂର୍ବତନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ସମ୍ବଲପୁର ଗସ୍ତରେ ଆସି ଏହି କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ପ୍ରାୟ ୪୦ବର୍ଷ ଧରି ଏହି କେନ୍ଦ୍ର ନିରବଚ୍ଛିନ୍ନ ଭାବେ ଲୋକଙ୍କୁ ମନୋରଞ୍ଜନ, ସୂଚନା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେଣୁ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଉ। ପରେ ବରଗଡ ଏମ୍‌ପି ପୂଜାରୀ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସରୋଜ ମିଶ୍ରଙ୍କ ଜରିଆରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମାଟ୍ରିକ୍ ଅଫଲାଇନ୍ ପରୀକ୍ଷାରେ ୪୫୯ ପିଲାଙ୍କ ଖସିଲା ଗ୍ରେଡ୍ !




# ମାଟ୍ରିକ୍ ପାସ୍ କଲେ ସୋରଡ଼ା ବିଧାୟକ



ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ

**ସୋରଡ଼ା,୨୪।୮(ଡି.ଏନ୍.ଏ.):** ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଗଞ୍ଜାମ ଜିଲା ସୋରଡ଼ାର ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଛନ୍ତି। ଷ୍ଟେଟ୍ ଓପେନ ସ୍କୁଲ ଅଫ୍‌ଲାଇନ ପରୀକ୍ଷାରେ ସମୁଦାୟ ୫୦୦ ମାର୍କରୁ ବିଧାୟକ ସ୍ୱାଇଁ ୫ଟି ବିଷୟରେ ପରୀକ୍ଷା ଦେଇ ୩୪୦ ମାର୍କ ରଖି ବି-୨ ଗ୍ରେଡ୍ ପାଇଛନ୍ତି। ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବିଧାୟକ ସ୍ୱାଇଁ ପରୀକ୍ଷା ଦେଇଥିଲେ। ସେହି ସମୟରେ ବିଧାୟକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ତାଙ୍କ ପାଇଁ ଆଇସୋଲେଶନରେ ବସି ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା।

# ପେଟ୍ରୋଲ୍ ୧୪, ଡିଜେଲ ୧୬ପଇସା କମିଲା

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୪।୮**

ଦିନକର ବିରତି ପରେ ପୁଣି ଥରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ହ୍ରାସ ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୪ ପଇସା ଏବଂ ଡିଜେଲ ୧୬ ପଇସା କମିଛି। ଫଳରେ ଏଠାରେ ପେଟ୍ରୋଲ ୧୦୨.୩୨ଟଙ୍କା ଏବଂ ଡିଜେଲ ୯୬.୯୨ ଟଙ୍କାରେ ବିକ୍ରି ହେଉଛି। ସେହିପରି କଟକ ସହରରେ ପେଟ୍ରୋଲ ଲିଟର ପିଛା ଦର ୧୦୨.୬୭ ଟଙ୍କା ଓ ଡିଜେଲ ୯୭.୨୬ ଟଙ୍କା ରହିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ଓ ପେଟ୍ରୋଲ ମୂଲ୍ୟ ଉପରେ ୧୫ ପଇସା ଲେଖାଏ ହ୍ରାସ ପାଇଥିବା ସୂଚନା ମିଳିଛି। ଏହି ଦର ହ୍ରାସ ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୮.୯୨ ଟଙ୍କା ଏବଂ ପେଟ୍ରୋଲ ୧୦୧.୪୯ ଟଙ୍କାରେ କାରବାର ହେଉଛି। ଅନ୍ୟପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ଡିଜେଲ ଦର ଯଥାକ୍ରମ ୯୩.୫୨ ଟଙ୍କା, ୯୧.୯୮ ଟଙ୍କା ଏବଂ ୯୬,୪୮ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ମଧ୍ୟ ପେଟ୍ରୋଲ ଦର ଯଥାକ୍ରମେ ୯୯.୨୦ ଟଙ୍କା, ୧୦୧.୮୨ ଟଙ୍କା ଏବଂ ୧୦୭.୫୨ ଟଙ୍କାରେ ବିକ୍ରି ହେଉଛି। ବର୍ତ୍ତମାନ ସମୟରେ ମଧ୍ୟ ଦେଶର ପ୍ରମୁଖ ୧୯ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଥିବାବେଳେ ଡିଜେଲ ଦର ମଧ୍ୟ ୧୭ ରାଜ୍ୟରେ ୯୦ ଟଙ୍କା ପାର କରିଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟୁଥିଲେ ମଧ୍ୟ ଭାରତ ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ମହାମାରୀର ମାନ୍ଦାବସ୍ଥା ସମୟରେ ଡିଜେଲ ଦର ରେକର୍ଡ ସ୍ତର ଛୁଇଁବା ଯୋଗୁ ତା'ର ପ୍ରଭାବ ସବୁ କ୍ଷେତ୍ର ଉପରେ ପଡୁଛି।

# ମାଲକାନଗିରିରେ ୪୮ ଖଣି ଟେଣ୍ଡର ବାତିଲ

## ଲଘୁ ଖଣିଜ ସମ୍ପଦ ଦୁର୍ନୀତି ମାମଲା

**ମାଲକାନଗିରି,୨୪।୮(ଡି.ଏନ.ଏ.)**

ମାଲକାନଗିରି ଜିଲାର ଲଘୁ ଖଣିଜ ସମ୍ପଦ ଟେଣ୍ଡରରେ ଦୁର୍ନୀତି ହୋଇଥିବା ଅଭିଯୋଗ ପରେ ଏହାକୁ ଅନୁଧାନ କରି ଜିଲାପାଳ ବିଶାଲ ସିଂ ସମସ୍ତ ୪୮ଟିଯାକ ଖଣି ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିଛନ୍ତି। ଏହି ପଥର ଖଣି ଟେଣ୍ଡର ଜିଲାର ବିଭିନ୍ନ ତହସିଲଦାରଙ୍କ ପକ୍ଷରୁ ହୋଇଥିଲା। ଏହି ଲଘୁ ଖଣିଜ ଟେଣ୍ଡରରେ ଦୁର୍ନୀତି ଅଭିଯୋଗ ପରେ ଏହାକୁ ବାତିଲ କରିବାକୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସରକାରଙ୍କୁ ସୁପାରିସ କରିଥିଲେ। ସରକାରଙ୍କ ନିର୍ଦ୍ଦେଶରେ ଏହା ବାତିଲ ହୋଇଛି। ଖୁବଶୀଘ୍ର ସାନି ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଗତ କିଛି ମାସ ତଳେ ପ୍ରଥମେ ହୋଇଥିବା ୭ଟି ପଥର ଖଣି ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି କରାଯାଇଥିବା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଅଭିଯୋଗ କରିଥିଲେ। ଏଥିରେ ମାଲକାନଗିରିର ତତ୍କାଳୀନ ଜିଲାପାଳ ୱାଇ. ବିଜୟଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ସମ୍ପୃକ୍ତି ଥିବା ସେ କହିଥିଲେ। ଟେଣ୍ଡର ନେଇ ଆବେଦନ ସମୟ ପରେ ଟେଣ୍ଡର ବାକ୍ସଗୁଡିକୁ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ବ୍ୟକ୍ତିଗତ ସହାୟକ, ନିଜାରତ ଅଧିକାରୀ ଏବଂ ଅନ୍ୟ କେତେ ଜଣ କର୍ମଚାରୀଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ସେଠାରୁ ଏହି ବାକ୍ସଗୁଡିକୁ ଟ୍ରେଜେରି ଷ୍ଟ୍ରଙ୍ଗ ରୁମ୍‌ରେ ରଖିବା ନିୟମ ଥିଲେ ମଧ୍ୟ ତାହା ତତ୍କାଳୀନ ଜିଲାପାଳଙ୍କ ବାସଭବନକୁ ଯାଇଥିଲା। ସିଏଚ ବେଣୁଗୋପାଳ ନାମକ ଜଣେ ଠିକାଦାରଙ୍କୁ ପ୍ରଶାସନ ସେଲଭେନ୍ସି ସାର୍ଟିଫିକେଟ୍ ପ୍ରଦାନ କରିଥିଲା। ଏହି ପ୍ରସଙ୍ଗକୁ ମାଝି ଜୋରଦାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ। ଏହାକୁ ନେଇ ରାଜ୍ୟ ସରକାର ୩ମାସ ତଳେ ଜିଲାରେ ଯୋଗଦେଇଥିବା ୱାଇ. ବିଜୟଙ୍କୁ ବଦଳି କରି ଦେଇଥିଲେ।







**ଆଜିର ମନ୍ତବ୍ୟ**

“କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ୨୦୧୯ ଅଗଷ୍ଟ ୪ର ସ୍ଥିତି ଫେରାଇ ଦିଅନ୍ତୁ। ଏହା ଭାରତୀୟ ସମ୍ବିଧାନ ପ୍ରଦତ୍ତ ଆମର ଅଧିକାର। **-ଏମ୍. ୱାଇ. ତାରିଗାମୀ, ଗୁପ୍‌କାର ମେଣ୍ଟ ମୁଖପାତ୍ର**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ୫୦% ସଂରକ୍ଷଣ ...

ଏହାର କିଛି ଦିନ ପରେ ରାଜ୍ୟ ସରକାର ୨୦୨୦ ଫେବୃୟାରୀ ୧୨ରେ ଓବିସି କମିଶନ ଗଠନ କରିଥିଲେ। ଏହାର ୫ ଦିନ ପରେ ଫେବୃୟାରୀ ୧୭ରେ କ୍ୟାବିନେଟ୍ ବୈଠକରେ ପଛୁଆବର୍ଗ କମିଶନ (ସଂଶୋଧନ) ବିଧେୟକ ଗୃହୀତ କରାଯାଇଥିଲା। ସେହିଦିନ ହିଁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ନିଜେ ପ୍ରସ୍ତାବ ଆଗତ କରିଥିଲେ। ଇତିମଧ୍ୟରେ କମିଶନ କାର୍ଯ୍ୟକ୍ଷମ ହୋଇସାରିଛି। ଓଡ଼ିଶାରେ ଅନ୍ୟ ପଛୁଆ ବର୍ଗ (ଓବିସି), ସାମାଜିକ ଆର୍ଥିକ ପଛୁଆବର୍ଗ (ଏସ୍‌ଇବିସି) ସଂଖ୍ୟା ରାଜ୍ୟରେ ମୋଟ ଜନସଂଖ୍ୟା ଅଧାରୁ ଅଧିକ। ସେମାନଙ୍କ ସଂଖ୍ୟାର ଅଧା ସଂରକ୍ଷଣ ବି ସେମାନଙ୍କୁ ଦିଆଯାଇ ପାରିନାହିଁ। ସଂରକ୍ଷଣ ନେଇ ନ୍ୟାୟାଳୟ ଦ୍ୱାରା ରଖାଯାଇଥିବା ୫୦% ସୀମା ହିଁ ଏହାର କାରଣ ବୋଲି ଅରୁଣ କହିଛନ୍ତି। ଓଡ଼ିଶାକୁ ଅନ୍ୟ କୌଣସି ରାଜ୍ୟ ସହିତ ତୁଳନା କରାଯାଇପାରିବ ନାହିଁ। ଓଡ଼ିଶାରେ ପଛୁଆବର୍ଗ କ୍ଷେତ୍ରରେ ସଂରକ୍ଷଣ ପ୍ରସଙ୍ଗ ସେତେବେଳେ ସାଧିତ ହୋଇପାରିବ ଯେତେବେଳେ ୫୦% ଆଇନଗତ ସଂରକ୍ଷଣ କଟକଣା ଉଠିଯିବ। ତେଣୁ ଜାତିଭିତ୍ତିକ ଜନଗଣନା ଓ ୫୦% ସଂରକ୍ଷଣ ସୀମା ଉଠାଯିବା ସମୟର ଏକ ଆହ୍ୱାନ ହୋଇଛି। ନିକଟରେ ଏହି ଦାବି ନେଇ ବିଜେଡି ସଂସଦୀୟ ପ୍ରତିନିଧି ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ସାରିଛି। ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ନବୀନ ପଟ୍ଟନାୟକ ଏହି ଦାବି ଉଠାଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଦାବିକୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜନୈତିକ ଦଳ ବି ସମର୍ଥନ ଜଣାଇ ଆସୁଛନ୍ତି। ଇତିମଧ୍ୟରେ ନବୀନ ପଟ୍ଟନାୟକଙ୍କୁ ଅନୁସରଣ କରି ଜାତିଭିତ୍ତିକ ଜନଗଣନା ଏବଂ ୫୦% ସଂରକ୍ଷଣ କଟକଣା ଉଠାଇବା ସପକ୍ଷରେ ଭାଜପାର ସହଯୋଗୀ ଦଳମାନେ ମଧ୍ୟ ମତ ପ୍ରକାଶ କଲେଣି। ଏମାନଙ୍କ ମଧ୍ୟରେ ଜେଡି(ୟୁ)ର ନୀତୀଶ କୁମାରଙ୍କ ନେତୃତ୍ୱରେ ଅପ୍‌ନା ଦଳର ଅନୁପ୍ରିୟା ପଟେଲ, ହାମ୍‌ର ଜୀତନରାମ ମାଝି, ଭିଆଇପି ଦଳର ମୁକେଶ ସଇନୀ, ନିଶାଦ ପାର୍ଟିର ସଞ୍ଜୟ ନିଶାଦ, ସୁହେଲଦେବ ଭାରତୀୟ ସମାଜ ପାର୍ଟିର ଓମ୍ ପ୍ରକାଶ ରାଜଭର, ଆରପିଆଇ(ଏ)ର ରାମଦାସ ଅଠାୱାଲେ, ଏଲଜେପିର ପଶୁପତି ପାରସ ଆଦି ରହିଛନ୍ତି । ବିହାରର ବିଭିନ୍ନ ରାଜନୈତିକ ଦଳର ୧୦ ଜଣିଆ ପ୍ରତିନିଧି ଦଳ ନୀତୀଶ କୁମାରଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ଦାବି ରଖିସାରିଛନ୍ତି। ଏହି ପ୍ରତିନିଧି ଦଳରେ ବିହାର ଭାଜପା ନେତା ମଧ୍ୟ ସାମିଲ ଅଛନ୍ତି। ଜନଗଣନା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ବ୍ୟାପାର। ୫୦% ସଂରକ୍ଷଣ ସୀମା କଟକଣା ଉଠାଇବା ମଧ୍ୟ କେନ୍ଦ୍ରୀୟ କ୍ଷମତା ପରିସର ଭୁକ୍ତ। ହେଲେ ଓଡ଼ିଶା ଭାଜପା ନେତୃତ୍ୱ ଓ ଜନପ୍ରତିନିଧିମାନେ ଭୟଙ୍କର ନୀରବତା ଅବଲମ୍ବନ କରୁଛନ୍ତି। ଏହି ନୀରବତା ସେମାନଙ୍କୁ ଓବିସି/ଏସ୍‌ଇବିସି ବର୍ଗ ବିରୋଧୀ ବୋଲି ଦର୍ଶାଉଛି। ଓଡ଼ିଶା ଭାଜପା ନେତାମାନେ ଏହି ଦାବି ଉଠାନ୍ତୁ। ଏହି ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ବିଜେଡି ପଲ୍ଲୀଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି ରଣେନ୍ଦ୍ର ଓ ଅରୁଣ କହିଛନ୍ତି ।

ଅନ୍ୟପକ୍ଷରେ ଭାଜପା ବିଜେଡିକୁ ମଧ୍ୟ ସମାଲୋଚନା କରିଛି। ରାଜ୍ୟର ପଛୁଆ ବର୍ଗଙ୍କୁ ବିଭ୍ରାନ୍ତ କରିବା ପାଇଁ ବିଜେଡି ମନଗଢ଼ା ଗପ ଶୁଣାଉଛି ବୋଲି ଭାଜପା କହିଛି। କୁଚକ୍ରାନ୍ତ କରି ଓଡ଼ିଶାବାସୀଙ୍କୁ ତାଙ୍କ ନ୍ୟାଯ୍ୟ ହକ୍ ପ୍ରଦାନ କ୍ଷେତ୍ରରେ ନିଜ ମୁଣ୍ଡରୁ ଦୋଷ ଖସାଇ ଅନ୍ୟ ଉପରେ ଲଦିବା ଏବଂ ପରବର୍ତ୍ତୀ ସମୟରେ ଭୁଆଁ ବୁଲାଇବା ଶାସକ ବିଜେଡିର ଅଭ୍ୟାସରେ ପରିଣତ ହୋଇଛି। ରାଜ୍ୟର ପଛୁଆବର୍ଗଙ୍କ ବିକାଶ ପାଇଁ କୌଣସି ଆନ୍ତରିକତା ନ ଥିବା ଶାସକ ବିଜେଡି ସେମାନଙ୍କୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରିଆସୁଛି। ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ପଛୁଆବର୍ଗଙ୍କ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି, ସେତେବେଳେ ଅସହିଷ୍ଣୁତା ଏବଂ ନିଜ ବିଫଳତାକୁ ଲୁଚାଇବା ପାଇଁ ବିଜେଡି ରାଜ୍ୟର ପଛୁଆବର୍ଗଙ୍କୁ ମିଛ କଥା କହିବା ଆରମ୍ଭ କରିଦେଇଛି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

### କେନ୍ଦ୍ରମନ୍ତ୍ରୀ ରାଣେ ...

୫୦୫ (୨)-(ବିଦ୍ୱେଷ ସୃଷ୍ଟିକାରୀ ଆଚରଣ) ଏବଂ ୧୫୩ବି (୧) (ସି)-ମନ୍ଦ ଉଦ୍ଦେଶ୍ୟ ରଖି ଶତ୍ରୁ ଭାବ ବୃଦ୍ଧିକାରୀ ମନ୍ତବ୍ୟ ଦେବା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ତାଙ୍କୁ ରତ୍ନଗିରି ଜିଲାରେ ଗିରଫ କରି ସଙ୍ଗମେଶ୍ୱର ଥାନାକୁ ନିଆଯାଇଛି। ପୋଲିସ ରାଣେଙ୍କୁ ଗିରଫ କରିବାକୁ ଯିବାବେଳେ ସେ ହଠାତ୍ ନିଜର ରକ୍ତଚାପ ଓ ମଧୁମେହ ସ୍ତର ବଢ଼ିଯାଇଥିବା କହିଥିଲେ। ଫଳରେ ଜଣେ ଡାକ୍ତର ଆସି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ତେବେ ଗିରଫଦାରି ପୂର୍ବରୁ ଉଦ୍ଧବଙ୍କ ବିରୋଧରେ ରାଣେ ନିଜ ବିବାଦୀୟ ମନ୍ତବ୍ୟର ଯଥାର୍ଥତା ପ୍ରତିପାଦିତ କରିବାକୁ ପଛାଇ ନ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଣେ କହିଥିଲେ, ସେ ଏପରି କହି କିଛି ଅପରାଧ କରିନାହାନ୍ତି। ଏପରି କି ଭୁଲ ତଥ୍ୟ ପ୍ରସାର ଅଭିଯୋଗରେ କେତେକ ଟିଭି ଚ୍ୟାନେଲ ବିରୋଧରେ ମାମଲା ଦାଏର କରିବାକୁ ମଧ୍ୟ ସେ ଚେତାବନୀ ଦେଇଥିଲେ। ଏନେଇ ଶିବସେନା ଓ ଏହାର ଯୁବ ଶାଖା ପକ୍ଷରୁ ମହାରାଷ୍ଟ୍ରର ବିଭିନ୍ନ ସହରରେ ରାଣେଙ୍କ ବିରୋଧରେ ବିକ୍ଷୋଭ କରାଯାଇଥିଲା। ପୁଣେର ଡେକାନ ଜିମ୍‌ଖାନାରେ ଶିବସେନା କର୍ମୀମାନେ ରାଣେଙ୍କ ଫଟୋକୁ ଜୋତାମାଡ଼ କରିଥିଲେ। ସେହିପରି ଅମରାବତୀର ରାଜପେଠରେ ଦଳୀୟ କର୍ମୀମାନେ ଭାଜପା ଅଫିସକୁ ଯାଇ ଭଙ୍ଗାରୁଜା ଓ ଜଳାପୋଡ଼ା କରିଥିଲେ। ମୁମ୍ବାଇର ସାନ୍ତାକ୍ରୁଜ୍ (ୱେଷ୍ଟ)ସ୍ଥିତ ଜୁହୁ ତାରା ରୋଡ୍ ବାସଭବନ ଆଗରେ ରାଣେଙ୍କ ସମର୍ଥନରେ ବହୁସଂଖ୍ୟକ ଭାଜପା କର୍ମୀ ସକାଳେ ରୁଣ୍ଡ ହୋଇଥିଲେ। ଏହି ସମୟରେ ଶିବସେନା କର୍ମୀ ମଧ୍ୟ ପ୍ଲାକାର୍ଡ ଧରି ରାଣେଙ୍କ ବିରୋଧରେ ସ୍ଲୋଗାନ ଦେଇ ଜୁହୁ ଅଞ୍ଚଳରେ ପହଞ୍ଚିଥିଲେ। ଏସବୁକୁ ଦୃଷ୍ଟିରେ ରଖି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ରାଣେଙ୍କ ବାସଭବନରେ ବହୁ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ସେପଟେ ନାଶିକ ପୋଲିସ କମିଶନର ଦୀପକ ପାଣ୍ଡେ ରାଣେଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଅର୍ଡର ଜାରି କରିଥିଲେ। ଏହାସହ ସିଟି ପୋଲିସର ଏକ ଟିମ୍‌କୁ କୋଙ୍କଣ ଅଞ୍ଚଳକୁ ପଠାଇଥିଲେ। ଇତିମଧ୍ୟରେ ଗିରଫଦାରି ଏଡ଼ାଇବା ପାଇଁ ଏବଂ ତାଙ୍କ ବିରୋଧରେ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଦାଏର ଏଫ୍‌ଆଇଆରକୁ ଚ୍ୟାଲେଞ୍ଜ କରି ରାଣେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାଜପା ମଧ୍ୟ ଅନୁରୂପ ଦାବିରେ ଅନ୍ତରୀଣ ରାୟ ପ୍ରକାଶ ଲାଗି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଜଷ୍ଟିସ୍ ଏସ୍.ଏସ୍. ସିନ୍ଦେ ଏବଂ ଏନ୍.ଜେ. ଜମାଦାରଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ମଙ୍ଗଳବାର ଜରୁରୀ ଶୁଣାଣି ପାଇଁ ଉକ୍ତ ଆବେଦନକୁ ରଖାଯାଇଥିଲା। ତେବେ ଖଣ୍ଡପୀଠ ଜରୁରୀ ଶୁଣାଣି କରିବାକୁ ମନା କରିଦେଇଥିଲେ। ଏହାସହ ଉପଯୁକ୍ତ ପ୍ରକ୍ରିୟାର ଅନୁସରଣ କରିବାକୁ ରାଣେଙ୍କ ଓକିଲଙ୍କୁ କହିଥିଲେ। ସମସ୍ତଙ୍କୁ ପ୍ରକ୍ରିୟା ଦେଇ ଯିବାକୁ ପଡ଼ିଥାଏ। ଜରୁରୀ ଶୁଣାଣି କରିବାକୁ ହେଲେ ରେଜେଷ୍ଟ୍ରି ବିଭାଗରେ ଆବେଦନ କରିବାକୁ ପଡ଼ିବ। ଆମ ଦ୍ୱାରା ରେଜେଷ୍ଟ୍ରି କାମ କରାଅ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ପ୍ରକାଶ ଯେ, ରାଣେଙ୍କ ବିରୋଧରେ ପୁଣେ, ନାଶିକ ଓ ରାଇଗଡ଼ର ମହଦରେ ମାମଲା ରୁଜୁ ହୋଇଛି। ଆଗୁଆ ଜାମିନ ପାଇଁ ରାଣେ ରତ୍ନଗିରିର ଏକ କୋର୍ଟରେ ଆବେଦନ କରିଥିଲେ। କିନ୍ତୁ ଅଦାଲତ ଅଗ୍ରିମ ଜାମିନ ପିଟିଶନକୁ ଖାରଜ କରିଦେଇଥିଲେ।

### ଅଫ୍‌ଲାଇନ୍ ମାଟ୍ରିକ୍ ...

ଇ ଗ୍ରେଡ୍‌ରେ ପାସ୍ କରିଛନ୍ତି। ୧୪୧ ଜଣ ଫେଲ୍ ହୋଇଛନ୍ତି। ଫେଲ୍ ହୋଇଥିବା ଛାତ୍ରୀଛାତ୍ରମାନେ କିଛି ବିଷୟରେ ପରୀକ୍ଷା ଦେଇଥିବାବେଳେ ଅନ୍ୟ କିଛି ବିଷୟରେ ଅନୁପସ୍ଥିତ ଥିଲେ। କରୋନା ସମୟରେ ପରୀକ୍ଷା ହୋଇଥିବାରୁ ବିଭିନ୍ନ କାରଣ ପାଇଁ ଅନେକ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରି ନାହାନ୍ତି। ତେଣୁ ଅନୁପସ୍ଥିତ ରହି ଫେଲ୍ ହୋଇଥିବା ଛାତ୍ରୀଛାତ୍ର ପୂର୍ବରୁ ବିକଳ୍ପ ମୂଲ୍ୟାୟନରେ ଯେଉଁ ନମ୍ବର ରଖିଥିଲେ ସେହି ନମ୍ବରକୁ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଅଫ୍‌ଲାଇନ ପରୀକ୍ଷା ନମ୍ବରକୁ ନେଇ କୌଣସି ଦ୍ୱନ୍ଦ୍ୱ ଥିଲେ ରି-ଚେକିଂ ପାଇଁ ଛାତ୍ରୀଛାତ୍ର ଆବେଦନ କରିପାରିବେ। ସେପ୍ଟେମ୍ବର ୮ତାରିଖ ସୁଦ୍ଧା ରି-ଚେକିଂ ପାଇଁ ଆବେଦନ କରାଯାଇପାରିବ ବୋଲି ବୋର୍ଡ ସଭାପତି ହାଜରା କହିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ୮,୪୯୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧,୩୮୩ ଅନୁପସ୍ଥିତ ରହିଥିବା ବେଳେ ୬,୩୦୯ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ପାସ୍ ହାର ୭୪.୩% ରହିଛି। ଏ-୧ ଗ୍ରେଡ୍‌ରେ କୌଣସି ଛାତ୍ରୀଛାତ୍ର ପାସ୍ କରି ନ ଥିବାବେଳେ ଏ-୨ରେ ୧୭, ବି-୧ରେ ୧୯୪ , ବି-୨ରେ ୩୪୭, ସିରେ ୮୧୬, ଡିରେ ୧୪୨୫ ଏବଂ ଇ ଗ୍ରେଡ୍‌ରେ ୩୫୧୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୩୨୮ ଜଣ ଫେଲ୍ ହୋଇଛନ୍ତି। ମଧ୍ୟମାରେ ସମୁଦାୟ ୬୧ ଜଣ ଫର୍ମପୂରଣ କରିଥିବା ବେଳେ ୧୦ ଜଣ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ମହାମାରୀ କରୋନା ପାଇଁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ବାତିଲ କରାଯାଇଥିଲା। ପରୀକ୍ଷାର୍ଥୀଙ୍କ ନବମ ଓ ଦଶମ ଶ୍ରେଣୀ ମାର୍କକୁ ଆଧାର କରି ବିକଳ୍ପ ମୂଲ୍ୟାୟନ ମାଧ୍ୟମରେ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ମାତ୍ର ଏହାକୁ ନେଇ ଅନେକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାପରେ ବୋର୍ଡ ପକ୍ଷରୁ ଜୁଲାଇ ୩୦ରେ ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା କରାଯାଇଥିଲା।

### ଯଶୋଧାରାଙ୍କୁ କେନ୍ଦ୍ର ...

ମନୋନୀତ କରିଛନ୍ତି। ଏହି ସଂକଳନ ୨୦୧୬ରେ ପ୍ରକାଶ ପାଇଥିଲା। ଯଶୋଧାରା ୧୫ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଗଳ୍ପ, ପ୍ରବନ୍ଧ, କବିତା ଏବଂ ବହୁ ପୁସ୍ତକ ଅନୁବାଦ କରିଛନ୍ତି। ସେ ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କଥା ସମ୍ମାନ, ଓଡ଼ିଶା ବୁକ୍ ଫେୟାର ସମ୍ମାନ ଏବଂ ଗଙ୍ଗାଧର ରଥ ଫାଉଣ୍ଡେଶନ ଦ୍ୱାରା ପ୍ରଦତ୍ତ ସାହିତ୍ୟ ଭାରତୀ ପୁରସ୍କାର ସମେତ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଯଶୋଧାରା ଇଂଲିଶ ବିଭାଗ ପ୍ରାଧାପିକା ଭାବେ କାର୍ଯ୍ୟ କରିଛନ୍ତି। ପ୍ୟାରିସ୍‌ର ମ୍ୟାସନ ଡି ସାଇନ୍ସରେ ଅତିଥି ଅଧ୍ୟାପିକା ଭାବେ ମଧ୍ୟ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି। କେନ୍ଦ୍ର ସାହିତ୍ୟ ପୁରସ୍କାର ପାଇବା ପାଇଁ ମନୋନୀତ ହେବା ପରେ ଯଶୋଧାରା ପ୍ରତିକ୍ରିୟାରେ କହିଛନ୍ତି, ଜଣେ ଲେଖକ କିମ୍ବା କଳାକାରଙ୍କୁ ସାମାଜିକ ସ୍ୱୀକୃତି ମିଳିବା ନିଶ୍ଚିତ ଖୁସିର ଖବର। ସାମାଜିକ ସ୍ୱୀକୃତି ଅପେକ୍ଷା ପାଠକୀୟ ସ୍ୱୀକୃତି ଅଧିକ ଆନନ୍ଦ ଦେଇଥାଏ। ୧୯୭୦ ଦଶକରୁ ଲେଖାଲେଖି କରୁଛି। ଇତିମଧ୍ୟରେ ବହୁ ପାଠକୀୟ ଆଦୃତି ମିଳିଛି। ତଥାପି କେନ୍ଦ୍ର ସରକାରଙ୍କଠାରୁ ଏବେ ଯେଉଁ ସ୍ୱୀକୃତି ମିଳିଛି ତାହା ସବୁଠୁ ଅଧିକ ଆନନ୍ଦ ଦେଉଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ଯଶୋଧାରାଙ୍କୁ ମୁଖ୍ୟମନ୍ତ୍ରୀ ଟୁଇଟ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସାହିତ୍ୟ କ୍ଷେତ୍ରରେ ତାଙ୍କର ଏହି ସଫଳତା ଓଡ଼ିଶା ଲାଗି ଗୌରବର ବିଷୟ। ତାଙ୍କ ସାରସ୍ୱତ ସୃଷ୍ଟିଗୁଡ଼ିକ ଓଡ଼ିଆ ସାହିତ୍ୟକୁ ଆହୁରି ସମୃଦ୍ଧ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ମାଲୟାଲମ୍ ଭାଷା ପାଇଁ ଲେଖକ ଓମ୍‌ଚେରି ଏମ୍.ଏମ୍ ପିଲାଇଙ୍କୁ ‘ଆକସ୍ମିକମ୍ ଓମ୍‌ଚେରିୟୁଟେ ଅତ୍ମାକୁରିପ୍ପୁକଳ’ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର-୨୦୨୦ ମନୋନୀତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେବାର ଆଶଙ୍କା ମଧ୍ୟ ରହିଛି। କିନ୍ତୁ ଆତ୍ମୀୟ କିମ୍ବା ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟର ହାତ ଆପଣଙ୍କ ନିକଟକୁ ଲମ୍ବି ଆସିପାରେ। କୌଣସି ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସହଭାଗିତା ହୋଇ କାମ କରିପାରନ୍ତି।

**ବୃଷ** ସ୍ନାୟବିକ ଦୁର୍ବଳତାଜନିତ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେଇ କାମ କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭିନ୍ନ ମାର୍ଗରେ ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଯୋଗାଯୋଗ, ପରିବହନ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ମିଥୁନ** କାମ ହାସଲରେ ନିଜ ଲୋକମାନେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ଖାଦ୍ୟପେୟର ଅନିୟମିତତା କାରଣରୁ ଅଜୀର୍ଣ୍ଣ କିମ୍ବା ଆମାଶୟ ଦେଖାଦେଇପାରେ। ଆବଶ୍ୟକତା ପୂରଣ ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି। ସାମାଜିକ ସ୍ତରରେ କୌଣସି ଜନମଙ୍ଗଳ କାର୍ଯ୍ୟପାଇଁ ଆପଣଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବାର ସୂଚନା ରହିଛି।

**କର୍କଟ** ଉପରିସ୍ଥଙ୍କ ଆହ୍ୱାନ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପ୍ରଦତ୍ତ କୌଣସି ଲୋଭନୀୟ ସୁଯୋଗକୁ ହାତଛଡ଼ା କରିପାରିବେ ନାହିଁ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** ସ୍ୱାସ୍ଥ୍ୟରେ ପୂର୍ଣ୍ଣ ଉନ୍ନତି ପାଇଁ ସମୟ ଲାଗିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ରର କଥା ଓ କାମରେ ତାଳମେଳ ନ ରହିବା ହେତୁ ବିଭିନ୍ନ କ୍ଷେତ୍ରରୁ ସମାଲୋଚନାର ସ୍ୱର ଶୁଣିବାକୁ ପାଇପାରନ୍ତି। ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ। ଆପଣଙ୍କ ଅଫିସିଆଲି କାମରେ ଆଜି ବନ୍ଧୁ ଅବଶ୍ୟ ସହଯୋଗ କରିବେ।

**କନ୍ୟା** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ସାମାଜିକ ସ୍ତରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସଭାସମିତି କିମ୍ବା ଆଲୋଚନା କାଳରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଈର୍ଷା ଓ ଅସୂୟା କାରଣରୁ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ମାଲିମକଦ୍ଦମାରେ ବିଜୟ ହେତୁ ବନ୍ଧୁବର୍ଗରେ ଆନନ୍ଦର ଲହରି ଖେଳିଯିବ।

**ତୁଳା** ଭଲ ସମ୍ପର୍କ ନ ଥିବା ହେତୁ ପଡ଼ୋଶୀଙ୍କ ଘରୋଇ ସମସ୍ୟା ପ୍ରତି କର୍ଣ୍ଣପାତ କରିବାରେ ଅନିଚ୍ଛା ପ୍ରକାଶ କରିପାରନ୍ତି। ଯାତ୍ରା ସମୟରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସନ୍ତାନ ହେତୁକ ସମସ୍ୟା ମନରେ ଆଲୋଡ଼ନ ସୃଷ୍ଟି କରିବାର ସୂଚନା ରହିଛି।

**ବିଛା** ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିବା କ୍ଷେତ୍ରରୁ ଆଶାଜନକ ଫଳ ପାଇବେ। ହିତୈଷୀଙ୍କ ସହାୟତାରୁ ସାଫଲ୍ୟତା ହାସଲ କରିବେ। ବନ୍ଧୁମାନଙ୍କର ଆଗମନ କାରଣରୁ ଆଜିର ପାରିବାରିକ ଖର୍ଚ୍ଚ ପରିମାଣ ଦି’ଗୁଣା ହୋଇପାରେ। ଆନୁଷ୍ଠାନିକ କାମ, ଲେଖପଢ଼ା, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ବିଭିନ୍ନ ବିବାଦୀୟ ଘଟଣାକୁ ସ୍ଥାନୀତ କରି ଅଶାନ୍ତ ବାତାବରଣ ସୃଷ୍ଟି କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ସାମାଜିକ ସ୍ତରରେ ହାତପାହାନ୍ତାରେ ସୁଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ର ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ କିମ୍ବା ଉଚ୍ଚ ପଦାଧିକାରୀଙ୍କ ଚାପରୁ ଚିନ୍ତିତ ହେବେ।

**ମକର** ଚନ୍ଦ୍ରଙ୍କ ପ୍ରତି ଶୁକ୍ରଙ୍କ ଦୃଷ୍ଟି ବିନିମୟ ନୂତନ ସମ୍ପର୍କ ସ୍ଥାପନରେ ସହାୟକ ହେବ। କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି ଆଶଙ୍କା ଯଦି କରୁଛନ୍ତି ସେଥିରେ କିଛି ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ପରିସ୍ଥିତି ମଧ୍ୟରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଆଜି ଶିଳ୍ପ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ସମୟରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ଆକସ୍ମିକ ସ୍ଥାନାନ୍ତର ସୂଚନାକୁ ସହଜରେ ଗ୍ରହଣ କରିପାରିବେ ନାହିଁ।

**ମୀନ** ଶାରୀରିକ ସୁସ୍ଥତା ସଙ୍ଗକୁ ଆର୍ଥିକ ଅଭିବୃଦ୍ଧିଜନିତ ମାନସିକ ସ୍ଥିତି ବହୁତ ଭଲ ରହିବ। ଆପଣଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିଯୁକ୍ତ ବାକ୍ୟର ସାମନା କରିବାରେ ପ୍ରତିପକ୍ଷ ଦୂରେଇ ରହିବେ। ଲେଖପଢା, ସାହିତ୍ୟାଲୋଚନା, କଳା, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରୁ ସୁନାମ ମିଳିବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।



# classifieds Everyday
0674-2580101, 2549302




**BRIDE WANTED**

63 ବର୍ଷ ବୟସ, ଖଣ୍ଡାୟତ ପେନ୍‌ସନ୍ ଭୋଗୀ (ମାସିକ ଆୟ 50,000/-)ଙ୍କ ପାଇଁ 50 ବର୍ଷ ବୟସ୍କା, ଅବିବାହିତା, ବିଧବା, ଏକାକୀ ରହୁଥିବା ମହିଳା ଆବଶ୍ୟକ। ନିଜର ବିବରଣୀ ସହ 7326037796କୁ ଯୋଗାଯୋଗ କରନ୍ତୁ। ଧ-୨୧୪୯୮

**GROOM WANTED**

38 ବୟସ୍କା widow business କରୁଥିବା ଗୋଟିଏ ସନ୍ତାନ ଥିବା Bania ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7326057574. D-21415

ତେଲି ଜାତିର 5'3" ସୁନ୍ଦର ବିଧବା 50 ବୟସ୍କା ସରକାରୀ ଶିକ୍ଷୟିତ୍ରୀ ନିଃସନ୍ତାନ ଝିଅଙ୍କ ପାଇଁ ଘରଜ୍ୱାଇଁ ଆବଶ୍ୟକ। 7608010434. D-21414

Beautiful Gopal Girl Age-24/ MCA/ SBI PO/ ‘SUHAG’. 7978399083, 9090486408. D-21448

47 ବର୍ଷ ବିଧବା ମହିଳା Horticulture Assistant ଭାବରେ କାର୍ଯ୍ୟରତ। ଘର କୋରାପୁଟ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9776500136. D-70894




**SALE**

Vehicle for sale where as it is basis to be read as -Loan No-Make Model-Reg. No. OCO00217L- TATA LPT 407/27 EX BS IV-OD07AC1256 OCO00200C-XCENT E+ VTVT PETROL-OD02AP3330 OCB00208L- AL ECOMET 1212-OD02AJ7101 OCB00416L- EICHER PRO 1110 19 FT-OD02AH0752 OCB00168L-FORCETRAVELLER BUS 13STR+D-OD33F7067. Contact- Indusind Bank Ltd (CFD) Tel: 0674-2548977, Mob: 7752000194. D-21439




**SALE**

ହଂସପାଳ, ଅଟଳା, ପାହାଳ Duplex/ Simplex ଫ୍ଲାଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। 7855995233. D-71407

2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989. D-70890

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/-1250/-, 8249477254, 7978230118. D-70887

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub 'Grand Bazar' ସମ୍ମୁଖରୁ 1 Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286. D-70892




Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118. D-70888

Construct your home with branded material. We provide plan approval, boring, vastu. 7789824989, 9040744989. D-70891




Rent for Office/ Hostel 1st floor 2000sqft., 2nd floor 2000sqft., 3rd floor 2000sqft., at- Rudrapur near NH-16, Bhubaneswar. Contact: 9937012004, 9437280870. D-71202

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly Open Saikrupa Panchakarma Spa positively health benefits with Expert. 8984068077. D-21326

Swarna SPA newly open positively health benefits with expert therapist. 9556978408. D-71133

Newly open SPA Offer@ 799/-, positively health benefits. Jaydevbihar. 7846814019. D-71408

Lotus SPA newly open positively health benefits/ expert therapist. 8455987557. D-71403

Monalisa massage Club: All types Body massage with hiprofile smart lady rooms service available. 9708545108. D-21447

**AFFIDAVIT**

Affidavit before Executive Magistrate, dtd. 26.07.21, my name has changed from Sudhakar Naik to Sudhakar Pratap Singh. Henceforth I will be known as Sudhakar Pratap Singh, S/o. Karunakar Naik, Village/ PO-Kankadahad, PS-Sadar, Dist-Dhenkanal for all official documents. D-70344

Affidavit before Executive Magistrate, dtd. 28.07.21, I Chandramani Naik declared that, my son's name has changed from Badal Naik to Badal Pratap Singh. Heneceforth he will known as Badal Pratap Singh, S/o. Chandramani Naik, Village/ PO-Kankadahad, PS-Sadar, Dist- Dhenkanal for all official documents. D-70345,

Affidavit before Executive Magistrate, dtd. 26.07.21, I have changed my name from Chitrasen Naik to Chitrasen Pratap Singh. Henceforth I shall known as Chitrasen Pratap Singh, S/o. Chandramani Naik, Village/PO-Kankadahad, PS-Sadar, Dist-Dhenkanal for all official documents. D-70346,

ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଛି କୁନା ବାରିକ, ବୟସ-୪୨ ବର୍ଷ, ସା/ପୋ- ଗଁଦିଆ, ଜି- ଢେଙ୍କାନାଳ ଆଫିଡ଼ାଭିଟ୍ ନଂ.- 10AA497246 ଅନୁଯାୟୀ ପ୍ରଶନ୍ନ ବାରିକକୁ ନାମ ପରିବର୍ତ୍ତନ କରୁଛନ୍ତି। ଧ-୭୦୩୪୭

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEGAL NOTICE**

ଅତିରିକ୍ତ କମିଶନର ରିଭିଜନ କୋର୍ଟ (ଶ୍ରୀ ପ୍ରତାପ ଚନ୍ଦ୍ର ରାଉତ), ଭୁବନେଶ୍ୱର
୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ୟୁନିଟ୍-୫, ଭୁବନେଶ୍ୱର ଓ.ଏସ୍.ଏସ୍. ନଂ.- ୧୪୬/୨୦୧୯, Notice No.- 1163 (15)/ dt 06.08.21

ଇତିଶ୍ରୀ ମିଶ୍ର
.......... ଦରଖାସ୍ତକାରୀ
ବନାମ

୫. ନିହାରକାନ୍ତ ବେବର୍ତ୍ତା ପଟ୍ଟନାୟକ, ୬. ନିର୍ମଳକାନ୍ତ ବେବର୍ତ୍ତା ପଟ୍ଟନାୟକ, ୭. ନିଶିକାନ୍ତ ବେବର୍ତ୍ତା ପଟ୍ଟନାୟକ, ୮. ନିରଜକାନ୍ତ ବେବର୍ତ୍ତା ପଟ୍ଟନାୟକ, କ୍ରମିକ ନଂ. ୬, ୭ ଓ ୮ମ୍ବରଙ୍କର ପିତା- ୰ସତ୍ୟନାଥ ପଟ୍ଟନାୟକ, ସା- ଗ୍ରାମଡିହି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ବର୍ତ୍ତମାନ ଠିକଣା- ବି-୨୫, ବି.ଜେ.ବି. ନଗର, କଳ୍ପନା ଏରିଆ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ୯. ଆଶାମଣି ପଟ୍ଟନାୟକ, ସ୍ୱାମୀ- ୰ ସୀତାନାଥ ପଟ୍ଟନାୟକ, ୧୦. ଅମିୟ ପଟ୍ଟନାୟକ, ୧୧. ଅଜିତ ପଟ୍ଟନାୟକ, ୧୨. ଅନୁପ ପଟ୍ଟନାୟକ, ୧୩. ଅରୁପ ପଟ୍ଟନାୟକ, ୧୪. ଅଜୟ ପଟ୍ଟନାୟକ, ୧୫. ଅସିତ୍ ପଟ୍ଟନାୟକ, କ୍ରମିକ ନଂ. ୧୦ ଠାରୁ ୧୫ମ୍ବର ପର୍ଯ୍ୟନ୍ତ ସମସ୍ତଙ୍କର ପିତା- ୰ସୀତାନାଥ ପଟ୍ଟନାୟକ, ୧୬. ସୁନିତା ପଟ୍ଟନାୟକ, ପିତା- ୰ସୀତାନାଥ ପଟ୍ଟନାୟକ, ୧୭. ପୁତୁ ପଟ୍ଟନାୟକ, ପିତା- ୰ସୀତାନାଥ ପଟ୍ଟନାୟକ, ୧୮. ଅରବିନ୍ଦ ପଟ୍ଟନାୟକ, ପିତା- ୰ ଭଗବାନ ପଟ୍ଟାନୟକ, କ୍ରମିକ ନଂ. ୯ଠାରୁ ୧୮ ପର୍ଯ୍ୟନ୍ତ ଙ୍କର ସାକିନ୍- ସା- ଗ୍ରାମଡିହି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ୧୯. (ଏ) ପ୍ରେମଲତା ସାହୁ, ସ୍ୱାମୀ- ଦୁର୍ଯ୍ୟୋଧନ ସାହୁ, ପିତା- ୰ ଅନନ୍ତ ଚରଣ ସାହୁ, ସା/ପୋ- ଗଙ୍ଗପଡ଼ା, ଥାନା-ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫, ନିୟମ-୨୦ ଅନୁଯାୟୀ ନୋଟିସ୍।

ଏହି ନୋଟିସ ଦ୍ୱାରା ଅପରପକ୍ଷମାନଙ୍କୁ ଜଣାଇ ଦିଆଯାଉଛି ଯେ ଦରଖାସ୍ତକାରୀ ଖୋର୍ଦ୍ଧା ଜିଲ୍ଲା ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ମୌଜାସ୍ଥିତ ହାଲ ଖାତା ନଂ.- ୨୩୩ମ୍ବର, ହାଲ ପ୍ଲଟ୍ ନଂ.- ୨୬୨ମ୍ବର, ରକବା ଏ୨.୮୫୬ମ୍ବର ସ୍ୱାଧ ଏ୦.୭୨୯ଡି.କୁ ନିଜ ନାମରେ ରେକର୍ଡ କରିବା ପାଇଁ ସର୍ଭେ ସେଟେଲମେଣ୍ଟ ଆଇନର ଧାରା ୧୫ (ବି) ଅନୁଯାୟୀ ଉପରୋକ୍ତ ମୋକଦ୍ଦମା ଆଗତ କରିଛନ୍ତି। ଅପରପକ୍ଷ ନଂ.- ୫ ଲଗାୟତ ନଂ.- ୧୯ (ଏ)ଙ୍କୁ ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ନୋଟିସ୍ ପଠାଯାଇଥିଲେ ମଧ୍ୟ ତାହା ଜାରି ନ ହୋଇ ଫେରସ୍ତ ଆସିଥିବାରୁ ଉକ୍ତ ନୋଟିସ୍ ଦ୍ୱାରା ଉପର ବର୍ଣ୍ଣିତ ଅପରପକ୍ଷମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମା ତା ୨୫।୧୦।୨୦୨୧ରିଖକୁ ଧାର୍ଯ୍ୟ ହୋଇଅଛି। ଏଥିରେ ଅପରପକ୍ଷମାନେ ଦିବା ୧୦.୩୦ ସମୟରେ ଉପରୋକ୍ତ ନ୍ୟାୟାଳୟରେ ନିଜେ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଉକ୍ତ କେସ ତଦବିର କରିବେ ନଚେତ୍ ଉକ୍ତ ମୋକଦ୍ଦମାଟି ଆଇନ ଅନୁଯାୟୀ ଆପଣଙ୍କ ଅନୁପସ୍ଥିତିରେ ବିଚାର କରାଯିବ।

Court Officer by order of Addl. Commissioner Revision Court No.-2, Bhubaneswar.
D-21437

# ୪ ବନ୍ୟପ୍ରାଣୀ ଅଙ୍ଗ ଚାଲାଣକାରୀଙ୍କ ଆର୍ଥିକ କାରବାରର ତଦନ୍ତ କରିବ ଇଡି

ଭୁବନେଶ୍ୱର,୨୪।୮(ବ୍ୟୁରୋ): ବନ୍ୟପ୍ରାଣୀ ଶିକାର ଓ ଚୋରାଚାଲାଣ ର୍ୟାକେଟ ଓଡ଼ିଶାରୁ ଦେଶବାହାରକୁ ଲମ୍ବିଛି। ଏଥିରେ ବହୁ କୋଟି ଟଙ୍କାର କାରବାର ହେଉଛି। ଏଣିକି ଏହା ଉପରେ ନଜର ରଖିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ୨ ବାଘଛାଲ ଓ ୨ ହାତୀ ଦାନ୍ତ ଚୋରା ଚାଲାଣ ଘଟଣାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିବା ୪ଜଣ ଅଭିଯୁକ୍ତଙ୍କ ଆର୍ଥିକ କାରବାରର ତଦନ୍ତ କରି ର୍ୟାକେଟରେ ସମ୍ପୃକ୍ତ ମାଷ୍ଟର ମାଇଣ୍ଡ୍ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି ଇଡି। ଏଥିସହ ବେଆଇନ ଅର୍ଥକୁ ଜବତ ଓ ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



ଆନ୍ତର୍ଜାତିକ ବଜାରରେ ଓଡ଼ିଶାର ବାଘ ଛାଲ ଓ ହାତୀ ଦାନ୍ତକୁ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଛି। ଏହି ଚୋରା ଚାଲାଣ ପଛରେ ବଡ଼ ର୍ୟାକେଟ ରହିଥିବାବେଳେ କୋଟି କୋଟି ଟଙ୍କାର ବେଆଇନ କାରବାର ହେଉଛି। ଗତ ଫେବୃୟାରୀ ୧୪ରେ ନୂଆପଡ଼ାରୁ ଏସ୍‌ଟିଏଫ୍ ବାଘଛାଲ ଜବତ କରିବା ସହ ସଂପୃକ୍ତ ଚାଲାଣକାରୀ ସୁବିର ନାଥ ସିଂଦେଓଙ୍କୁ ଗିରଫ କରିଥିଲା। ଏହାପୂର୍ବରୁ ଜାନୁୟାରୀ ୧୪ରେ ସମ୍ବଲପୁରରୁ ବାଘଛାଲ ଜବତ ଘଟଣାରେ ଅଭିଯୁକ୍ତ ହୃଷୀକେଶ କୁମ୍ଭାର ଗିରଫ ହୋଇଥିଲେ। ଏହି ଦୁଇ ମାମଲାରେ ତଦନ୍ତବେଳେ ଗିରଫ ଅଭିଯୁକ୍ତଙ୍କ ଆର୍ଥିକ କାରବାରର ଲିଙ୍କ୍ ରାଜ୍ୟ ବାହାରକୁ ଲମ୍ବିଥିବା ଜଣାପଡିଥିଲା। ସେହିପରି ଫେବୃୟାରୀ ୧୨ରେ ଯାଜପୁରରୁ ହାତୀଦାନ୍ତ ଚୋରା ଚାଲାଣ ଧରାପଡିବା ସହ ଅଭିଯୁକ୍ତ ପିତବାସ ବାରିକ ଗିରଫ ହୋଇଥିଲେ। ଅନ୍ୟପକ୍ଷରେ ଗତବର୍ଷ ନଭେମ୍ବର ୨୫ରେ ବରଗଡ଼ ହାତୀଦାନ୍ତ ଚୋରା ଚାଲାଣ ମାମଲାରେ ସତ୍ୟବାନ ସାହୁ ଗିରଫ ହୋଇଥିଲେ। ଏସବୁ ମାମଲାରେ ଗିରଫ ଅଭିଯୁକ୍ତଙ୍କ ଆର୍ଥିକ କାରବାରର ତଦନ୍ତ କରିବ ଇଡି।


## ADMISSION NOTICE-2021

D.D.C.E., UTKAL UNIVERSITY
BHUBANESWAR-751007
NAAC Accrediated A+
COURSES OFFERED
Admn Advt-1

DIRECTORATE OF DISTANCE & CONTINUING EDUCATION

DISTANCE MODE COURSE
(Walk in Admission)

Management Courses
- Master of Business Administration (MBA) in
  - Human Resource Mgt.
  - Production & Operation Mgt.
  - Tour & Travel Mgt.
  - Ditetics & Nutrition Mgt.
  - Marketing Mgt.
  - Finance Mgt.
  - Agri Business Mgt.
  - Information System Mgt.
- BBA / IMBA

Under Graduate Courses
- BA (HONS.) (Economics, Education, English, Hindi, History, Odia, Pol. Science,, Sanskrit, Sociology)
- B.COM. (HONS.) (Accounting, Banking & Insurance Mgt.)

Post Graduate Courses)
- M.Com.
- M.A. in Economics
- MA in Education
- MA in English
- MA in Hindi
- MA in History
- MA in Odia
- MA in Pol.Science
- MA in Pub. Administration
- MA in Sanskrit
- MA in Sociology
- M.S.W.

FACE TO FACE MODE
(Walk in Online Test / PI and Rolling Admission)

Management Courses
- Master of Business Administration (MBA) (Evening)
- Master of Business Administration (Morning) (Banking & Finance)

Computer Science Courses
- Master in Computer Application (2 Yrs.)
- M.Sc. Comp. Sc.
- M.Sc. IT
- M.Sc. I T&M

- Online Form Submission and Admission.
- Online Payment Gateway.
- Online Classes.

For eligibility, fee structure, selection process and important date lines visit our website :
www.ddceutkal.ac.in
DIRECTOR


# ସାହିତ୍ୟ ଖେଳପଡ଼ିଆ ନୁହେଁ


ଯଶୋଧାରା ମିଶ୍ର

**ଓଡ଼ିଆ ସାହିତ୍ୟର ଜଣେ ପରିଚିତ ଲେଖିକା ଯଶୋଧାରା ମିଶ୍ର। ୧୯୫୧ ମସିହାରେ ସମ୍ବଲପୁରରେ ଜନ୍ମିତ ଏହି ସାହିତ୍ୟ ସାଧିକା ପେସାରେ ଥିଲେ ଇଂରାଜୀ ପ୍ରାଧାପିକା। ଓଡ଼ିଆ, ଇଂରାଜୀ ଭାଷାରେ ଅନେକ ଗଳ୍ପ ଓ କବିତା ରଚନା କରି ନିଜସ୍ୱ ପ୍ରତିଭା ପ୍ରତିପାଦିତ କରିଥିବା ଏହି ସାହିତ୍ୟିକାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ଗଳ୍ପସଂକଳନ 'ସମୁଦ୍ରକୂଳ ଘର' ପାଇଁ ୨୦୨୦ବର୍ଷର କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବା ଲାଗି ସେ ମନୋନୀତ ହୋଇଛନ୍ତି। ଯଶୋଧାରାଙ୍କ ସାହିତ୍ୟିକ ଜୀବନ, କୃତିକୁ ନେଇ ତାଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**

ଧରିତ୍ରୀ ଆଳାପ

**ପ୍ରଶ୍ନ– କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ଜାଣିବା ପରେ କେମିତି ଲାଗିଥିଲା?**

ଉତ୍ତର: ପୁରସ୍କାର ପାଇବି ବୋଲି ଜାଣିବା ପରେ ବହୁତ ଖୁସି ଲାଗିଥିଲା। ଲେଖକ, କଳାକାରଙ୍କୁ ସାମାଜିକ ସ୍ୱୀକୃତି ଆନନ୍ଦ ଦିଏ। କିନ୍ତୁ ପାଠକୀୟ ସ୍ୱୀକୃତି ଆମ ପାଇଁ ସବୁଠାରୁ ବଡ ଆନନ୍ଦ। ମୋତେ ଯଥେଷ୍ଟ ପାଠକୀୟ ସ୍ୱିକୃତି ମିଳିଥିବାରୁ ମୁଁ ଆନନ୍ଦିତ ଏବଂ ସମସ୍ତଙ୍କ ପାଖରେ କୃତଜ୍ଞ।

**ପ୍ରଶ୍ନ– କେବେଠାରୁ ଲେଖାଲେଖି ଆରମ୍ଭ କରିଥିଲେ?**

ଉତ୍ତର: ସତୁରୀ ଦଶକରୁ ମୁଁ ଲେଖି ଆସୁଛି। ଏମ୍‌ଏ ପଢିବା ବେଳକୁ ମୋ ଲେଖା ଝଙ୍କାର ପତ୍ରିକାରେ ପ୍ରକାଶ ପାଇସାରିଥିଲା।

**ପ୍ରଶ୍ନ– ଗଳ୍ପ ସଂକଳନ 'ସମୁଦ୍ରକୂଳ ଘର'ରେ କ'ଣ ବିଶେଷତ୍ୱ ରହିଛି?**

ଉତ୍ତର: ଏଥିରେ ୭ଟି ଗଳ୍ପ ସନ୍ନିବେଶିତ ହୋଇଛି। ଏଗୁଡିକ ବିଭିନ୍ନ କାଳ୍ପନିକ କାହାଣୀକୁ ନେଇ ଚିତ୍ରଣ କରାଯାଇଛି। ଯେଉଁଥିରେ ଏକାଧିକ ଚରିତ୍ର ଅଛନ୍ତି। ତାଙ୍କ ଭିତରେ ଭାବ ବିନିମୟ ହେଉଛି। ଦୈନନ୍ଦିନ ଜୀବନରେ ସେମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ସେମାନଙ୍କ ପରିବେଶ, ମାନସିକ ଅବସ୍ଥାର ଚିତ୍ରଣ, ଜୀବନରେ ପରିବର୍ତ୍ତନ ଆଦି ବର୍ଣ୍ଣନା ହୋଇଛି। ସବୁ କାହାଣୀ ପରି ଏଥିରେ ବି ଆରମ୍ଭ, ମଧ୍ୟଭାଗ ଓ ଶେଷ ରହିଛି। ତେବେ ଏଥିମଧ୍ୟରୁ ୫ରୁ ୬ଟି ଗଳ୍ପ ହିନ୍ଦୀ ଏବଂ ଅନ୍ୟ ଭାଷାରେ ଅନୁବାଦିତ ହୋଇ ଆଦୃତି ଲାଭ କରିଛି। ଗଳ୍ପଗୁଡିକ ବହୁ ପତ୍ରପତ୍ରିକାରେ ବାହାରିଥିଲା। ତେଣୁ ପୁରସ୍କାର ପୂର୍ବରୁ ପାଠକମାନେ ମତେ ସ୍ୱୀକୃତି ପ୍ରଦାନ କରି ସାରିଛନ୍ତି।

**ପ୍ରଶ୍ନ–ଜଣେଲେଖକପାଇଁପୁରସ୍କାରକେତେମହତ୍ତ୍ୱରଖିଥାଏ?**

ଉତ୍ତର: ପୁରସ୍କାର କ୍ଷଣିକ, ଲେଖା ଚିରସ୍ଥାୟୀ। କେବଳ ପୁରସ୍କାର ଜଣେ ଲେଖକକୁ ଉତ୍ତୀର୍ଣ୍ଣ ସାହିତ୍ୟିକ ଭାବେ ପରିଣତ କରିପାରିବ ନାହିଁ। ସାହିତ୍ୟ ଏକ ଖେଳପଡିଆ ନୁହେଁ। ତେଣୁ ପ୍ରତିଯୋଗିତା ବା ପୁରସ୍କାରକୁ ମନରେ ରଖି ଲେଖିଲେ ସେଥିରେ ସଫଳ ହୋଇ ପାରିବା ନାହିଁ। ଲେଖା ମାଧ୍ୟମରେ ସାହିତ୍ୟିକ ଜୀବିତ ରହିବ ବା ଚିରଞ୍ଜିବୀ ହୋଇପାରିବ। ଲେଖାରେ ଯଦି ସେ ନିଜ ଭାଷାର ମଞ୍ଜିକୁ ଧରିଛି ତେବେ କେଇପାଦ ଆଗେଇ ପାରିବ। ତେବେ ଜଣେ ସଫଳ ଲେଖକ ହୋଇ ପାରିଛି କି ନାହିଁ ତାହା ପାଠକମାନେ ନିର୍ଣ୍ଣୟ କରିବେ।

**ପ୍ରଶ୍ନ– ଆପଣଙ୍କ ଲେଖା ମାଧ୍ୟମରେ ଓଡ଼ିଆ ଗଳ୍ପର ଧାରାରେ କ'ଣ ପରିବର୍ତ୍ତନ ଆଣିଛନ୍ତି?**

ଉତ୍ତର: ସାହିତ୍ୟରେ ମୁଁ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିନାହିଁ। ଯଦି କିଛି ପରିବର୍ତ୍ତନ ଆସିଛି ତେବେ ଜାଣିଶୁଣି କିଛି ପରିବର୍ତ୍ତନ ଆଣିଛି ବୋଲି ଭାବୁନାହିଁ। କିନ୍ତୁ ଏକଥା ସତ ଯେ ପ୍ରତ୍ୟେକ ମହତ୍ତ୍ୱପୂର୍ଣ୍ଣ ଲେଖକ ନିଜ ଭାଷାର ପରମ୍ପରାକୁ ଭଲଭାବେ ବୁଝେ ଏବଂ ତାକୁ ଆଗେଇ ନିଏ। କାରଣ ପରମ୍ପରା ଏକ ସ୍ଥାୟୀ ଜିନିଷ ନୁହେଁ, ଏହା ଏକ ସ୍ରୋତସ୍ୱିନୀ ନଦୀ ପରି। ସେଥିରେ ସେ ନିଜର କିଛି ଯୋଗଦାନ ଦେଇ ତା'ର ଗତିକୁ ଏକ ନୂଆ ମୋଡ ଦେବ। ଜଣେ ଶକ୍ତିଶାଳୀ ଲେଖକର ଏହା ହିଁ ପରିଚୟ। ଏହାଦ୍ୱାରା ତାକୁ ଉତ୍ତରପିଢିର ପାଠକମାନେ ମନେ ରଖିବେ।

**ପ୍ରଶ୍ନ– ନିଜ ଲେଖାରେ କେଉଁ ଦିଗକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି?**

ଉତ୍ତର: ସେଭଳି କିଛି ନାହିଁ। ମୁଁ ଅନେକ ଗୁଡିଏ ପ୍ରେମ ଗଳ୍ପ ଲେଖିଛି। କେତେକ ସାମାଜିକ ସମସ୍ୟା, ଏକକ ମଣିଷର ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ମଧ୍ୟ ଲେଖିଛି। ଯେତେବେଳେ ଯାହା ମନକୁ ଆସିଛି ତାକୁ ଗଳ୍ପର ରୂପ ଦେଇଛି।

**ପ୍ରଶ୍ନ– ସମସାମୟିକ ଓଡ଼ିଆ ମହିଳା ଲେଖିକାଙ୍କ ଭିତରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ କ'ଣ କରନ୍ତି?**

ଉତ୍ତର: ନିଜର ସ୍ଥାନ ବିଷୟରେ ମୁଁ ବେଶି ଚିନ୍ତିତ ନୁହେଁ। ପ୍ରତିଯୋଗିତାରେ ବିଶ୍ୱାସ କରେନି। ଏକାଗ୍ର ଭାବରେ ନିଜ ମନର ଭାବନାକୁ, ଚିନ୍ତନ ମନନକୁ ପରିସ୍ଫୁଟନ ବହୁତ ସନ୍ତୋଷ ଜନକ। ଏହାପରେ ଯଦି ମନ ଜାଣିବା ଭଳି ପାଠକ ମିଳିଗଲେ ତେବେ ସେଥିରେ ଜଣେ ପ୍ରକୃତ ଲେଖକ ବହୁତ ଖୁସି ହୋଇଯାଏ। ଭିନ୍ନ ଭିନ୍ନ ପ୍ରକାରର, ପର୍ଯ୍ୟାୟର ଲେଖକ ଥାନ୍ତି। ଏଥିରେ ଉଚ୍ଚ ନୀଚ କିଛି ନ ଥାଏ। ମୁଁ ବହୁତ ବେଶୀ ଲୋକପ୍ରିୟତା ପଛରେ ଯାଏନାହିଁ। ମତେ ଯେତିକି ପାଠକ ମିଳିଛନ୍ତି ସେଥିରେ ଖୁସି।

**ପ୍ରଶ୍ନ– ସର୍ବଭାରତୀୟ ସ୍ତରରେ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ଥିତି କିପରି ଅଛି ବୋଲି ଭାବୁଛନ୍ତି?**

ଉତ୍ତର: ସାହିତ୍ୟ ଏକାଡେମୀରେ ମୁଁ ଦୁଇଥର କାମ କରିଛି। ଇଣ୍ଡିଆନ ଲିଟରେଚରରେ ସମ୍ପାଦିକା ଭାବେ ଅଢେଇ ବର୍ଷ କାମ କରିଛି। ସର୍ବଭାରତୀୟ ସାହିତ୍ୟ ସହିତ ଘନିଷ୍ଠ ପରିଚିତ ହେବା ପାଇଁ ଏହା ମତେ ସେତେବେଳେ ବଡ ସୁଯୋଗ ଦେଇଥିଲା। ଆମର ଦୁର୍ଭାଗ୍ୟ ଯେ, ଯୁବପିଢି ସବୁ ରକମର ଭାଷା ପଢୁନାହାନ୍ତି। ଫଳରେ ଭାରତ ଭିତରେ ଥିବା ଅନ୍ୟ ଭାଷା ଗୁଡିକ ପ୍ରତି ଆମେ ଉଣା ଅଧିକେ ଉଦାସୀନ। ସର୍ବଭାରତୀୟ ସ୍ତରରେ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ଥିତି ଭଲ ଅଛି। ଉଚ୍ଚମାନର ଲେଖା ହେଉଛି। ତେବେ ୫୦ ବର୍ଷ ତଳେ ଯାହା ସ୍ଥିତି ଥିଲା ଏବେ ସେଥିରେ ପରିବର୍ତ୍ତନ ହୋଇଛି। ଓଡ଼ିଆ ସାହିତ୍ୟ ଖୁବ୍ ସମ୍ମାନିତ।

**ପ୍ରଶ୍ନ– କ୍ଷୁଦ୍ରଗଳ୍ପରେ ଆଉ କ'ଣ ଅଭାବ ରହିଛି?**

ଉତ୍ତର: ଗୋଟିଏ କଥା କହିବି, ଯୁବ ପିଢିମାନେ ଏବେ ଇଂରାଜୀ ପଢିଲେ ଓଡ଼ିଆ ପଢୁ ନାହାନ୍ତି ବା ଓଡ଼ିଆ ପଢିଲେ ଆଉ କୌଣସି ଭାଷା ପଢୁନାହାନ୍ତି। ଏହା ଫଳରେ ଆମେ ବିଶ୍ୱ ସାହିତ୍ୟ ସହିତ ପରିଚିତ ହୋଇ ପାରୁନେ। କେବଳ କୂଅ ବେଙ୍ଗ ଭଳି ପଡି ରହି ନିଜ ଆଖପାଖରେ ରହୁଛେ। ଆମର ଦୃଷ୍ଟିଭଙ୍ଗୀ ସୀମିତ ହୋଇ ଯାଉଛି। ଯେତେ ପଢିବେ ସେତେ ବିଶ୍ୱ ସାହିତ୍ୟ ପ୍ରତି ପରିଚିତ ହୋଇ ପାରିବେ।

**ପ୍ରଶ୍ନ– ଆପଣଙ୍କ ବାପା ଭୁବନେଶ୍ୱର ବେହେରା ଜଣେ ପ୍ରଖ୍ୟାତ ଲେଖକ ଥିଲେ। ତାଙ୍କର ପ୍ରଭାବ ଆପଣଙ୍କ ଉପରେ କିପରି ପଡିଥିଲା?**

ଉତ୍ତର: ବାପା ପରିଣତ ବୟସରେ ଲେଖା ଆରମ୍ଭ କରିଥିଲେ। ତାଙ୍କର ଓ ଏବେକାର ଲେଖା ଭିତରେ ବହୁତ ଫରକ। ବାପା ଶିକ୍ଷାବିତ୍ ଥିବାରୁ ତାଙ୍କ ଲେଖାରେ ଏକ ବିଶେଷତ୍ୱ ରହିଥିଲା। ତାଙ୍କ ଯତ୍ନରେ ମୁଁ ବଢିଥିବାରୁ ମୋ ଉପରେ ପ୍ରଭାବ ପଡିଛି। କିନ୍ତୁ ସେ ଗୋଟେ ପ୍ରକାର ଲେଖୁଥିଲେ ଆଉ ମୁଁ ଅନ୍ୟ ପ୍ରକାର ଲେଖୁଥିଲି। ଏହା କେବଳ ପାଠକମାନେ କହିପାରିବେ।


## DAYANAND INSTITUTE

Dhanupali, Sambalpur- 768005
Helpline- 9114338817, 9938895475, 9437158817

ADMISSION NOTICE

NTT- 1year regular and correspondence course
Eligibility- +2 & Above (Only Ladies)

B. Ed- NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .

M.A. IN YOGA- Affiliated Utkal University of Culture, BBSR
Eligibility- Any Graduate

Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.

OFFICE TIME 8AM TO 1PM
Please visit at – dayanandgroupofinstitution.co.in


# 'ଖାଉଟି ସାମଗ୍ରୀ ବଣ୍ଟନର ସୋସିଆଲ ଅଡିଟ୍ କର'

**ହାଇକୋର୍ଟରେ ଖାଉଟି ସାମଗ୍ରୀ ମାମଲା**

- ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ
- ନଭେମ୍ବର ୮ରେ ପରବର୍ତ୍ତୀ ଶୁଣାଣି



**କଟକ ଅଫିସ, ୨୪।୮:** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ନେଇ ସ୍ୱଚ୍ଛତା ନିମନ୍ତେ ଖାଉଟି ସାମଗ୍ରୀ ବଣ୍ଟନର ସୋସିଆଲ ଅଡିଟ କର। ଏହାର ଭିଡିଓଗ୍ରାଫି କରି ରାଜ୍ୟ ଖାଦ୍ୟ କମିଶନଙ୍କ ୱେବସାଇଟରେ ଅପଲୋଡ୍ କର। ଏଥିସହ ଜୁନ ୧ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜିଲା ଅଭିଯୋଗ ସମାଧାନ ଅଧିକାରୀ (ଡିଜିଆର୍‌ଓ)ଙ୍କ କାର୍ଯ୍ୟକଳାପର ବିସ୍ତୃତ ବିବରଣୀ ପ୍ରସ୍ତୁତ କର। ଏ ସଂକ୍ରାନ୍ତ ସତ୍ୟପାଠ ପରବର୍ତ୍ତୀ ଶୁଣାଣିର ଏକ ସପ୍ତାହ ପୂର୍ବରୁ ହାଇକୋର୍ଟରେ ଦାଖଲ କରିବାକୁ ମଙ୍ଗଳବାର ହାଇକୋର୍ଟ ଖାଉଟି ସାମଗ୍ରୀ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି.ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ୮ରେ ପରବର୍ତ୍ତୀ ଶୁଣାଣି ହେବ। ଏହି ମାମଲାରେ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତ ହୋଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଖାଉଟି ସାମଗ୍ରୀ ବଣ୍ଟନ ନେଇ ଅଭିଯୋଗର ଶୁଣାଣି ଜିଲା ଅଭିଯୋଗ ସମାଧାନ ଅଧିକାରୀ (ଡିଜିଆରଓ) କରିବେ। ଏହି ପଦବୀରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ରହିବେ। ସେହିପରି ଖାଉଟି ସାମଗ୍ରୀ ବଣ୍ଟନ ନେଇ ଅଭିଯୋଗର ତଦନ୍ତ ଲାଗି ପ୍ରତ୍ୟେକ ଜିଲାରେ ଭିଜିଲାନ୍ସ କମିଟି ଗଠନ ପାଇଁ ହାଇକୋର୍ଟ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।


## SUIIT

Sambalpur University
Institute of Information Technology
ADMISSION: 2021-22
Advt No: 692/SUIIT Dt:24/08/2021

SUIIT has been established in the year 2010 by Sambalpur University with the approval of Department of Higher Education, Govt. of Odishaas a Constituent AutonomousUnit.

SUIIT offers the following programmes for the session 2021-22 in self-sustaining mode:

| | |
|---|---|
| M. Sc. (2 years): ◆ Computer Science | M. C. A. (2 years): ◆ 50% seats on the basis of OJEE, 2021 rank ◆ 50% seats through own entrance |
| M. Tech (2 years): ◆ Computer Science &Engg. ◆ Communication System Engg. ◆ Embedded Systems Design | B. Tech (Regular & Lateral Entry): (OJEE) ◆ Computer Sc. &Engg. (CSE) ◆ Elect. & Comm. Engg. (ECE) ◆ Elect. & Electronics Engg. (EEE) |

All B. Tech admissions exclusively through OJEE Councelling-2021
FOR INFORMATION BROCHURE AND FOR APPLYING PG COURSES
Visit: www.suiit.ac.in

IMPORTANT DATES
Information Brochure and Application Form Available online: 26th August, 2021
Last date for applying online: 3rd September, 2021
Online Entrance on 6th September, 2021

CONTACT NUMBERS

| | |
|---|---|
| B.Tech CSE/MCA/M. Sc CS /M.TechCSE | Dr. S. Jena—8247679467, Dr. K. Das—9938983624, Dr. S.Panigrahi—7377302566 |
| B. Tech ECE/M.Tech Comm. Sys. Engg./ Embedded Sys. Design | Ms. S. Kar—9439657668, Mr. P. Mishra—9438312045 |
| B.Tech EEE | Dr. A.Panda—7381111459 |

Sd./-
Director, SUIIT
Email- admin.office@suiit.ac.in





# ଅରୁଚିକର ରାଣେ

କେନ୍ଦ୍ର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ମନ୍ତ୍ରୀ ନାରାୟଣ ରାଣେଙ୍କୁ ମହାରାଷ୍ଟ୍ର ପୋଲିସ ୨୪ ଅଗଷ୍ଟରେ ଗିରଫ କରିଛି। ୨୩ ଅଗଷ୍ଟରେ ଜନଆଶୀର୍ବାଦ ଯାତ୍ରାରେ ଯୋଗଦେବା ଅବସରରେ ରାଣେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ସମାଲୋଚନା କରିଥିଲେ। ସ୍ୱାଧୀନତା ଦିବସରେ ଭାଷଣ ଦେବା ବେଳେ ଠାକ୍‌ରେ ଦେଶ କେବେ ସ୍ୱାଧୀନତା ପାଇଥିଲା ମନେ ପକାଇପାରି ନ ଥିଲେ। ତାହାକୁ ଲକ୍ଷ୍ୟକରି ରାଣେ କହିଥିଲେ ଯେ, ଏଭଳି ସ୍ଥଳେ ଦେଶର ସ୍ୱାଧୀନତା ଦିବସକୁ ଭୁଲି ଯାଇଥିବା ଠାକ୍‌ରେଙ୍କୁ ସେ ଚାପୁଡ଼ା ମାରିଥାଆନ୍ତେ। ତେବେ ରାଣେଙ୍କୁ ଗିରଫ କରାଯିବା ପରେ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଏକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ଏଭଳି ଅଶାଳୀନ ମନ୍ତବ୍ୟ ଦେବା ନିଶ୍ଚିତ ଭାବେ ସାମ୍ବିଧାନିକ ମର୍ଯ୍ୟାଦା ଉଲ୍ଲଂଘନ କରୁଛି। ଉଲ୍ଲେଖଯୋଗ୍ୟ ଯେ, ରାଣେ ଶିବସେନାର ସଦସ୍ୟ ଥିଲେ ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ। ସେତେବେଳେ ଠାକ୍‌ରେ ପରିବାରକୁ ମୁଣ୍ଡିଆମାରି ମନ୍ତ୍ରୀ ହୋଇଥିଲେ। ଦଳ ଭିତରେ ନିଜର ବାହୁବଳ ଦେଖାଇବାରୁ ୩ ଜୁଲାଇ ୨୦୦୫ରେ ସେ ଶିବସେନାରୁ ବିତାଡ଼ିତ ହୋଇଥିଲେ। ସ୍ୱାଭାବିକ ଭାବେ ଶିବସେନାର ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଦ୍ୱାରା ସହ୍ୟ ହେଲେ ନାହିଁ। ବିଭିନ୍ନ ସମୟରେ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହେବା ସତ୍ତ୍ୱେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ତାଙ୍କ ପୁତ୍ର ନିଲେଶ ରାଣେ ରତ୍ନଗିରି-ସିନ୍ଧୁଦୁର୍ଗରୁ ସାଂସଦ ମଧ୍ୟ ହୋଇଥିଲେ। ବାପ ପୁଅ କଂଗ୍ରେସ ଛାଡ଼ିବା ପରେ 'ମହାରାଷ୍ଟ୍ର ସ୍ୱାଭିମାନ ପକ୍ଷ' ନାମକ ଏକ ସାମ୍ମୁଖ୍ୟ ଗଠନ କରିଥିଲେ। ପରେ ୨୦୧୯ରେ ଉଭୟ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଥିଲେ। ଏଭଳି ଦଳବଦ୍‌ଲୁ ଓ ଆଦର୍ଶବିହୀନ ବ୍ୟକ୍ତିଙ୍କ ମୌଳିକ ଚିନ୍ତାଧାରା ସବୁବେଳେ ସନ୍ଦେହରେ ରହିଥାଏ।

ଭାଜପାରେ ଯୋଗଦେବା ପରଠାରୁ ବିଭିନ୍ନ ପ୍ରସଙ୍ଗରେ ଉଦ୍ଧବ ଠାକ୍‌ରେଙ୍କୁ ରାଣେ ସମାଲୋଚନା କରିଆସୁଛନ୍ତି। ଏହା ଏକ ସ୍ୱାଭାବିକ ଚରିତ୍ର, ଯାହାକି ରାଜନୈତିକ ବ୍ୟକ୍ତିମାନେ ସର୍ବଦା ପ୍ରଦର୍ଶନ କରିଥାଆନ୍ତି। ଜଣେ ଯେଉଁ ଦଳ ବା ନେତାଙ୍କଠାରୁ ସର୍ବାଧିକ ଅନୁଗ୍ରହ ହାସଲ କରି ପରିଚୟ ସୃଷ୍ଟି କରିଥାଅନ୍ତି, ସେହି ଦଳ ଓ ନେତାଙ୍କୁ ଅତ୍ୟଧିକ ମାତ୍ରାରେ ଏବଂ ସୁଯୋଗ ମିଳିଲେ ଅଭଦ୍ର ଭାଷାରେ ସମାଲୋଚନା କରିଥାଆନ୍ତି। ଏହା ପଛରେ ଏକ ରୋଗାକ୍ରାନ୍ତ ମାନସିକତାର ପରିଚୟ ମିଳିଥାଏ। ଏଭଳି ବ୍ୟକ୍ତି ପୂର୍ବର ଦଳ ଓ ନେତାଙ୍କୁ ସାଧାରଣରେ ଅଧିକ ଆକ୍ରୋଶମୂଳକ ମନ୍ତବ୍ୟ ଦିଅନ୍ତି। ଏହାଦ୍ୱାରା ପୂର୍ବରୁ ହାସଲ କରିଥିବା ସୁବିଧା ଓ ସୁଯୋଗ ପ୍ରତି କୃତଜ୍ଞ ହେବାକୁ ଅଟକାଇଥାନ୍ତି। ରାଜନୀତିରେ ବିଭିନ୍ନ ଦଳ ମଧ୍ୟରେ ନେତାମାନେ ପରସ୍ପରକୁ ସମାଲୋଚନା କରିଥାଆନ୍ତି। ସେଥିରେ କୌଣସି ଭୁଲ ନ ଥାଏ। କିନ୍ତୁ ଜଣେ ଯେତେବେଳେ ପଦମର୍ଯ୍ୟାଦା ଭୁଲି ଅନ୍ୟ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥାଆନ୍ତି, ତାହା ଦ୍ୱାରା ମତ ରଖୁଥିବା ବ୍ୟକ୍ତିଙ୍କ ଚରିତ୍ର ସାଧାରଣରେ ନ୍ୟୂନ ଦୃଷ୍ଟିରେ ଦେଖାଯାଇଥାଏ। ଅନ୍ୟପକ୍ଷରେ ଠାକ୍‌ରେ ଯଦି ସ୍ୱାଧୀନତା ଦିବସ କେବେ ତାହା ମନେପକାଇପାରି ନ ଥିବେ ତେବେ ବିରୋଧୀଙ୍କ ସମାଲୋଚନାକୁ ଖୁସି ହେବ ନାହିଁ। ମାତ୍ର ସମାଲୋଚନା ଅଣସଂସଦୀୟ ଶବ୍ଦ ପ୍ରୟୋଗ ଦ୍ୱାରା କରାଯାଇଥିବାରୁ ରାଣେଙ୍କୁ ଗିରଫ କରାଯିବାରେ ଅସ୍ୱାଭାବିକତା ନାହିଁ ବୋଲି କୁହାଯାଇପାରେ। ଏ ଦେଶରେ ଠାକ୍‌ରେ ଯେ କେବଳ ଦେଶର ଇତିହାସକୁ ମନେପକାଇପାରି ନାହାନ୍ତି ତାହା ନୁହେଁ, ଏହା ପୂର୍ବରୁ କେନ୍ଦ୍ର ଶାସନରେ ଥିବା ଶୀର୍ଷ ରାଜନେତାଙ୍କଠାରୁ ଆରମ୍ଭକରି ବହୁ ନେତା ଭାଷଣ ଦେବା ବେଳେ ଭୁଲ ତଥ୍ୟ ଦେଇଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ୨୦୧୩ ନଭେମ୍ବରରେ ଏକ ରାଲିରେ ମହାତ୍ମା ଗାନ୍ଧୀଙ୍କୁ ମୋହନଲାଲ କରମଚାନ୍ଦ ଗାନ୍ଧୀ ବୋଲି କହିଥିଲେ। ନିଜ ରାଜ୍ୟ ଗୁଜରାଟ ତଥା ଭାରତର ଏହି ମହାନ୍ ବ୍ୟକ୍ତିଙ୍କ ନାମକୁ ଭୁଲ ଉଚ୍ଚାରଣ କରିବା ଦ୍ୱାରା ସେ ସମାଲୋଚିତ ହୋଇଥିଲେ। ତେବେ ରାଣେ ଜଣେ କେନ୍ଦ୍ରମନ୍ତ୍ରୀ ଭାବେ ଯେଉଁଭଳି ଠାକ୍‌ରେଙ୍କୁ ଚାପୁଡ଼ା ମାରିବା କଥା କହିଲେ ତାହାଦ୍ୱାରା ଏକ ଖରାପ ପରମ୍ପରା ସୃଷ୍ଟି ହୋଇଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା କେନ୍ଦ୍ରମନ୍ତ୍ରୀ ରାଣେଙ୍କୁ ଗିରଫ କରାଯିବା ଅସାମ୍ବିଧାନିକ ବୋଲି କହିଛନ୍ତି। ତେବେ ଭାଜପା ରାଣେଙ୍କ ମନ୍ତବ୍ୟଠାରୁ ଦୂରେଇ ରହିଛି।

ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଜଣେ ବ୍ୟକ୍ତି ଯେଉଁ ପଦପଦବୀରେ ଥାଆନ୍ତୁ ନା କାହିଁକି ସେ ଯଦି କୌଣସି ଅରୁଚିକର ମନ୍ତବ୍ୟ ବା ଅପ୍ରୀତିକର ସ୍ଥିତି ସୃଷ୍ଟି କରିବା ଭଳି ମନ୍ତବ୍ୟ ଦେଉଛନ୍ତି, ତାଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ଦରକାର। ତାହା ହେଲେ ଅନ୍ୟମାନେ ଏହାକୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଭାବେ ଲକ୍ଷ୍ୟକରି ସଂଯମ ଆଚରଣ ଅବଲମ୍ବନ କରିବେ।

# ତୈଳଦର ବୃଦ୍ଧି ପାଇଁ ତୈଳବଣ୍ଡ୍ ଦାୟୀ କି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଦେଶର ଅଧିକାଂଶ ସ୍ଥାନରେ ପେଟ୍ରୋଲ ଲିଟର ପିଛା ଦର ଶହେ ଟପିଥିବା ବେଳେ ଡିଜେଲ ମଧ୍ୟ ନବେରୁ ଶହେ ମଧ୍ୟରେ ରହିଛି। କରୋନା ମହାମାରୀ ଯୋଗୁ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଥିବା ବେଳେ ପେଟ୍ରୋଲଜାତ ଦ୍ରବ୍ୟର ଏଭଳି ଆକାଶଛୁଆଁ ମୂଲ୍ୟବୃଦ୍ଧି ବେଢ଼ି ଉପରେ କୋରଡ଼ା ମାଡ଼ ପରି ହୋଇଛି। ବିଶେଷ କରି ଦେଶର ମାଲ ଓ ଯାତ୍ରୀ ପରିବହନ ତଥା କୃଷି ପ୍ରାୟତଃ ଡିଜେଲ ଉପରେ ନିର୍ଭର କରୁଥିବାରୁ ତା'ର ଲଗାତର ମୂଲ୍ୟବୃଦ୍ଧି ଜିନିଷପତ୍ରର ପରିବହନ ଖର୍ଚ୍ଚକୁ ବଢ଼ାଇ ତାକୁ ମହଙ୍ଗା କରି ଦେଉଛି। ଅନ୍ୟପଟେ ଡିଜେଲ ଦର ବୃଦ୍ଧି ଲାଗି କୃଷିର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇ କୃଷକର ବୋଝକୁ ବଢ଼ାଇଦେଇଛି।

ଦେଶରେ ପେଟ୍ରୋଲ, ଡିଜେଲର ଦାମ୍ ଏପରି ସମୟରେ ବଢ଼ିଛି, ଯେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତେଲର ମୂଲ୍ୟ ପୂର୍ବାପେକ୍ଷା ବହୁତ ତଳକୁ ଖସିଛି। ୨୦୧୪ରେ ମୋଦିଙ୍କ ସରକାର ଆସିବା ପୂର୍ବରୁ ବିଶ୍ୱ ବଜାରରେ ଅଶୋଧିତ ତେଲର ବ୍ୟାରେଲ ପିଛା ଦର ୧୧୦-୧୨୦ ଡଲାର ରହି ସର୍ବକାଳୀନ ରେକର୍ଡ କରିଥିଲା। ଗୋଟିଏ ସମୟରେ ତାହା ୧୫୦ ଡଲାର ପର୍ଯ୍ୟନ୍ତ ବି ଯାଇଥିଲା। କିନ୍ତୁ ପେଟ୍ରୋଲ ଓ ଡିଜେଲ ସମ୍ପୂର୍ଣ୍ଣ ରୂପେ ସରକାରୀ ନିୟନ୍ତ୍ରଣରେ ଥିବାରୁ ବିଶ୍ୱବଜାରରେ ଅତିଶୟ ଦରବୃଦ୍ଧି ସତ୍ତ୍ୱେ ସେତେବେଳେ ତା'ର ଲିଟର ପିଛା ଦର ଯଥାକ୍ରମେ ୭୬ ଟଙ୍କା ଓ ୬୭ ଟଙ୍କା ରହିଥିଲା। ଆଜି କିନ୍ତୁ, ଅଶୋଧିତ ତେଲର ଦର ମାତ୍ର ୬୨ ଡଲାର ଥିବାବେଳେ ଆମକୁ ପେଟ୍ରୋଲ ୧୦୫-୧୧୦ ଟଙ୍କାରେ ଓ ଡିଜେଲ ୯୫-୧୦୦ ଟଙ୍କାରେ କିଣିବାକୁ ପଡୁଛି।

ପୂର୍ବରୁ ପେଟ୍ରୋଲ ଓ ଡିଜେଲର ଦରକୁ ସରକାର ନିୟନ୍ତ୍ରଣ କରୁଥିବା ବେଳେ ଆମକୁ ସେସବୁ ଶସ୍ତାରେ ଉପଲବ୍ଧ ଥିଲା। ବିଶ୍ୱ ବଜାରରେ ମୂଲ୍ୟ ବଢ଼ିଲେ ସରକାର ସବ୍‌ସିଡି ଜରିଆରେ ତାକୁ ଶସ୍ତାରେ ଉପଲବ୍ଧ କରାଉଥିଲେ। କିନ୍ତୁ ସବ୍‌ସିଡି ବ୍ୟବସ୍ଥାର ସମାପ୍ତି କରି ସରକାର ୨୦୧୦ରେ ପେଟ୍ରୋଲ ଓ ୨୦୧୪ରେ ଡିଜେଲକୁ ନିୟନ୍ତ୍ରଣମୁକ୍ତ କରିବା ଡାଇନାମିକ୍ ପ୍ରାଇସିଂର ବ୍ୟବସ୍ଥା ଆରମ୍ଭ କରିଥିଲେ। ବିଶ୍ୱ ବଜାରରେ ଦର ଅନୁସାରେ ଦେଶରେ ପେଟ୍ରୋଲ ଡିଜେଲର ଖୁଚୁରା ଦରକୁ ବୃଦ୍ଧି ବା ହ୍ରାସ କରିବା ପାଇଁ ଘୋଷଣା କରାଗଲା। ତେବେ ପରିତାପର ବିଷୟ ସରକାର ନିଜର ଘୋଷଣାକୁ ଏଯାଏ କାର୍ଯ୍ୟକାରୀ କଲେନାହିଁ। ଗତ ସାତ ବର୍ଷ ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତେଲର ଦର ଲଗାତର ହ୍ରାସ ପାଇବା ସତ୍ତ୍ୱେ ସରକାର ଦେଶରେ ପେଟ୍ରୋଲ ଓ ଡିଜେଲର ଦରକୁ କମାଇବା ଦେଖାଗଲାନି। ଯଦିଓ ବିଶ୍ୱ ବଜାରରେ ଦରବୃଦ୍ଧି ହେଲେ ଦେଶରେ ପେଟ୍ରୋଲ ଡିଜେଲର ଖୁଚୁରା ଦରକୁ ତୁରନ୍ତ ବଢ଼ାଯାଉଛି ଅଥଚ ଦରହ୍ରାସ ହେଲେ ତାକୁ ଆଉ ହ୍ରାସ କରିବା ଦେଖାଯାଉନି।

ପେଟ୍ରୋଲ-ଡିଜେଲର ଦରରେ ଆମର କୌଣସି ହାତ ନାହିଁ ଏବଂ ସମ୍ପୂର୍ଣ୍ଣ ଭାବେ ତାହା ବଜାର ହାତରେ ରହିଛି ବୋଲି ସରକାର କହୁଛନ୍ତି। ଅନ୍ୟପଟେ ଗତ ୨୬ ଫେବୃୟାରୀରେ ପଶ୍ଚିମବଙ୍ଗ ସମେତ ପାଞ୍ଚଟି ରାଜ୍ୟର ନିର୍ବାଚନ ଘୋଷଣା ହେବା ପରଠାରୁ ୨ ମଇ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଦେଶରେ ପେଟ୍ରୋଲ ଡିଜେଲର ଦରରେ ସାମାନ୍ୟ ପରିବର୍ତ୍ତନ ହୋଇ ନ ଥିଲା। ସେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତେଲର ବ୍ୟାରେଲ ପିଛା ଦର ୬୭ ଡଲାରରୁ ୭୫ ଡଲାରକୁ ବୃଦ୍ଧି ପାଇଥିଲେ ମଧ୍ୟ ନିର୍ବାଚନକୁ ଦେଖି ଦରବୃଦ୍ଧି ହୋଇ ନ ଥିଲା। କିନ୍ତୁ ଫଳ ଘୋଷଣାର ତୁରନ୍ତ ପରେ ଅର୍ଥାତ୍ ୪ ମଇରୁ ୧୭ ଜୁଲାଇ, ମୋଟ ୪୩ ଦିନର ଅବଧିରେ ସରକାର ପେଟ୍ରୋଲ ଓ ଡିଜେଲରେ ଯଥାକ୍ରମେ ୪୧ ଥର ଓ ୩୭ ଥର ବୃଦ୍ଧି କରିଥିଲେ। ଆଶ୍ଚର୍ଯ୍ୟର କଥା, ବିଶ୍ୱ ବଜାରରେ ଦର ୬୨ ଡଲାରକୁ ଖସିଥିଲେ ମଧ୍ୟ ଦେଶରେ ପେଟ୍ରୋଲର ଦର ଆଦୌ କମି ନ ଥିବା ବେଳେ ଡିଜେଲର ଦରରେ ନାମକୁ ମାତ୍ର ହିଁ କମାଯାଇଛି। ଏହା ସରକାରଙ୍କ ସହଯୋଗରେ ଦେଶର ତୈଳ କମ୍ପାନୀଙ୍କ ଦ୍ୱାରା ସାଧାରଣ ଜନତାଙ୍କୁ ସିଧାସଳଖ ଲୁଟ୍ ବୋଲି କୁହାଯାଇପାରେ।

ବିଶ୍ୱ ବଜାରରେ ମୂଲ୍ୟହ୍ରାସ ହେଲେ ଦେଶରେ ତେଲର ଦରକୁ ତ କମାଯାଉନି, ଓଲଟା ପେଟ୍ରୋଲ ଡିଜେଲ ଉପରେ ଉତ୍ପାଦନ ଶୁଳ୍କକୁ ବାରମ୍ବାର ବଢ଼ାଇ ସରକାର ଲୋକଙ୍କ ଉପରେ ଦରବୃଦ୍ଧିର ବୋଝକୁ ଅବ୍ୟାହତ ରଖିଛନ୍ତି। ଗତ ସାତ ବର୍ଷ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଉପରେ ମୋଟ ୧୩ ଥର ଉତ୍ପାଦନ ଶୁଳ୍କକୁ ବଢ଼ାଯାଇଥିବା ବେଳେ ମାତ୍ର ୩ ଥର ହିଁ ହ୍ରାସ କରାଯାଇଛି। ୨୦୧୪ରେ ଡିଜେଲ ଉପରେ ଉତ୍ପାଦନ ଶୁଳ୍କ ୩.୫୬ ଟଙ୍କା ଥିଲା ବେଳେ ସେଥିରେ ୭୯୪% ବୃଦ୍ଧି କରି ବର୍ତ୍ତମାନ ୩୧.୮୦ ଟଙ୍କା କରାଯାଇଛି। ସେହିପରି ପେଟ୍ରୋଲ ଉପରେ ଉତ୍ପାଦନ ଶୁଳ୍କ ବି ୨୪୭% ବୃଦ୍ଧି ଫଳରେ ତାହା ୯.୪୮ ଟଙ୍କାରୁ ଆଜି ୩୨.୯୦ ଟଙ୍କାରେ ପହଞ୍ଚିଛି। ୨୦୧୪-୧୫ରେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦନ ଶୁଳ୍କ ବାବଦରେ ସରକାର ଯଥାକ୍ରମେ ୨୯,୨୭୯ କୋଟି ଓ ୪୨,୮୮୧ କୋଟି ଟଙ୍କା ଆଦାୟ କରୁଥିବା ବେଳେ ଗତ ସାତ ବର୍ଷ ମଧ୍ୟରେ ସରକାର ମୋଟ ୨୨,୩୩,୮୬୮ କୋଟି ଟଙ୍କା ସଂଗ୍ରହ କରିଛନ୍ତି।

ପେଟ୍ରୋଲ-ଡିଜେଲର ଦରବୃଦ୍ଧି ପଛରେ ବିପୁଳ ସରକାରୀ ଟିକସ ଓ ତୈଳ କମ୍ପାନୀଙ୍କ ଲୁଟ୍ ହିଁ ପ୍ରମୁଖ କାରଣ ଏକଥା ସରକାର କେବେ କେବେ ବି ଜନସାଧାରଣଙ୍କୁ କହିବାକୁ ଚାହୁଁନାହାନ୍ତି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପେଟ୍ରୋଲ ଓ ଡିଜେଲ ଉପରେ ସରକାର ନେଉଥିବା ଅତ୍ୟଧିକ ଉତ୍ପାଦନ ଶୁଳ୍କକୁ କମାଯିବ ନାହିଁ ବୋଲି ସ୍ପଷ୍ଟ କରିବା ସହିତ ଦରବୃଦ୍ଧି ପାଇଁ ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ଜାରି ତୈଳବଣ୍ଡ୍‌କୁ ଦାୟୀ କରିଛନ୍ତି। ନିଜକୁ ଦୋଷମୁକ୍ତ କରିବାକୁ ମୋଦି ସରକାରଙ୍କ ଏଭଳି ଯୁକ୍ତି ଆଦୌ ନୂଆ ନୁହେଁ। ଗତ ସାତ ବର୍ଷ ମଧ୍ୟରେ ସରକାର ଦେଶରେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ନେଇ ଉଦ୍ଭଟ ଯୁକ୍ତି କରି ଆସିଛନ୍ତି। ଏବେ ସେମାନେ ଉପା ସରକାର ସମୟରେ ଜାରି ହୋଇଥିବା ତୈଳବଣ୍ଡ୍‌କୁ ହିଁ ଦରବୃଦ୍ଧିର କାରଣ ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ, ଯଦି ତୈଳବଣ୍ଡ୍ ଯୋଗୁ ଦରବୃଦ୍ଧି ହେଉଛି, ତା'ହେଲେ ସରକାର ଏଯାଏ ଏନେଇ ଚୁପ୍ ରହି ଅନ୍ୟକଥା କହୁଥିଲେ କାହିଁକି ? ତେବେ ସରକାର ଯାହା ବି କୁହନ୍ତୁ, ଦେଶରେ ବର୍ଦ୍ଧିତ ତୈଳଦର ପଛରେ ଯେ ତୈଳବଣ୍ଡ୍ ମୁଖ୍ୟ କାରଣ ନୁହେଁ, ତାହା ତଥ୍ୟର ଆଧାରରେ କୁହାଯାଇପାରେ।

କୌଣସି ଖର୍ଚ୍ଚ ପାଇଁ ସରକାର ନଗଦ ବଦଳରେ ବଣ୍ଡ୍ ଜାରି କରିବା ନୂଆ କଥା ନୁହେଁ। କେନ୍ଦ୍ର ସରକାରଙ୍କ ପାଖରେ ତୈଳ କମ୍ପାନୀ, ସାର କମ୍ପାନୀ ଏବଂ ଖାଦ୍ୟ ନିଗମକୁ ନଗଦ ବଦଳରେ ବଣ୍ଡ୍ ଜାରି କରିବାର ଆଇନଗତ କ୍ଷମତା ରହିଛି। ଉପା ସରକାରଙ୍କ ପୂର୍ବରୁ ବାଜପେୟୀଙ୍କ ସରକାର ହିଁ ପ୍ରଥମ ଥର ପାଇଁ ଏଭଳି ତୈଳବଣ୍ଡ୍ ଜାରି କରିଥିଲେ। ବର୍ତ୍ତମାନର ମୋଦି ସରକାର ମଧ୍ୟ ବ୍ୟାଙ୍କ୍‌ର ରିକ୍ୟାପିଟାଲାଇଜେସନ୍, ଖାଦ୍ୟ ଓ ସାର ସବ୍‌ସିଡି ବାବଦରେ ବ୍ୟାଙ୍କ୍, ସାର କମ୍ପାନୀ ଓ ଖାଦ୍ୟ ନିଗମକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ବଣ୍ଡ୍ ଜାରି କରିଛନ୍ତି। ସରକାର ବ୍ୟାଙ୍କ୍‌ରେ ରିକ୍ୟାପିଟାଲାଇଜେସନ୍ ଯେଉଁ ୪ ଲକ୍ଷ କୋଟିର ପୁଞ୍ଜି ଦେଇଛନ୍ତି, ତା'ର ସିଂହ ଭାଗ ବଣ୍ଡ୍ ଆକାରରେ ଦିଆଯାଇଛି ; ଯାହାର ସୁଧ ବାବଦରେ ହିଁ ସରକାର ଗତ ତିନି ବର୍ଷ ମଧ୍ୟରେ ପ୍ରାୟ ୬୦,୦୦୦ କୋଟି ଖର୍ଚ୍ଚ କରିଛନ୍ତି। ମୋଦି ସରକାର ଜାରି କରିଥିବା ଉପରୋକ୍ତ ବଣ୍ଡ୍‌ଗୁଡ଼ିକୁ ଯେ ଆଗାମୀ ସରକାରଙ୍କୁ ଶୁଝିବାକୁ ପଡ଼ିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ତୈଳର ବର୍ଦ୍ଧିତ ଦରରୁ ଲୋକଙ୍କୁ ରିହାତି ଦେବା ପାଇଁ କେନ୍ଦ୍ର ସରକାର ପୂର୍ବରୁ ସବ୍‌ସିଡି ଦେଉଥିଲେ। ବିଶ୍ୱ ବଜାରରେ ତେଲର ଦାମ୍ ବଢ଼ିଲେ ତାକୁ ଦେଶରେ ଶସ୍ତା ରଖିବାକୁ କେନ୍ଦ୍ର ସରକାର ରାଜକୋଷରୁ ଏହି ସବ୍‌ସିଡି ଦେଉଥିଲେ। ଆର୍ଥିକ ପରିସ୍ଥିତିକୁ ଦେଖି ସରକାର ତୈଳ କମ୍ପାନୀଙ୍କୁ ନଗଦ ବଦଳରେ ବଣ୍ଡ୍ ଜାରି କରିଥାନ୍ତି। ଏହି ତୈଳବଣ୍ଡ୍ ସାଧାରଣତଃ ଦୀର୍ଘ ଅବଧିର ହୋଇଥାଏ ଏବଂ ସେଥିପାଇଁ ପ୍ରତିବର୍ଷ ସୁଧ ବି ଦିଆଯାଇଥାଏ। ଏହାଦ୍ୱାରା ସରକାରଙ୍କୁ ନିଜର ବଜେଟରୁ ତୁରନ୍ତ ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଏହି କ୍ରମରେ ତତ୍କାଳୀନ ଉପା ସରକାର ୨୦୦୫ରୁ ୨୦୧୦ ମଧ୍ୟରେ ୧,୩୪,୪୨୩.୧୭ କୋଟିର ତୈଳବଣ୍ଡ୍ ଜାରି କରିଥିଲେ। ୨୦୦୫-୨୦୧୦ ମଧ୍ୟରେ ଜାରି ହୋଇଥିବା ଏହି ବଣ୍ଡ୍‌ଗୁଡ଼ିକ ୨୦୨୨-୨୬ ମଧ୍ୟରେ ମାଚ୍ୟୁର ହେବାକୁ ଯାଉଛି। ଏ ବାବଦରେ ସରକାର ଗତ ସାତବର୍ଷ ମଧ୍ୟରେ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କାର ସୁଧ ସହ ମୂଳଧନ ବାବଦକୁ ୩,୫୦୦ କୋଟି ଟଙ୍କାକୁ ମିଶାଇ ତୈଳବଣ୍ଡ୍ ବାବଦରେ ମୋଟ ୭୩,୪୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାରଙ୍କ ତେଲରୁ ଆୟ ତୁଳନାରେ ଏହି ରାଶି ଅତ୍ୟନ୍ତ ନଗଣ୍ୟ ମାତ୍ର। ଗତ ସାତବର୍ଷ ମଧ୍ୟରେ ତେଲରୁ ଆଦାୟ ହୋଇଥିବା ପ୍ରାୟ ୨୩ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଶୁଳ୍କ ଓ ସେସ୍‌ର ଏହା ମାତ୍ର ୩.୨%।

କରୋନା କାଳରେ ଦେଶର ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତି ଖରାପ ହୋଇଥିବା ବେଳେ କର୍ପୋରେଟ୍‌ମାନେ ବିପୁଳ ମୁନାଫା କମାଇଛନ୍ତି। ବିଶ୍ୱର ଉନ୍ନତ ଦେଶରେ ସରକାରମାନେ ରାଜକୋଷକୁ ବୃଦ୍ଧି କରିବା ପାଇଁ କର୍ପୋରେଟ୍‌ମାନଙ୍କ ଉପରେ ଟିକସର ହାରକୁ ବଢ଼ାଇବା ଦେଖାଯାଇଛି। କିନ୍ତୁ ଆମ ଦେଶରେ ତା'ର ବିପରୀତ ମୋଦି ସରକାର ରାଜକୋଷକୁ ଭରିବା ପାଇଁ କର୍ପୋରେଟଙ୍କ ବଦଳରେ ସାଧାରଣ ଜନତାଙ୍କ ଉପରେ ହିଁ ଟିକସର ବୋଝକୁ ଲଦିଛନ୍ତି। ସେସବୁ ଦେଶ ପରି ଆମ ଦେଶରେ କର୍ପୋରେଟ୍‌ଙ୍କ ଉପରେ ସମ୍ପତ୍ତି କର, ଉତ୍ତରାଧିକାର କର ପରି ପ୍ରତ୍ୟକ୍ଷ ଟିକସକୁ ଲାଗୁ କରିବା ଦୂରର କଥା, ପୂର୍ବରୁ ରହିଥିବା କର୍ପୋରେଟ୍ ଟିକସକୁ ବି ହ୍ରାସ କରାଯାଇଛି। ୨୦୦୮ରେ ଏହି ଟିକସର ପରିମାଣ ୧୨.୧% ଥିବା ବେଳେ ବର୍ତ୍ତମାନ ସରକାର ତାକୁ ୧୦.୨%କୁ ହ୍ରାସ କରିଛନ୍ତି ; ଯାହା ଫଳରେ ଦେଶର ରାଜକୋଷକୁ ବାର୍ଷିକ ୧,୪୦,୦୦୦କୋଟିର କ୍ଷତି ହୋଇଛି। ଏଭଳି ପରିସ୍ଥିତିରେ ସରକାର ପେଟ୍ରୋଲ ଡିଜେଲ ଉପରେ ଟିକସ ଓ ସେସ୍‌କୁ ବଢ଼ାଇ ସାଧାରଣ ଜନତାଙ୍କୁ ଲୁଟୁଥିବା ବେଳେ ତେଲ କମ୍ପାନୀଗୁଡ଼ିକ ବିଶ୍ୱବଜାରରେ ଦରହ୍ରାସର ଲାଭ ସାଧାରଣ ଜନତାଙ୍କୁ ନ ଦେବା ଗ୍ରହଣୀୟ ନୁହେଁ।

ମୋ: ୯୪୩୭୧୬୬୩୯୧

# ସୁଧୁରୁଥିବା ସମାଜ



ଡ. ବାସନ୍ତୀ ମହାନ୍ତି

ପ୍ରତ୍ୟେକ ବିପର୍ଯ୍ୟୟ ଆମ ପାଇଁ ଗୋଟିଏ ଗୋଟିଏ ବାର୍ତ୍ତା ନେଇ ଆସିଥାଏ। ଏ ସର୍ବଗ୍ରାସୀ କରୋନା କବଳିତ ପୃଥିବୀରୁ ସବୁ ନକାରାତ୍ମକ ଦିଗ ସତ୍ତ୍ୱେ କେତେକ ସକାରାତ୍ମକ ଦିଗ ଖୋଜି ବସିଲେ ଅବଶ୍ୟ ଆମକୁ ନିରାଶ ହେବାପାଇଁ ପଡ଼ିବ ନାହିଁ। ଟିକେ ସୂକ୍ଷ୍ମ ଦୃଷ୍ଟିରେ ଆମେ ଏହି ବିଶ୍ୱ ମହାମାରୀର ପୂର୍ବବର୍ତ୍ତୀ ବିଶ୍ୱକୁ, ଆମ ଦେଶକୁ, ଆମ ସହରକୁ, ଆମ ଗାଁକୁ ଏପରି କି ଆମ ପରିବାରକୁ ଓ ନିଜକୁ ଆମେ ଏବେ ଯେମିତି ଦେଖୁଛୁ ସେମିତି ନ ଥିଲା। ଆମ ସ୍ମରଣ ଶକ୍ତି ଉପରେ ଯଦି ଏତେ ଟିକେ ଭରସା କରାଯାଏ ତେବେ ଦେଖିବା ରାଷ୍ଟ୍ର ରାଷ୍ଟ୍ର ଭିତରେ ସମ୍ପର୍କ ଏପରି ଏକ ସ୍ତରକୁ ଖସି ଆସିଥିଲା, ଯେଉଁଠାରେ ପ୍ରତି ମୁହୂର୍ତ୍ତରେ ତୃତୀୟ ବିଶ୍ୱ ମହାଯୁଦ୍ଧର ଭୟ ଉପୁଜୁଥିଲା। ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜର ଅହମିକାକୁ ଜାବୁଡ଼ି ଧରି ବସିଥିଲେ। କୋଉଠି ସୀମା ସମସ୍ୟା ତ ଆଉ କୋଉଠି ନୀତିଗତ ସମସ୍ୟା। ଆର୍ଥିକ ଓ ବାଣିଜ୍ୟିକ ଚୁକ୍ତିନାମାରେ ମତଭେଦ। ଦେଶ ଭିତରେ ଧର୍ମ ଓ ରାଜନୀତି, ସାଂପ୍ରଦାୟିକ ଦଙ୍ଗା, ଜାତିବାଦ, ଅର୍ଥ ତୋସରପାତ, ବଡ଼ବଡ଼ ଦୁର୍ନୀତି ମାମଲା, ଦାରିଦ୍ର୍ୟ ମାରଣ ଓ ଧନିକ ପୋଷଣ ଆଦି ନାନାବିଧ ଜନହିତ ବିରୋଧୀ କାର୍ଯ୍ୟକଳାପ ଭିତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବାହ୍ୟ ଆକ୍ରମଣର ଆଶଙ୍କା ଯେମିତି ଆମକୁ ଅନିଶ୍ଚିତତା ଭିତରକୁ ଠେଲି ନେଇଥିଲା। ବ୍ୟକ୍ତିଗତ ସ୍ୱାଧୀନତା ବିପନ୍ନ ହେଉଥିଲା। ସ୍ୱାଧୀନ ଭାବରେ କିଛି କହିବାର କିମ୍ବା ଲେଖିବାର ଅଧିକାର ଛିନ୍ନ ହେବାକୁ ଯାଉଥିଲା। ଏହିପରି ଅନେକ ସମସ୍ୟାରେ ପୃଥିବୀ ଶ୍ୱାସରୁଦ୍ଧ ହୋଇ ପଡୁଥିବା ବେଳେ କୋଭିଡ୍ ତା'ର କରାଳ ଛାୟାରେ ମାନବ ସଭ୍ୟତାକୁ ଗ୍ରାସ କରିବା ପାଇଁ ସତର୍କ ଘଣ୍ଟି ଦେଇଥିଲା। କରୋନାର ପ୍ରଥମ ଓ ଦ୍ୱିତୀୟ ଲହରକୁ ଭୋଗି ସାରିବା ପରେ ଆମେ ସମସ୍ତେ ଉପଲବ୍ଧି କରୁଛୁ ଯେ କରୋନା ଏକ ବିଶ୍ୱ ସମସ୍ୟା। ଆମର କୁହୁଳୁଥିବା ଅନେକ ଛୋଟ ବଡ଼ ସମସ୍ୟା ଏଇ ବିଶ୍ୱ ସମସ୍ୟା ଭିତରେ ବିଲୀନ ହୋଇଗଲା। ଆମର ଗର୍ବ, ଦମ୍ଭ, ଅସୂୟା, ଅହଂକାର ଆପେ ଆପେ ଅନେକାଂଶରେ ଦୂରୀଭୂତ ହୋଇଗଲା। ସମଗ୍ର ବିଶ୍ୱ କରୋନା ବିପକ୍ଷରେ ଏକଜୁଟ୍ ହୋଇଗଲେ। ଜୀବନର କ୍ଷଣ ଭଙ୍ଗୁରତା ମର୍ମେ ମର୍ମେ ଅନୁଭବ କଲୁ। ଦୁଃଖୀ ଦରିଦ୍ର ଅନାହାର ପୀଡ଼ିତଙ୍କ ପାଇଁ ସହାୟତାର ହାତ ବଢ଼ାଇଲୁ। କେବଳ ମଣିଷ ପାଇଁ ରନ୍ଧା ଖାଦ୍ୟ ନୁହେଁ, ପଶୁମାନଙ୍କ ପାଇଁ ମଧ୍ୟ ଆମେ ଖାଦ୍ୟ, ପାଣି ବ୍ୟବସ୍ଥା କଲୁ।

ସମଗ୍ର ଦେଶରେ ଆପରାଧିକ କାର୍ଯ୍ୟମାନ ଆଶାତୀତ ହ୍ରାସ ପାଇଛି। କରୋନାର ପ୍ରଥମ ପାଳି ପରେ ତଥାପି ଯେଉଁମାନେ ମଦମତ୍ତ ହୋଇ ଗର୍ବ ଅହଂକାର ଛାଡ଼ିପାରି ନ ଥିଲେ, ଦ୍ୱିତୀୟ ପାଳି ସେମାନଙ୍କୁ ଆହୁରି ସଚେତନ କରିଛି। ଅର୍ଥ ପ୍ରତିପତ୍ତି ପ୍ରସିଦ୍ଧି ଥାଇ ସୁଦ୍ଧା ଏହି ଅଦୃଶ୍ୟ ଭୂତାଣୁ ସହ ସେମାନେ ମୁକାବିଲା କରି ନ ପାରି ହାରିଗଲେ। ଜୀବନର କ୍ଷଣ ଭଙ୍ଗୁରତା ସମ୍ପର୍କରେ କରୋନା ଆମମାନଙ୍କୁ ଯେଉଁପରି ଭାବରେ ହୃଦ୍‌ବୋଧ କରାଇ ଦେଲା ଏ ଶତାବ୍ଦୀ ଭିତରେ କୌଣସି ଘଟଣା କିମ୍ବା ଚରିତ୍ର ଆମକୁ ଶିଖାଇ ପାରି ନ ଥିଲା।

ଅବଶ୍ୟ କିଛି ସମୟ ବ୍ୟବଧାନରେ ପ୍ରକୃତି ଦାଉ ସାଧି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଉପରେ ଅଙ୍କୁଶ ଲଗାଇଥାଏ। ମଣିଷ ବୈଜ୍ଞାନିକ କୌଶଳ ଅବଲମ୍ବନ କରି ଏହି ଲୋକ କ୍ଷୟକୃତ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିପାରିଥିଲା। କିନ୍ତୁ କରୋନା ଯେଉଁପରି ଅଣଆୟତ୍ତ ହୋଇପଡିଲା, ଏମିତି କୋଉ କାଳେ ହୋଇ ନ ଥିଲା। ସ୍ୱାମୀ ବିବେକାନନ୍ଦଙ୍କ ପରି ମହାମନୀଷୀମାନେ ମଧ୍ୟ ପ୍ରକୃତିର ଏହି ସନ୍ତୁଳନ ପ୍ରକ୍ରିୟାକୁ ସ୍ୱୀକାର କରିଛନ୍ତି। କିନ୍ତୁ ଦୁଃଖ ଏତିକି ଯେ ପ୍ରକୃତିର ଏହି ଗଠନମୂଳକ କାର୍ଯ୍ୟବେଳେ ଅନେକ ନିରୀହ ନିର୍ଦ୍ଦୋଷମାନଙ୍କୁ ପ୍ରାଣବଳି ଦେବାକୁ ହୋଇଥାଏ। ଠିକ୍ ଯେମିତି ଆମେ କୌଣସି ସଂସ୍କାରମୂଳକ କାର୍ଯ୍ୟ କଲାବେଳେ ଅନେକ ନିରୀହଙ୍କୁ ବିସ୍ଥାପିତ କରିବାକୁ ବାଧ୍ୟ ହେଉ। ଏହାକୁ ମଧ୍ୟ ପ୍ରକୃତିର ସ୍ୱାଭାବିକ ପ୍ରକ୍ରିୟା ବୋଲି ଗ୍ରହଣ କରିବାକୁ ହେବ, କିଛି ସଜାଡ଼ିବାକୁ ହେଲେ କିଛି ବିଗାଡ଼ିବାକୁ ହୁଏ। ଧରି ନିଆଯାଉ ସୃଷ୍ଟିରୁ କିଛି ଦୁରାତ୍ମାଙ୍କୁ ଅନ୍ତ କରିବାକୁ ଯାଇ କିଛି ମହାତ୍ମାମାନଙ୍କୁ ପ୍ରାଣବଳି ଦେବା ପାଇଁ ହେଲା। ବାସୁକୀ କଡ଼ ଲେଉଟାଇଲେ ଭୂମିକମ୍ପ ହୁଏ ବୋଲି ଆମର ବିଶ୍ୱାସ। ଯଦିଓ ଭୂମିକମ୍ପର କାରଣ ସମୂହ ଆମକୁ ବିଜ୍ଞାନ ଦେଇ ସାରିଲାଣି, ତଥାପି କେତେକ ମିଥ୍ୟା ଚେତନା ଆମ ଭିତରେ ବଳବତ୍ତର ରହିଛି ; ଯାହା ଭୂମିକମ୍ପର ଭୟାବହତାକୁ ସ୍ୱୀକାର କରିବାପାଇଁ ଆମକୁ ଏମିତି କିଛି ଆଳର ଆଶ୍ରୟ ନେବାକୁ ହୁଏ। ଏବେ କରୋନା ଆମର ଯଥେଷ୍ଟ ଧନଜୀବନ ନଷ୍ଟ କରିସାରିଲାଣି। ସେହି କ୍ଷୟକ୍ଷତିକୁ ସ୍ମରଣ କରି ଆଗକୁ ଆମର ବି ମୃତ୍ୟୁ ଅବଶ୍ୟମ୍ଭାବୀ ବୋଲି ମଶାଣିରେ ବାସ କଲେ ହେବ ନାହିଁ। ଆମକୁ ଏହି ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ହେବ। ସେଥିପାଇଁ କିଛି ଆତ୍ମପକ୍ଷ ସମର୍ଥନ କରିବା ତ ଆଉ କିଛି କରୋନାର ସକାରାତ୍ମକ ପକ୍ଷ। ଏସବୁ ଆମକୁ ସାହସ ଦେବ। ଆତ୍ମବିଶ୍ୱାସ ଭରିଦେବ ।

ମାନବ ସଭ୍ୟତା କେବେହେଲେ ଧ୍ୱଂସ ହେବ ନାହିଁ। ଈଶ୍ୱର ଏତେ ନିଷ୍ଠୁର ନୁହନ୍ତି। ସେ ତାଙ୍କର ବିଗିଡ଼ି ଯାଉଥିବା ସୃଷ୍ଟିକୁ କେମିତି ସଜାଡ଼ିବେ ସେ ଜାଣନ୍ତି। ସେଇ ସଜାଡ଼ିବା ଅବସରରେ କିଛି ଭାଙ୍ଗିତୁଟି ଯିବା କିଛି ନୂଆ ସୃଷ୍ଟି ହେବା ସ୍ୱାଭାବିକ କଥା। ଈଶ୍ୱରଙ୍କର ଉଦ୍ଦେଶ୍ୟ ହୃଦୟଙ୍ଗମ କରିବାପରି ଶକ୍ତି ଆମମାନଙ୍କର ନାହିଁ। ଆମକୁ ତାଙ୍କ ଇଚ୍ଛାକୁ ସ୍ୱୀକାର କରିବାକୁ ହେବ। ବାହ୍ୟ କଠୋରତା ଅନ୍ତରାଳରେ ଯେଉଁ କଲ୍ୟାଣକାରୀ ପ୍ରକ୍ରିୟା ସଙ୍ଗଠିତ ହେଉଛି ତାକୁ ଆମେ ଉପଲବ୍ଧି କରିବା। ସାମାନ୍ୟ ତମ ଅବବୋଧ ପ୍ରୟୋଗ କଲେ ଆମେ ବୁଝିପାରିବା ଆଖିରେ ଦେଖି ହେଉ ନ ଥିବା ସାମାନ୍ୟ ଭୂତାଣୁଟିଏ ବିଭିନ୍ନ ସମୟରେ ବିଭିନ୍ନ ରୂପ ବଦଳେଇ ମଣିଷକୁ ନାକେଦମ୍ କରିସାରିଲାଣି। ତାରି ବିରୋଧରେ ଲଢ଼ିବା ପାଇଁ ବିଶ୍ୱ ଯେପରି ଏକ ହୋଇଯାଇଛି, କିଏ କାହାକୁ କେତେ ପ୍ରକାରର ସାହାଯ୍ୟ ସହଯୋଗର ହାତ ବଢ଼େଇ ଦେଉଛି। ପୂର୍ବର ସବୁ ବିଦ୍ୱେଷ ବିତୃଷ୍ଣା ଭୁଲି ଏକ ସ୍ୱରରେ ସ୍ୱର ଉତ୍ତୋଳନ କରୁଛି, ତାହା ମାନବ ସମାଜ ପାଇଁ ଐଶ୍ୱରିକ ଆଶୀର୍ବାଦ ନୁହେଁ ତ ଆଉ କ'ଣ ?

ମୋ: ୯୪୩୭୦୩୩୦୭୪

## ଏଇ ଭାରତରେ

ନିଜସ୍ୱ ଉଦ୍ୟମରେ ୨,୦୦୦ କୃଷକଙ୍କୁ ଜୈବିକ କୃଷି ପ୍ରତି ଆକୃଷ୍ଟ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ମଧ୍ୟପ୍ରଦେଶର ଚାଷୀ ତାରାଚାନ୍ଦ ବେଲ୍‌ଜି। ସେ ରହନ୍ତି କନାଇ ଗାଁରେ। ୬ ଏକର ଜମିରେ ସେ ଜୈବିକ ଚାଷ କରିବା ସହ ମଧ୍ୟପ୍ରଦେଶର ସାନାଇ ଅଞ୍ଚଳର ଅନେକ ଗାଁ ଓ ଉତ୍ତରପ୍ରଦେଶର କେତେକ ଗାଁରେ ଜୈବିକ ଚାଷକୁ ପ୍ରତ୍ୟକ୍ଷ ଭାବେ ଉତ୍ସାହିତ କରୁଛନ୍ତି। ଏହା ବାଦ୍ ସେ 'ପ୍ରକୃତି କ୍ଷେତି ଶୋଧ ସଂସ୍ଥାନ' ଗଠନ କରି ତା'ମାଧ୍ୟମରେ ୧୯ଟି ରାଜ୍ୟର କୃଷକମାନଙ୍କୁ ଜୈବିକ ଚାଷରେ ଯୋଡ଼ିବାରେ ଲାଗିଛନ୍ତି। କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ସେ ଚାଷ କ୍ଷେତ୍ରରେ ବହୁ ଅଭିନବ ପଦ୍ଧତି ସାମ୍ନାକୁ ଆଣିଛନ୍ତି, ଯାହାକୁ ଉପଯୋଗ କରି ଚାଷୀମାନେ ଉପକୃତ ହେଉଛନ୍ତି। ସେ ତାଙ୍କ ୟୁଟ୍ୟୁବ ଚାନେଲ ମାଧ୍ୟମରେ କୃଷକମାନଙ୍କ ଚାଷ ସମ୍ପର୍କିତ ସନ୍ଦେହ ଦୂର କରୁଛନ୍ତି। ତାରାଚାନ୍ଦ ୭୧ ପ୍ରକାର ଜୈବିକ ଜିନିଷ ଯୋଗାଡ଼ କରି ତାହାକୁ ଗୋବର ସହ ମିଶାଇ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ରାସାୟନିକ ସାରରୁ ଦୂରେଇ ଯାଇ ଏବେ ଚାଷୀମାନେ ତାରାଚାନ୍ଦଙ୍କ ପଦ୍ଧତିରେ ଚାଷ କରି ୩୦% ଅଧିକ ଲାଭ ପାଇପାରୁଛନ୍ତି। ଜୈବିକ କୃଷକଙ୍କ ସଂଖ୍ୟା ୨୦୦୦ ଛୁଇଁବା ପରେ ସେ ୨୦୧୯ରେ ଏକ କୃଷକ ଉତ୍ପାଦନ ସଂଘ ଗଠନ କରି ତା' ମାଧରେ ଦେଢ ବର୍ଷ ମଧ୍ୟରେ ୪୦ ଲକ୍ଷ ଟଙ୍କା କାରବାର କରିସାରିଲେଣି।

## ଚିରନ୍ତନୀ

''ନିଭିନାହିଁ ହତାଶାର
ତପତ ବତାସ ଲାଗି ତହିଁ
''ଦୀନତାର ଅଶ୍ରୁ କେତେ
ଅବିରାମ ପଡିଅଛି ବହି! -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୯୬

- ପାକିସ୍ତାନରେ ଲଗାଣ ବର୍ଷା ଯୋଗୁ ସମୁଦାୟ ଲାହୋର ନଗରୀ ବନ୍ୟାପ୍ଲାବିତ ହୋଇ ୩୦ ଜଣ ଲୋକଙ୍କ ପ୍ରାଣହାନୀ।
- କ୍ରୋଏସିଆ ଓ ସର୍ବିୟା ଅଧ୍ୟୁଷିତ ଯୁଗୋସ୍ଲାଭିଆ ମଧ୍ୟରେ ଲାଗିରହିଥିବା ଯୁଦ୍ଧର ଅବସାନ ପାଇଁ ଏକ ପାରସ୍ପରିକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।
- ଜାମ୍ମୁରେ ଅତ୍ୟଧିକ ଥଣ୍ଡା, ତୁଷାରପାତ ଯୋଗୁ ୧୨୦ ଅମରନାଥ ଯାତ୍ରୀଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 4 | 3 | | 9 | | |
| | | | | 9 | | | | |
| | | | 2 | | | | 8 | |
| | | | | | | | 4 | |
| 8 | 4 | 6 | | | 3 | | | |
| 3 | 2 | | | | | | 5 | |
| | | | | | 8 | | | 4 |
| | | 3 | | | 5 | | | 1 |
| 1 | 7 | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 8 | 7 | 1 | 9 | 2 | 3 |
| 2 | 3 | 7 | 9 | 6 | 5 | 4 | 1 | 8 |
| 8 | 1 | 9 | 4 | 2 | 3 | 7 | 5 | 6 |
| 7 | 4 | 2 | 5 | 1 | 6 | 8 | 3 | 9 |
| 9 | 5 | 3 | 7 | 4 | 8 | 1 | 6 | 2 |
| 6 | 8 | 1 | 3 | 9 | 2 | 5 | 4 | 7 |
| 1 | 9 | 6 | 2 | 8 | 4 | 3 | 7 | 5 |
| 5 | 7 | 4 | 6 | 3 | 9 | 2 | 8 | 1 |
| 3 | 2 | 8 | 1 | 5 | 7 | 6 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାହିତ୍ୟ ଏକାଡେମୀର ତ୍ରୁଟିଯୁକ୍ତ ବ୍ୟବସ୍ଥା

ମହାଶୟ,

ଓଡ଼ିଶା ସାହିତ୍ୟ ଏକାଡେମୀର ଦୁଇଟି ତ୍ରୁଟିଯୁକ୍ତ ବ୍ୟବସ୍ଥା ଉପରେ ମୋର କହିବାର କଥା ଯେ, ଏକାଡେମୀ ପ୍ରଶାସନର ବିଭିନ୍ନ ସମିତି ଉପସମିତିକୁ ମନୋନୀତ, ନିର୍ବାଚିତ ହେଉଥିବା ସଦସ୍ୟ/ସଦସ୍ୟାଙ୍କୁ ପୁରସ୍କାର ଦିଆ ନ ଯିବା ଉଚିତ। ଏହାଦ୍ୱାରା ଚୟନ ପ୍ରକ୍ରିୟା ପ୍ରଭାବିତ ହେଉଥିବା ସ୍ପଷ୍ଟ ଅନୁମେୟ। ଦ୍ୱିତୀୟ ପ୍ରସ୍ତାବଟି ହେଲା ସାହିତ୍ୟ ଏକାଡେମୀ ଅର୍ଥରେ ଛପା ଯାଉଥିବା ପୁସ୍ତକକୁ ପୁରସ୍କାର ପର୍ଯ୍ୟାୟକୁ ନିଆ ନ ଯାଉ। କାରଣ ପୁସ୍ତକ ପାଇଁ ସଂଚାଳକ ଭାବେ ଥିବା ଲେଖକ/ଲେଖିକା ପାଉଣାପ୍ରାପ୍ତ। ଏହି ଦୃଷ୍ଟିରୁ ପୁସ୍ତକଟି ଏକାଡେମୀର। ତେଣୁ ସେ ବହିଗୁଡ଼ିକୁ କାହିଁକି ପୁରସ୍କାର ଦେବ। ତୃତୀୟ ପ୍ରସ୍ତାବ, ଅତିବଡୀ ପରି ଅନ୍ୟ ପୁରସ୍କାର ବିଜେତାଙ୍କ ବକ୍ତବ୍ୟଗୁଡ଼ିକୁ ଏକାଡେମୀ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କଲେ ଖୁବ୍ ଭଲ ହୁଅନ୍ତା।

-ପ୍ରଦୀପ ନାୟକ, ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା

### ସାବରମତିର ସୁରକ୍ଷା ଲୋଡ଼ା

ଭାରତ ସରକାରଙ୍କ ପ୍ରୋତ୍ସାହନରେ ଗୁଜରାଟ ସରକାର ସାବରମତି ଆଶ୍ରମକୁ ଭାଙ୍ଗି ତା'ର ପୁନଃବିକାଶ ଯୋଜନା କରିଛନ୍ତି। ଏହା କେବେ ବି ଗ୍ରହଣୀୟ ନୁହେଁ। ବର୍ତ୍ତମାନ ସାବରମତି ଆଶ୍ରମ ବିଶ୍ୱସ୍ତରୀୟ ସ୍ମାରକୀଠାରୁ ମଧ୍ୟ ବହୁ ଉଚ୍ଚରେ ରହିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣ ବିରୋଧ କରିବା ଉଚିତ। ସାବରମତି ଆଶ୍ରମକୁ ଭାଙ୍ଗି ବିଶ୍ୱସ୍ତରୀୟ ସ୍ମାରକୀ କରିବା ନିଷ୍ପତ୍ତି ବିରୋଧରେ ଜନଜାଗରଣ ସୃଷ୍ଟି କରାଯାଉ।

-ନୀଳମୋହନ ତ୍ରିପାଠୀ, କପିଳପ୍ରସାଦ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୟ ଗୋଡ଼ାଉଛି

**ଓଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ**

- ଇ-ଡେସ୍‌ପାଚ୍ ବ୍ୟବସ୍ଥା ବନ୍ଦ
- ୨୦୨୦ ଏପ୍ରିଲ ୧୭ରୁ ଗୋଟିଏ ବି ପତ୍ର ପଡ଼ିନାହିଁ
- ଦେଶରେ ପ୍ରଥମ ହେବା ନେଇ ପ୍ରଶ୍ନବାଚୀ

ଯାଜପୁର ଅଫିସ,୨୪।୮

ମନ୍ଦିର ଗଢିଲେ ନାଁ, ଭାଙ୍ଗିଲେ ବି ନାଁ। ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଏଭଳି ନୀତିରେ ଚାଲିଛି। ନିକଟରେ ସୂଚନା ପ୍ରଦାନ ଏବଂ ସ୍ୱଚ୍ଛତା ପାଇଁ ଓଏସ୍‌ପିସିବି ୧ ନମ୍ବର ସ୍ଥାନ ହାସଲ କରିବା ପରେ ଏଭଳି ଚର୍ଚ୍ଚା ହେଉଛି। ବିଶେଷକରି ଓଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାୟାଳୟ ଖଣି, ଶିଳ୍ପ କମ୍ପାନୀର ବେଆଇନ କାର୍ଯ୍ୟରେ ସହଯୋଗୀ ହୋଇଛି। ଗତ ନଭେମ୍ବର ୧୩ରେ ଫାକର ଓସ୍ତପାଳ ଖଣିର ସନିୟର ମ୍ୟାନେଜର ଏ.କେ. ପାତ୍ର ବେଦାନ୍ତର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର(ସିଇଓ)ଙ୍କୁ ଇ-ମେଲରେ ଦେଇଥିବା ପତ୍ରରୁ ଏହା ସ୍ପଷ୍ଟ ହୋଇସାରିଛି। ଏହାବାଦ୍ ନିଜ ଅପାରଗତା, ଚଞ୍ଚକତା ଓ ଦୁର୍ନୀତି ଧରାପଡିଯିବା ଭୟରେ ଓଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଇ-ଡେସ୍‌ପାଚ୍ ବ୍ୟବସ୍ଥାଠାରୁ ଦୂରେଇ ଯାଇଛି। ଇ-ଡେସ୍‌ପାଚ୍‌ରେ ଗତ ୨୦୨୦ ଏପ୍ରିଲ ୧୭ ରୁ ମଙ୍ଗଳବାର(୨୪।୮।୨୦୨୧) ପର୍ଯ୍ୟନ୍ତ ରିସିଭ କଲମରେ ଗୋଟିଏ ବି ପତ୍ର ପଡ଼ିନାହିଁ ଏବଂ ଡେସ୍‌ପାଚରେ ୧୬୮୩ ସଂଖ୍ୟା ଦିଶୁଥିବାବେଳେ ତାହା ଖୋଲିଲେ ନୋ ରେକର୍ଡ ଫାଉଣ୍ଡ ବୋଲି ଦର୍ଶାଉଛି। ଏହିକ୍ରମରେ ଏସ୍‌ପିସିବି କିପରି ସୂଚନା ପ୍ରଦାନ ଓ ସ୍ୱଚ୍ଛତାରେ ଦେଶରେ ୧ ନମ୍ବର ସ୍ଥାନ ଅଧିକାର କରିଛି ତାହା ପରିବେଶବିତ୍‌ଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉପଯୁକ୍ତ ପ୍ରଦୂଷଣ ନିୟନ୍ତ୍ରଣ ଅଭାବରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୧୦ ବର୍ଷ ମଧ୍ୟରେ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବାୟୁ, ଜଳ ଓ ଧୂଳିଧୂଆଁ ପ୍ରଦୂଷଣ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କେବଳ ଯଖପୁରା ଓ ରାବଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି। ସୁକିନ୍ଦା ଖଣି ଉପତ୍ୟକା ଏବଂ ଅନ୍ୟାନ୍ୟ ଡାକ୍ତରଖାନା ଅଞ୍ଚଳର ରିପୋର୍ଟକୁ ଅନୁଧ୍ୟାନ କଲେ ଆକ୍ରାନ୍ତ ସଂଖ୍ୟା ୨ ଲକ୍ଷ ଟପିବ ବୋଲି ଅନୁମାନ କରାଯାଉଛି। ଓଏସ୍‌ପିସିବି ପ୍ରଦୂଷଣ ନିୟନ୍ତ୍ରଣକୁ ଖେଳଘର ଭାବେ ଗ୍ରହଣ କରିଛି ବୋଲି ସ୍ଥାନୀୟ ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଓଏସ୍‌ପିସିବି ସହ ଶିଳ୍ପ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବଡଧରଣର ବ୍ୟକ୍ତିଗତ ଚୁକ୍ତି ହୋଇଥିବା ନିକଟରେ ପ୍ରଘଟିତ ବେଦାନ୍ତର ଆଭ୍ୟନ୍ତରଣୀୟ ଇ-ମେଲରୁ ବୁଝାପଡୁଛି। ବେଦାନ୍ତ ଦ୍ୱାରା ପରିଚାଳିତ ଫାକର ଓସ୍ତପାଳ ଖଣି ଗର୍ଭରୁ ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ)ବାହାରେ ଗତ ନଭେମ୍ବର ମାସରେ ପ୍ରାୟ ୧୫ ଲକ୍ଷ କ୍ୟୁସେକ ବର୍ଜ୍ୟଜଳ ଡମଶାଳା ନାଳରେ ଛାଡିଥିବା ବିଭାଗୀୟ ହ୍ୱାଟ୍‌ସଆପ୍ ଚାର୍ଟରେ ହୋଇଥିବା ଆଲୋଚନାରେ ଜଣାପଡିଛି। ଏହିକ୍ରମରେ ସୁକିନ୍ଦା ଖଣି ଅଞ୍ଚଳରେ ପ୍ରଦୂଷଣ ସମସ୍ୟା ଆହୁରି ଉତ୍କଟ ହୋଇଛି। ଅଞ୍ଚଳବାସୀଙ୍କୁ ବିପଦରେ ପକାଇ ଶିଳ୍ପର ବିକାଶକୁ ସତେ ଯେପରି ଓଏସ୍‌ପିସିବି ଗୁରୁତ୍ୱ ଦେଇଛି। କୌଣସି ଜନପ୍ରତିନିଧି ଓଏସ୍‌ପିସିବି ବିରୋଧରେ ମୁହଁ ଖୋଲିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଫଳରେ ଓଏସ୍‌ପିସିବିର ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ବିଭିନ୍ନ ଧାରାଗୁଡିକୁ ଉଲ୍ଲଂଘନ କରୁଥିବା ଶିଳ୍ପ, ଖଣି କର୍ତ୍ତୃପକ୍ଷ କାହାକୁ ମାନୁ ନାହାନ୍ତି। ଓଏସ୍‌ପିସିବି ନିଜର ପାରିବାପଣିଆ ଦେଖାଇବାକୁ କେବଳ କାରଣ ଦର୍ଶାଅ ନୋଟିସରେ ସୀମିତ ରହିଛି।

ପ୍ରତ୍ୟେକ ବିଭାଗରେ ସୂଚନା ଓ ସ୍ୱଚ୍ଛତା ରକ୍ଷା କରିବାକୁ ଇ-ଡେସ୍‌ପାଚରେ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ କମ୍ପ୍ୟୁଟର ସଂସ୍ଥାଙ୍କୁ ନିୟୋଜିତ କରାଯାଇ ପ୍ରତିମାସରେ ବିପୁଳ ପରିମାଣର ଅର୍ଥ ଶ୍ରାଦ୍ଧ କରାଯାଉଛି। ହେଲେ ଖଣି ଓ ଶିଳ୍ପ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ, ପରିଦର୍ଶନ ରିପୋର୍ଟ, ପ୍ରଦୂଷଣର ମୁକାବିଲା, ଇଟିପି ନବୀକରଣ ଆଦି ସମ୍ପର୍କରେ ହେଉଥିବା ପତ୍ର ଆଦାନପ୍ରଦାନ ପୁରୁଣା ଢଙ୍ଗରେ ଗୋଟିଏ ଫାଇଲରୁ ଅନ୍ୟ ଫାଇଲକୁ ବୁଲୁଛି। ଇ-ଡେସ୍‌ପାଚରେ ସଂଖ୍ୟା ବୃଦ୍ଧି ହେଉଛି ସିନା ଦେଖିବାକୁ ମିଳୁନାହିଁ। ଏହିକ୍ରମରେ ୨୦୧୬ ରୁ ୨୦୨୧ ପର୍ଯ୍ୟନ୍ତ ତଥ୍ୟକୁ ବିଚାରକୁ ନେଇ ଓଏସ୍‌ପିସିବି ୬୭ ପ୍ରତିଶତ ନମ୍ବର ରଖି ୧ ନମ୍ବର ସ୍ଥାନ ହାସଲ କରିବା କଥାକୁ କେହି ଗ୍ରହଣ ପାରିନାହାନ୍ତି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତି ଅଶ୍ୱିନୀ କୁମାର ଧଳ କୁହନ୍ତି, ଓଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର ଇ-ଡେସ୍‌ପାଚ କାମ କରୁନାହିଁ। ଖଣି ଓ କାରଖାନାଗୁଡିକରେ ସ୍ଥାପିତ ଅନ୍‌ଲାଇନ ମନିଟରିଂ ସିଷ୍ଟମ ମଧ୍ୟ ବେଳେ ବେଳେ ଅଚଳ ରହୁଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏନ୍‌ସିଏପି(ନ୍ୟାଶନାଲ କ୍ଲିନ ଏୟାର ପ୍ରୋଗ୍ରାମ)ରିପୋର୍ଟରେ ମଧ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳ ବାୟୁ ପ୍ରଦୂଷଣରେ ସାରା ଭାରତବର୍ଷରେ ୮୨ ନମ୍ବର ସ୍ଥାନରେ ରହିଛି। ଡମଶାଳା ଓ ଗଣ୍ଡାନାଳରେ ଜଳ ପ୍ରଦୂଷଣ ଉତ୍କଟ ହୋଇଛି। ଏଭଳିସ୍ଥିତିରେ ସୂଚନା ପ୍ରଦାନ ଓ ସ୍ୱଚ୍ଛତାରେ ଏସ୍‌ପିସିବିକୁ ୧ ନମ୍ବର ସ୍ଥାନ ଦେବା ଗ୍ରହଣୀୟ ନୁହେଁ।

ଏ ସଂକ୍ରାନ୍ତରେ ଓଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଇ-ଡେସ୍‌ପାଚରେ ଚିଠିପତ୍ର ଦାଖଲ ହେଉଛି। ତେବେ ପବ୍ଲିକ ଡୋମେନରେ ତାହା ପ୍ରକାଶ ପାଉନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ପ୍ରେମ ବିବାହ କରିବାରୁ ଗାଁରୁ ବାସନ୍ଦ

- ଗାଁ ଦାଣ୍ଡରେ ଠେଙ୍ଗାରେ ପିଟିଲେ
- ଘର ଛାଡ଼ି ପଳାଇଲେ ଦମ୍ପତି

ଉଦଳା,୨୪।୮(ଡି.ଏନ.ଏ.)

ପ୍ରେମ ବିବାହ କରିବାରୁ ଦମ୍ପତିଙ୍କୁ କଙ୍ଗାରୁକୋର୍ଟରେ ମିଳିଛି ଦଣ୍ଡ। ସହିବାକୁ ପଡ଼ିଛି ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ତାଡ଼ନା। ପୂରା ପରିବାର ଗାଁରୁ ହୋଇଛନ୍ତି ବାସନ୍ଦ। ପ୍ରେମ ବିବାହ କରିଥିବା ମହିଳାଙ୍କୁ ଗାଁର ୧୦ଜଣ ବ୍ୟକ୍ତି ଦାଣ୍ଡରେ ଘୋଷାରି ଠେଙ୍ଗା ଓ ବାଡ଼ିରେ ପିଟିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୯୧/୨୧)ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ ଜୀବନ ରକ୍ଷା ଲାଗି ଗାଁ ଛାଡ଼ି ଚାଲିଯାଇଛନ୍ତି ଦମ୍ପତି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଉଦଳା ଥାନା ଅଞ୍ଚଳର ଜଣେ ମହିଳା ପୂର୍ବରୁ ବିବାହ କରିଥିଲେ। ୬ ମାସ ହେଲା ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଯିବା ପରେ ସେ ନିଜର ୬ ବର୍ଷର ଝିଅକୁ ଧରି ରହୁଛନ୍ତି। ଇତିମଧ୍ୟରେ ଉକ୍ତ ଗ୍ରାମସ୍ଥିତ ମାମୁ ଘରକୁ ଆସୁଥିବା ଜଣେ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ଉଭୟ ସ୍ଥାନୀୟ ନୋଟାରୀରେ ବିବାହ କରିଥିଲେ। ତେବେ ଏହି ଘଟଣା ଜଣାପଡ଼ିବା ପରେ ଗାଁରେ ସୃଷ୍ଟି ହୋଇଥିଲା ଅପ୍ରୀତିକର ପରିସ୍ଥିତି। ଯୁବକଙ୍କ ବଡ଼ବାପା, ପରିବାର ଲୋକେ ଏବଂ ଗ୍ରାମବାସୀଙ୍କୁ ନେଇ ବସିଥିଲା କଙ୍ଗାରୁ କୋର୍ଟ। ବିବାହିତ ଯୁବକ ଏବଂ ମହିଳା ଦୂର ସମ୍ପର୍କୀୟ ହୋଇଥିବାରୁ ସମସ୍ତେ ଉକ୍ତ ବିବାହକୁ ବିରୋଧ କରିଥିଲେ। ଉଭୟଙ୍କ ଜାତି ଅଲଗା ହୋଇଥିବା ଏବଂ ମହିଳା ଜଣକ ପୂର୍ବରୁ ବିବାହ କରିଥିବାରୁ କଙ୍ଗାରୁକୋର୍ଟରେ ଦଣ୍ଡ ଘୋଷଣା କରାଯାଇଥିଲା। ଦମ୍ପତିଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିଲା। ରାତିକ ଭିତରେ ଉଭୟ ଗ୍ରାମ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ସେତିକି ନୁହେଁ ଯଦି ଉଭୟ ଗାଁ ଛାଡ଼ି ନ ଯାଆନ୍ତି ତେବେ ମହିଳାଙ୍କ ବାପ ଘର ସାମ୍ନାରେ କଣ୍ଟାବାଡ଼ ବସାଇବା ସହିତ ସେମାନଙ୍କୁ ଜୀବନରୁ ମାରିଦେବାର ଧମକ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ତେବେ ଭୟରେ ଏହି ଦମ୍ପତି ଗାଁ ଛାଡ଼ି ପଳାଇ ଆସି ଉଦଳା ଥାନାରେ ଅଭିଯୋଗ କରିଥିବା ବେଳେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ବାଘଛାଲ, ନଖ ଜବତ: ଜଣେ ଅଟକ

ଗୋଲାମୁଣ୍ଡା,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଉତ୍ତର ବନଖଣ୍ଡ କେଗାଁ ରେଞ୍ଜ ପକ୍ଷରୁ ମଙ୍ଗଳବାର ଟିଙ୍ଗିପଦର ଗ୍ରାମରେ ଚଢ଼ାଉ କରାଯାଇ ବାଘଛାଲ ଓ ନଖ ଜବତ କରାଯାଇଛି। ଏହି ଘଟଣାରେ ବନ ବିଭାଗ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର କେଗାଁ ରେଞ୍ଜ ଅଧୀନ ଟିଙ୍ଗିପଦର ଗ୍ରାମରେ ବାଘଛାଲ ବିକ୍ରି ହେଉଥିବା ଖବର ପାଇ ରେଞ୍ଜର କେଶବ ମାଝି ସଦଳବଳ ଚଢ଼ାଉ କରିଥିଲେ। ସେଠାରୁ ବାଘଛାଲ ସହିତ ଜଣେ ବ୍ୟକ୍ତିଙ୍କୁ ଧରିଥିଲେ। ବାଘଛାଲ ବିକ୍ରି କରୁଥିବା ବ୍ୟକ୍ତି ଜଣକ ଝାଡ଼ଖଣ୍ଡ ରାଜ୍ୟ କାନ୍ଦ୍ରା ଗ୍ରାମର କ୍ରିଷ୍ଣା କାନ୍ଦିର। ସମ୍ପୃକ୍ତ ବ୍ୟକ୍ତି ଜଣକ ଦୀର୍ଘ ବର୍ଷ ହେଲା ବଲାଙ୍ଗୀର ଜିଲା ପାଟଣାଗଡ଼ ଅଧୀନ ବରମପୁରା ଗ୍ରାମରେ ବିବାହ କରିଥିବା ବେଳେ ଗାଁ ଗାଁ ବୁଲି ଫେରିବାଲା କାମ କରିଥାନ୍ତି। ବର୍ତ୍ତମାନ ସେ ପରିବାର ସହିତ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଦଶପୁର ହାଇସ୍କୁଲ ପଡ଼ିଆରେ ରହି ସ୍ଥାନୀୟ ଅଞ୍ଚଳରେ ବୁଲି ଫେରିବାଲା କାମ କରୁଛନ୍ତି। ବାଘଛାଲ ତାଙ୍କ ଶାଶୁ ଦେଇଥିବାରୁ ସେ ଏହି ବିଷୟରେ କିଛି ଜାଣିନାହାନ୍ତି ବୋଲି ବନ ବିଭାଗ ନିକଟରେ ଅଟକ ବ୍ୟକ୍ତି ସ୍ୱୀକାର କରିଛନ୍ତି। ବାଘଛାଲ ସହିତ ୭ଟି ନଖ ମିଳିଥିବା ବେଳେ ଉକ୍ତ ନଖଗୁଡ଼ିକ ବାଘର ନୁହେଁ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ଏହା ପ୍ରକୃତରେ ବାଘଛାଲ କି ନୁହେଁ ଲାବ୍‌ରେ ପରୀକ୍ଷା କଲେ ହିଁ ଜଣାପଡ଼ିବ ବୋଲି ରେଞ୍ଜର ମାଝି ପ୍ରକାଶ କରିଛନ୍ତି ।



ଜବତ ବାଘଛାଲ।

# ‘ଅସଲି ଚାଷୀଙ୍କୁ ମିଳୁ ବୀମାରାଶି’

କଣ୍ଟାବାଞ୍ଜି, ୨୪।୮(ଡି.ଏନ.ଏ.)

ବିଜେଡି ଗତ ୨୧ବର୍ଷ ହେଲା ରାଜ୍ୟରେ ଶାସନ କରୁଛି। ହେଲେ ବଲାଙ୍ଗୀର ଜିଲାର ୩ ପ୍ରତିଶତରୁ କମ୍ ଜଳସେଚନର ବ୍ୟବସ୍ଥା କରିଛି। ଏଥିପାଇଁ ଜିଲାର ୧୪ଟି ବ୍ଲକ ଗତ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ମରୁଡିର ଶିକାର ହେଉଛି। ୨୦୨୧-୨୨ କୃଷିବୀମାରେ ଅସଲ ଚାଷୀଙ୍କ ଜମିରେ ନକଲି ଚାଷୀ ଚଞ୍ଚକତା କରି ଫସଲ ବୀମା କରିଛନ୍ତି। ଏଣୁ ଅସଲି ଚାଷୀଙ୍କୁ ବୀମାରାଶି ପୈଠ କରିବା, ନକଲି ଚାଷୀଙ୍କ ଦ୍ୱାରା କରାଯାଇଥିବା ଫସଲ ବୀମା କରିବାରେ ସମ୍ପୃକ୍ତ ବ୍ୟକ୍ତି ଏବଂ ବିଭାଗୀୟ କମ୍ପାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବଲାଙ୍ଗୀର ଜିଲା ଭାଜପା ଦାବି କରିଛି। ମଙ୍ଗଳବାର କଣ୍ଟାବାଞ୍ଜି ପିଡବ୍ଲୁଡି ଡାକ ବଙ୍ଗଳାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବର୍ଗ ଅଭିଯୋଗ କରିଛନ୍ତି ଯେ, ୨୦୧୯ ବର୍ଷର ଫସଲ ବୀମା ଏବଂ ୨୦୨୧-୨୨ ବର୍ଷର ଫସଲ ବୀମା ଅସଲ ଜମି ମାଲିକଙ୍କୁ ନ ଦେଲେ ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଶିବାଜି ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା ଭାଜପା ସମ୍ପାଦକ ଶ୍ରୀବତ୍ସ ବେହେରା ଉପସ୍ଥିତ ଥିଲେ ।

# ଅଚଳ ପଏଣ୍ଟ ମରାମତି ଦାବି କଲେ ଚାଷୀ

କୋକସରା,୨୪।୮(ଡି.ଏନ.ଏ.)

ଗତ ଜୁଲାଇ ପ୍ରଥମ ସପ୍ତାହରୁ ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଜଳସେଚନ ଆରମ୍ଭ ହୋଇଛି। କିନ୍ତୁ ମେଗାଲିଫ୍ଟ କେନାଲରୁ ବାହାରିଥିବା ପାଇପ ଲାଇନର ଅନେକ ସ୍ଥାନରେ ଜଏଣ୍ଟ ହୋଇ ନ ଥିବାରୁ ଚାଷଜମି ପାଇଁ ଦିଆଯାଇଥିବା ଅନେକ ପଏଣ୍ଟକୁ ପାଣି ପହଞ୍ଚି ପାରୁନାହିଁ। ଏ ନେଇ ଚାଷୀମାନେ ଅନେକ ସମୟରେ ଏଲଏଣ୍ଡଟିର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କୌଣସି ବ୍ୟବସ୍ଥା ନ କରିବାରୁ ସୋମବାର କୋକସରା ଓ ଗମ୍ଭାରୀଗୁଡା ପଞ୍ଚାୟତ ଅନେକ ଚାଷୀ କୁସୁମଖୁଣ୍ଟି ଏଲଏଣ୍ଡଟି କାର୍ଯ୍ୟାଳୟରେ ପ୍ରତିବାଦ କରି ଅଚଳ ପଏଣ୍ଟଗୁଡିକ ମରାମତି କରିବାକୁ ଦାବି କରିଥିଲେ। ଚାଷୀଙ୍କ ଅଭିଯୋଗ ପରେ ବିଭାଗୀୟ କର୍ମଚାରୀମାନେ ଅଚଳ ପଏଣ୍ଟ ଶୀଘ୍ର ମରାମତି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିଛି ସ୍ଥାନରେ ମରାମତି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏଥିରେ କୋକସରା ଓ ଗମ୍ଭାରୀଗୁଡା ପଞ୍ଚାୟତର ଚାଷୀ ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ବିଜୟ ସାହୁ, ଅନିଲ ପ୍ରଧାନୀ, ମହେନ୍ଦ୍ର ନେଗି, ପ୍ରମୋଦ ପ୍ରଧାନୀ, ଅଜୟ ସାହୁ, ଭାରତ ଭୂଷଣ ପ୍ରଧାନୀ, ଲଳାଟେନ୍ଦୁ ପ୍ରଧାନୀ, ରାମଚନ୍ଦ୍ର ପାଣିଗ୍ରାହୀ, ଖୁସିରାମ ରାଉତ, ବିଶ୍ୱମ୍ଭର ଶବର ପ୍ରମୁଖ ସାମିଲ ହୋଇଥିଲେ । ଏ ନେଇ ବିଭାଗୀୟଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ଚାଷୀମାନେ କୁସୁମଖୁଣ୍ଟି କାର୍ଯ୍ୟାଳୟରେ ପ୍ରତିବାଦ କରୁଛନ୍ତି।

# ସ୍ତ୍ରୀଙ୍କ ଜୁଇକୁ ଡେଇଁ ଜୀବନ ହାରିଲେ ସ୍ୱାମୀ

ଭବାନୀପାଟଣା,୨୪।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ସିଆଲଯୋଡି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀର ସତ୍କାର ସମୟରେ ହଠାତ୍ ତାଙ୍କ ସ୍ୱାମୀ ଜୁଇକୁ ଡେଇଁ ଜୀବନ ହାରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟାରେ ସିଆଲଯୋଡି ଗ୍ରାମର ରଇବାରୀ ଶବର(୬୦)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତାଙ୍କର ୪ପୁଅ ଓ ସମ୍ପର୍କୀୟ ଆସିବା ପରେ ଶବ ସତ୍କାର କରିବାକୁ ଗାଁ ମଶାଣିକୁ ନେଇଥିଲେ। ରଇବାରୀଙ୍କ ଜୁଇ ଜଳିବା ସମୟରେ ସ୍ୱାମୀ ନୀଳମଣି ଶବର ହଠାତ୍ ଜଳୁଥିବା ଜୁଇକୁ ଡେଇଁ ପଡିଥିଲେ। ଜୁଇ ଜୋରରେ ଜଳୁଥିବାରୁ ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ପାରି ନ ଥିଲେ। ଘଟଣାସ୍ଥଳରେ ହିଁ ସେ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଖବର ପାଇ ଅନ୍ୟ ଜ୍ଞାତିକୁଟୁମ୍ବ ଓ ଗ୍ରାମବାସୀ ଶ୍ମଶାନକୁ ଯାଇଥିଲେ। ସେତେବେଳକୁ ନୀଳମଣିଙ୍କ ମୃତ୍ୟୁ ହୋଇ ସାରିଥିଲା। ପ୍ରକାଶ ଯେ, ମୃତକ ଚହକା ପଞ୍ଚାୟତ ଅନ୍ତର୍ଗତ ସିଆଲଯୋଡି ଗ୍ରାମ ୫ନମ୍ବର ୱାର୍ଡସଭ୍ୟ ରହିଛନ୍ତି।

# ଡକାୟତି ମାମଲାରେ ପୂର୍ବତନ ସରପଞ୍ଚ ଗିରଫ

ମ.ରାମପୁର,୨୪।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମଦନପୁରରୁ ୩ କି.ମି. ଦୂର ଅଲାତରା ଛକ ନିକଟରେ ଘଟିଥିବା ଏକ ଡକାୟତି ମାମଲାରେ ମଦନପୁର ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦଙ୍କୁ ମ.ରାମପୁର ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟଚାଲାଣ ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତବର୍ଷ ଅଲାତରା ଛକ ନିକଟରେ ଏକ ଡକାୟତି ସଂଗଠିତ ହୋଇଥିଲା। ଏହି ଡକାୟତି ଘଟଣାରେ ମଦନପୁର ପୂର୍ବତନ ସରପଞ୍ଚ ମହାନନ୍ଦ ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଏ ନେଇ ଗତବର୍ଷ ମ.ରାମପୁର ଥାନାରେ ଏକ ମାମଲା (ନଂ.୧୩୫/୨୦) ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ ନାମରେ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିବା ବେଳେ ଦୀର୍ଘଦିନ ପରେ ପୋଲିସ ତାଙ୍କୁ ଗିରଫ କରିଛି।


**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**NOTIFICATION**

No. Exam. 1284/2021, S.J.S.V., Puri — Date: 24.08.21

**PROGRAMME FOR ANNUAL SHASTRI - Ist Year (BACK/IMPROVEMENT) EXAMINATION, 2021**

| Date | Day | Time | Subject | Paper |
|---|---|---|---|---|
| 02.09.2021 | Thursday | 11.00 A.M. - 12 Noon | M.I.L (O/Sans/Hindi/Alt. Eng.) | Compulsory |
| 03.09.2021 | Friday | 11.00 A.M. - 12 Noon | English | Compulsory |
| 04.09.2021 | Saturday | 11.00 A.M. - 12 Noon | S.S. Vyakarana | Compulsory |
| 06.09.2021 | Monday | 11.00 A.M. - 12 Noon | I.S.C. | Compulsory |
| 07.09.2021 | Tuesday | 11.00 A.M. - 12 Noon | Shastriya Optional 1st Paper (Pass & Honours) | |
| 08.09.2021 | Wednesday | 11.00 A.M. - 12 Noon | Shastriya Optional 2nd Paper (Pass & Honours) | |
| 09.09.2021 | Thursday | 11.00 A.M. - 12 Noon | Shastriya Optional 3rd (Hons.) | |

**PROGRAMME FOR ANNUAL SHASTRI - IInd Year (BACK/IMPROVEMENT) EXAMINATION, 2021**

| Date | Day | Time | Subject | Paper |
|---|---|---|---|---|
| 02.09.2021 | Thursday | 3.00 P.M. - 4.00 P.M. | M.I.L (O/Sans/Hindi/Alt. Eng.) | Compulsory |
| 03.09.2021 | Friday | 3.00 P.M. - 4.00 P.M. | English | Compulsory |
| 04.09.2021 | Saturday | 3.00 P.M. - 4.00 P.M. | Samanya Sahitya | Compulsory |
| 06.09.2021 | Monday | 3.00 P.M. - 4.00 P.M. | S.P.P.V./P.P.B.V. | Compulsory |
| 07.09.2021 | Tuesday | 3.00 P.M. - 4.00 P.M. | Shastriya Optional 3rd (Pass)/4th (Hons.) | |
| 08.09.2021 | Wednesday | 3.00 P.M. - 4.00 P.M. | Shastriya Optional 4th (Pass)/5th (Hons.) | |
| 09.09.2021 | Thursday | 3.00 P.M. - 4.00 P.M. | Shastriya Optional 6th (Hons.) | |

N.B.
1. Any discrepancy in the programme detected afterwards should be brought to the notice of the Controller of Examinations.
2. The examination will be conducted in online mode multiple choice system.
3. The modalities for conduct of examination will be displayed in the University website: www.sjsv.nic.in. Hence the candidates, Principals and Mentee Teachers are requested to be in constant touch with each other as well as with the University website.

By Order of the Vice-Chancellor
Sd./- Controller of Examinations



GOVERNMENT OF ODISHA — No. A-392

**DEPARTMENT OF WATER RESOURCES**

**OFFICE OF THE CHIEF ENGINEER, JICA PROJECTS, BRAHMANI LEFT BASIN, SUKINDA**

At: Jamuposi, Post: Ampłoba, Dist.- Jajpur (Odisha), PIN - 755018
Phone No.: 06726-244517 (O), Fax No. 06726-244404 (O), e-mail: cebmblb@gmail.com

Bid Identification No. CE-JICA-BLB-02/2021-22

| Sl. No. | Name of Work | Estimated Cost (Rs. in lakhs) | Class of Contractor | Bid Security/ EMD (in Rs.) | Cost of Tender Document (in Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Korei Branch Canal (RD 0.000 Km to RD 11.000 Km) including all structures | 6104.620 | 'Super Class' (Odisha PWD or equivalent class of other licensing authority) | Bid Security Declaration in lieu of Bid Security/EMD and submit online | 10,000/- (non-refundable to be deposited Online) | 24 (Twenty four Calendar months including monsoon |
| 2 | Construction of Korei Branch Canal (RD 11.000 Km to 23.250 Km), along with Kantabania Distributary (RD 0.000 Km to RD 4.650 Km) and Mukundapur Distributary (RD 0.000 Km to RD 8.130 Km) including all structures. | 6201.291 | 'Super Class' (Odisha PWD or equivalent class of other licensing authority) | Bid Security Declaration in lieu of Bid Security/EMD and submit online | 10,000/- (non-refundable to be deposited Online) | 24 (Twenty four Calendar months including monsoon |
| 3 | Construction of Barapada Branch Canal (RD 0.000 Km to RD 12.850 Km) along with Batto Distributary (RD 0.000 Km to RD 0.400 Km) and Balibaruan Tail Distributary (RD 0.000 Km to RD 3.710 Km) including all structures. | 5572.782 | 'Super Class' (Odisha PWD or equivalent class of other licensing authority) | Bid Security Declaration in lieu of Bid Security/EMD and submit online | 10,000/- (non-refundable to be deposited Online) | 24 (Twenty four Calendar months including monsoon |

| Procurement Officer | Bid Identification No. | Availability of Online viewing of Tender Prior to Bidding: From | To | Pre-bid conference as well as last date for seeking clarification | Availability of online bidding of tender | Date and time of opening of Technical Bid | Place of Opening |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| CE, JICA Projects, BLB, Sukinda | CE-JICA-BLB-02/ 2021-22 | 28.08.2021 10.00 hrs. | 31.08.2021 | 01.09.2021 from 11.30 hrs. to 13.30 hrs. at O/o. the CE, JICA Project, BLB, Sukinda, Jajpur | 02.09.2021 10.00 hrs. to 22.09.2021 upto 17.30 hrs. | 23.09.2021 at 11.30 hrs. | O/o. the CE, JICA Projects, BLB, Sukinda, Jajpur |

Further details can be seen from the e-procurement portal https://tendersodisha.gov.in.
OIPR-32343/11/0004/2122 — Sd./- Chief Engineer, JICA Projects, Brahmani Left Basin, Sukinda



**WANTED**
Experienced and efficient SALES GIRL needed for a Saree Showroom in Chandrasekharpur. Candidate should be min. 12th pass and be able to speak Hindi and understand English. Fully covid vaccinated candidates preferred.
Directly contact – 9583946000
No agent please.

**WANTED**
Need ACCOUNTANT and result oriented MARKETING EXECUTIVE for medical equipments sector.
Vaishnodevi Healthcare Pvt.Ltd.
Contact : 8917526665
Email : infovaishnodhpl@gmail.com

**Urgently Required**
XEROX OPERATOR
Minimum Experience 3 to 5 years
CHELSHHA
Ravitalkies Road, Bhubaneswar
Mob:- 9040821015

**REQUIREMENT**
AUTOCAD OPERATOR - 3 Nos. (Minimum 1 yr. exp.)
LIASIONING OFFICER - 2 Nos.
Apply by Mail - kbs@swayinassociates.com

**Mahanadi Netra Chikitsalaya**
**Lepra Society, Pandapalli, Birmaharjpur, Odisha, Pin-767018**
Sealed quotations are invited for interested party for disposal of one 35KVA Kirloskar brand DG set (Good condition). Submit of quotations on or before 31.08.2021 to **"Finance & Administration Dept., Mahanadi Netra Chikitsalaya, Lepra Society,Pandapalli, Birmaharjpur, Odisha,Pin-767018,Tel. 9668834324.**

ଭୁବନେଶ୍ୱରରେ କାଠ କାମ ପାଇଁ ମିସ୍ତ୍ରି, ହେଲ୍‌ପର ଆବଶ୍ୟକ।
Ph.- 9938371763
8984605686

ପଟିଆଠାରେ **ଟୟୋଟା ୟାରିସ୍** ଗାଡ଼ି ଚଲାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ପ୍ୟାକେଜ୍। ଯୋଗାଯୋଗ:
9176677150



SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ,
୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ନାୟକ,** ପିତା: ପଞ୍ଚାନନ ନାୟକ ଓରଫ ପଞ୍ଚୁ ନାୟକ, ସା: ନାନପୁର (ପାଟଣା), ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫ / **ଆକାଉଣ୍ଟ ନଂ.: ୧୧୩୪୨୮୩୦୬୯୦ (ସିସି)** | **ଜାମିନ୍‌ଦାର: ଶ୍ରୀ ପଞ୍ଚାନନ ନାୟକ ଓରଫ ପଞ୍ଚୁ ନାୟକ,** ସା: ନାନପୁର (ପାଟଣା), ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫ / **ସମ୍ପତ୍ତି ମାଲିକ: ଶ୍ରୀ ପଞ୍ଚୁ ନାୟକ** | ଶ୍ରୀ ପଞ୍ଚୁ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୯୬/୧, ପ୍ଲଟ୍ ନଂ.: ୪୧୧/୧୧୬୯, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରୀ, ମୌଜା: ବାଲିଚନ୍ଦ୍ରପୁର, ଥାନା: ବଡ଼ଚଣା (ନଂ. ୧୧୭୯), ତହସିଲ: ଦର୍ପଣ (ନଂ. ୧୮), ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ନିକୁଞ୍ଜ ବିହାରୀ ଶତପଥିଙ୍କ ଜମି, ପଶ୍ଚିମ: ଖାଲି ଜମି, ଉତ୍ତର: ଗୋପିନାଥ ସାହୁଙ୍କ ଜମି ଏବଂ ଦକ୍ଷିଣ: ସେଣ୍ଟ ଜାଭିଅର୍ ହାଇସ୍କୁଲ | ୨୨.୧୦.୨୦୨୦ | ୧୯.୦୮.୨୦୨୧ | ୨୦.୧୦.୨୦୨୦ ସୁଦ୍ଧା ଟ.୧୬,୦୧,୧୬୧/- + ୨୧.୧୦.୨୦୨୦ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ଅଭୟ କୁମାର ନାୟକ,** ପିତା: ପଞ୍ଚାନନ ନାୟକ ଓରଫ ପଞ୍ଚୁ ନାୟକ, **୨) ଶ୍ରୀ ପଞ୍ଚାନନ ନାୟକ ଓରଫ ପଞ୍ଚୁ ନାୟକ,** ପିତା: ମଧୁ ନାୟକ, ଉଭୟଙ୍କ ବାସସ୍ଥାନ ଠିକଣା- ସା: ନାନପୁର (ପାଟଣା), ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫ / **ଆକାଉଣ୍ଟ ନଂ.: ୩୨୮୨୭୧୪୪୯୧ (ଏଚ୍‌ଟିଏଲ) ଏବଂ ୩୩୯୨୧୪୪୬୨୭୩ (ଏଚ୍‌ଟିଏଲ)** | **ଜାମିନ୍‌ଦାର: ଶ୍ରୀ ପ୍ରସନ୍ନ କୁମାର ନାୟକ,** ପିତା: ଶ୍ରୀ ପଞ୍ଚାନନ ନାୟକ ଓରଫ ପଞ୍ଚୁ ନାୟକ, ସା: ନାନପୁର (ପାଟଣା), ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫ / **ସମ୍ପତ୍ତି ମାଲିକ: ଶ୍ରୀ ପଞ୍ଚୁ ନାୟକ** | ଶ୍ରୀ ପଞ୍ଚୁ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୧୫/୫୩, ପ୍ଲଟ୍ ନଂ.: ୨୭୮୮/୨୯୭୬, କ୍ଷେତ୍ର: ଏକର୦.୦୨ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୯୧/୨୯୭୭, କ୍ଷେତ୍ର: ଏକର୦.୦୫ଡିସିମିଲି, କିସମ: ଘରବାରୀ, ମୌଜା: ନାନପୁର, ଥାନା: ବଡ଼ଚଣା (ନଂ. ୧୨୦୨), ତହସିଲ: ଦର୍ପଣ (ନଂ. ୧୮), ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଗ୍ରାମ ରାସ୍ତା, ପଶ୍ଚିମ: ସାଧୁ ନାୟକଙ୍କ ଗୃହ, ଉତ୍ତର: ସାଧୁ ନାୟକଙ୍କ ପ୍ଲଟ୍ ଏବଂ ଦକ୍ଷିଣ: ଦୁର୍ଲଭ ନାୟକ ଓ ପ୍ରସ୍ତାବିତ ରାସ୍ତା | ୨୨.୧୦.୨୦୨୦ | ୧୯.୦୮.୨୦୨୧ | ୨୦.୧୦.୨୦୨୦ ସୁଦ୍ଧା ଟ.୧୯,୧୮,୩୨୭/- + ୨୧.୧୦.୨୦୨୦ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ହାଇ-ଟେକ୍ ଇଞ୍ଜିନିୟରିଂ ୱାର୍କ୍ସ, ଅଂଶୀଦାରମାନେ: ୧) ଶ୍ରୀ ଲେଖନ ଚରଣ ପରିଡା,** ପିତା: ଶ୍ରୀ କପିଳେଶ୍ୱର ପରିଡା, **୨) ଶ୍ରୀମତୀ ମାନସୀ ପ୍ରତିଭା ପରିଡା,** ସ୍ୱାମୀ: ଶ୍ରୀ ଲେଖନ ଚରଣ ପରିଡା, ସା/ପୋ: ବିଜିଗୋଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୧୭/ **ଆକାଉଣ୍ଟ ନଂ.: ୩୦୨୯୬୬୭୯୧୩୬ (ସିସି)** | **ସମ୍ପତ୍ତି ମାଲିକ: ଶ୍ରୀ ଲେଖନ ଚରଣ ପରିଡା** | ଶ୍ରୀ ଲେଖନ ଚରଣ ପରିଡାଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୫୯/୫୮୯, ପ୍ଲଟ୍ ନଂ.: ୪୦୪/୨୫୩୬, କ୍ଷେତ୍ର: ଏକର୦.୦୪୫ଡିସିମିଲି, କିସମ: ଘରବାରୀ, ମୌଜା: ଲିଙ୍ଗିପୁର, ଥାନା: ଭୁବନେଶ୍ୱର (ନଂ. ୮୪), ତହସିଲ: ଭୁବନେଶ୍ୱର (ନଂ. ୨୨୫), ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ପୂର୍ବ: ତନୁଜା ମହାପାତ୍ରଙ୍କ ଗୃହ, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୪୦୨, ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ. ୪୦୧ ଏବଂ ଦକ୍ଷିଣ: ବିକ୍ରେତାମାନଙ୍କ ଦ୍ୱାରା ଛଡାଯାଇଥିବା ରାସ୍ତା | ୦୯.୦୫.୨୦୧୯ | ୨୧.୦୮.୨୦୨୧ | ୦୯.୦୫.୨୦୧୯ ସୁଦ୍ଧା ଟ.୨୫,୩୯,୩୨୨/- + ୧୦.୦୫.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ସ୍ଥାନ: କଟକ, ତାରିଖ: ୨୪.୦୮.୨୦୨୧** — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ

## ଟ୍ରାକ୍ଟର ଓଲଟିଲା, ଡ୍ରାଇଭର ଗୁରୁତର

ଅତାବିରା,(ଡି.ଏନ.ଏ): ଅତାବିରା ଥାନା ଅନ୍ତର୍ଗତ ଟୋପ-ଅତାବିରା ରେଲୱେ ଆରଡି ରାସ୍ତାର ନଳିଆ ବ୍ରିଜ୍‌ରେ ଏକ ସିମେଣ୍ଟ ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡିଛି। ଫଳରେ ଗାଡି ଚାଳକ ଗୋବିନ୍ଦ ଭୋଇ (୨୬) ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ଏହି ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଛି। ଓଡି୧୭ଟି/୩୧୬୦ ନମ୍ବର ବିଶିଷ୍ଟ ଇଟା ବୋଝେଇ ଟ୍ରାକ୍ଟର ଏହି ରାସ୍ତାରେ ଯାଉଥିବା ବେଳେ ବ୍ରିଜ୍ ଉପରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା।



### ସଂକ୍ଷେପରେ

## ଉତ୍କଳ ସମ୍ମିଳନୀ ପକ୍ଷରୁ ଗଙ୍ଗାଧର ଜୟନ୍ତୀ ପାଳିତ

ବଡଗାଁ,୨୪।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି) ପରିସରରେ ଉତ୍କଳ ସମ୍ମିଳନୀ ବଡଗାଁ ଶାଖା ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡଗାଁ ବିଡିଓ କ୍ଷମାନିଧି ଭୋଇ, ଅଧ୍ୟାପକ ହେମନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ତଥା କବି ଛବିଳ ସେଠ, ଉତ୍କଳ ସମ୍ମିଳନୀ ରାଜଗାଙ୍ଗପୁର ଶାଖାର ସଭାପତି ପଦ୍ମନାଭ ସାମଲ, ରାନୀବନ୍ଧ ହାଇସ୍କୁଲର ପ୍ରଧାନଶିକ୍ଷକ ସ୍ୱରାଜ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଟିସିର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଅତିଥିମାନେ ଗଙ୍ଗାଧରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟବକ୍ତା ଛବିଳ ସେଠ କୀଚକ ବଧ ଓ ତପସ୍ୱିନୀ କାବ୍ୟର ପଦ୍ୟାବଳୀକୁ ଉଦ୍ଧୃତ କରି ପ୍ରକୃତିର ବର୍ଣ୍ଣନା ସହିତ ମଣିଷର ସ୍ୱଭାବବୋଧର ଅବତାରଣା କରିଥିଲେ। ଲବିନ୍ଦ୍ର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଭାରେ ଅତିଥିମାନେ ଗଙ୍ଗାଧରଙ୍କ ସାହିତ୍ୟ କୃତୀର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗଙ୍ଗାଧରଙ୍କ ସ୍ମୃତିରେ ଖବରଦାତା ତଥା କବି ଲବଣୀଧର ପୃଷେଟ ଏବଂ ନିଶିକାନ୍ତ ମିଶ୍ର କବିତା ପାଠ କରିଥିଲେ।

## ସାପ କାମୁଡାରେ ବାଳକ ମୃତ

ଦେଓଗାଁ,୨୪।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଜଲିଆ ଗାଁରେ ସାପ କାମୁଡାରେ ଜଣେ ୧୨ବର୍ଷର ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମାରୁ କୁମ୍ଭାରଙ୍କ ଏକମାତ୍ର ପୁଅ ଅଜା। ସୋମବାର ଅପରାହ୍ଣରେ ଖେଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ବିଳମ୍ବିତ ରାତିରେ ସେଠାରେ ଅଜୁଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ଏକ ଶୋକାକୂଳ ପରିବେଶରେ ସତ୍କାର କରାଯାଇଛି।

## ମାଟି ବିଛାଇବାକୁ କେନ୍ଦ୍ରକରି ମାରପିଟ୍

ବିନିକା,୨୪।୮(ଡି.ଏନ୍.ଏ.): ମାଟିବିଛାକୁ କେନ୍ଦ୍ର କରି ମାରପିଟ ହୋଇଥିବା ନେଇ ସୁବର୍ଣ୍ଣପୁର ଜିଲା ବିନିକା ଥାନାରେ ମଙ୍ଗଳବାର ଦୁଇଟି ମାମଲା ରୁଜୁ କରାଯାଇଛି। ଚେରୁପାଲି ଗାଁର ଗୋପାଳ ବାଘ(୪୮) ବିନିକା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସଂଘିଯୁବା-ଦେଣ୍ଟୁପଦର ଆରଡି ରାସ୍ତା ମଧ୍ୟବର୍ତ୍ତୀ ଏକ ଖେତରେ ସୋମବାର ଅପରାହ୍ଣରେ ଏକ ରାଇସ ମିଲ୍ ନିର୍ମାଣ ପାଇଁ ମାଟିବିଛା କାମ ଚାଲିଥିଲା। କାମ ତଦାରଖ ପାଇଁ ବାଙ୍କିଘିର୍ଡି ଗାଁର ମନୋଜ ସାହୁ(୪୫) ଓ ମଣିଗାଁ ଗାଁର ହେମସାଗର ଭୋଇ(୪୩)ଙ୍କୁ ରାଇସ୍ ମିଲ କର୍ତ୍ତୃପକ୍ଷ ଦାୟିତ୍ୱ ଦେଇଥିଲେ। ମନୋଜ, ହେମସାଗରଙ୍କ ସହ ସେ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ। ଏହି ସମୟରେ ସଂଘିଯୁବା ଗ୍ରାମର ଅଶୋକ ପଣ୍ଡା (୩୪) ଏକ ବାଇକ୍‌ରେ ସେଠାକୁ ଆସି ମାଟିକାମକୁ ବିରୋଧ କରି ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଉତ୍ତ୍ୟକ୍ତ ହୋଇ ତାଙ୍କ ତଣ୍ଟି ଚିପି ଦେବା ସହ ନିସ୍ତୁକ ପିଟିଥିଲେ। ପରେ ତାଙ୍କ ପ୍ୟାକେଟରେ ଥିବା ୬ହଜାର ଟଙ୍କା ଅଶୋକ ଛଡାଇ ନେଇଥିବା ଗୋପାଳ ଅଭିଯୋଗ କରିଛନ୍ତି। ଗୋପାଳଙ୍କ ଅଭିଯୋଗକୁ ଭିତ୍ତି କରି ଅଶୋକ ପଣ୍ଡାଙ୍କ ନାଁରେ ଥାନାରେ ଏକ ମାମଲା(ନଂ.୧୫୪/୨୧) ରୁଜୁ ହୋଇଛି।

# ସପକ୍ଷ ବିପକ୍ଷବାଦୀଙ୍କୁ ନେଇ ସରିଲା ଜନଶୁଣାଣି

### ଜେଏସଡବ୍ଲୁ ଖଣି ସଂପ୍ରସାରଣ ପ୍ରସଙ୍ଗ

ସୁନ୍ଦରଗଡ/କୁତ୍ରା,୨୪।୮(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଟେଲିଘନା ଠାରେ ଥିବା ଜେଏସଡବ୍ଲୁ ଖଣି ସଂପ୍ରସାରଣ ପାଇଁ ମଙ୍ଗଳବାର ଖତକୁରବାହାଲଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଖଣି ସଂପ୍ରସାରଣ ପାଇଁ ଆବଶ୍ୟକ ୧୫୬. ୪୩ ହେକ୍ଟର ଜମି ଅଧିଗ୍ରହଣ ତଥା ଭାରତ ସରକାରଙ୍କ ପରିବେଶ ,ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ପାଇଁ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ତେବେ ଖଣି ସଂପ୍ରସାରଣକୁ ବିରୋଧ କରି ବିସ୍ଥାପିତ ଓ ପ୍ରଭାବିତ ହେବାକୁ ଥିବା ଗ୍ରାମୀୟ ଆଦିବାସୀମାନେ ବିରୋଧ କରି ବିଭିନ୍ନ ନାରାବାଜି ଦେଇଥିବା ବେଳେ ଏହାକୁ ସ୍ୱାଗତ ଜଣାଇ ସପକ୍ଷରେ ଅଞ୍ଚଳର କେତେଜଣ ଜନଶୁଣାଣିରେ ନିଜ ନିଜର ମତ ରଖିଥିଲେ। ବିରୋଧ ସତ୍ତ୍ୱେ ଏହି ଜନଶୁଣାଣି ସଭାରେ ସପକ୍ଷବାଦୀଙ୍କ ମତ ଅଧିକ ଥିବା ସୁନ୍ଦରଗଡ ସଦର ଉପ ଜିଲାପାଳ ଅଭିମନ୍ୟୁ ବେହେରା ପ୍ରକାଶ କରିଛନ୍ତି। କମ୍ପାନୀ ତରଫରୁ ଖତକୁରବାହାଲ ଓ ଫଲସାକାନି ଗ୍ରାମରେ ହେବାକୁ ଥିବା ଜମି ଅଧିଗ୍ରହଣ ପାଇଁ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରକାଶ ମହାପାତ୍ର, ଦୀପକ ସାହୁ, କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ଥିବା ବେଳେ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଜନଶୁଣାଣି ଆରମ୍ଭ ପୂର୍ବରୁ ଆଦିବାସୀମାନେ ହାତରେ ପ୍ଲାକାର୍ଡ ଧରି ଖଣି ସଂପ୍ରସାରଣକୁ ବିରୋଧ କରିଥିଲେ। ପରେ ଜନଶୁଣାଣି ଆରମ୍ଭ କରାଯାଇଥିଲା। ଏଥିରେ ଖଣି ସଂପ୍ରସାରଣ ଦ୍ୱାରା ପ୍ରଭାବିତ ଲୋକେ ନିଜ ନିଜର ମତାମତ ରଖିଥିଲେ। ମତାମତରେ କିଛି ଲୋକ ସପକ୍ଷରେ ମତ ରଖିଥିବା ବେଳେ ଆଉ କିଛି ଲୋକ ଏହାର ବିରୋଧରେ ମତ ରଖିଥିଲେ। କିଛି ଗ୍ରାମବାସୀ ତାଙ୍କ ମତ ଉପସ୍ଥାପନ ବେଳେ ଏହି ଖଣି ସଂପ୍ରସାରଣ ହେଲେ ସ୍ଥାନୀୟ ବେକାର ଯୁବକମାନଙ୍କୁ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସେବାର ସୁବିଧା କରିବା, ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ତଥା ଜମିର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ପରେ କମ୍ପାନୀ ପକ୍ଷରୁ ଅଞ୍ଚଳର ସମସ୍ତ ପ୍ରକାର ଉନ୍ନତି ପାଇଁ ସ୍ୱାସ୍ଥ୍ୟସେବା, ଶିକ୍ଷା,ପାନୀୟଜଳ, ଆଲୋକ ବ୍ୟବସ୍ଥା ଏବଂ ଏକ ତାଲିମ କେନ୍ଦ୍ର ଖୋଲିବା ସହିତ ସ୍ଥାନୀୟ ବେକାର ଯୁବକମାନଙ୍କୁ ତାଲିମ ଦେଇ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଜଣଶୁଣାଣିରେ ଯେଉଁମାନେ ନିଜର ମତ ରଖି ପାରି ନାହାନ୍ତି ସେମାନେ ନିଜର ମତ ଲିଖିତ ଭାବେ ଜଣାଇ ପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା।



ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

## ଶ୍ରମ ବିଭାଗ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶ୍ରମିକ

ଲାଠୋର,୨୪।୮(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଞ୍ଚଳର ଶ୍ରମିକମାନେ ନାନା ସମସ୍ୟାରେ ରହିଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଜିଲା ଶ୍ରମ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଶ୍ରମ ବିଭାଗ ନିର୍ଦ୍ଦେଶକ ଏଥିରେ ହସ୍ତକ୍ଷେପ କରିବାକୁ ବଳବନ୍ତ ସାଣ୍ଡ, ଥବିର ନାଗ, ପରମାନନ୍ଦ ନାଗ, ସନ୍ତୋଷ ନାଗ, ଲିଙ୍ଗ ଶବର, ଡ୍ରାମ ଲିଟି, ଭଜମନ ବରିହା ପ୍ରମୁଖ ଶ୍ରମିକ ଦାବି କରିଛନ୍ତି। ଏହି ଅଞ୍ଚଳର ୮୦ଭାଗ ଲୋକ ଦିନ ମଜୁରିଆ। ପ୍ରତିବର୍ଷ ଏମାନେ ପରିବାର ସହ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ଏଥିପାଇଁ ଶ୍ରମିକମାନେ ଜିଲା ଶ୍ରମ କାର୍ଯ୍ୟାଳୟକୁ ପଞ୍ଜିକରଣ ପାଇଁ ଯାଉଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଫେରାଇ ଦିଆଯାଉଛି। ଫଳରେ ଶ୍ରମିକମାନେ ପଞ୍ଜିକରଣ ଏବଂ ନବୀକରଣ କରି ନ ପାରି ଶ୍ରମ ଅଧିକାର ଆଇନ ଅନୁଯାୟୀ ରହିଥିବା ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି।

# ବିଜେଡି କର୍ମକର୍ତ୍ତାଙ୍କୁ ନେଇ ସାଙ୍ଗଠନିକ ବୈଠକ



ବୈଠକରେ ଯୋଗ ଦେଇଥିବା ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ ଓ ଅନ୍ୟମାନେ।

### ତଳସରା ଓ ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀ

ସୁନ୍ଦରଗଡ,୨୪।୮(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତଳସରା ଓ ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀର ବିଜେଡ଼ି କର୍ମକର୍ତ୍ତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ସହରର ଏକ ହୋଟେଲରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ସୁକିନ୍ଦା ବିଧାୟକ ତଥା ଜିଲା ପର୍ଯ୍ୟବେକ୍ଷକ ଇଂ ପ୍ରୀତିରଞ୍ଜନ ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏଥିସକାଶେ ପଞ୍ଚାୟତ ସ୍ତରରେ ବୁଥ କମିଟି ଗଠନ କରାଯିବା ସହ ଯୁବ ଛାତ୍ର ଓ ମହିଳାଙ୍କୁ ଅଧିକ କ୍ରିୟାଶୀଳ କରାଯିବା ଉପରେ ପର୍ଯ୍ୟବେକ୍ଷକ ଘଡେଇ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ ସିଂ, ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ,ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରଜେନ୍ଦ୍ର ସିଂ ଓ ମହମ୍ମଦ ହାରୁନ ରସିଦ, ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ସୁନିତା ବିଶ୍ୱାଳ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ଜିଲା ବିଜୁ ମହିଳା ଜନତା ଦଳ ସଭାପତି ରଞ୍ଜନା ପଣ୍ଡା, ସନ୍ତୋଷ ଅମାତ,ଅଜୟ ଅମାତ ଯୋଗଦେଇ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ପଟେଲ, ହେମଗିର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଧାରାଣୀ ରାଉଡ଼ିଆ, ସବଡେଗା ବ୍ଲକ ଅଧ୍ୟକ୍ଷ ମନୋଜ ବରୁଆ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ହେମଗିର ବ୍ଲକ ସଭାପତି ଉପେନ୍ଦ୍ର ଭୋଇ,ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ପୁରୋହିତ, ଲେଫ୍ରିପଡା ବ୍ଲକ ସଭାପତି ପ୍ରଶାନ୍ତ ପୃଷେଠ, ଟାଙ୍ଗରପାଲି ବ୍ଲକ ସଭାପତି ବିରେନ୍ଦ୍ର ପଟେଲ,ବାଲିଶଙ୍କରା ବ୍ଲକ ସଭାପତି କେଶବ ରଣା, ସୁନ୍ଦରଗଡ଼ ମ୍ୟୁନିସିପାଲିଟି ସଭାପତି ସୁରେନ୍ଦ୍ର ଭିତିରିଆ ପ୍ରମୁଖ ଯୋଗଦାନ କରି ନିଜ ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ତଳସରା ଓ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକରୁ ଆସିଥିବା ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନବୀନ ପଟ୍ଟନାୟକଙ୍କୁ ଭାରତ ରତ୍ନ ପାଇଁ ଦସ୍ତଖତ ଅଭିଯାନ

ରିଆମାଳ,୨୪।୮(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ସୋସିଆଲ ଆଣ୍ଡ କଲଚରାଲ ଆଡ଼ଭାନ୍ସ ନେଟୱର୍କ (ସ୍କାନ) ପକ୍ଷରୁ ମଙ୍ଗଳବାର ରାଜ୍ୟସ୍ତରୀୟ ଦସ୍ତଖତ ଅଭିଯାନ ଦେବଗଡ଼ ଜିଲ୍ଲା ରିଆମାଳରେ ପହଞ୍ଚିଥିଲା। ଏହି ଅବସରରେ ସ୍ଥାନୀୟ ମହାଲକ୍ଷ୍ମୀ କଲ୍ୟାଣ ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ, ସତ୍ୟପୀର ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତ ରତ୍ନ ଉପାଧି ପାଇଁ ଯୋଗ୍ୟତମ ବ୍ୟକ୍ତି ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଶାଙ୍କ ପ୍ରଧାନ, ସୁରେନ୍ଦ୍ର ନାୟକ, ଟିକେଶ୍ୱର ସାହୁ, ବିଜୟ ପ୍ରଧାନ, ବିଜୟ କୁମାର ପାତ୍ର, ସୁରେନ୍ଦ୍ର ନାୟକ, ଆନନ୍ଦ ଚନ୍ଦ୍ର ସାହୁ, ଝସକେତନ ସ୍ୱାଇଁ, ତ୍ରିଲୋଚନ ସାହୁ, ଅମିନ କୁମାର ନାୟକ, ବିଶିକେଶନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସ୍କାନ୍ ଅଧ୍ୟକ୍ଷ ତଥା ରାଜ୍ୟ ଆବାହକ ସୁଧାଂଶୁ ମହାରଣା ଦସ୍ତଖତ ଅଭିଯାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଂଯୋଜକ ସରୋଜ ସାହୁ ଦସ୍ତଖତ ଅଭିଯାନକୁ ସମର୍ଥନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଶେଷରେ ଲକ୍ଷ୍ମୀ ପୂଜା କମିଟି ସମ୍ପାଦକ ତ୍ରିନାଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଲହୁଣୀପଡା,୨୪।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଶରଧାପୁର (ଦେଓପୋଷ) ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଜଣେ ଯୁବକ ନିଜ ଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଦେଓପୋଷ ଗ୍ରାମର ରାଜୀବ ମାହାନ୍ତ (୩୪)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଲହୁଣୀପଡା,୨୪।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ ସୋମବାର ଲହୁଣୀପଡା ବ୍ଲକ ଗସ୍ତରେ ଯାଇ ବିଭିନ୍ନ ଯୋଜନା ମାଧ୍ୟମରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ଲହୁଣୀପଡା ବ୍ଲକ କୁରଡ଼ା ପଞ୍ଚାୟତର ଲାଲେଇଠାରେ ହୋଇଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପକୁ ପରିଦର୍ଶନ କରିବା ସହିତ ଅକ୍ଟୋବର ମାସ ଶେଷ ସୁଦ୍ଧା ଏହା ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହାଛଡା ଲାଲେଇରେ ନବନିର୍ମିତ ମାଆ ଗୃହ ବୁଲି ଦେଖିବା ସହିତ ପଞ୍ଚାୟତ ତରଫରୁ କରାଯାଇଥିବା ବିପଣୀ ଗୃହ ଉଦ୍‌ଘାଟନ କରିଥିଲେ। କୁରଡ଼ା ହାଇସ୍କୁଲର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ବନ୍ଧବେର୍ଣା ସେବାଶ୍ରମ ପରିଦର୍ଶନ କରିଥିଲେ। ଏହାପରେ ତାଲବାହାଲି ପଞ୍ଚାୟତର କରଡାକୁଦରଠାରେ ନିର୍ମାଣ ହୋଇଥିବା ବଜାର ପିଣ୍ଡି , ଉଠାଜଳସେଚନ ପଏଣ୍ଟ ଏବଂ ବଡ ନୂଆଗାଁ ଗ୍ରାମରେ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ହୋଇଥିବା ବାଡ଼ି ପ୍ରକଳ୍ପ ବୁଲି ଦେଖିଥିଲେ । ଜିଲାପାଳ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଖଣିଜ ପାଣ୍ଠି ତରଫରୁ ହେଉଥିବା ରୂପାନ୍ତରିତ କରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଗଲେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ବୋଲି ସୂଚନା ଦେବା ସହିତ ସେଠାରେ ନିର୍ମିତ ଅଡିଟୋରିଅମକୁ ପରିଦର୍ଶନ କରିଥିଲେ। ରାଜାମୁଣ୍ଡାଠାରୁ କଲେଇପୋଷ ରାସ୍ତାର ପାର୍ଶ୍ୱରେ ହେଉଥିବା ପ୍ରଶସ୍ତୀକରଣ କାର୍ଯ୍ୟ, କଲେଇପୋଷ ଠାରୁ ଗୁହାଳଡ଼ିହି ଚାରି କିଲୋମିଟର ରାସ୍ତା ଏବଂ ଶଙ୍ଖପୋଷ ପଞ୍ଚାୟତର ରେଙ୍ଗାଳବେଡାଠାରୁ ପ୍ରତାପପୁରୁ ପର୍ଯ୍ୟନ୍ତ ଖଣିଜ ପାଣ୍ଠିରୁ ନିର୍ମିତ ରାସ୍ତାକୁ ବୁଲି ଦେଖିଥିଲେ। ଜିଲାପାଳଙ୍କ ଲହୁଣୀପଡା ଗସ୍ତ କାଳରେ ବଣେଇ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ଡାଙ୍ଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ଲଲାଟ କୁମାର ଲୁହା, ସହକାରୀ ଯନ୍ତ୍ରୀ ଜେନାମଣି ପାଣ୍ଡେ, ଲହୁଣୀପଡା ବିଡ଼ିଓ ଧାନାଇ ଚରଣ ଟୁଡୁ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ପୂର୍ତ୍ତ ବିଭାଗ ଏସଡ଼ିଓ ପାର୍ଥ ସାରଥୀ ଜେନା, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଅନ୍ୟମାନଙ୍କ ଗହଣରେ ଜିଲାପାଳ ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

### ବାର୍‌ହା ଶିକାର କାଳ ହେଲା

ବାଲିଶଙ୍କରା,୨୪।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ଟାଙ୍ଗରଯୋର ଗ୍ରାମରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲିଲିନ୍ଦ୍ର କାଲୋ(୨୫)। ଲିଲିନ୍ଦ୍ର ତାଙ୍କର ଜଣେ ସାଙ୍ଗଙ୍କ ସହ ବାଇକ୍ ଯୋଗେ ଯାଉଥିଲେ। ଯିବା ବେଳେ ବାଟରେ ଲିଲିନ୍ଦ୍ରଙ୍କୁ ଝାଡା ଲାଗିବାରୁ ବାଇକ୍ ଅଟକାଇ ରାସ୍ତା ପାର୍ଶ୍ୱ ବୁଦାକୁ ଯାଇଥିବା ବେଳେ ସେଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡି ଯାଇ ମୃତ୍ୟୁବରଣ କରିଥିଲେ। ଏହି ସମୟରେ ସେଠାରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିବା ସେହି ଗ୍ରାମର ଜଣେ ବ୍ୟକ୍ତି ବାର୍‌ହା ପଡିଥିବା ଭାବି ଦୌଡି ଆସିଥିଲେ। ମାତ୍ର ବାର୍‌ହା ବଦଳରେ ଜଣେ ଯୁବକ ପୋଡି ଯିବାର ଦେଖି ଭୟଭୀତ ହୋଇ ପଡିଥିଲେ । ଲିଲିନ୍ଦ୍ର ନ ଆସିବା ଦେଖି ତାଙ୍କ ସାଙ୍ଗ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଅଭିଯୁକ୍ତ ବ୍ୟକ୍ତି ଜଣକ ତାଙ୍କୁ ଏ ସମ୍ପର୍କରେ କାହାକୁ ନ ଜଣାଇବାକୁ ଧମକ ଦେଇ ମୃତଦେହକୁ ଆଣି ରାସ୍ତା ଉପରେ ପକାଇ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରିଥିଲେ। ଏହାକୁ ବିରୋଧ କରିବାରୁ ଲିଲିନ୍ଦ୍ରଙ୍କ ସାଙ୍ଗଙ୍କୁ ଧମକ ଦିଆଯାଇଥିଲା। ପରେ ଗ୍ରାମବାସୀ ଘଟଣା ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁପଠାଇ ତଦନ୍ତ ଆରମ୍ଭ କରିଛି।

## ନାବାଳିକାଙ୍କ ଆତ୍ମହତ୍ୟା

ଲହୁଣୀପଡା,୨୪।୮ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଦୁଧିଆନାଳୀ ଗ୍ରାମର ଜଣେ ନାବାଳିକା ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଦୁଧିଆନାଳୀ ଗ୍ରାମର ମାମି ବଲଘାଟିଆ (୧୭)। ଆତ୍ମହତ୍ୟାର କାରଣ ଜଣାପଡିନାହିଁ । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଭାଜପା ସଂସ୍ଥାପକ ସିକନ୍ଦର ବକ୍ତଙ୍କ ଜନ୍ମବାର୍ଷିକୀ

ଝାରସୁଗୁଡ଼ା ଅଫିସ,୨୪।୮

ଝାରସୁଗୁଡ଼ା ଜିଲା ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ଖୁର୍ସିଦ୍ ଆଲମ୍ ଖାଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଭାଜପା ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ କେରଳ ରାଜ୍ୟପାଳ ସିକନ୍ଦର ବକ୍ତଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ବକ୍ତଙ୍କ ସ୍ମୃତିଚାରଣ କରିଥିଲେ। ବକ୍ତ କିପରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀଙ୍କ ସହିତ ମିଶି ଭାଜପା ସଂସ୍ଥାପକ ଭୂମିକା ନିଭାଇଥିଲେ ସେ ଉପରେ ଆଲୋଚନ କରିଥିଲେ। ଏହି ଅବସରରେ ଦଳୀୟ ନେତୃବୃନ୍ଦ ବିଜୁନଗରସ୍ଥିତ ସ୍ୱାଭିମାନ ସୁଧାର ଗୃହରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ଏଥିରେ ଭାଜପା ରାଜ୍ୟ ସଂଖ୍ୟାଲଘୁ ସାଧାରଣ ସମ୍ପାଦକ ବଲବିନ୍ଦର ସିଂହ, ଜିଲା ସଭାପତି ମଙ୍ଗଳ ସାହୁ, ଜିଲା ଉପସଭାପତି ନେତାଜୀ ପଟ୍ଟନାୟକ, ରଘୁରାମ ପାଲ୍, ମନଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ବାର୍ଷିକ ସଭାରେ ଉପସ୍ଥିତ ଥିବା ଦଳୀୟ କର୍ମକର୍ତ୍ତାମାନେ।

## କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର

ଦେବଗଡ଼,୨୪।୮(ଡି.ଏନ.ଏ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ହୀରକ ଜୟନ୍ତୀ ଅବସରରେ ଦେବଗଡ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଏକ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସିଜିତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଭୀମଚରଣ ମାଝୀ, ସେଣ୍ଟ୍ରାଲ ବ୍ୟାଙ୍କ ଆର୍‌ସେଟିର ନିର୍ଦ୍ଦେଶକ ବିଶ୍ୱନାଥ ମଲ୍ଲିକ, ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ନିମାଇଁ ଚରଣ ପଟ୍ଟନାୟକ ଓ ଜଳଛାୟା ପ୍ରକଳ୍ପର ସହକାରୀ କୃଷି ଯନ୍ତ୍ରୀ ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ନୂଆଡିହି ଗ୍ରାମର ଜଳବାୟୁ ନିୟନ୍ତ୍ରିତ କୃଷକ ନାରାୟଣ ଦେହୁରୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହାସହ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରକାଶିତ କୃଷକ ସମାଚାର 'ପ୍ରଧାନପାଟ' ଉନ୍ମୋଚିତ ହୋଇଥିଲା। ଶେଷରେ ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗଙ୍ଗାଧର ମହାରଣା, ବେଣୁଧର ମହାରଣା, ପ୍ରକାଶ ମହାପାତ୍ର ଓ ଉଗେଶ୍ୱର ପତି ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ କୃଷକ ସମାଚାର ପତ୍ରିକା ଉନ୍ମୋଚନ କରାଯାଉଛି।

**ବଜ୍ରପାତରେ ମହିଳାଙ୍କ ମୃତ୍ୟୁ**

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ଏନ୍ଏସି ୧୧ନଂ. ୱାର୍ଡ ବଡକିସାନପଡାର ବଚନ କେଛୁଙ୍କ ସ୍ତ୍ରୀ ଉଲାସ କେଛୁ (୪୫)ଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଉଲାସ ଟୁଙ୍ଗୁରୁପଡା ପାଖ ଚାଷ ଜମିରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଗୁରୁତର ହୋଇ ସେ ଜମିରେ ଟଳି ପଡିଥିଲେ। ପାଖ ଜମିରେ ଚାଷ କରୁଥିବା ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଛୁରାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ବ୍ରଜରାଜନଗର,୨୪।୮(ଡି.ଏନ.ଏ.): ଓରିଏଣ୍ଟ ଥାନା ଅଧୀନ ଶାସ୍ତ୍ରୀନଗର ଅଞ୍ଚଳରେ ସୋମବାର ଗୋଟିଏ ପରିବାରର ୪ ଜଣଙ୍କୁ ଛୁରାମାଡ଼ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସୁଜିତ ସାଏଙ୍କୁ ପୋଲିସ ରାୟଗଡ ଅଞ୍ଚଳରୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରିଣୀ କଲ୍ୟାଣୀ ବେହେରା ପ୍ରକାଶ କରିଛନ୍ତି।

### ସମ୍ବଲପୁରର ପ୍ରତୀକ୍ଷା ଫାଇନାଲକୁ ପ୍ରବେଶ

ସମ୍ବଲପୁର,୨୪।୮(ବ୍ୟୁରୋ): ମିସ୍ ଟିନ୍ ଇଣ୍ଡିଆ-୨୦୨୧ ପ୍ରତିଯୋଗିତାର ଗ୍ଲାମର ପ୍ରୋଜେକ୍ଟରେ ଭାଗ ନେଇ ଗ୍ରାଣ୍ଡ ଫାଇନାଲରେ ସମ୍ବଲପୁରର ପ୍ରତୀକ୍ଷା ମିଶ୍ର ପ୍ରବେଶ କରିଛନ୍ତି। ଚଳିତ ମାସ ୩୧ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବା ଫାଇନାଲ ପ୍ରତିଯୋଗିତାରେ ସେ ଭାଗ ନେବେ। ପ୍ରତୀକ୍ଷା ପୂର୍ବରୁ ୨୦୧୯ରେ ଇଣ୍ଡିଆ ଫ୍ୟାଶନ ଫିଏଷ୍ଟାର ପ୍ରତିଯୋଗିତାରେ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲରେ ଭାଗ ନେଇ ୩ଥର ଟାଇଟଲ ହାସଲ କରିଛନ୍ତି।

### ବିଦ୍ୟୁତ୍ ଅମଲା ସଂଘର ଶ୍ରଦ୍ଧାଞ୍ଜଳି ସଭା

ସମ୍ବଲପୁର,୨୪।୮(ବ୍ୟୁରୋ): ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ ପକ୍ଷରୁ ମଙ୍ଗଳବାର ବୁର୍ଲାସ୍ଥିତ ଇଲେକ୍ଟ୍ରିକାଲ ଷ୍ଟୋର ଡିଭିଜନଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଭବାନୀପାଟଣା ଟିପିଡବ୍ଲ୍ୟୁଓଡିଏଲ ଇଲେକ୍ଟ୍ରିକାଲ ସର୍କଲରେ କାର୍ଯ୍ୟରତ ଥିବା ଅମିତା ମଞ୍ଜରୀ ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘ ଉପଦେଷ୍ଟା ଅନୀଲ ଦେବତା, ସାଧାରଣ ସମ୍ପାଦକ ସୁବାସ ତିୱାରୀ, ଡେପୁଟି ସାଧାରଣ ସମ୍ପାଦକ ମୁକୁନ୍ଦ ମିର୍ଦ୍ଧା, ଉପସଭାପତି ଅଭିନାଷ ମିଶ୍ର, ଜ୍ୟୋତିପ୍ରକାଶ ବିଶ୍ୱାସ ପ୍ରମୁଖ ଯୋଗଦେଇ ଅମିତା ମଞ୍ଜରୀଙ୍କ ସ୍ମୃତିଚାରଣ କରିଥିଲେ।

### ଯାଦବ ସମାଜ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜମନକିରା,୨୪।୮ (ଡି.ଏନ.ଏ.): ସମ୍ବଲପୁର ଜିଲା ଯାଦବ ସମାଜ ପକ୍ଷରୁ ମଙ୍ଗଳବାର ଜମନକିରାଠାରେ ନିର୍ମାଣାଧୀନ ଯାଦବ ଭବନ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜମନକିରା ବ୍ଲକ ସଭାପତି ହେମନ୍ତ ବଗର୍ତ୍ତୀ, ସମ୍ପାଦକ ଅଶୋକ ବଗର୍ତ୍ତୀ, ନରୋତ୍ତମ ଭଇଁସା, ଶ୍ୟାମସୁନ୍ଦର ରାଉତ ଓ ପଞ୍ଚାୟତ ସଭାପତି ପ୍ରଶ୍ନ ଖର୍ସେଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ବିରଞ୍ଚି ନାରାୟଣ ଦର୍କା ମୁଖ୍ୟଅତିଥି ଓ ଜିଲା ଉପସଭାପତି ବସନ୍ତ କଉଡି, କୁଚିଣ୍ଡା ବ୍ଲକ ଜୋନ-୧ ସଭାପତି କୁଶଚନ୍ଦ୍ର ଭଇଁସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜମନକିରା, ଟିକିଲିପଡା, ସର୍ଡା, କଟଙ୍ଗପାଣି, ଭୋଜପୁର ପଞ୍ଚାୟତର ଶତାଧିକ କର୍ମକର୍ତ୍ତା ଯୋଗଦେଇ ବୃକ୍ଷରୋପଣ କରିଥିଲେ।

### ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ମେହେର ଜୟନ୍ତୀ

ଜମନକିରା,୨୪।୮(ଡି.ଏନ.ଏ.): ଜମନକିରା ବ୍ଲକ ସୁବର୍ଣ୍ଣପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ରାଖୀ ପୂର୍ଣ୍ଣିମା ସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀମା, ଶ୍ରୀଅରବିନ୍ଦ ଓ କବି ଗଙ୍ଗାଧର ମେହେରଙ୍କ ତୈଳଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ମାତୃ ସଙ୍ଗୀତ ଓ ମେହେରଙ୍କ ଲିଖିତ କବିତା ଆବୃତ୍ତି କରାଯାଇଥିଲା। କୁଡାପଡ଼ା ହାଇସ୍କୁଲର ସଂସ୍କୃତ ଶିକ୍ଷକ ସୁଶିଳ ମହାକୁଲ ସଂଯୋଜନାରେ ମେହେର ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

### ଚାଷୀ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଜମନକିରା,୨୪।୮(ଡି.ଏନ୍.ଏ.): ଜମନକିରା ବ୍ଲକ୍ର ୨୧ ପଞ୍ଚାୟତର ଚାଷୀ ସମସ୍ୟା ନେଇ ସୋମବାର ଚାଷୀ ସଙ୍ଗଠନ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଅଜୟ ତିୱାରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ବର୍ଷା ଅଭାବରୁ ରୁଆ ବେଉଷଣ ୩୦ ପ୍ରତିଶତ ହୋଇଛି। ଉଠା ଜଳସେଚନ ପଏଣ୍ଟ ସଚଳ କରିବା, ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗୀକରଣ, ଡିଜେଲ ଚାଳିତ ପାଣିପମ୍ପ ପାଇଁ ଡିଜେଲ ରିହାତି ଦରରେ ଯୋଗାଇବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ଜଣାଇଛନ୍ତି।

# ଅବାଧରେ ବିକ୍ରି ହେଉଛି ବିସ୍ଫୋରକ ସାମଗ୍ରୀ

ସମ୍ବଲପୁର,୨୪।୮ (ବ୍ୟୁରୋ)

- ଖୋଲା ବଜାରରେ ଯାହାକୁ ଯେତେ
- ପ୍ରଶାସନ, ପୋଲିସ ନିଘୋଡ ନିଦରେ
- ପଥର ଖାଦାନ, ମାଛମରା ସବୁଠି ବ୍ୟବହାର

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ଖୋଲାଖୋଲି ଭାବେ ବିସ୍ଫୋରକ ସାମଗ୍ରୀ ବିକ୍ରି ହେଉଛି। ପୋଲିସ ଓ ଜିଲା ପ୍ରଶାସନ ଜାଣି ସୁଦ୍ଧା ନିଘୋଡ ନିଦରେ ଶୋଇଛି। ଏଥିପାଇଁ କେତେଜଣ ଲାଇସେନ୍ସପ୍ରାପ୍ତ ଡିଲର ରହିଥିଲେ ବି ସେମାନେ ଅନୁମତିଠାରୁ ଗୋଦାମରେ ଅଧିକ ମହଜୁଦ ରଖୁଥିବା ଅଭିଯୋଗ ହେଉଛି। ଏପରି କି ଖୋଲା ବଜାରରେ ଅବାଧରେ ବିକ୍ରି କରାଯାଉଛି। ଫଳରେ ପଥର ଖାଦାନଠାରୁ ଆରମ୍ଭ କରି ନଦୀରେ ମାଛ ମରା ପର୍ଯ୍ୟନ୍ତ ସବୁଠି ଏହାକୁ ବ୍ୟବହାର କରାଯାଉଛି। ଜିଲାରେ ବିସ୍ଫୋରକ ସାମଗ୍ରୀ ବିକ୍ରି କରିବା ପାଇଁ ୩ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଇଲେକ୍ଟ୍ରି ପିନ, ସାଧା ପିନ, ଜିଲୋଟିନ ଓ ବିସ୍ଫୋରକରେ ବ୍ୟବହାର ହେଉଥିବା ସାର ସହ ଅନ୍ୟ ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ଅନୁମତି ଦିଆଯାଇଛି। ଏଥିପାଇଁ ପରିମାଣ ମଧ୍ୟ ଧାର୍ଯ୍ୟ କରାଯାଇଛି। ଡିଲରମାନେ ଲାଇସେନ୍ସପ୍ରାପ୍ତ କମ୍ପାନୀ ଓ ମାଲିକମାନଙ୍କୁ ବିକ୍ରି କରିପାରିବେ ବୋଲି କଡା ନିୟମ ରହିଛି। ହେଲେ ଏହି ନିୟମକୁ ସେମାନେ କେବଳ କାଗଜପତ୍ରରେ ପାଳନ କରୁଛନ୍ତି।

ସରକାରୀ ତଥ୍ୟ ଅନୁସାରେ ୫ ବର୍ଷରେ ଜିଲାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ବାସ୍ତବରେ ଏହି ସଂଖ୍ୟା ଢେର ଅଧିକ। ଅନେକ ଖାଦାନ ମାଲିକ ଆପୋସ ବୁଝାମଣା କରି ମାମଲାକୁ ଚାପିଦେଉଥିବାରୁ ଘଟଣା ପଦାକୁ ଆସି ନ ଥାଏ। ରାଜ୍ୟ ବାହାରକୁ ମଧ୍ୟ ଚୋରା ଚାଲାଣ କରାଯାଉଛି। ଦିନ ଦ୍ୱିପ୍ରହରରେ ୪ ଚକିଆ ଗାଡ଼ି ଓ ବାଇକ୍ ଯୋଗେ କୁଇଣ୍ଟାଲ କୁଇଣ୍ଟାଲ ବିସ୍ଫୋରକ ବିଭିନ୍ନ ଅଞ୍ଚଳକୁ ନିଆଯାଉଛି। ଧିବରମାନେ ଏହାକୁ କିଣି ନଦୀ ଓ ପୋଖରୀରେ ମାଛ ମାରିବା ପାଇଁ ବ୍ୟବହାର କରୁଛନ୍ତି। ମହାନଦୀରେ ପ୍ରାୟତଃ ଏଭଳି ଘଟଣା ହେଉଥିବା ନଜିର ରହିଛି। ଅଧିକ ଲାଭ ପାଇବା ଆଶାରେ ମିନିଟ୍ରକ୍ ମାଧ୍ୟମରେ ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ କଲିକତା ଭଳି ରାଜ୍ୟକୁ ଚୋରା ଚାଲାଣ କରାଯାଉଛି। ଏଥିପାଇଁ ନକଲି କାଗଜପତ୍ର ତିଆରି କରାଯାଉଛି। ୨୦୧୯ରେ ଦେବଗଡ଼ ଜିଲା ବଣେଇ ଥାନା ପୋଲିସ ବିସ୍ଫୋରକ ବୋଝେଇ ଏକ ଗାଡି ଜବତ କରିଥିଲା। ଗାଡି ଡ୍ରାଇଭର ଓ ମାଲିକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ଏହା ଦେବଗଡ ଦେଇ କଲିକତାକୁ ଯାଉଥିବା ପୋଲିସ ସନ୍ଦେହ କରିଥିଲା। ସେହିପରି ଶାସନ ଥାନା ଅଞ୍ଚଳରେ ଏକ କ୍ରଶର ମ୍ୟାନେଜରଙ୍କଠାରୁ ବିସ୍ଫୋରକ ସାମଗ୍ରୀ ନେଇ ଜଣେ କର୍ମଚାରୀ କେନାଲରେ ମାଛ ମାରୁଥିବା ସମୟରେ ହାତରେ ଫାଟିଯାଇ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଶାସନ ପୋଲିସ ବେଆଇନ ବିସ୍ଫୋରକ ସାମଗ୍ରୀ ରଖିବା ମାମଲାରେ ଉକ୍ତ କ୍ରଶର ମ୍ୟାନେଜରଙ୍କୁ ଗିରଫ କରିଥିଲା। ସଦର ଥାନା ଅଞ୍ଚଳରେ ମଧ୍ୟ ଏକ କ୍ରଶର ଉପରେ ଚଢାଉ କରାଯାଇ ବ୍ୟାପକ ମାତ୍ରାରେ ବିସ୍ଫୋରକ ଜବତ ହୋଇଥିଲା। ଦଲେଇପଡାର ଜଣେ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ସେ ଜାମିନରେ ଆସିଥିଲେ। ସେହିପରି ମାନେଶ୍ୱର, ଝୁମ୍ପୁରା, ନାକଟିଦେଉଳ, ରେଢାଖୋଲ, ରେଙ୍ଗାଲି ତହସିଲ ଅଧୀନରେ ଥିବା ଅନେକ କ୍ରଶର ମାଲିକ ଓ ଖଣି ମାଲିକଙ୍କ ପାଖରେ ବିସ୍ଫୋରକ ରଖିବା ଓ ଏହାକୁ ବ୍ୟବହାର କରିବା ଲାଇସେନ୍ସ ନାହିଁ। ପ୍ରଶାସନ ଓ ପୋଲିସଠାରୁ ସୁରକ୍ଷା ପାଇବା ପାଇଁ କେତେଜଣ କ୍ରଶର ମାଲିକ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ ସହ ଚୁକ୍ତି କରିଥାନ୍ତି। ଏ ସମ୍ପର୍କରେ ସମ୍ବଲପୁର ଏସ୍ପି ବାତୁଲା ଗଙ୍ଗାଧର କହିଛନ୍ତି, ବେଆଇନ ବିସ୍ଫୋରକ ବିକ୍ରି ଉପରେ ଲଗାମ ଲଗାଇବା ପାଇଁ ପଦକ୍ଷେପ ନିଆଯିବ। ଏହି କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯିବ।

## ଶହୀଦ ଯବାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ


ଅତିଥିମାନେ ଶହୀଦ ଯବାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ, ୨୪।୮

ଦେଶ ମାତୃକାର ସେବାରେ ଯୋଗ ଦେଇ କୋରାପୁଟ ଜିଲା ବୈପାରିଗୁଡାଠାରେ ଲ୍ୟାଣ୍ଡମାଇଣ୍ଡ ବିସ୍ଫୋରଣରେ ଗତ ୪ ଏପ୍ରିଲ ୨୦୧୦ରେ ଶହୀଦ ହୋଇଥିଲେ ଝାରସୁଗୁଡା ଜିଲା ଲଇକେରା ବ୍ଲକ ରାମଛିପିଡିହି ଗ୍ରାମର ଉମାକାନ୍ତ ନାଏକ। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଶହୀଦଙ୍କ ପ୍ରତିମୂର୍ତ୍ତି ଗାଁ ମୁଣ୍ଡରେ ସ୍ଥାପନ କରାଯାଇଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଦ୍ୱାରା ଶୁଭ ଉନ୍ମୋଚନ ହୋଇଛି। ଏହି ଅବସରରେ ଜିଲା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜିଲାପାଳ ସରୋଜ ସାମଲ, ଏସ୍ପି ବିକାଶ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ବ୍ଲକ ଅଧ୍ୟକ୍ଷା ରୋଜାଲିନୀ ପଟେଲ, କିର୍ମିରା ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶହୀଦଙ୍କ ପିତା ମାତା ପ୍ରଫୁଲ୍ଲ କୁମାର ନାଏକ ଓ ସ୍ନେହଲତାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଏମ୍ଏଫ୍ ପାଣ୍ଠି ଅର୍ଥରେ ଏହି ପ୍ରତିମୂର୍ତ୍ତି କରାଯାଇଛି। ଆଗାମୀ ଦିନରେ ପ୍ରତିମୂର୍ତ୍ତି ଉପରେ ଛାଉଣୀ କରାଯିବ ବୋଲି କୁହାଯାଇଛି। ଶେଷରେ ବ୍ଲକ ଅଧ୍ୟକ୍ଷା ପଟେଲ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କୁ କୋଭିଡ୍ ସଚେତନତା



ବ୍ଲକ୍ ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କୁ ମାସ୍କ ବଣ୍ଟନ କରିବା ସହ କୋଭିଡ୍ ସମ୍ପର୍କରେ ସଚେତନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୨୪।୮

ଆଗକୁ କରୋନାର ତୃତୀୟ ଲହର ଆସିବା ଆଶଙ୍କା ରହିଛି। ଏଥିରେ ବିଶେଷକରି ଶିଶୁମାନେ ଆକ୍ରାନ୍ତ ହେବା କୁହାଯାଉଛି । ଏହାକୁ ଦୃଷ୍ଟିରେ ସରକାର ପଦକ୍ଷେପ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଲଖନପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ବ୍ଲକ୍ର ବିଭିନ୍ନ ସ୍କୁଲ୍ ଗସ୍ତକରି କୋଭିଡ୍ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସେଚେତନ କରାଇଛନ୍ତି। ମାସ୍କ ପିନ୍ଧିବା, ସମଦୂରତା ରକ୍ଷା କରିବା, ହାତକୁ ନିୟମିତ ସାବୁନ୍ରେ ଧୋଇବା, ସାନିଟାଇଜର ବ୍ୟବହାର କରିବା ଉପରେ ସେ ବୁଝାଇଥିଲେ। ସ୍କୁଲ୍ରେ ଶିକ୍ଷାଦାନ ସମୟରେ କୋଭିଡ୍ ନିୟମ ପାଳନ କରିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ସହ ଛାତ୍ରୀଛାତ୍ରଙ୍କୁ ମାସ୍କ ବଣ୍ଟନ କରିଥିଲେ। ଗତ ଗୁରୁବାରରୁ ୫ଦିନ ଧରି ସେ ଏହି କାର୍ଯ୍ୟକ୍ରମ କରିଥିଲେ। ଏହି ସମୟରେ ସେ ତେଲେନପାଲି ପଞ୍ଚାୟତର ବନହରପାଲି ହାଇସ୍କୁଲ୍, କୁମ୍ଭାରବନ୍ଧ ପଞ୍ଚାୟତର କୁମ୍ଭାରବନ୍ଧ କଲେଜ ଓ ହାଇସ୍କୁଲ୍, ରେମଣ୍ଡା ପଞ୍ଚାୟତର ରେମଣ୍ଡା ହାଇସ୍କୁଲ୍, କୁସ୍ରାଲୋଇ ପଞ୍ଚାୟତର ଅଢାପଡା ହାଇସ୍କୁଲ୍, ବନ୍ଧବାହାଲ ପଞ୍ଚାୟତର ବନ୍ଧବାହାଲ ହାଇସ୍କୁଲ୍ ଓ ଡିଏଭି ପବ୍ଲିକ୍ ସ୍କୁଲ୍, ସରଣ୍ଡାମାଲ ପଞ୍ଚାୟତର ମନୋଜପାଢୀ ହାଇସ୍କୁଲ୍ ଆଦି ଶିକ୍ଷାନୁଷ୍ଠାନ ଗସ୍ତ କରିଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ଯୁବକଙ୍କ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୨୪।୮

ଝାରସୁଗୁଡା ଜିଲା ବନହରପାଲି ଥାନା ଛଡାରମା ଗ୍ରାମ ନିକଟ ହୀରାକୁଦ ଜଳଭଣ୍ଡାରରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଝାରସୁଗୁଡା ତେଲିଭଟାର ଅବଦୁଲ୍ ଜୟୀନାଥ ଓରଫ ବାବର୍ (୨୧)। ପୋଲିସ ବୁଧବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁକରି ତଦନ୍ତ ଚଳାଇଛି। ବାବର ଛଡାରମା ଗ୍ରାମର ଭାସ୍କର ତାଣ୍ଡିଆଙ୍କ ଘରକୁ ଗତ ରବିବାର ଆସିଥିଲେ। ତାଙ୍କର ୧୦ବର୍ଷର ନାବାଳକ ପୁତୁରାଙ୍କୁ ନେଇ ସେ ସୋମବାର ଗାଁ ନିକଟ ହୀରାକୁଦ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ। ନାବାଳକ କୂଳରେ ଛିଡା ହୋଇଥିବାବେଳେ ବାବର ଗାଧୋଉଥିବାବେଳେ ପାଣିରେ ବୁଡି ଯାଇଥିଲେ। ନାବାଳକ ଘରକୁ ଫେରି ଜଣାଇବା ପରେ ଭାସ୍କରଙ୍କ ପରିବାର ଲୋକେ ଯାଇ ପାଣିରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ସେମାନେ ଥାନାରେ ଜଣାଇଥିଲେ । ପୋଲିସ୍ଠାରୁ ଖବର ପାଇ ଲଖନପୁର ଅଗ୍ନିଶମ ବିଭାଗ ଓ ଝାରସୁଗୁଡା ଓଡ୍ରାଫ୍ ଟିମ୍ ଜଳଭଣ୍ଡାର ଭିତରେ ଖୋଜାଖୋଜି କରି ମୃତଦେହ ଜବତ କରିଥିଲେ।

## କୁଚିଣ୍ଡା କଲେଜରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍

କୁଚିଣ୍ଡା,୨୪।୮(ଡି.ଏନ.ଏ.)

କୁଚିଣ୍ଡା ମହାବିଦ୍ୟାଳୟରେ ମଙ୍ଗଳବାର ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୨.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପରିଡା ଏହାକୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ଯୁବ ରେଡକ୍ରସ, ଏନ୍ଏସ୍ଏସ୍ର ସ୍ୱେଚ୍ଛାସେବୀ ଓ ଏନ୍ସିସି କ୍ୟାଡେଟମାନେ ଜାତୀୟ ସଂଗୀତ ଗାନ ସହ ସଂକଳ୍ପ ପାଠ କରିଥିଲେ। ପରେ ସେମାନେ ସାହି ପରିକ୍ରମା କରିଥିଲେ। ଏଥିରେ ଜିଲା ଏନ୍ଏସ୍ଏସ୍ ସଂଯୋଜକ ଡ. ବିଶ୍ୱମୋହନ ଜେନା ଓ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ମାରିଆନୁସ ବିଲୁଙ୍ଗ ଅତିଥି ରୂପେ ଯୋଗଦେଇଥିଲେ। ଯୁବ ରେଡକ୍ରସ ଜିଲା ସଂଯୋଜକ ଖଗେଶ୍ୱର ଦାଶ, ରେଡକ୍ରସ ଅଧିକାରୀ ଅଧ୍ୟାପିକା ସୁଚିତ୍ରା ମିଶ୍ର, ଝରଣା ସୁନା, ଅଧ୍ୟାପକ ରୋଶନ କୁଲୁ, ଏନଏସଏସ ଅଧିକାରୀ ଦିବାକାନ୍ତି ବିଲୁଙ୍ଗ, ଏନସିସି ଅଧିକାରୀ ଗିକେଶ୍ୱର ଘୁଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଝୁମ୍ପୁରା-ରେଢ଼ାଖୋଲ ସେକ୍ସନ ଦୋହରୀକରଣ କାର୍ଯ୍ୟ ନିରୀକ୍ଷଣ


ମୁଖ୍ୟ ରେଳବାଇ ନିରାପତ୍ତା ଆୟୁକ୍ତ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

ସମ୍ବଲପୁର,୨୪।୮(ବ୍ୟୁରୋ)

ସମ୍ବଲପୁର-ତାଳଚେର ଦୋହରୀକରଣ ପ୍ରକଳ୍ପର ରେଢ଼ାଖୋଲରୁ ଝୁମ୍ପୁରା ଷ୍ଟେଶନ ମଧ୍ୟରେ ବିକାଶ କାର୍ଯ୍ୟ ଚାଲିଛି। ମଙ୍ଗଳବାର ମୁଖ୍ୟ ରେଳବାଇ ନିରାପତ୍ତା ଆୟୁକ୍ତ ଶୈଳେଶ କୁମାର ପାଠକ ରେଢ଼ାଖୋଲରୁ ଝୁମ୍ପୁରା ଷ୍ଟେଶନରେ ଦୋହରୀକରଣ ଓ ବିଦ୍ୟୁତ୍କରଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସେ ଓଭରହେଡ ଉପକରଣ, ପୋଲ, ମାନବଯୁକ୍ତ ରେଳବାଇ ଫାଟକ, ସଂକେତ ଓ ଦୂରସଞ୍ଚାର ଉପକରଣ, ରେଳ ଧାରଣା ପ୍ରଭୃତି ନିରୀକ୍ଷଣ ସହ ସ୍ପିଡ୍ ଟ୍ରାଏଲ କରିଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ ଡି.ପି. ଲାଲ, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଏ.ଏସ୍. ଓବରାୟଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ସମ୍ବଲପୁର ମଣ୍ଡଳର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ମାଫିଆଙ୍କ ଦୌରାତ୍ମ୍ୟ ବଢୁଛି

ସମ୍ବଲପୁର,୨୪।୮(ବ୍ୟୁରୋ)

**ଏସିଏଫ୍ଙ୍କ ଗାଡିକୁ ଧକ୍କା, ଗାଳିଗୁଲଜ**

ସମ୍ବଲପୁର ଜିଲାରେ କେନ୍ଦୁପତ୍ର ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ସୋମବାର ବିଳମ୍ବିତ ରାତିରେ ରେଢାଖୋଲ ବନଖଣ୍ଡ ଚାରମାଲ ଥାନା ଅର୍ଡାବାହାଲ ଗ୍ରାମରେ ବନ ବିଭାଗର ଚଢାଉ ସମୟରେ ଘଟଣା ପଦାକୁ ଆସିଛି। ନୂତନ ଭାବେ ଯୋଗଦେଇଥିବା ଏସିଏଫ୍ ଦେବୀ ପ୍ରସାଦ ରାଉତ, ରେଞ୍ଜର ପ୍ରଦୀପ ସେଠୀ, ବିନୟ ବିଶ୍ୱାଳ, ଶ୍ରୀବତ୍ସ ବରାଳଙ୍କ ସମେତ ଅନ୍ୟ ବନ କର୍ମଚାରୀଙ୍କୁ ସମ୍ପୃକ୍ତ ବ୍ୟକ୍ତିମାନେ ଗାଳିଗୁଲଜ କରିବା ସହ ତାଙ୍କ ଗାଡିକୁ ଧକ୍କା ଦେଇ କେନ୍ଦୁପତ୍ର ବୋଝେଇ ଗାଡି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ଏସିଏଫ୍ ରାଉତ ଚାରମାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ରିପୋର୍ଟ ଅନୁସାରେ ଅର୍ଡାବାହାଲ ଗ୍ରାମରେ ରାତି ୧୧ଟା ସମୟରେ ଏକ ପିକ୍ଅପ୍ରେ କେନ୍ଦୁପତ୍ର ଲୋଡ୍ କରାଯାଉଥିଲା। ଖବର ପାଇ ସ୍ଥାନୀୟ ଫରେଷ୍ଟ ଗାର୍ଡ ସେଠାରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ଗାର୍ଡଙ୍କ ମୋବାଇଲ ଫୋନ ଛଡାଇବାକୁ ଚେଷ୍ଟା କରିବା ସହ ମାରପିଟ କରିଥିଲେ। ଜୀବନ ବଞ୍ଚାଇ ଗାର୍ଡ ଖସିଆସି ଏସିଏଫ୍ ରାଉତଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ଏସିଏଫ୍ଙ୍କ ସହ ରେଞ୍ଜ ଅଫିସ କର୍ମଚାରୀ ସେଠାରେ ପହଞ୍ଚିଥିଲେ। କେନ୍ଦୁପତ୍ର ଲୋଡିଂ ପଏଣ୍ଟରୁ କିଛି ଦୂରରେ ଛିଡା ହୋଇଥିବା ୬ଜଣ ଦୁର୍ବୃତ୍ତ ଏସିଏଫ୍ ଓ ରେଞ୍ଜ ଅଫିସ ଗାଡିକୁ ଅଟକାଇଥିଲେ। ଗ୍ରାମ ଭିତରକୁ ଯିବାକୁ ମନା କରି ଗାଳିଗୁଲଜ କରିଥିଲେ। ବନ କର୍ମଚାରୀ ଗ୍ରାମ ନିକଟରେ ପହଞ୍ଚିବା ପରେ ପରସ୍ପର ମଧ୍ୟରେ ଯୁକ୍ତି ହୋଇଥିଲା। ଏହି ସମୟରେ କେନ୍ଦୁପତ୍ର ବୋଝେଇ ପିକ୍ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ଏସିଏଫ୍ଙ୍କ ଗାଡିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପୂର୍ବରୁ କେନ୍ଦୁପତ୍ର ଚୋରା ଚାଲାଣ ଘଟଣାରେ ଗିରଫ ହୋଇ ଜାମିନରେ ଆସିଥିବା ଝୁମ୍ପୁରା ଥାନା ଅଞ୍ଚଳର ଜଣେ ଅଭିଯୁକ୍ତଙ୍କ ସହ ସହରର ମାଫିଆମାନେ ଏଥିରେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ରେଢାଖୋଲ ଏସ୍ଡିପିଓ ପ୍ରଶାନ୍ତ ମେହେର କହନ୍ତି, ଘଟଣା ନେଇ ଏସିଏଫ୍ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଖୁବ୍ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ଦୋକାନରୁ ଚୋରି

ବ୍ରଜରାଜନଗର,୨୪।୮ (ଡି.ଏନ.ଏ.)

ଓରିଏଣ୍ଟ ଥାନା ଭୂତବଙ୍ଗଳା ଛକସ୍ଥିତ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୁମନ ସ୍ୱାଇଁଙ୍କ ଫେବ୍ରିକେଶନ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଦୁର୍ବୃତ୍ତମାନେ ୨ ଗୋଟି ୱେଲଡିଂ ମେଶିନ, କଟର, କେବୁଲ ଓ କାଉଣ୍ଟରରୁ ୨୩ ଶହ ଟଙ୍କା ନେଇଯାଇଛନ୍ତି। ଅନ୍ୟ ଦୁଇ ଦୋକାନର ଆଜବେଷ୍ଟସ୍ ଭଙ୍ଗାଯାଇଥିଲେ ମଧ୍ୟ ଭିତରେ ପ୍ରବେଶ କରି ନ ଥିବା ଜଣାପଡିଛି। ଘଟଣାସ୍ଥଳରେ ଓରିଏଣ୍ଟ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଫିସର ରବିଶଙ୍କର ଭଇଁଷା କହିଛନ୍ତି।

## କୋଶଳ ସେନାର ଦସ୍ତଖତ ଅଭିଯାନ

ସମ୍ବଲପୁର,୨୪।୮(ବ୍ୟୁରୋ)

ସୁନ୍ଦରଗଡଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ କୋଶଳ ସେନା ମଙ୍ଗଳବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦସ୍ତଖତ ଅଭିଯାନ କରିଥିଲା। ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେନାର କର୍ମକର୍ତ୍ତା ବାଇକ୍ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ବୀରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେନ୍ଦ୍ରୀୟ ଟିମ୍ ଓ ରାଜ୍ୟ ସରକାରଙ୍କ ଏକ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। ହେଲେ କିଛିମାସ ହେବ ଏଥିରେ ଶୀଥିଳତା ଦେଖାଦେଇଛି। ଏହାକୁ ନେଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଆନ୍ଦୋଳନ କରାଯାଉଛି।



କୋଶଳ ସେନାର କର୍ମକର୍ତ୍ତା ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ବିରୋଧ

ଝାରସୁଗୁଡ଼ା ଅଫିସ,୨୪।୮

**ପ୍ରଦୂଷଣ ଆଶଙ୍କା କରୁଛନ୍ତି ଅଞ୍ଚଳବାସୀ**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବାଣ୍ଡିପାହାଡ ନିକଟରେ ରାମିକୀ ଏନ୍ଭିରୋ ଇଞ୍ଜିନିୟରିଂ କମ୍ପାନୀ ତରଫରୁ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ପ୍ରକଳ୍ପ ପାଇଁ କମ୍ପାନୀ ଇଡ୍କୋ ଜରିଆରେ ୬୩ ଏକର ପତିତ କିସମ ଜମି ନେବାପାଇଁ ରାଜସ୍ୱ ବିଭାଗ ନିକଟରେ ଆବେଦନ କରିଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବାବେଳେ ଆସନ୍ତା ୨୭ତାରିଖରେ ଲଖନପୁର ସମଲେଇ ଖେଳପଡିଆରେ ଜନଶୁଣାଣି ହେବାକୁ ରହିଛି। ଏହା ଜାଣିବା ପରେ ସ୍ଥାନୀୟ ବାଣ୍ଡିପାହାଡ, କୁନିଏନ୍ ଓ ଲଖନପୁର ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, କମ୍ପାନୀକୁ ଦିଆଯିବାକୁ ଥିବା ୬୩ ଏକର ପତିତ କିସମ ଜମିରେ ଶାଳ, ପିଆଶାଳ, କେନ୍ଦୁ ଆଦି ମୂଲ୍ୟବାନ ଗଛ ରହିଛି । ଏହି ଜଙ୍ଗଲକୁ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗ ମାଧ୍ୟମରେ ଭିଏସ୍ଏସ୍ ଗଠନକରି ସୁରକ୍ଷା ଦେଇଆସୁଛନ୍ତି। ଏହି ଜଙ୍ଗଲରୁ ସେମାନେ ଜାଳେଣି କାଠ, ଦାନ୍ତକାଠି, କେନ୍ଦୁପତ୍ର ଆଦି ସଂଗ୍ରହକରି ଜୀବିକା ନିର୍ବାହ କରୁଛନ୍ତି। ଏହାକୁ କଦାପି କମ୍ପାନୀ ଉଦ୍ଦେଶ୍ୟରେ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ ଆଗାମୀ ଦିନରେ ବିରୋଧ କରାଯିବ ବୋଲି କୁହାଯାଇଛି । ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ବିଭିନ୍ନ କଳକାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁକୁ ପରିଚାଳନା କରି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଯୋଜନା ରହିଛି। ଏଭଳି ହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ହେବା ଆଶଙ୍କା କରି ଲୋକେ ଏହାକୁ ବିରୋଧ କରିଆସୁଛନ୍ତି। ସୂଚନାଯୋଗ୍ୟ ଏହି କମ୍ପାନୀ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ୭୦ଏକର ଜମିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରତିଷ୍ଠା କରିଛି। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳ ପ୍ରଭାବିତ ହେବା ସହ ସ୍ଥାନୀୟ ନିଯୁକ୍ତି, ଶ୍ରମିକଙ୍କ ଦରମା ପ୍ରଦାନ ଆଦିକୁ ନେଇ ସମସ୍ୟା ଲାଗିରହିଛି। ଏଠାରେ ଅନୁରୂପ ପରିସ୍ଥିତି ସୃଷ୍ଟିହେବା ଆଶଙ୍କା କରି ଏହାକୁ ବିରୋଧ କରିଆସୁଛନ୍ତି।


ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ଅଧିବାସୀ ଏକାଠି ହୋଇଛନ୍ତି।

## ଅନ୍ୟ ଜମିରେ ଫସଲ ବୀମା କରି ଗିରଫ

ବେଲପଡା (ଡି.ଏନ.ଏ.): ବେଲପଡା ବ୍ଲକ କର୍ଲାବାହାଲି ଗ୍ରାମର ଭାଗିରଥୀ ବନଛୋର, ବିରଞ୍ଚି ବନଛୋର, ଡେଭିଡ ବନଛୋର, ଶେଷମଣି ବନଛୋର, ବିଚାରପତି ବନଛୋର, ଠାକୁର ବନଛୋରଙ୍କ ଚାଷ ଜମିରେ ଅନ୍ୟ କେହି ଫସଲ ବୀମା କରାଇ ନେଇଛନ୍ତି। ଫଳରେ ସେମାନେ ଫସଲବୀମା କରାଇ ପାରି ନାହାନ୍ତି। ସେହିପରି କୁମରମଣି ବନଛୋର କର୍ଲାବାହାଲି ମୌଜା ଖାତା ନଂ ୧୮ ର ବିଭିନ୍ନ ପ୍ଲଟ ମୋଟ ୧୮ ହେକ୍ଟର ଜମିକୁ ଗିଦମାଲ ଗ୍ରାମର ଚକାନୟନ ବନଛୋର ଫସଲ ବୀମା କରାଇନେଇଥିବା ପୋଲିସ ତଦନ୍ତରୁ ଜାଣିବା ପରେ ତାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି।

# ‘ଖରସ୍ରୋତା ଆନ୍ଦୋଳନ ବ୍ୟାପକ କର’

## ଗଣଧାରଣାସ୍ଥଳରେ ଜଳପୁରୁଷ ରାଜେନ୍ଦ୍ର ସିଂହଙ୍କ ଆହ୍ୱାନ

କେନ୍ଦ୍ରାପଡ଼ା ଅଫିସ/ଆଳି, ୨୪।୮ (ଡି.ଏନ.ଏ.)

ଜଳ ଉପରେ ସମସ୍ତଙ୍କ ଅଧିକାର ଅଛି। ଭଦ୍ରକ ଜିଲାବାସୀଙ୍କ ପାନୀୟ ଜଳ ପ୍ରକଳ୍ପକୁ ବନ୍ଦ କରିବା ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ଅଭିପ୍ରାୟ ନୁହେଁ । ତେବେ ଭଦ୍ରକ ଜିଲା ଲୋକଙ୍କ ପିଇବା ପାଣି ଯୋଗାଇବା ଆଢୁଆଳରେ ଖରସ୍ରୋତାର ମଧୁର ଜଳକୁ କମ୍ପାନୀ ହାତରେ ଟେକି ଦିଆଯାଉଛି। ଯାହା ବରଦାସ୍ତ ଯୋଗ୍ୟ ନୁହେଁ। ଖରସ୍ରୋତା ନଦୀ ଜଳକୁ ଚାଷ ଓ ପାନୀୟ ଜଳ ଭାବେ ଏଠାକାର ଲୋକେ ବ୍ୟବହାର କରୁଛନ୍ତି। ସେହିପରି ଭିତରକନିକା ଆର୍ଦ୍ରଭୂମି ମଧୁର ଜଳ ବିନା ପ୍ରଭାବିତ ହେବ। ଜଳ ପାଇଁ ନୁହେଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ବଞ୍ଚିବାର ଅଧିକାର ଲଢ଼େଇକୁ ମୁଁ ସମର୍ଥନ କରେ ବୋଲି ମାଗାସେସେ ପୁରସ୍କାର ବିଜେତା ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ କହିଛନ୍ତି।

ଖରସ୍ରୋତା ନଦୀ ଆନ୍ଦୋଳନକୁ ଏବେ ଜାତୀୟସ୍ତରରେ ସମର୍ଥନ ମିଳିଛି। ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଡ. ସିଂହ ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଚ୍ୟୁତପୁର ଗ୍ରାମ ମା’ ଅନ୍ଧାରଘରଣୀ ପୀଠ ଗଣଧାରଣାସ୍ଥଳରେ ଆୟୋଜିତ ସଭାରେ ଯୋଗଦେଇ କହିଛନ୍ତି। ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡ. ସିଂହ କହିଛନ୍ତି, ଭାରତର ୨୫୬ଟି ଜିଲା ଜଳ ସଙ୍କଟ ମଧ୍ୟରେ ଅଛି ବୋଲି କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାର ଏକମାତ୍ର କେନ୍ଦ୍ରାପଡ଼ା ଜିଲା ରହିଛି। ଜିଲାର ଏହି ସଙ୍କଟ ପରିସ୍ଥିତିରେ ନଦୀରୁ ଜଳ ଉଠାଇ କମ୍ପାନୀକୁ ଦେବା ଅଭିପ୍ରାୟ ରାଜ୍ୟ ସରକାରଙ୍କ ଠିକ୍ ନିଷ୍ପତ୍ତି ନୁହେଁ। ଖରସ୍ରୋତାରୁ ଜଳ ଉତ୍ତୋଳିତ ହେଲେ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ସହ ବିଶ୍ୱସ୍ତରରେ ଆକର୍ଷଣ ସାଜିଥିବା ଭିତରକନିକା ଉପରେ ପ୍ରଭାବ ପକାଇବ। ନିକଟବର୍ତ୍ତୀ ସମୁଦ୍ରର ଲୁଣାଜଳ ମାଡି ଆସିବା ଯୋଗୁ ଚାଷ ଓ ପାନୀୟ ଜଳ ପ୍ରଭାବିତ ହେବ। ଏହା ବ୍ୟତୀତ ପ୍ରକଳ୍ପର ବିଶୋଧନ କେନ୍ଦ୍ର ଓ ପାଣି ଉଠା ସ୍ଥାନ ଇକୋ ସେନ୍ସିଟିଭ ଜୋନ୍ ଅଞ୍ଚଳରେ ଅଛି। ଏହି ଜୋନ୍‌ରେ କୌଣସି ପ୍ରକଳ୍ପ ପାଇଁ ଜୋନ୍ କମିଟିର ଅନୁମୋଦନ ଆବଶ୍ୟକ। ତେବେ ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅଧିକାରୀମାନେ ଚଞ୍ଚକତାପୂର୍ଣ୍ଣ ଭାବେ ମଞ୍ଜୁରୀ ଦେଇଛନ୍ତି। ଖରସ୍ରୋତାର ସ୍ରୋତକୁ ଅଟକାଇବା ଅର୍ଥ ସ୍ଥାନୀୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ଦିଗ ପଥଭ୍ରଷ୍ଟ ହେବା ସହ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବ। ଏସବୁ ସତ୍ତ୍ୱେ ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ଦୁର୍ଭାଗ୍ୟଜନକ। ଏଥିସହ ପ୍ରଶାସନିକ ଅଧିକାରୀଙ୍କ ଅତ୍ୟାଚାରକୁ ସମାଲୋଚନା କରିବା ସହ ଖରସ୍ରୋତା ନଦୀ ବଞ୍ଚାଅ ସମିତିର ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ସେ ଆହ୍ୱାନ କରିଥିଲେ। ଆବଶ୍ୟକ ପଡିଲେ ସେ ନିଜେ ଗିରଫ ହେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଜଳପୁରୁଷ ସିଂହ କହିଛନ୍ତି।

ଏହି ସଭାରେ ଅନ୍ୟତମ ଅତିଥି ଭାବେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଯୋଗଦେଇ ଆନ୍ଦୋଳନ ଜାତୀୟସ୍ତରରେ ହେବ ବୋଲି ମତ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଦୋଳଗୋବିନ୍ଦ ନାୟକ, ସଂଗ୍ରାମ ସମିତି ସମ୍ପାଦକ ବିଧାନ ଚନ୍ଦ୍ର ଦାସ, ଆଇନଜୀବୀ ଧରଣୀଧର ନାୟକ, ସବିତା ବରଜ, ବିଜୟ ପ୍ରଧାନଙ୍କ ସହ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।



ଗଣଧାରଣାସ୍ଥଳରେ ଜଳପୁରୁଷ ରାଜେନ୍ଦ୍ର ସିଂହ ଓ ଅନ୍ୟମାନେ।

**ଖରସ୍ରୋତା ନଦୀ ଜଳ ବିବାଦ**
- ବଞ୍ଚିବାର ଅଧିକାର ଲଢ଼େଇକୁ ସମର୍ଥନ
- ପିଇବା ପାଣି ନାମରେ ଜଳ ନେବ କମ୍ପାନୀ
- କେନ୍ଦ୍ରାପଡ଼ା ଓଡ଼ିଶାର ଜଳସଙ୍କଟ ଜିଲା
- ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଠିକ୍ ନୁହେଁ

## ସଂକ୍ଷେପରେ

### ଗୁଳି ବିନିମୟ: ୨ ମାଓବାଦୀ ନିହତ

ମାଲକାନଗିରି,୨୪।୮ (ଡି.ଏନ.ଏ.): ସୀମାନ୍ତରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକ ପରିଚୟ କାୱାସୀ ହୁଙ୍ଗା ହୋଇଥିବା ବେଳେ ଅନ୍ୟ ଜଣକର ପରିଚୟ ମିଳିପାରିନାହିଁ। ଛତିଶଗଡର ସୁକ୍‌ମା ଜିଲା ଅନ୍ତର୍ଗତ କୋଣ୍ଟା ପୋଲିସ ଷ୍ଟେଶନ ଅଞ୍ଚଳରେ ମଙ୍ଗଳବାର ଡିଆର୍‌ଜି, ସିଆର୍‌ପିଏଫ ୨୧୭ ବାଟାଲିୟନ, କୋବ୍ରା ୨୦୨ ବାଟାଲିୟନର ଯବାନମାନେ ମିଳିତ ଭାବେ କାହ୍ନାଇଗୁଡା ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିଲେ। ଜଙ୍ଗଲକୁ ପୋଲିସ ଆସିଥିବା ଜାଣିପାରି ପ୍ରଥମେ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଯବାନମାନେ ମଧ ଏହାର ଜବାବରେ ଗୁଳି ଚଳାଇଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ସେଠାରୁ ପଳାଇଥିଲେ। ପରେ ତଲାସୀ ବେଳେ ୨ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା।

### ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବୁଦ୍ଧିଜୀବୀ, ରାଜନେତା

ସୋନପୁର,୨୪।୮ (ନି.ପ୍ର.): ରେଳ, ସଞ୍ଚାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ ବଲାଙ୍ଗୀର ଆସିଥିଲେ। ଏହି ଅବସରରେ ବଲାଙ୍ଗୀର ସର୍କିଟ୍ ହାଉସଠାରେ ସୁବର୍ଣ୍ଣପୁର ଜିଲାର ବୁଦ୍ଧିଜୀବୀ ଓ ରାଜନେତା କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା, ୧ ବର୍ଷ ମଧ୍ୟରେ ସୋନପୁର ପର୍ଯ୍ୟନ୍ତ ରେଳ ଚଳାଇବା, ସନ୍ଥକବିଙ୍କ ନାମରେ ସୁବର୍ଣ୍ଣପୁର ରେଳ ଷ୍ଟେଶନକୁ ନାମିତ କରିବା ପାଇଁ ସୁବର୍ଣ୍ଣପୁର ଶାଖା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। କମିଟି ସଭାପତି ଗୋବିନ୍ଦ ମହାରଣା, ସମ୍ପାଦକ ଶ୍ୟାମା ଓଁ ପ୍ରସାଦ ମିଶ୍ର, ସଭ୍ୟ ଗଦାଧର ବାରିକ ଓ ବଲାଙ୍ଗୀର ଶାଖାର ସମ୍ପାଦକ ଭବାନୀ ଶତପଥୀ ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ସେହିପରି ଭାଜପା ଜିଲା ଶାଖା ପକ୍ଷରୁ ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା, ସୋନପୁର ରେଳ ଷ୍ଟେଶନକୁ ହେରିଟେଜ୍ ଷ୍ଟେଶନ କରିବା, ଦୁଙ୍ଗୁରିପାଲି ଷ୍ଟେଶନର ଉନ୍ନତିକରଣ ଓ ଏକ୍ସପ୍ରେସ ଟ୍ରେନ୍‌ର ରହଣି ଏବଂ ବୀରମହାରାଜପୁର ଦେଇ ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁରକୁ ରେଳ ଲାଇନ ସଂଯୋଗ ପାଇଁ ଭାଜପା ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୨୦୨୩ ଫେବୃୟାରୀ ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ ଓ ସୋନପୁର ଷ୍ଟେଶନର ନାମ ସନ୍ଥ କବି ଭୀମଭୋଇଙ୍କ ନାମରେ ନାମିତ ହେବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ପ୍ରତିଶୃତି ଦେଇଥିଲେ। ସେହିଭଳି ଅନ୍ୟ ଦାବିଗୁଡିକ ସମ୍ପର୍କରେ ବିଚାର କରିବେ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଥିବା ଜଣାପଡିଛି।

### ବୋର୍ଡାପଡାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି

ନୂଆପଡ଼ା ଅଫିସ,୨୪।୮ : ନୂଆପଡା ଜିଲା ଖଡିଆଳ ବ୍ଲକ ଭୋଜପୁର ପଞ୍ଚାୟତ ଚନାବେଡା ଗାଁଠାରୁ ଦେଢ କି.ମି. ଦୂରରେ ୩ଟି ପଡା ରହିଛି। ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ବୋର୍ଡାପଡାବାସୀ ସୋମବାର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭୋଜପୁର ପଞ୍ଚାୟତ ଚନାବେଡା ଗାଁର ବୋର୍ଡାପଡା, ହାତିପଡା ଓ ସାନପଡା ୩ଟି ପଡା ରହିଛି। ଏହି ପଡାରୁ ବୋର୍ଡାପଡାକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଦୀର୍ଘ ଦୀନରୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସୋମବାର ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ନୂତନ ରାଜସ୍ୱ ଗ୍ରାମ ପାଇଁ ଯେଉଁସବୁ ମାନଦଣ୍ଡ କରିଛନ୍ତି। ସେହି ନିୟମ ଅନୁଯାୟୀ ବୋର୍ଡାପଡା ଏକ ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ପାଇଁ ଯୋଗ୍ୟ ଅଟେ। ବୋର୍ଡାପଡାରେ ୧୩୦ ପରିବାର ରହିଥିବା ବେଳେ ଜନସଂଖ୍ୟା ୪୯୦। ରାଶନ ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ କାମରେ ଚନାବେଡା ଗାଁକୁ ଯିବାକୁ ପଡୁଛି। ସରକାର ପ୍ରତ୍ୟେକ ଗାଁରେ ଗ୍ରାମିଣ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଗାଁକୁ ପାଣି ଯୋଗାଉ ଥିବା ବେଳେ ୩ଟି ପଡାରେ ପାନୀୟ ଜଳ ଅଭାବ ଥିଲେ ମଧ୍ୟ ଆମେ ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପରୁ ବଞ୍ଚିତ। ଏହାର ସୁବିଚାର କରି ରଜସ୍ୱ ଗ୍ରାମର ମାନ୍ୟତା ଦେବା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ପଡ଼ାର ଲମ୍ବୋଦର ନିଆଲ, ପ୍ରମାନନ୍ଦ ଭୋଇ, ବିରଜି ଭୋଇ, କୁନ୍ଥ ଭୋଇ, ଦେବା ହାତି, ବେଦବର ଭୋଇ, ତୁଳାରାମ ଭୋଇ ପ୍ରମୁଖ ଦାବି କରିଛନ୍ତି।

## ଖରସ୍ରୋତା ଆନ୍ଦୋଳନ ସମର୍ଥନରେ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

କଂଗ୍ରେସ ପକ୍ଷରୁ ଖରସ୍ରୋତା ଆନ୍ଦୋଳନ ସମର୍ଥନରେ ରାଜ୍ୟପାଳଙ୍କୁ ଭେଟି ଏକ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରିଛି। ପିସିସିର ତଥ୍ୟ ଅନୁଧ୍ୟାନକାରୀ କମିଟି ଅଧକ୍ଷ ପଞ୍ଚାନନ କାନୁନଗୋଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟ ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି ଓ ଜ୍ଞାନଦେବ ବେଉରା ରାଜ୍ୟପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ଏହାସହ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟପାଳଙ୍କ ହସ୍ତକ୍ଷେପ ମଧ୍ୟ ଲୋଡିଛନ୍ତି। କଂଗ୍ରେସ ତରଫରୁ ଦିଆଯାଇଥିବା ସ୍ମାରକ ପତ୍ରରେ ୫ଟି ଦାବି ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଆନ୍ଦୋଳନକାରୀ ତଥା ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ନେତୃମଣ୍ଡଳୀଙ୍କ ଆଲୋଚନାକୁ ଡାକନ୍ତୁ, ଖରସ୍ରୋତାର ତଳ ମୁଣ୍ଡରେ ଗୋଟିଏ ବ୍ୟାରେଜ ନିର୍ମାଣ ନିମନ୍ତେ ଘୋଷଣା କରନ୍ତୁ, ଆଳି ଓ ରାଜକନିକା ପାନୀୟ ଜଳ ନିର୍ମାଣ ପ୍ରକଳ୍ପ ଯୁଦ୍ଧକାଳୀନ ଭିତିରେ ତ୍ୱରାନ୍ୱିତ କରନ୍ତୁ, ଗିରଫ ହୋଇ ଜେଲ ଯନ୍ତ୍ରଣା ଭୋଗୁଥିବା ଅନେକ ନିରୀହ ଆନ୍ଦୋଳନକାରୀଙ୍କୁ ତୁରନ୍ତ ଖଲାସ କରାଯାଉ ଏବଂ ଆଲୋଚନାକ୍ରମେ ସିଦ୍ଧାନ୍ତ ହେବା ପର୍ଯ୍ୟନ୍ତ ଭଦ୍ରକ ପାଇଁ ଉଦ୍ଦିଷ୍ଟ ଭାରିଗଦା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖିବାକୁ କଂଗ୍ରେସ ଦାବି ରଖିଛି।

## ପୋଲ ଉପରୁ ମୃତଦେହ ଜବତ, କାରଣ ଅସ୍ପଷ୍ଟ

ବରଗଡ଼ ଅଫିସ୍,୨୪।୮

ବରଗଡ଼ ସହର ଉପକଣ୍ଠ ନାଗେନପାଲି ଓଭରବ୍ରିଜ୍ ଉପରୁ ମଙ୍ଗଳବାର ଜଣଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ବରଗଡ଼ ସହର ବାସିନ୍ଦା ରାଜକୁମାର ସାଓଡ଼ିଆ। ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଛି ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ପ୍ରକାଶ ଯେ, ନାଗେନପାଲି ଓଭରବ୍ରିଜ୍ ଉପରେ ରାଜକୁମାର ଜୁବୁବୁବୁ ଅବସ୍ଥାରେ ପଡ଼ିଥିଲେ। ସେଠାରେ ଏକ ହୋଣ୍ଡା ଆକ୍ଟିଭା (ନଂ.ଓଡ଼ି୧୭କେ/୭୦୩୮) ପଡ଼ିଥିଲା। ସ୍ଥାନୀୟ ଲୋକେ ରାଜକୁମାରଙ୍କୁ ଉଦ୍ଧାର କରି ସେହି ରାସ୍ତାରେ ଆସୁଥିବା ଏକ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତକ ଜଣକ ଏକ ବିସ୍କୁଟ କମ୍ପାନୀରେ ଡିଷ୍ଟ୍ରିବ୍ୟୁଟର ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି ।

## ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲା ଭାଜପା



ନିର୍ବାହୀ ଯନ୍ତ୍ରୀଙ୍କୁ ଭାଜପା ଦାବିପତ୍ର ପ୍ରଦାନ କରୁଛି ।

ବରଗଡ଼ ଅଫିସ୍,୨୪।୮

ବରଗଡ଼ ସହରର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଭାଜପା ପକ୍ଷରୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବରଗଡ଼ ସହରରୁ ଅମ୍ବାପାଲିକୁ ସଂଯୋଗ କରୁଥିବା ନିର୍ମାଣାଧୀନ ଜିରା ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ସହିତ ଗାନ୍ଧୀଛକରୁ ଭଟଲି ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାମରେ ଅନିୟମିତତା ଅଭିଯୋଗ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇଥିଲା। ଏହାସହିତ ସହରରେ ଡ୍ରେନେଜ ବ୍ୟବସ୍ଥା ଫେଲ ମାରିଥିବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ମଧ୍ୟ ଦାବି କରାଯାଇଥିଲା ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଭାଜପା ନଗର ସଭାପତି ସୁବ୍ରତ ହୋତାଙ୍କ ନେତୃତ୍ୱରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଅଶୋକ ପଣ୍ଡା, ଅକ୍ରୁର ମଲ୍ଲିକ, ଅବନୀକାନ୍ତ ପଣ୍ଡା, ମୀନା ସରାଫ, ସୀମା ସିଂ, ପରିକ୍ଷିତ ଛତର, ସୁନୀଲ ଶର୍ମା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## କୃଷକଙ୍କୁ ଜ୍ଞାନକୌଶଳରେ ମଜଭୁତ କରିବାକୁ ପଡ଼ିବ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

୨୦୩୦ ସୁଦ୍ଧା ଭାରତକୁ ଦାରିଦ୍ର୍ୟ ଓ କୁପୁଷ୍ଟିରୁ ମୁକ୍ତ କରିବା ପାଇଁ କୃଷକମାନଙ୍କୁ ଜ୍ଞାନକୌଶଳରେ ମଜଭୁତ କରିବା ଏକାନ୍ତ ଆବଶ୍ୟକ। ଗବେଷକ, କୃଷି ଉଦ୍ୟୋଗୀ ଓ କୃଷି ଶିଳ୍ପ ମଧ୍ୟରେ ଏକ ନୂତନ ଯୋଗସୂତ୍ର ସ୍ଥାପନ ପାଇଁ ଆମକୁ ପ୍ରୟାସ କରିବା ଆବଶ୍ୟକ ବୋଲି ଭାରତ ସରକାରଙ୍କ ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସଚିବ ଡ. ରେଣୁ ସ୍ୱରୂପ କହିଛନ୍ତି। ମଙ୍ଗଳବାର ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୦ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଭର୍ଚୁଆଲ ସମ୍ଭାଷଣ ଦେଇ ଡ. ରେଣୁ ସ୍ୱରୂପ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବିପ୍ଳବର ଜରୁରୀ ଆବଶ୍ୟକତା ରହିଥିବା କହିଥିଲେ।

ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ବିଶ୍ୱବିଦ୍ୟାଳୟ ତା’ର ହୀରକ ଜୟନ୍ତୀ ବର୍ଷ ପାଳନ ଆରମ୍ଭ କରିଛି। ଉତ୍ସବରେ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଛନ୍ତି। ‘ମୋ କଲେଜ’ ଯୋଜନାର ସଫଳ ରୂପାୟନ ପାଇଁ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଶୁଭେଚ୍ଛା, ସୁଚିନ୍ତିତ ମତାମତ ଓ ସହଯୋଗ କାମନା କରି ସେ କହିଲେ, ଆମେ ଅତୀତକୁ ମନେରଖିବା ଉଚିତ୍। ସମସ୍ତଙ୍କ ସହଯୋଗରେ ଆମର ପୁରାତନ ଅନୁଷ୍ଠାନ ଆହୁରି ଉନ୍ନତତର ସୋପାନରେ ପହଞ୍ଚିପାରିବ। କୁଳପତି ଡ. ପୱନ କୁମାର ଅଗ୍ରୱାଲ ସଭାପତିତ୍ୱ କରି କହିଲେ, ବିଶ୍ୱବିଦ୍ୟାଳୟ ବିଗତ ୫୯ ବର୍ଷରେ ପ୍ରାୟ ୨୯ହଜାର ପେସାଗତ ଛାତ୍ର ସୃଷ୍ଟି କରିପାରିଥିବାବେଳେ ଅନେକ ଗବେଷଣା ଏବଂ ସଂପ୍ରସାରଣ କାର୍ଯ୍ୟକ୍ରମ ହାତକୁ ନେଇପାରିଛି। ବିଶ୍ୱବିଦ୍ୟାଳୟର ନିଆରା କାର୍ଯ୍ୟଶୈଳୀ ଓ କାର୍ଯ୍ୟକ୍ରମ ସଫଳତା ହାସଲ କରିଥିବାବେଳେ ଶିକ୍ଷା, ଗବେଷଣା ଏବଂ ସଂପ୍ରସାରଣ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ଅନୁଦାନ ପାଇପାରିଛି। ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ‘କୃଷି କଳିଙ୍ଗ ଅଭିନବୀକରଣ ପରିଷଦ’ର କାର୍ଯ୍ୟ ଉପରେ ଡ. ଅଗ୍ରୱାଲ ଆଲୋକପାତ କରିଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପୁସ୍ତକ, ପତ୍ରପତ୍ରିକା ଏବଂ ସିଡୀ ଉନ୍ମୋଚନ କରାଯାଇଥିଲା।

ଏହି ଅବସରରେ ୩ଜଣ ଶ୍ରେଷ୍ଠ କୃଷକ, ୩ଜଣ ଶ୍ରେଷ୍ଠ କୃଷି ଉଦ୍ୟୋଗୀ, ଶ୍ରେଷ୍ଠ ଶିକ୍ଷକ, ଶ୍ରେଷ୍ଠ ଗବେଷଣା ବୈଜ୍ଞାନିକ, ଶ୍ରେଷ୍ଠ ମହିଳା ବୈଜ୍ଞାନିକ, ଶ୍ରେଷ୍ଠ ସଂପ୍ରସାରଣ ବୈଜ୍ଞାନିକ ଓ ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା। କୃଷି ମହାବିଦ୍ୟାଳୟ ଅଧକ୍ଷ ଡ. କୁମ୍ଭକର୍ଣ୍ଣ ରାଉତ ସ୍ୱାଗତ ଭାଷଣ ଓ ବିଶ୍ୱବିଦ୍ୟାଳୟ କୁଳସଚିବ ଲୋପାମୁଦ୍ରା ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ୟୁଟ୍ୟୁବ୍ ଏବଂ ଅନ୍‌ଲାଇନ୍‌ରେ ମଧ ପ୍ରସାରିତ କରାଯାଇଥିଲା।



ଅନ୍ୟମାନଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ପୁରସ୍କୃତ କରୁଛନ୍ତି।

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ**
- ହୀରକ ଜୟନ୍ତୀ ବର୍ଷ ପାଳନ ଆରମ୍ଭ
- ଶ୍ରେଷ୍ଠ କୃଷକ, ଉଦ୍ୟୋଗୀ ଓ ବୈଜ୍ଞାନିକ ପୁରସ୍କୃତ

## ସ୍କୁଲ ପରିଦର୍ଶନ କଲେ ବିଧାୟକ

ବରଗଡ଼ ଅଫିସ୍,୨୪।୮

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଟାପାଲି ବିଶାଖା ଦାଶ ହାଇସ୍କୁଲକୁ ବିଧାୟକ ଦେବେଶ ଆଚାର୍ଯ୍ୟ ମଙ୍ଗଳବାର ପରିଦର୍ଶନରେ ଯାଇଥିଲେ। ଉକ୍ତ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇଛି। ମାତ୍ର ସ୍କୁଲରେ ବିଭିନ୍ନ ସମସ୍ୟା ଲାଗିରହିଛି। ଫଳରେ ଏହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍କୁଲର ପ୍ରଧାନଶିକ୍ଷକ ସୁଧାଂଶୁ ତ୍ରିପାଠୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଆଚାର୍ଯ୍ୟ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ଫୋନ ଯୋଗେ ଉକ୍ତ ସ୍କୁଲରେ ତୁରନ୍ତ ରୂପାନ୍ତରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ସମୟରେ ସ୍କୁଲ ପରିଚାଳନା କମିଟିର ଜେମ୍ସ ସାହୁ, ପ୍ରଶାନ୍ତ ସାହୁ, ଗଙ୍ଗାଧର ଦାଶ, କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ସରଣ୍ଡାପାଲି ହାଇସ୍କୁଲକୁ ମଧ୍ୟ ବିଧାୟକ ଆଚାର୍ଯ୍ୟ ପରିଦର୍ଶନ କରିବା ସହିତ ସ୍କୁଲର ସମସ୍ୟା ପଚାରି ବୁଝିଥିଲେ। ସ୍କୁଲର ଭିତ୍ତିଭୂମି ନିରୀକ୍ଷଣ ସହିତ ଶୀଘ୍ର ଲାଇବ୍ରେରୀ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଶିକ୍ଷକ ପଦବୀ ପୂରଣ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ହରିପାଲ ଉପସ୍ଥିତ ଥିଲେ ।

## ପରୀକ୍ଷା ଦେଲେ ୧୦୩୨, ଅନୁପସ୍ଥିତ ୩୭୫

**ପିଜି ପ୍ରବେଶିକା ପରୀକ୍ଷା**



କଟକ ଅଫିସ, ୨୪।୮

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପିଜିରେ ନାମଲେଖା ପାଇଁ ସୋମବାରଠାରୁ ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷାର ଦ୍ୱିତୀୟ ଦିନରେ ମଙ୍ଗଳବାର କରୋନା କଟକଣା ମଧ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୦୩୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୫୯ ଜଣ ଅନୁପସ୍ଥିତ ଥିଲେ। ଏହି ପରୀକ୍ଷା ୩ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୩୭୫ଜଣ ପରୀକ୍ଷାର୍ଥୀ ପୂର୍ବାହ୍ନ ୧୦ରୁ ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ୪୭ ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ପରୀକ୍ଷା ହୋଇଥିଲା। ମଧ୍ୟାହ୍ନ ୧୨.୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ପରୀକ୍ଷାରେ ୧୯୪ ଜଣ ଛାତ୍ରୀଛାତ୍ର ଏଲ୍.ଏଲ୍.ଏମ୍ ପାଇଁ ପରୀକ୍ଷା ଦେଇଥିବା ବେଳେ ୧୩ଜଣ ଅନୁପସ୍ଥିତ ରହିଥିଲେ। ୧୩ ଜଣ ଇ.ଟି.ସି ପରୀକ୍ଷା ଦେଇଥିଲେ ଓ ୨ଜଣ ଅନୁପସ୍ଥିତ ଥିଲେ। ଏଥିସହ ଅପରାହ୍ନ ୩ଟାରୁ ୪.୩୦ ପର୍ଯ୍ୟନ୍ତ ୪୫୦ ଜଣ ପରୀକ୍ଷାର୍ଥୀ ବାଣିଜ୍ୟ ପରୀକ୍ଷା ଦେଇଥିବା ବେଳେ ୯୬ ଜଣ ଅନୁପସ୍ଥିତ ଥିଲେ।

## ମରୁଡ଼ି ଘୋଷଣା ଦାବିରେ ବିକ୍ଷୋଭ

ନୂଆପଡ଼ା ଅଫିସ,୨୪।୮

ନୂଆପାଡା ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଓ ଚାଷୀଙ୍କ ଋଣ ଛାଡ କରିବା ଦାବି ନେଇ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡା ନବ ନିର୍ମାଣ କୃଷକ ସଂଘ ଆବାହକ ଭରତଲାଲ ରାଉତଙ୍କ ନେତୃତ୍ୱରେ ନୂଆପଡା ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡା ଏକ ଆଦିବାସୀ, ମାଓବାଦୀ ପ୍ରବଣ, ଚିରମରୁଡି ପ୍ରପିଡିତ ଜିଲା। ଜିଲାରେ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ଚାଷ ଆରମ୍ଭରୁ ବର୍ଷା ଅଭାବ ଯୋଗୁ ଗଜା ମରୁଡି ଦେଖା ଦେବା ସାଙ୍ଗେ ବର୍ତ୍ତମାନ ସୁଦ୍ଧା ସ୍ୱଭାବିକ ବର୍ଷାଠାରୁ କମ ବର୍ଷା ହୋଇଥିବାରୁ ରୁଆବେଉଷଣ ହୋଇ ପାରିନାହିଁ । ଜମି ଫାଟି ଆଁ କଲାଣି। ଧାନ ଗଛ ମରିବାକୁ ବସିଲାଣି। ପ୍ରାୟ ଦେଢବର୍ଷ ହେବ କରୋନା ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ପରିବାର ଚଳିବା କଷ୍ଟ ହେଉଛି, ଋଣ ଶୁଝିବାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ନୂଆପଡା ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ସହିତ ଚାଷୀଙ୍କ ଋଣ ଛାଡ କରିବାକୁ ଦାବି କରାଯାଇଛି। ବିକ୍ଷୋଭ ସମାବେଶରେ ନବ ନିର୍ମାଣ କୃଷକ ସଂଘ ଆବାହକ ରାଉତଙ୍କ ସମେତ ଧୋନୀରାମ ସାହୁ, ଚନ୍ଦୁଲାଲ ସାହୁ, ବୁଦ୍ଧଦେବ ଚନ୍ଦ୍ରକାର,ରାମଚନ୍ଦ ସାହୁ, ଲଳିତ ସାହୁ, ଅମର ଚନ୍ଦ ଚନ୍ଦ୍ରକାର ପ୍ରମୁଖ ସାମିଲ ହୋଇଥିଲେ।




ଜିଲାପାଳଙ୍କ ଗେଟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

# ସିରିଜ ଅଗ୍ରଣୀ ବଜାୟ ଲକ୍ଷ୍ୟରେ ଭାରତ

## ତୃତୀୟ ଟେଷ୍ଟ ଆଜିଠାରୁ

ଲିଡ୍ସ,୨୪।୮(ପି.ଟି.)

ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ବୁଧବାରଠାରୁ ତୃତୀୟ ଟେଷ୍ଟ ଆରମ୍ଭ ହେବ। ଭାରତ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ଏହି ମ୍ୟାଚ ଉଭୟ ଦଳ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ପ୍ରଥମ ଦୁଇଟି ଟେଷ୍ଟରେ ଭାରତ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ତା'ର ଆତ୍ମବିଶ୍ୱାସକୁ ଦୃଢ କରିଛି। ଏହି ମ୍ୟାଚ୍ ଜିତି ଭାରତର ଅଗ୍ରଣୀର ବ୍ୟବଧାନକୁ ଆହୁରି ବଢାଇବାକୁ ପ୍ରୟାସ କରିବ। ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଆହୁରି ୩ଟି ଟେଷ୍ଟ ଖେଳାଯିବା ବାକି ରହିଥିବା ବେଳେ ଉଭୟ ଦଳ ପାଇଁ ସୁଯୋଗ ରହିଛି। ଘରୋଇ ପରିବେଶରେ ସଂଘର୍ଷ କରୁଥିବା ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

ସିରିଜରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଅଧିନାୟକ ବିରାଟ କୋହଲି ଆଶାନୁରୂପ ବ୍ୟାଟିଂ କରିପାରି ନାହାନ୍ତି। ୨୦୧୯ ନଭେମ୍ବରରେ ସେ ଶେଷଥର ପାଇଁ ଶତକ ହାସଲ କରିଥିଲେ। ଏହି ସିରିଜରେ ସେ କେତେଥର ୪୦ରୁ ଊର୍ଦ୍ଧ୍ୱ ରନ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋର କରିବାରେ ବିଫଳ ହୋଇଛନ୍ତି। ପ୍ରଥମ ଦୁଇଟି ଟେଷ୍ଟରେ ଅଫ୍ ଷ୍ଟମ୍ପରେ ଓ ବାହାରେ ତାଙ୍କ ଟେକ୍ନିକ୍ ସେତେଟା ଆକର୍ଷଣୀୟ ହୋଇପାରି ନାହିଁ। ତେଣୁ ସେ ତାଙ୍କର ଟେକ୍ନିକ୍‌ରେ ଉନ୍ନତି ଆଣି ବଡ଼ ସ୍କୋର ହାସଲ କରିବେ ବୋଲି ଆଶା କରାଯାଉଛି। ସେହିପରି ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରଙ୍କ ଖରାପ ଫର୍ମ ଜାରି ରହିଛି। ଏହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତିତ ରହିଛି। ତେବେ ଲର୍ଡ୍ସ ଟେଷ୍ଟର ଚତୁର୍ଥ ଦିବସରେ ଏହି ଦୁଇ ବ୍ୟାଟ୍ସମ୍ୟାନ ପାଖାପାଖି ୫୦ ଓଭର ବ୍ୟାଟିଂ କରିଛନ୍ତି। ଫଳରେ ମ୍ୟାଚ୍‌କୁ ପଞ୍ଚମ ତଥା ଅନ୍ତିମ ଦିବସକୁ ନେବାରେ ସହାୟ ହୋଇଥିଲା। ଯାହାଫଳରେ ଭାରତ ଲର୍ଡ୍ସରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ଅବଶ୍ୟ ଦଳ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ପ୍ରଦର୍ଶନ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ପ୍ରତିକୂଳ ପରିସ୍ଥିତିରେ ଉଚିତ ଟେକ୍ନିକ ଓ ଟେମ୍ପରାମେଣ୍ଟ ମଧ୍ୟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ସଫଳ ପ୍ରଦର୍ଶନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଛନ୍ତି।



ମଙ୍ଗଳବାର ନେଟ୍ସରେ ବୋଲିଂ ଅବସରରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ।

### ଉଇକେଟ ଦ୍ରୁତ ବୋଲରଙ୍କୁ ସୁହାଇବ

ହେଡିଂଲେରେ ଅଧିକ ଥଣ୍ଡା ଅନୁଭୂତ ହେବ। ଫଳରେ ଏଠାରେ ଦ୍ରୁତ ବୋଲରମାନେ ଅଧିକ ସହାୟତା ପାଇବେ। ତେଣୁ ୪ଜଣ ଦ୍ରୁତ ବୋଲରଙ୍କୁ ଭାରତ ଖେଳାଇବ ବୋଲି ଆଶା କରାଯାଉଛି। ଏପରି ହେଲେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦଳରେ ସ୍ଥାନ ପାଇ ନ ପାରନ୍ତି। ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି। କିନ୍ତୁ ଲର୍ଡ୍ସ ଟେଷ୍ଟ ବିଜୟ ପରେ କୋହଲି ପେସ୍ ଆଟାକରେ କୌଣସି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଦ୍ରୁତ ବୋଲର ଈଶାନ୍ତ ଶର୍ମା ପ୍ରଥମ ଟେଷ୍ଟ ଖେଳି ନ ଥିଲେ ମଧ୍ୟ ଲର୍ଡ୍ସରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ତାଙ୍କର ଅଭିଜ୍ଞତା କାମରେ ଆସିବ। ତେଣୁ ଠାକୁର ଖେଳିବା ଆଶା କରାଯାଉ ନାହିଁ। ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ସାମିଲ ହେବା ପରେ ଦଳର ପେସ୍ ଆଟାକ ଆହୁରି ଶାଣିତ ହୋଇଛି। ନିଖୁଣ ବୋଲିଂ କରି ଦ୍ୱିତୀୟ ଟେଷ୍ଟ ପଞ୍ଚମ ଦିନରେ ସେ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ୨୦୦୨ରେ ଭାରତ ଶେଷଥର ପାଇଁ ଏଠାରେ ଖେଳିଥିଲା ଏବଂ ଏକ ଇନିଂସ ଓ ୪୬ ରନରେ ବିଜୟ ହାସଲ କରିଥିଲା। ଏବେକାର କୌଣସି ଭାରତୀୟ ଖେଳାଳିଙ୍କର ଏହି ଗ୍ରାଉଣ୍ଡରେ ଖେଳିବାର ଅଭିଜ୍ଞତା ନାହିଁ। ତେଣୁ ଭାରତୀୟ ଖେଳାଳିମାନେ ଏଠାରେ କିଭଳି ଚ୍ୟାଲେଞ୍ଜକୁ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଅପରପକ୍ଷରେ ଇଂଲଣ୍ଡ ବ୍ୟାଟିଂ ସମସ୍ୟା ନେଇ ଚିନ୍ତିତ ଥିବ। ସୀମିତ ଓଭର ସ୍ପେଶାଲିଷ୍ଟ ଡାୱିଦ ମଲନଙ୍କୁ ତ୍ରୁଟି ସୁଧାରିବା ପାଇଁ ଦଳରେ ସାମିଲ କରାଯାଇଛି। ୩ ବର୍ଷ ତଳେ ମଲନ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ତେବେ ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ବହୁତ ଅଭିଜ୍ଞତା ରହିଛି। ଫଳରେ ସେ ଦଳର ବ୍ୟାଟିଂ ସୁଧାରିବାର ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ମଲନ ୩ ନମ୍ବରରେ ବ୍ୟାଟିଂ କରିବେ। ଏହା ହେଲେ ରୋରି ବର୍ନ୍ସଙ୍କ ସହ ହାସିବ ହମିଦ ଓପନିଂ କରିବେ। ଇଂଲଣ୍ଡର ବାକି ବ୍ୟାଟ୍ସମ୍ୟାନ ଭଲ ଖେଳିବାକୁ ପ୍ରୟାସ କରିବେ। ଅଧିନାୟକ ଜୋ ରୁଟ୍‌ଙ୍କୁ ବାଦ୍ ଦେଲେ ଆଉ କୌଣସି ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅତିରିକ୍ତ ପେସ୍‌ରେ ସମସ୍ୟାରେ ପକାଇଥିବା ମାର୍କ ଉଡ୍ ଆହତ ହୋଇଛନ୍ତି। ତାଙ୍କ ସ୍ଥାନରେ ସାକିବ ମହମ୍ମଦ ଖେଳି ଟେଷ୍ଟ ପଦାର୍ପଣ କରିବେ। ଅଭିଜ୍ଞ ଜେମ୍ସ ଆଣ୍ଡରସନ ଫିଟ୍ ଅଛନ୍ତି ଓ ତାଙ୍କ ନେତୃତ୍ୱରେ ଇଂଲଣ୍ଡ ପେସ ଆଟାକ ପ୍ରଭାବୀ ସାବ୍ୟସ୍ତ ହେବ। ଦଳର ଭଲ ପ୍ରଦର୍ଶନ ନେଇ ରୁଟ୍ ଆଶାବାଦୀ ଅଛନ୍ତି।

**ମ୍ୟାଚ୍ ଆରମ୍ଭ:** ଅପରାହ୍ନ ୩.୩୦
**ସ୍ଥାନ:** ଲିଡ୍ସ
**ପ୍ରସାରଣ:** ସୋନୀ ଟେନ ନେଟୱର୍କ

# ଆଫଗାନିସ୍ତାନ ଛାଡ଼ିଲା ଜାତୀୟ ମହିଳା ଫୁଟ୍‌ବଲ ଦଳ

କାବୁଲ (ଆଫଗାନିସ୍ତାନ), ୨୪।୮ (ଏପି)

ଆଫଗାନିସ୍ତାନ ଜାତୀୟ ମହିଳା ଫୁଟ୍‌ବଲ ଦଳର ଖେଳାଳିମାନେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ସେମାନେ ବିମାନଯୋଗେ ୭୫ରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ଅନ୍ୟତ୍ର ସ୍ଥାନାନ୍ତର ହୋଇପାରିଛନ୍ତି। ଖେଳାଳି, ଟିମ୍ ଅଫିସିଆଲ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ସ୍ଥାନାନ୍ତରରେ ସହାୟତା ପାଇଁ ଗ୍ଲୋବାଲ ଫୁଟ୍‌ବଲ ୟୁନିୟନ 'ଫିଫ୍‌ପ୍ରୋ' ଅଷ୍ଟ୍ରେଲିଆ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛି। ଏହି ମହିଳା ଖେଳାଳିମାନେ ଦେଶରେ ଉଭୟ ଆଥଲେଟ୍ ଓ ସ୍ୱେଚ୍ଛାକର୍ମୀ ଭାବେ କାର୍ଯ୍ୟକରୁଥିଲେ। ଆଫଗାନିସ୍ତାନରେ ତାଲିବାନମାନେ ଶାସନ କ୍ଷମତା ଦଖଲ କରିବା ପରେ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଥିଲା। ଆଫଗାନିସ୍ତାନ ମହିଳା ଫୁଟ୍‌ବଲ ଦଳ ପ୍ରଥମେ ୨୦୦୭ରେ ଗଠନ ହୋଇଥିଲା। ସେମାନେ ଖେଳ ବ୍ୟତୀତ ତାଲିବାନ ବିରୋଧୀ ରାଜନୈତିକ କାର୍ଯ୍ୟରେ ଲିପ୍ତ ଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ଆଫଗାନିସ୍ତାନ ସରକାରର ପତନ ପରେ ଗତମାସରେ ଖେଳାଳିମାନଙ୍କୁ ଟିମ୍ ସହିତ ସେମାନଙ୍କ ଫଟୋଗ୍ରାଫ୍ ଏବଂ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକୁ ଡିଲିଟ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଗତ କିଛି ଦିନ ହେଲା ସେମାନେ ଅତ୍ୟନ୍ତ ଚାପଗ୍ରସ୍ତ ଥିଲେ। ମଙ୍ଗଳବାର ସେମାନେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିବା ଟିମ୍‌ର ପୂର୍ବତନ ଅଧିନାୟିକା ଖଲିଦା ପୋପାଲ କହିଛନ୍ତି। ଫିଫ୍‌ପ୍ରୋଙ୍କ ଓକିଲ ଓ ଉପଦେଷ୍ଟାଙ୍କ ମଧ୍ୟରେ ପୋପାଲ ଅନ୍ୟତମ ଥିଲେ, ଯେଉଁମାନେ ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ସମେତ ୬ଟି ଦେଶର କର୍ତ୍ତୃପକ୍ଷଙ୍କୁ ଆଥଲେଟ ଓ ସେମାନଙ୍କ ପରିବାରବର୍ଗଙ୍କୁ ବିମାନ ଯୋଗେ ସୁରକ୍ଷିତ ସ୍ଥାନକୁ ପଠାଇବାର ବ୍ୟବସ୍ଥା କରିବା ଲାଗି ଅନୁରୋଧ କରିଥିଲେ। ଦେଶରେ ସଂକଟଜନକ ପରିସ୍ଥିତି ସମୟରେ ମହିଳା ଫୁଟ୍‌ବଲରମାନେ ଦୃଢ଼ ଓ ସାହାସର ପରିଚୟ ଦେଇଛନ୍ତି। ଆଫଗାନିସ୍ତାନ ବାହାରେ ସେମାନଙ୍କ ଜୀବନ ଭଲରେ କଟିବ ବୋଲି ପୋପାଲ ଆଶା କରିଛନ୍ତି। ଫିଫ୍‌ପ୍ରୋ ସାଧାରଣ ସମ୍ପାଦକ ଜୋନାସ ବାଏର-ହଫ୍‌ମ୍ୟାନ କହିଛନ୍ତି ଯେଉଁମାନେ ଇଚ୍ଛା ବିରୁଦ୍ଧରେ ଆଫଗାନିସ୍ତାନରେ ଅଟକି ରହିଛନ୍ତି ସେମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଆଗ୍ରହ ରହିଥିଲେ ମଧ୍ୟ କାବୁଲରୁ ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରକ୍ରିୟା କ୍ରମେ ଜଟିଳ ହେଉଛି।

---

**District Social Security Office, Keonjhar, Odisha**
RFP Number: 1593/DSSO Date: 23.08.2021
**REQUEST FOR PROPOSAL**

No. gg-08:- Sealed Proposals are invited from eligible reputed, experienced individual/agencies/organizations for **'Establishment and Management of a 50 Seated Old Age Home at Joda Municipality under District Mineral Foundation, Keonjhar'.**
The detailed terms and conditions along with RFP document can be downloaded from the district website **www.kendujhar.nic.in.**
The proposals, complete in all respects should reach the undersigned before 22.09.2021 by 05.00 PM which shall be opened in the presence of the committee constituted for the purpose.
The undersigned reserves the right to reject or cancel any or all the tenders without assigning any reason thereof.
**Sd./- District Social Security Officer, Keonjhar, Odisha**
OIPR-46001/11/0005/2122

---

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**
Phone No.06821-241026 (O) / 241079 (R), Fax No.-06821-241026/ 240056
e-mail: eerwss_bnj@ori.nic.in <eerwssbnj2009@gmail.com
**1st Corrigendum to Bid Identification No.E.E._ RWS&S_27 of 2021-22**
No.O-595:- 1. The availability of bid document may be treated as 25.08.2021 to 08.09.2021 instead of 17.08.2021 to 31.08.2021.
All other terms and conditions remain unaltered.
**Sd./- Superintending Engineer, RWS&S Division, Bhanjanagar**
OIPR-25021/11/0024/2122

---

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANAPATH, BHUBANESWAR- 751022**
No.CAD-972:-
Tender Call Notice No. IDCO/H.O./P&C/EST/E-1711/03/2021/ 13507 dated- 19.08.2021
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**
1. Name of the work : Construction of CDP proposed road at Ramdaspur, Barang, Cuttack
2. Estimated cost : Rs.373.26 lakh (Approx.)
3. Period of completion : 06 (Six) calendar months
4. Other details :

| Procurement Officer | Bid ID/ Tender reference No. | Availability of tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/ Tender Reference No. P&C / EST/ E-19/2021-22 | 31.08.2021 at 16.00 hrs. | 15.09.2021 upto 17.00 hrs. |

Fruther details can be seen from the e-Procurement Portal, www.tendersodisha.gov.in and corrigendum if any will not be published in newspapers and can only be seen inthe e-procurement portal www.tendersodisha.gov.in and www.idco.in.
**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0055/2122

---

**OFFICE OF THE MUNICIPAL COUNCIL, JATNI**
Phone: 0674-2490826, Mail: municipalityjatni@gmail.com
No. 3847 Date: 23.08.2021
**"e" Procurement Notice**
No. C-805: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
1. Tender Reference No. : EO/JMC/055/2021-22
2. Tender ID No. : 2021_ORULB_70525_1 to 6
3. Name of the Work : Civil Construction works as mentioned in website.
4. No. of Works : 6 Nos.
5. Estimated Cost : Rs.8,07,000/- and Rs.19,96,000/-
6. Period of Completion : 30 days
7. Date and time of Bidding : 25.08.2021 to 04.09.2021 upto 5 P.M.
8. Last date and time for receipt of bids in the portal : 04.09.2021 upto 5 P.M.
9. Bids received online shall be opened on : 07.09.2021 at 11.30 A.M.
10. Name and address of the Officer Inviting Bid : Executive Officer, Jatni Municipality

Further details can be seen from the procurement poral i.e. **www.tendersorissa.gov.in**.
**Sd./- Executive Officer**
**Jatni Municipality**
**OIPR-13041/11/0014/2122**

---

**OFFICE OF THE REGISTRAR OF COOPERATIVE SOCIETIES, ODISHA BHUBANESWAR**
**Order No.XIV-65/18 11140 Bank-3/Dated 28.7.21**
No.LL-4:- The notification/ advertisement made inviting application for the post of Assistant Manager Grade-II, Banking Assistant Grade-II & System Manager of the 17 District Central Cooperative Banks, by R.C.S. (O) as published in Daily Newspaper the Samaja, Sambad, Dharitri and Indian Express (Odisha edition) dated 17.3.2020, 19.3.2020 and 22.4.2020 are hereby cancelled in view of the direction of Government of Odisha, Cooperation Department, communicated vide letter No.5253/ Coop., dated 30.6.2021 and in terms of para 22 of the general instruction of the said advertisement which lays down that the authority reserves right to cancel / postpone the recruitment without assigning the reason thereof.

The Odisha State Cooperative Bank Ltd. as the Nodal Agency would take steps to begin the process of recruitment afresh as per the amended provisions of the Central Cooperative Bank Staff Service Rules, 2011.

The candidates who had applied in response to the above advertisement of R.C.S(O) are requested to go through the advertisement to be published by M.D., Odisha State Cooperative Bank Ltd. in this regard and act accordingly.
**Sd./- Registrar**
**Cooperative Societies, Odisha**
OIPR-39004/11/0001/2122

---

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office, Burla, Dist.- Sambalpur (Odisha) - 768017**
**NOTICE INVITING TENDER**
**Tender Notice No. TPWODL/SR/O/SU/033 Date: 25.08.2021**
TP Western Odisha Distribution Limited invites quotations (in 2 part) from eligible vendors/suppliers for the following package:
**Rate Contract for Supply of Polycarbonate Meter Box (For Single Phase and Poly Phase Meters)**
Interested bidders to submit Tender Participation Fee and Authorization letter by e-mail on or before **4th September 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of TPWODL website: **www.tpwesternodisha.com**.
**Sd./- Chief Contracts & Stores**

---

**TENDER FOR ENGAGEMENT OF SECURITY GUARDS AND DATA ENTRY OPERATOR THROUGH OUTSOURCING SERVICES**
**Tender No.MLU/334 / 2021 Date: 21.8.21**
No.CAD-981:- Sealed tenders are invited from interested reputed firms/ organizations / agencies having valid licence, GST No., Income Tax Clearance Certificate etc. for providing 08 (Eight) Nos. of Security Guards and 01 (One) No. of Data Entry Operator for engagement for one year on outsource basis at Madhusudan Law University, Cuttack.

The detailed terms and conditions for Outsourcing Services are available in our University website www.mlu.ac.in which may be downloaded. The tender documents should be accompanied with two Demand Drafts amounting of Rs.6,000/- (Rupees six thousand only) towards tender paper cost (Non-refundable) and Rs.50,000/- (Rupees fifty thousand only) towards EMD. The above amounts should be paid in favour of the Comptroller of Finance, Madhusudan Law University, Cuttack, Payable at SBI, Cuttack. The last date of receipt of the quotations/ tenders through Speed Post / Regd. Post, courier or by person on 31.08.2021 by 3.00 P.M. and the quotations and the tenders shall be opened on 01.09.2021 at 3.00 P.M. in presence of the members of the tender Committee of the University and participants. The services availed on outsource basis may be remunerated as per Finance Department Memorandum No. 28090 dtd. 22.09.2017.

The University authority reserves the right to accept or reject any or all tenders without assigning any reason thereof. The authority shall not be responsible for any postal delay.
**Sd./- Registrar, Madhusudan Law University, Cuttack**
OIPR-11051/11/0002/2122

---

**GOVT. OF ODISHA**
**DIRECTORATE OF HORTICULTURE**
**KRUSHI BHAWAN, NEAR STATE GUEST HOUSE, GOPABANDHU MARG, BHUBANESWAR, ODISHA**
**PIN CODE –751 001**
**Advt. No. – DHO-SECIII-MISC-0004/2019 8055 Dated. 23.08.2021**
**EMPANELMENT OF SEED POTATO / ONION SEED / GARLIC BULB SUPPLIERS FOR RABI – 2021-22**
No. L-50:- The Director of Horticulture invites Expression of Interest in sealed covers from Cold Store Owners (for Seed Potato), Public sector undertakings / Govt. Institutes / SAUs / Nationally Recognised Seed Producers/ Registered Seed suppliers for supply of Seed Potato / Onion Seed / Garlic Bulb during Rabi 2021-22 for empanelment of suppliers for sale of Seed Potato / Onion Seed / Garlic Bulb to the farmers of Odisha. The sealed Expression of Interest should be submitted individually (crop wise) to this Directorate on or before 13.09.2021 by 5.30 P.M. through Registered Post / Speed Post (Indian Post) / Courier Service only. The same will be opened on 14.09.2021 at 11.00 A.M. in the Board Room at Ground floor of Krushi Bhawan, Bhubaneswar. The sealed envelopes should be superscripted with "Empanelment of Suppliers of seed potatoes / Onion Seed / Garlic Bulb individually (crop wise) during Rabi – 2021-22". The details including terms and conditions of the Expression of Interest is available on the website.
**http://odisha.gov.in/**
**http://odihort.nic.in/**
Sd./- Dated 23.08.2021
**(Sri Rohit Kumar Lenka, IFS)**
**Director of Horticulture, Odisha, Bhubaneswar**
OIPR-01038/11/0008/2122

---

**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION**
**E-mail: nhmkpt@gmail.com Phone: 06852-250242**
**No. 4469/DPMU/NHM/21 Date: 24.08.2021**
**NOTICE FOR OBJECTION (IF ANY)**
**No. E-369:-** The applicants vide this office Advt. No.4533 dtd.16.09.2019 are invited to put their objection (if any) in the entries made in the database in writing with sufficient justification which must reach to the undersigned by Speed Post/Regd. Post/Courier only on or before **01.09.2021 till 1 P.M.** which must be superscribed on the envelope mentioning "**OBJECTION FOR THE POST OF ...................**", otherwise it will be rejected. No other means of communication will be considered. No new documents will be accepted for compliance of objection against non-submission of required documents along with the application form at the time of submission of application. Objection will not be considered after due date and time. The candidates are requested to log on district website of Koraput (www.koraput.nic.in) for database. The undersigned reserves the right to cancel/reject any or all the applications without assigning any reason thereof.
**Sd./- CDMO-cum-District Mission Director, Koraput**
OIPR-10077/11/0021/2122

---

Annexure-II
**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)**
**Phone: 94382-00060**
**District Website: sundergarh.nic.in**
**Tender No. 3499 Dt.21.08.2021**
District Manager, Odisha State Civil Supplies Corporation Ltd., Sundargarh (District) invites tenders in Double Cover System through ONLINE MODE ONLY for the works below:-

| | | |
|---|---|---|
| 1 | Name of the works | Selection and appointment of Level-II Transport Contractor for transportation of food grains from RRCs to Retail Centers (FPS) for Rourkela Municipal Corporation, Birmitrapur Municipality, Rajgangpur Municipality, Rajgangpur Block, Bisra Block and Koira Block for the biennial 2021-23. |
| 2 | Availability of bid document in the portal | From 21.08.2021 (Date) |
| 3 | Last date / time for receipt of bids in the portal | Dt.07.09.2021 upto 05.30 P.M. |
| 4 | Date / time of opening of technical bid | Level-II Transport Contractor- 08.09.2021 at 11.00 A.M. Place: Office Chamber of Collector, Sundargarh |
| 5 | Name and address of the Officer inviting tender | District Manager, OSCSC Ltd., Sundargarh (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov in along with district website. Amendments / corrigendum/ cancellation / retenders etc. if any shall be published only in above websites.
**Sd./- District Manager**
**OSCSC Ltd., Sundargarh**

---

**ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE ADDITIONAL CHIEF ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287
**NATIONAL COMPETITIVE BIDDING TRHOUGH e-Procurement**
**No. O-593** **Bid Identification No. Online Tender / 13-2021-22/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 13-2021-22/BPR | Bridge Works under Biju Setu Yojana | 06 Nos. | From Rs.321.23 lakhs to Rs.502.93 lakhs | "A" Class & "Special" Class as applicable | 11 (Eleven) & 18 (Eighteen) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Additional Chief Engineer, R.W. Circle, Berhampur | Online Tender / 13-2021-22/BPR | 26.08.2021 at 10.00 A.M. | 09.09.2021 upto 3.00 P.M. |

(i) No EMD is required as per O.M. No. 8943 Dt.18.03.2021 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in.**
**OIPR-25071/11/0013/2122** **Sd./- Additional Chief Engineer, R.W. Circle, Berhampur**

---

**GOVERNMENT OF ODISHA** **No. O-584**
**OFFICE OF THE EXECUTIVE ENGINEER, RURAL WORKS DIVISION, NIMAPARA**
**No:- Tender Online-Divn.NPR-03/2021-22** **Date: 19.08.2021**
**e-Procurement NOTICE**
1. Name of the work : Road Works for the year 2021-22.
2. Total No. of Projects : 09 (Nine) Nos. of project.
3. Estimated cost of projects : Varies from Rs.4.65 lakh to Rs. 9.93
4. Class of contractor :
   A) Estimated Cost more than Rs.40.00 lakhs and upto Rs. 300.00 lakhs. : "B" Class & "A" Class (of Odisha PWD) or relevant Class of other licensing authorities.
   B) Estimated Cost more than Rs 20.00 laks and upto Rs. 40.00 lakhs. : "C" Class & "B" Class (of Odisha PWD) or relevant Class of other licensing authorities.
   C) Estimated Cost upto Rs. 20.00 lakhs : "D" Class & "C" Class (of Odisha PWD) or relevant Class of other licensing authorities.
5. Mode of Submission of tender : Tender should be submitted online only in website: **www.tendersorissa.gov.in**.
6. Period of Completion : As per TCN
7. Other details. :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Nimapara | Tender Online - Divn. NPR-03/2021-22 | 27.08.2021 at 11.00 A.M. | 08.09.2021 upto 5.00 P.M. | 07.09.2021 upto 5.00 P.M. | 15.09.2021 at 11.00 A.M. Office of the E.E., R.W. Division, Nimapara |

Further details can be seen from the website: **www.tendersorissa.gov.in**.
**Executive Engineer, Rural Works Division, Nimapara**
**OIPR-25099/11/0003/2122**

# ମଲ୍ଲୀ ସମ୍ପର୍କରେ...



ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।

# ଟମାଟୋ ତଳି ଲଗାଇବାର ପ୍ରଣାଳୀ



ଟମାଟୋ ତଳି ଲଗାଉଥିଲେ ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡାରେ ପଟାଳିକୁ ଘୋଡାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।

# ଧାନ ତଳି ବୁଢ଼ା ହୋଇଯାଇଥିଲେ

ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ।



# ମାଟିରେ ଗୌଣ, ଅଣୁ ପୋଷକ



ପ୍ର. ସୁବୋଧ କୁମାର ସାହୁ



ଉଦ୍ଭିଦର ଜୀବନ ଚକ୍ର ପରିପୂର୍ଣ୍ଣ ପାଇଁ ୧୭ ଗୋଟି ପୋଷକର ଆବଶ୍ୟକ ହୋଇଥାଏ। ଏଥି ମଧ୍ୟରୁ ୬ ଗୋଟି ମୁଖ୍ୟ, ୩ ଗୋଟି ଗୌଣ ଏବଂ ୮ ଗୋଟି ଅଣୁ ପୋଷକ। ଅମ୍ଳଜାନ, ଉଦ୍‌ଜାନ, ଅଙ୍ଗାରକାମ୍ଳଜାନ, ଯବକ୍ଷାରଯାନ, ଫସଫରସ ଏବଂ ପଟାସିୟମ ମୁଖ୍ୟ ପୋଷକ। ଫସଲ ଉକ୍ତ ପୋଷକ ସବୁକୁ ଅଧିକ ପରିମାଣରେ ଆବଶ୍ୟକ କରିଥାଏ। ମ୍ୟାଗ୍ନେସିୟମ ଏବଂ ଗନ୍ଧକକୁ ଫସଲ ମୁଖ୍ୟ ପୋଷକଠାରୁ କମ୍ ଗ୍ରହଣ କରିଥାଏ। ତେଣୁ ଉକ୍ତ ୩ ଗୋଟି ଗୌଣ ପୋଷକ। ଅବଶିଷ୍ଟ ୮ ଗୋଟି ଯଥା: ଲୌହ, ମାଙ୍ଗାନିଜ, ଜିଙ୍କ୍, ତମ୍ବା, ଟାଙ୍ଗଣା, ମଲିବଡେନମ୍ କ୍ଲୋରିନ ଏବଂ ନିକେଲ ଅଣୁ ପୋଷକ। ଫସଲ ଏସବୁ ପୋଷକକୁ ସବୁଠାରୁ ସ୍ୱଳ୍ପ ଅର୍ଥାତ ଏକ କିଲୋଗ୍ରାମ ଫସଲ ଉତ୍ପାଦନ ପାଇଁ ଏକ ମିଲିଗ୍ରାମ କିମ୍ବା ଏହାଠାରୁ କମ୍ ପରିମାଣରେ ଆବଶ୍ୟକ କରିଥାଏ। ଗୌଣ ଏବଂ ଅଣୁ ପୋଷକ ସ୍ୱଳ୍ପ ପରିମାଣରେ ଆବଶ୍ୟକ ହେଉଥିଲେ ମଧ୍ୟ ସାମାନ୍ୟ ଅଭାବରେ ଫସଲ ଅମଳ ପ୍ରାୟ ୫୦ ଶତକଡା କମିଯାଏ।

ମୁଖ୍ୟ ପୋଷକ ମାଟି, ଜଳ ଓ ବାୟୁରୁ ଅଧିକ ପରିମାଣରେ ମିଳିଥାଏ। ଗୌଣ ଏବଂ ଅଣୁ ପୋଷକକୁ ଫସଲ କମ୍ ପରିମାଣରେ ଥିବାରୁ, ମାଟିରେ ଏସବୁ ପୋଷକର ସ୍ଥିତିକୁ ନେଇ ଆବଶ୍ୟକତା ପଡ଼ିଥାଏ। ପୁରାତନ କୃଷିରେ ଦେଶୀୟ କିସମ ଫସଲ ଚାଷ କରାଯାଉଥିବାରୁ ଫସଲ, ମାଟିରେ ଥିବା ସ୍ୱଳ୍ପ ଖାଦ୍ୟ ଉପାଦାନ ଦ୍ୱାରା ତାହାର ଆବଶ୍ୟକତା ପୂରଣ କରିପାରୁଥିଲା। ଆଧୁନିକ କୃଷିରେ ଉନ୍ନତ, ଅଧିକ ଅମଳକ୍ଷମ ଏବଂ ସଙ୍କର ଜାତୀୟ ଫସଲ ଚାଷ କରାଯାଉଥିବାରୁ, ଫସଲ ଅଧିକ ଖାଦ୍ୟ ଉପାଦାନ ଆବଶ୍ୟକ କରେ। ତେଣୁ ଚାଷୀ ଏସବୁ ଫସଲରୁ ଅଧିକ ଅମଳ ପାଇବା ପାଇଁ ଉଚ୍ଚ ବିଶ୍ଳେଷଣ ରାସାୟନିକ ସାର ପ୍ରୟୋଗ କରେ। ଏହା ଦ୍ୱାରା ଅମଳ ସିନା ବଢିଲା, ମାଟିରୁ ଗୌଣ ଏବଂ ଅଣୁ ଖାଦ୍ୟ ଉପାଦାନର ପରିମାଣ ଶେଷ ହେବାକୁ ଲାଗିଲା। ଫଳରେ ପରବର୍ତ୍ତୀ ଫସଲର ଅମଳ କମିଲା। ତେଣୁ ମାଟିରେ ଉଭୟ ଗୌଣ ଏବଂ ଅଣୁ ଉପାଦାନର ସ୍ଥିତି ଜାଣିବାକୁ ଆବଶ୍ୟକ ପଡ଼ିଲା। ଏଥିପାଇଁ ଦୁଇଗୋଟି ଉପାୟ ସ୍ଥିର କରାଯାଇଛି। ଗୌଣ ଏବଂ ଅଣୁ ଉପାଦାନ ମାଟିରେ ଅଭାବ ହେଲେ ଫସଲରେ ନିର୍ଦ୍ଦିଷ୍ଟ କେତେକ ଅଭାବର ଲକ୍ଷଣ ଦେଖାଯାଏ। ଉକ୍ତ ଅଭାବ ଜନିତ ଲକ୍ଷଣ ଫସଲରେ ଅନୁଧ୍ୟାନ କରି ଏହାର ପ୍ରତିକାର କରାଯାଏ। ଦ୍ୱିତୀୟତଃ, ମାଟିକୁ ମୃତ୍ତିକା ରସାୟନଗାରରେ ପରୀକ୍ଷା କଲେ ମାଟିରେ କେଉଁ ଗୌଣ ଏବଂ ଅଣୁ ଉପାଦାନ ଅଭାବ ଅଛି ଜାଣି ହେବ। କିନ୍ତୁ ପ୍ରଥମ ପ୍ରଣାଳୀଠାରୁ ଦ୍ୱିତୀୟ ପ୍ରଣାଳୀ ଅଧିକ ସଠିକ। ପ୍ରଥମ ପ୍ରଣାଳୀ ଅନୁସାରେ ଫସଲର ଗୌଣ ଏବଂ ଅଣୁ ପୋଷକର ଅଭାବଜନିତ କେତେକ ଲକ୍ଷଣ ନିମ୍ନରେ ଦିଆଗଲା।

“ଚାଷୀ ଏସବୁ ଫସଲରୁ ଅଧିକ ଅମଳ ପାଇବା ପାଇଁ ଉଚ୍ଚ ବିଶ୍ଳେଷଣ ରାସାୟନିକ ସାର ପ୍ରୟୋଗ କରେ। ଏହା ଦ୍ୱାରା ଅମଳ ସିନା ବଢ଼ିଲା, ମାଟିରୁ ଗୌଣ ଏବଂ ଅଣୁ ଖାଦ୍ୟ ଉପାଦାନର ପରିମାଣ ଶେଷ ହେବାକୁ ଲାଗିଲା। ଫଳରେ ପରବର୍ତ୍ତୀ ଫସଲର ଅମଳ କମିଲା। ତେଣୁ ମାଟିରେ ଉଭୟ ଗୌଣ ଏବଂ ଅଣୁ ଉପାଦାନର ସ୍ଥିତି ଜାଣିବାକୁ ଆବଶ୍ୟକ ପଡ଼ିଲା।”



**କ୍ୟାଲସିୟମ :** କ୍ୟାଲସିୟମ ଅଭାବରେ ଫସଲର ଅଗ୍ରଭାଗ ଏବଂ ନୂତନ ପତ୍ର ଛୋଟ ହୁଏ। ସ୍ଥଳ ବିଶେଷର ପତ୍ରଗୁଡ଼ିକ ମୋଡ଼ି ହୋଇ ରହେ। ଚେରର ଲମ୍ବ କମିଯାଏ। ଏହାର ଅଭାବରେ ଚିନାବାଦାମ ଦାନା ଛୋଟ ହୁଏ। ଫଳ ଗଛମାନଙ୍କର ମୁକୁଳ ଅସ୍ୱାଭାବିକ ଦେଖାଯାଏ।

**ମ୍ୟାଗ୍ନେସିୟମ :** ମ୍ୟାଗ୍ନେସିୟମ ଅଭାବରେ ତଳ ପତ୍ରର ଶିରାସବୁ ସବୁଜ ରହି ଶିରାର ମଧ୍ୟଭାଗ ହଳଦିଆ ହୁଏ। ପତ୍ରଗୁଡ଼ିକ ଅସ୍ୱାଭାବିକ ଛୋଟ ହୁଏ ଏବଂ ଅଳ୍ପ ଚାପରେ ଭାଙ୍ଗିଯାଏ।

**ଗନ୍ଧକ :** ଗନ୍ଧକର ଅଭାବରେ ଗଛର ଉପର ପତ୍ରଗୁଡ଼ିକ ପାଣ୍ଡୁର ରଙ୍ଗର ହଳଦିଆ ଦେଖାଯାଏ। ଗନ୍ଧକର ଅଭାବଜନିତ ଗଛର ଉପର ପତ୍ର ମୋଡ଼ି ହୋଇ ତୂରୀ ଭଳି ସରୁ ଦେଖାଯାଏ। ଶସ୍ୟ ଜାତୀୟ ଫସଲ ବିଳମ୍ବରେ ଅମଳ ଉପଯୋଗୀ ହୁଏ। ଛୁଇଁ ଜାତୀୟ ଫସଲର ଭାତୁଡିଗୁଡିକ ଛୋଟ ହୁଏ। ଫଳ ଈଷତ୍ ସବୁଜ ରହି ବିଳମ୍ବରେ ପାଚେ।

**ଲୁହା :** ଲୁହା ଅଭାବରେ ଫସଲର ଉପର ପତ୍ର ସବୁ ଯବକ୍ଷାରଯାନ ଅଭାବ ପରି ହଳଦିଆ ଦେଖାଯାଏ, କିନ୍ତୁ ଯବକ୍ଷାରଜାନ ସାର ପ୍ରୟୋଗ କଲେ ପତ୍ର ସବୁଜ ହୁଏ ନାହିଁ। ଲୁହାର ଅଧିକ ଅଭାବରେ ପତ୍ର ପାଣ୍ଡୁର ହୋଇ ଧଳା ଦେଖାଯାଏ। ପତ୍ରର କ୍ଲୋରଫିଲ୍ ବା ପର୍ଣ୍ଣହରିତ୍ ନଷ୍ଟ ହୁଏ। ଶସ୍ୟଜାତୀୟ ଫସଲର ଧାରରେ ହଳଦିଆ ଏବଂ ସବୁଜ ରଙ୍ଗର ଗାରମାନ ଏକାନ୍ତର ଭାବେ ଦେଖାଯାଏ।

**ମାଙ୍ଗାନିଜ:** ମାଙ୍ଗାନିଜ ଅଭାବରେ ପତ୍ରରେ ବାଦାମୀ ରଙ୍ଗର ଛୋଟ ଦାଗମାନ ଦେଖାଯାଏ। ପତ୍ରର ମୂଳ ଭାଗ ଶୁଖିଲା ଦେଖାଯାଏ କିନ୍ତୁ ପତ୍ରର ଅଗ୍ରଭାଗ ସବୁଜ ଥାଏ। ସମୟେ ସମୟେ ମାଙ୍ଗାନିଜ ଏବଂ ମ୍ୟାଗ୍ନେସିୟମର ଅଭାବଜନିତ ଲକ୍ଷଣ ସମାନ ଜଣା ପଡେ କିନ୍ତୁ ମ୍ୟାଗ୍ନେସିୟମ ଅଭାବରେ ପତ୍ରର ମୂଳ ଶୁଖିଲା ଦେଖାଯାଏ ନାହିଁ।

**ଦସ୍ତା :** ଦସ୍ତା ଅଭାବରେ ପତ୍ରର ମଝି ଶିରାର ଦୁଇ ପାର୍ଶ୍ୱରେ ଈଷତ୍ ହଳଦିଆ ଛିଟ ଦାଗମାନ ଦେଖାଯାଏ। ଗଛ ବାଙ୍ଗରା ଏବଂ ଗୋଛାଳିଆ ହୋଇ ବଢ଼େ ଏବଂ ପିଲ ସଂଖ୍ୟା କମେ। ଗଛର ପବଗୁଡିକ ଛୋଟ ହୁଏ, ଫୁଲ ଫଳ ଡେରିରେ ଆସେ ଏବଂ ବିଳମ୍ବରେ ଅମଳ ଉପଯୋଗୀ ହୁଏ।

**ତମ୍ବା :** ତମ୍ବା ଅଭାବରେ ଫସଲର ଅଗ୍ରଭାଗ ଅଣଓସାରିଆ ହୋଇ ବଢ଼େ ଏବଂ ପତ୍ର ଗୋଲାକାର ହୋଇ ଗୁଡାଇ ହେବାର ଦେଖାଯାଏ। ପତ୍ର ଈଷତ୍ ଧଳା ଏବଂ ପାଣ୍ଡୁରା ରଙ୍ଗ ହୁଏ। କେଣ୍ଡାର ଶସ୍ୟ ପରିପୁଷ୍ଟ ହୋଇ ପାରେନାହିଁ। ଫଳ ଗଛ ଅଗ୍ରଭାଗ ଶୀଘ୍ର ଶୁଖିଯାଏ।

**ଟାଙ୍ଗଣା :** ଟାଙ୍ଗଣା ଅଭାବରେ ଫସଲର ନୂଆ ଡାଳ ଏବଂ ଚେ଼ର ବଢିପାରେ ନାହିଁ। ଡାଳର ଅଗ୍ରଭାଗ ନୂଆ ପତ୍ରସବୁ ବଢ଼ି ନ ପାରି ଗୋଛାଳିଆ ହୁଏ। ଗଛର ପବ ଛୋଟ ଏବଂ ଟାଣ ହୋଇ ଫାଟେ। ପତ୍ରଗୁଡ଼ିକ ଟାଣ ଏବଂ ଭଙ୍ଗୁର ହୁଏ। ଫୁଲ ଆସେ କିନ୍ତୁ ପରାଗ ସଙ୍ଗମ ଅଭାବରୁ ଫଳ ହୁଏ ନାହିଁ। ଫଳ ହେଲେ ପାକଳ ନ ହୋଇ ଝଡି ପଡେ। କେତେକ ମୂଳଜାତୀୟ ପରିବା ଫାଟେ। ଚିନାବାଦାମର ଦାନା କଳା ପଡେ। ନଡିଆ ଗଛର ପଇଡ ଶୁଖି ଖସି ପଡେ।

**ମଲିବଡେନମ୍ :** ମଲିବଡେନମ୍ ଅଭାବରେ ଛୁଇଁ ଜାତୀୟ ଫସଲର ଚେ଼ରରେ ଭାତୁଡି ସଂଖ୍ୟା କମେ୍। ଗଛର ପତ୍ର ଈଷତ୍ ହଳଦିଆ ହୁଏ। ପତ୍ରର ଧାର ମୋଡି ହୋଇ ଧୂଷର ପୋଡା ଦାଗମାନ ଆସେ। ଫୁଲ କୋବିର ପତ୍ର ମୋଡି ହୋଇ ଠିଆ ହୁଏ। ଲେମ୍ବୁ ଗଛର ପତ୍ରରେ ହଳଦିଆ ଛିଟ ଦାଗ ମାନ ଦେଖାଯାଏ।

**କ୍ଲୋରିନ୍ :** କ୍ଲୋରିନ୍‌ର ଅଭାବରେ ଗଛର ଉପର ପତ୍ରର ହଳଦିଆ ଛିଟ ଦାଗମାନ ଦେଖାଯାଏ। ପତ୍ରରୁ ଅଧିକ ଉତ୍ସ୍ୱେଦନ ଯୋଗୁଁ ପତ୍ର ଶୁଖିଯାଏ।

ବିଭିନ୍ନ ଫସଲରେ ଗୌଣ ଏବଂ ଅଣୁ ପୋଷକର ଅଭାବଜନିତ ଲକ୍ଷଣ ମଧ୍ୟରେ ଦ୍ୱନ୍ଦ୍ୱ ଜନ୍ମେ। ସାମାନ୍ୟ ପୃଥକ ଥାଇ ସମାନ ଲକ୍ଷଣ ଦୁଇ ବା ତିନିଟି ଗୌଣ ଓ ଅଣୁ ପୋଷକ ଯୋଗୁଁ ହେବାର ସନ୍ଦେହ ହୁଏ। ତେଣୁ କେଉଁ ପୋଷକର ଅଭାବ ଯୋଗୁ ଫସଲର ଅମଳ କମୁଛି ସହଜରେ ଅନୁମେୟ କରି ହୁଏ ନାହିଁ। ମାଟି ପରୀକ୍ଷାରୁ ଠିକ୍ ପୋଷକର ଅଭାବ କିମ୍ବା ଅଧିକ ଅଛି ଜଣାପଡେ। ମାଟିର ଗୌଣ ଏବଂ ଅଣୁ ଉପାଦାନର ପରୀକ୍ଷା ପାଇଁ ଓଡିଶାର ବିଭିନ୍ନ ଜିଲାରେ ୧୭ ଗୋଟି ମୃତ୍ତିକା ପରୀକ୍ଷାଗାରରେ ଉଚ୍ଚ କ୍ଷମତା ସମ୍ପନ୍ନ ଯନ୍ତ୍ର ଅଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମୃତ୍ତିକା ରସାୟନ ବିଭାଗରେ ଭାରତୀୟ କୃଷି ଅନୁସଂଧାନ ତରଫରୁ ଗୌଣ ଏବଂ ଅଣୁ ଉପାଦାନର ପରୀକ୍ଷା ନିରୀକ୍ଷା ପାଇଁ ଏକ ପରିଯୋଜନା କେନ୍ଦ୍ର ଅଛି। ସେଥିରେ ଅବସ୍ଥାପିତ ବୈଜ୍ଞାନିକ ବନ୍ଧୁମାନେ ଓଡିଶାର ବିଭିନ୍ନ ୩୦ ଗୋଟି ଜିଲାର କୃଷି କ୍ଷେତ୍ରରୁ ମାଟି ସଂଗ୍ରହ କରି ଗୌଣ ଓ ଅଣୁ ପୋଷକକୁ ପରୀକ୍ଷା କରିଛନ୍ତି।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ଲେମନ୍‌ଗ୍ରାସ୍ ଦେଇଛି ନୂଆ ପରିଚୟ

ମୟୂରଭଞ୍ଜ ଜିଲାର ଆଦିବାସୀଙ୍କ ଜୀବନଜୀବିକା ମଧ୍ୟରେ ସବାଇଘାସ ଅନ୍ୟତମ । ଲକ୍‌ଡାଉନ ଓ ଶଟ୍‌ଡାଉନ ପାଇଁ ଏହି ଚାଷର ଚାହିଦା କମିଥିବା ବେଳେ ଲେମନ୍‌ଗ୍ରାସ(ଧନ୍ୱନ୍ତରୀ) ଚାଷ ସବାଇଚାଷୀଙ୍କୁ ଦେଇଛି ନୂଆ ପରିଚୟ। ଚାଷରୁ ଉତ୍ପାଦିତ ତେଲ ରାଜ୍ୟ ବାହାରକୁ ବିକ୍ରି ପାଇଁ ପଠା ହେଉଛି। ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ୨୫ଜଣଙ୍କୁ ରୋଜଗାରର ନୂଆ ବାଟ ଦେଖାଇଛନ୍ତି ଜଣେ ଆଦିବାସୀ ଚାଷୀ। ସେ ହେଲେ ବାରିପଦା ସଦରବ୍ଲକ ବଡ଼ଯୋଡ଼ ପଞ୍ଚାୟତ ଅଧୀନ ନୂଆନଗର ଡୁଙ୍ଗୁରିଡ଼ିହି ଗ୍ରାମର ୬୦ ବର୍ଷ ବୟସ୍କ ଜିତେନ୍ଦ୍ର ନାଥ ମୁର୍ମୁ। ସମ୍ପ୍ରତି କରୋନା ବିପତ୍ତି ସମୟରେ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ପ୍ରେରଣା ସାଜିଛନ୍ତି ସେ। ଏକଦା ଅଞ୍ଚଳରେ ସବାଇଘାସ ଚାଷୀ ଭାବେ ଜଣାଶୁଣା ଥିବା ଜିତେନ୍ଦ୍ର ଏବେ ଲେମନ୍‌ଗ୍ରାସ୍ ଚାଷୀ ଭାବେ ଜିଲା ତଥା ଜିଲା ବାହାରେ ବେଶ୍ ସୁନାମ ଅର୍ଜନ କରିଛନ୍ତି।

ନିଜ ସମ୍ପର୍କରେ ଜିତେନ୍ଦ୍ର କହନ୍ତି, “ପୁରୁଷାନୁକ୍ରମିକ ଧରି ପାରମ୍ପରିକ ପଦ୍ଧତିରେ କରାଯାଉଥିବା ସବାଇଘାସ ଚାଷରୁ ଉତ୍ପାଦିତ ଦ୍ରବ୍ୟର ବଜାର ମୂଲ୍ୟ ଧୀରେ ଧୀରେ କମିବାରେ ଲାଗିଲା। ପଡ଼ୋଶୀ ପଶ୍ଚିମବଙ୍ଗରେ ଉତ୍ପାଦିତ ସବାଇଘାସ କମ୍ ଦରରେ ଓଡ଼ିଶାରେ ବିକ୍ରି ହେବାରୁ ସ୍ଥାନୀୟ ଅଞ୍ଚଳର ସବାଇଘାସର ଚାହିଦା ଆଉ ରହିଲାନାହିଁ। ପୁନଶ୍ଚ ପ୍ରତିକୂଳ ପାଗ ପାଇଁ ସବାଇଘାସର ପ୍ରକ୍ରିୟାକରଣରେ ସମସ୍ୟା ଉପୁଜିଲା। ଏହି ଚାଷରୁ ମୁହଁ ଫେରାଇ ବିକଳ୍ପ ଚାଷ ସନ୍ଧାନରେ ଅଭିଯାନ ଆରମ୍ଭ କଲି। ପ୍ରଥମ ଥର ଏକ ଏକର ଜମିରେ ପରୀକ୍ଷାମୂଳକ ଭାବେ ଲେମନ୍‌ଗ୍ରାସ୍ ଚାଷ ଆରମ୍ଭ କଲି। ଲଗାତର ଦୁଇ ବର୍ଷ ଏହି ଚାଷରେ କ୍ଷତି ସହିବା ପରେ ମଧ୍ୟ ମନୋବଳକୁ ଦୃଢ଼ କରିଥିଲି। ତା’ପରେ ୟୁଟ୍ୟୁବ ଦେଖି ଓ ନିଜର ପ୍ରଚେଷ୍ଟା ବଳରେ ଚାଷର ପ୍ରଣାଳୀ ଓ ଉପାୟ ଅନୁସରଣ କଲି। ବର୍ତ୍ତମାନ ୬୦ଏକର ସବାଇ ଚାଷଜମିରେ ଲେମନ୍‌ଗ୍ରାସ୍ ଚାଷ କରି ବେଶ୍ ଲାଭବାନ ହୋଇପାରିଛି।” ବର୍ଷା ଦିନେ ଡାହି କିସମ ଜମିରେ ୩ରୁ ୪ମାସ ମଧ୍ୟରେ ଲେମନ୍‌ଗ୍ରାସ୍ ଉତ୍ପାଦିତ ହୋଇଥାଏ। ପରବର୍ତ୍ତୀ ସମୟରେ ୫୦ରୁ ୫୫ଦିନ ମଧ୍ୟରେ ଏହାକୁ ଉତ୍ପାଦନ କରାଯାଇ ତେଲ ସଂଗ୍ରହ କରାଯାଉଛି। ତେବେ ଲେମନ୍‌ଗ୍ରାସ୍ ଉତ୍ପାଦନ ପରେ ବିକ୍ରି ପାଇଁ ଜିଲାରେ ବଜାର ସୁବିଧା ନ ଥିବାରୁ ସେଥିରୁ ତେଲ ବାହାର କରିବା ପାଇଁ ସେ ଏକ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରିଛନ୍ତି। ଏଥିରୁ ବର୍ତ୍ତମାନ ଦୈନିକ ସର୍ବନିମ୍ନ ୭ରୁ ୮ଲିଟର ଲେମନ୍‌ଗ୍ରାସ୍ ତେଲ ଉତ୍ପାଦନ କରୁଛନ୍ତି। ଏହି ତେଲ ଲିଟର ପିଛା ୧୧୦୦ରୁ ୧୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବିହାର ରାଜ୍ୟର ଜନୈକ ବ୍ୟବସାୟୀ ଏହାକୁ ସିଧାସଳଖ କିଣୁଛନ୍ତି। ଏଥିରୁ ସାବୁନ, ପରଫ୍ୟୁମ୍, ପାଉଡର ଆଦି ବିଭିନ୍ନ ସୌଖୀନ ପଦାର୍ଥ ତିଆରି କରାଯାଉଛି। ‘ଦୈନିକ ଲେମନ୍‌ଗ୍ରାସ୍ ସଂଗ୍ରହ ସହିତ ସେଥିରୁ ତେଲ ବାହାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ମୁଁ କାମ ଯୋଗାଇ ଦେଇଛି। ସେମାନେ ବର୍ତ୍ତମାନ ନିଜେ ରୋଜଗାର କରିବା ସହ ପରିବାର ଚଳାଇବାରେ ସକ୍ଷମ ହୋଇଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଏବଂ ନିରବଚ୍ଛିନ୍ନ ଉଦ୍ୟମ ମୋତେ ଆଜି ଏହି ସଫଳତା ଦେଇଛି ବୋଲି କହନ୍ତି ଜିତେନ୍ଦ୍ର।



**ସଫଳ ଚାଷୀ**
ଜିତେନ୍ଦ୍ର ନାଥ ମୁର୍ମୁ

**-ନୀଳାଦ୍ରି ବିହାରୀ ଦଣ୍ଡପାଟ,** ବାରିପଦା

# ଜଡ଼ା ବୁଣିବା ପୂର୍ବରୁ...

ଜଡ଼ାକୁ ଅନ୍ତ ଫସଲ ଭାବେ ନ ନେଇ ଏକକ ଫସଲ ଭାବେ ଚାଷ କରନ୍ତୁ। ଭଲ ଗଜା ହେବା ପାଇଁ ଲଗାଇବା ପୂର୍ବରୁ ବିହନକୁ ୨୪ ରୁ ୪୮ ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ଏକର ପ୍ରତି ୮ କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କିଗ୍ରା ବିହନକୁ ଗ୍ରାମ୍ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରିପାରିବେ। ଧାଡ଼ିକୁ ଧାଡ଼ି ୬୦ ସେମି ଓ ଗଛକୁ ଗଛ ୩୦ରୁ ୪୫ ସେମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୧୦ କିଗ୍ରା ଯବକ୍ଷାରଜାନ, ୧୨ କିଗ୍ରା ଫସ୍‌ଫରସ୍ ଓ ୧୨ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ଅରୁଣା, ଜ୍ୟୋତି, କ୍ରାନ୍ତି ଏସ୍.ଏ - ୧ ଏବଂ କିସି-୨ ଆଦି ଜଡ଼ା କିସମ ସଂଗ୍ରହ କରନ୍ତୁ ଓ ବୁଣାବୁଣି ଶୀଘ୍ର ଶେଷ କରନ୍ତୁ।



# ହରଡ଼ରେ ଫୁଲ ଧରୁଥିଲେ...

ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡ଼ର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶମ୍ବାଲୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି, ତେଣୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

# କାଜୁର ଉନ୍ନତ କିସମ



କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି, ଭୁବନେଶ୍ୱର -୧,ଭି.ଆର.ଇ-୨, ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମିପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନିରୋଗୀ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

**ଦୀପଜ୍ୟୋତି ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ**

ଭୁବନେଶ୍ୱର, (ବ୍ୟୁରୋ): ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କ ଅନୁମୋଦନ କ୍ରମେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମତାଲିକା ଘୋଷଣା କରିଛନ୍ତି। ଓଡ଼ିଶାରୁ ଦୀପଜ୍ୟୋତି ମୁଣ୍ଡ ଏଥିରେ ସ୍ଥାନ ପାଇଛନ୍ତି। ଏଥିପାଇଁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ ରାଷ୍ଟ୍ରୀୟ ସଭାପତି, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବଢ଼ିଚାଲିଛି କଂଗ୍ରେସ କନ୍ଦଳ

- କୋରାପୁଟରେ ଆଧିପତ୍ୟ ଦେଖାଇବା ଅଭ୍ୟାସ ତାରା ଛାଡ଼ନ୍ତୁ: ପ୍ରଦୀପ
- ସଚ୍ଚୋଟ ନ ଥିଲେ ଏତେଥର ଜିତି ନ ଥାଆନ୍ତି: ତାରା
- ଆନ୍ଧ୍ରରେ ୬ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବିକଲା ଦଳ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇଛି ରାଜ୍ୟ କଂଗ୍ରେସର କନ୍ଦଳ ସେତିକି ବଢ଼ିବାରେ ଲାଗିଛି। ଦଳର ଉପରିସ୍ଥ ନେତାଙ୍କ ମଧ୍ୟରେ ସିଧାସଳଖ ଯୁକ୍ତିତର୍କ ଆରମ୍ଭ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ନେଇ ବିବାଦ ଅଧିକ ଘନେଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ତାରାଙ୍କ ଅଶାଳୀନ ମନ୍ତବ୍ୟ ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ଅବିଭକ୍ତ କୋରାପୁଟରେ ଆଧିପତ୍ୟ ଦେଖାଇବା ଅଭ୍ୟାସ ତାରା ଛାଡ଼ନ୍ତୁ। କଂଗ୍ରେସର ସବୁ ନେତାଙ୍କୁ ସେ ଟାର୍ଗେଟ କରୁଛନ୍ତି। ଆଦିବାସୀ ନେତାଙ୍କୁ ଛାଡ଼ି କୋରାପୁଟରେ ରାଜନୀତି ସମ୍ଭବ ନୁହେଁ। ଦଳରେ କିଏ ରହିବ ନ ରହିବ ସେନେଇ କେବଳ ପିସିସି ସଭାପତି ନିଷ୍ପତ୍ତି ନେବେ। ଏଠାରେ କାହାର ଏକଚ୍ଛତ୍ରବାଦ ଶାସନ ଚାଲିବ ନାହିଁ ବୋଲି ପ୍ରଦୀପ କହିଛନ୍ତି। ଅନ୍ୟପଟେ ପ୍ରଦୀପଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ତାରା କହିଛନ୍ତି, ଯଦି ସେ ଆଦିବାସୀଙ୍କ ପାଇଁ କାମ କରୁଥିଲେ ତେବେ ସେ ୨ ଥର କେମିତି ହାରିଲେ। କୋରାପୁଟ ଜିଲା ନେତାଙ୍କୁ ପଚରାଯାଉ କାହାକୁ ବିରୋଧ କରିଛି। ଆଗକୁ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଚାରିଆଡ଼େ ବୁଲିବୁଲି ବୈଠକ କରିବି। ଚାନ୍ଦା ମାଗିବା ନେତା ଆମେ ନୁହେଁ। ସଚ୍ଚୋଟ ନ ଥିଲେ ଏତେଥର ବିଧାୟକ ହୋଇ ଜିତି ନଥାନ୍ତି। ପିସିସି ସଭାପତିଙ୍କ ଚାଟୁକାରମାନଙ୍କୁ ଏଠାରେ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ପ୍ରଭାରୀ ଆସିଲେ ଉତ୍ତର ରଖିବେ ବୋଲି ତାରା କହିଛନ୍ତି।

ଅନ୍ୟପକ୍ଷରେ ଆନ୍ଧ୍ରରେ ଶର୍ଟ ସର୍କିଟ ଯୋଗୁ ୬ ଜଣ ମୃତ୍ୟୁବରଣ ଘଟଣାକୁ ନେଇ ପ୍ରଦୀପ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଆନ୍ଧ୍ରର ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ୬ ଜଣ ଶିଶୁ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ମନଇଚ୍ଛା ଶ୍ରମିକମାନେ କାମ କରିବାକୁ ଆନ୍ଧ୍ର ଯାଇ ନ ଥିଲେ। ଯେଉଁ ଦଲାଲ ସେମାନଙ୍କୁ ନେଇ ଆନ୍ଧ୍ରରେ ବିକ୍ରି କରିଥିଲେ ତାଙ୍କୁ ଏ ପର୍ଯ୍ୟନ୍ତ ପୋଲିସ ଗିରଫ କରିନାହିଁ। ଏପରିକି ସେଠାକାର ଫାର୍ମ ମାଲିକଙ୍କ ନାଁରେ କିଛି ମାମଲା ରୁଜୁ ହୋଇନାହିଁ। ପୋଲିସ, ଶ୍ରମ ବିଭାଗ, ସରକାର ସମ୍ପୂର୍ଣ୍ଣ ନୀରବ। ଆସନ୍ତା ୭ ଦିନ ମଧ୍ୟରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ। ପ୍ରଦୀପ ଆହୁରି କହିଛନ୍ତି, ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେମାନେ ଆନ୍ଧ୍ରର ଗୁଣ୍ଟୁରକୁ ଶିଶୁ ଶ୍ରମିକ ଭାବେ କାମ କରିବା ପାଇଁ ଯାଇଥିଲେ। ସେଠାରେ ସେମାନେ ପୋଡ଼ି ମରିଯାଇଥିବା କୁହାଗଲା। ହେଲେ ଆନ୍ଧ୍ର ଏବଂ ଓଡ଼ିଶା ସରକାରଙ୍କ ପଦକ୍ଷେପ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଫାର୍ମ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ସେଠାରେ ଉକ୍ତ ୬ ଜଣ ଶ୍ରମିକ ପୋଡ଼ିହେବା ଭଳି କୌଣସି ପରିସ୍ଥିତି ନ ଥିବା ସେଠାକୁ ଗସ୍ତ କରିଥିବା କଂଗ୍ରେସ ଟିମ୍ ଯାଞ୍ଚରୁ ଜାଣିପାରିଛି ବୋଲି ପ୍ରଦୀପ କହିଛନ୍ତି। ୭ ଦିନ ଭିତରେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ ଗୁଣପୁର ସବ୍‌ଡିଭିଜନ ସମ୍ପୂର୍ଣ୍ଣ ବନ୍ଦ ହେବ ଏବଂ ନ୍ୟାୟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରଦୀପ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସରେ ଆଇସିଡିଏସ୍ ସୁପରଭାଇଜର

ଭଦ୍ରକ ଅଫିସ, ୨୪।୮: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକ ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ମଲ୍ଲୀଲତା ଦାସଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ ହୋଇଛି। ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଦୁର୍ଗାଚରଣ ମୁର୍ମୁଙ୍କ ନେତୃତ୍ୱରେ ସକାଳୁ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝରରୁ ୩ଟି ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ। ସୁପରଭାଇଜର ମଲ୍ଲୀଲତାଙ୍କ ଆରଡ଼ିଛକସ୍ଥିତ ବାସଭବନ, ସିଡିପିଓ ଅଫିସ ଏବଂ ଆମ୍ବରୋଲିସ୍ଥିତ ବାପଘରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଆକଳନ ହୋଇ ନ ଥିଲେ ମଧ୍ୟ ୫ମହଲାର ଏକ କୋଠା, ୪ ମହଲା ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସ, ପୈତୃକ ବାସଭବନ, ୨ଟି ପ୍ଲଟ, ଗୋଟିଏ ଚାରିଚକିଆ ଓ ଗୋଟିଏ ଦୁଇଚକିଆ ଗାଡ଼ି ଜବତ ହୋଇଥିବା ଭିଜିଲାନ୍ସ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି।

### ନିଲମ୍ବିତ ପ୍ୟାକ୍ସ ସମ୍ପାଦକଙ୍କ ଘରେ ଚଢ଼ାଉ

ବରଗଡ଼ ଅଫିସ୍/ବରପାଲି, ୨୪।୮: ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ନିଲମ୍ବିତ ସମ୍ପାଦକ ଗୌରଚନ୍ଦ୍ର ବୁଧିଆଙ୍କ ବାସଭବନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧିଆଙ୍କ କୁମ୍ଭାରୀ ଗ୍ରାମ ସ୍ଥିତ ବାସଭବନ ଏବଂ ପ୍ୟାକ୍ସ କାର୍ଯ୍ୟାଳୟରେ ଏକକାଳୀନ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ପ୍ୟାକ୍ସ ସମ୍ପାଦକ ବୁଧିଆଙ୍କ ସମୁଦାୟ ୮୭ଲକ୍ଷ ୫୦ହଜାର ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସେଥିମଧ୍ୟରେ କୁମ୍ଭାରୀ ଗ୍ରାମରେ ୨ତାଲା ବିଶିଷ୍ଟ କୋଠାଘର, ୨ଟି ଜମି ପ୍ଲଟ, ୩ଟି ୨ଚକିଆ ଯାନ, ୨୬ଲକ୍ଷ ୩୧ହଜାର ଟଙ୍କାର ବ୍ୟାଙ୍କ ଜମାରାଶି, ୧ଲକ୍ଷ ୯୮ହଜାର ଟଙ୍କାର ବୀମା ଆଦି ରହିଛି। ଚଢ଼ାଉରେ ସମ୍ବଲପୁର ଭିଜିଲାନ୍ସ ଡିଭିଜନର ୨ଟି ଟିମ୍ ସାମିଲ ହୋଇଥିଲେ। ଏଥିରେ ୨ଜଣ ଡିଏସ୍‌ପି, ଜଣେ ଇନ୍ସପେକ୍ଟର ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ରହିଥିଲେ। ନିଲମ୍ବିତ ପ୍ୟାକ୍ସ ସମ୍ପାଦକ ବୁଧିଆଙ୍କୁ ଅଧିକ ପଚରାଉଚରା କରାଯାଉଛି।

### ଭିଜିଲାନ୍ସ ଜାଲରେ ବଡଗାଁ ଥାନା ଏଏସ୍ଆଇ



ବଡଗାଁ, ୨୪।୮ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁ ଥାନାର ଏଏସଆଇ କୈଳାସ ନାଏକ ମଙ୍ଗଳବାର ମଧ୍ୟାହ୍ନରେ ରେଙ୍ଗାଲମାଲ ଗ୍ରାମର ବୈକୁଣ୍ଠ ରାଉତ (ଧନୁ)ଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରେଙ୍ଗାଲମାଲ ଗ୍ରାମରେ ଗତମାସ ୪ ତାରିଖରେ କୌଣସି କାରଣକୁ ନେଇ ଦମୟନ୍ତୀ ମହାକୁଳ ଓ ବୈକୁଣ୍ଠ ରାଉତଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷରୁ ମାରପିଟ ନେଇ ଥାନାରେ ହୋଇଥିବା ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଥାନାରୁ ବେଲ୍ ମିଳିବାର ଦଫା ଲାଗିଥିବା ବେଳେ ଏଏସ୍ଆଇ ଜଣକ ଅଭିଯୁକ୍ତ ବୈକୁଣ୍ଠଙ୍କୁ ଏଠି ବେଲ୍ ହେବ ନାହିଁ କୋର୍ଟ ଚାଲାଣ କରାଯିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଦଫା କମ୍ କରି ଥାନାରେ ବେଲ ଦେବାକୁ ୫୦ ହଜାର ଟଙ୍କା ଦାବି କରିଥିଲେ। ଶେଷରେ ଅଭିଯୁକ୍ତ ଓ ଏଏସ୍ଆଇଙ୍କ ମଧ୍ୟରେ ଆଲୋଚନା ହୋଇ ୫ ହଜାର ଟଙ୍କାରେ କଥା ତୁଟିଥିଲା। କିନ୍ତୁ ବୈକୁଣ୍ଠ ଏ ନେଇ ରାଉରକେଲା ଭିଜିଲାନ୍ସ ଡିଏସପିଙ୍କୁ ଜଣାଇଥିଲେ। ଯୋଜନା ମୁତାବକ ଡିଏସପି ବୀରେନ୍ଦ୍ର କୁମାର ନାଏକ, ସୁନ୍ଦରଗଡ ବିଭାଗୀୟ ଡିଏସପି ସୁଧାଂଶୁ ପୂଜାରୀ, ଝାରସୁଗୁଡ଼ା ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଏସଆଇ ରଶ୍ମିତା ଲାକ୍ରା ଓ ଅଭୟ ପ୍ରଧାନ ଥାନା ନିକଟରେ ଲୁଚି ରହିଥିଲେ। ଏହି ସମୟରେ ବୈକୁଣ୍ଠଙ୍କଠାରୁ ଏଏସଆଇ ନାଏକ ଥାନା ଭିତରେ ୫ ହଜାର ଟଙ୍କା ନେବା ପରେ ଭିଜିଲାନ୍ସ ଅଧିକାରୀମାନେ ଯାଇ ଲାଞ୍ଚ ଟଙ୍କା ଜବତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବଡଗାଁ ଥାନାରେ ଛୋଟ ଛୋଟ ମାମଲାରେ ଗରିବ ଲୋକଙ୍କୁ ଭୟ ଦେଖାଇ ଅର୍ଥ ଆଦାୟ କରିବା, ଗାଡି ଓଲଟିଲେ ୧୫ରୁ ୨୦ ହଜାର ଟଙ୍କା ନେବା ଭଳି ଅନେକ ଦୃଷ୍ଟାନ୍ତ ରହିଛି। କରୋନା ଯୋଗୁ ଥାନାରେ ଛୋଟ ଛୋଟ ମାମଲାର ବେଲ୍ ଦେବା ବ୍ୟବସ୍ଥା ପୋଲିସ ପାଇଁ ଅର୍ଥ ଉପାର୍ଜନର ମାଧ୍ୟମ ପାଲଟିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କହିବି ମୁହଁରେ**
**ଚାକୁଣ୍ଡା ପତରକୁ ଯାହା ବରଷିଲା**
**ଚମ୍ପାଫୁଲ ଗଲା ଧୋଇରେ ।**

ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି ଏପରି କଥାକୁ କହିଥାନ୍ତି ଯେ ଶୁଣିବା ଲୋକକୁ ଆଚମ୍ବିତ କରିଦେଇଥାଏ। କଥାକୁ ଏପରି କପଟ ବା ଚଞ୍ଚକତା କରି କହିବା ଦ୍ୱାରା ମୂଳକଥାର ଟେର କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋପେ ବର**
**ନଇଲେ ତପେ ବର ।**

ଦେବ ଦେବ ମହାଦେବ ତପରେ ସନ୍ତୁଷ୍ଟ ହେଲେ ବର ଦେଇଥାନ୍ତି, କୋପରେ ମଧ୍ୟ ବର ଦେଇଥାନ୍ତି। କୋପ କରି ମହାଦେବଙ୍କ ଠାରୁ ବର ପାଇବା ଘଟଣା ପୁରାଣ ପୃଷ୍ଠାରୁ ଜଣାଯାଏ। ପରୋକ୍ଷରେ କଷ୍ଟ ସ୍ୱୀକାର କରି ଫଳ ନ ପାଇଲେ ଜୋର ଜବରଦସ୍ତି କରି ବା ଡରାଇ ଧମକାଇ ନିଜ ଈପ୍‌ସିତ ମନସ୍କାମନା ହାସଲ କରାଇନେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସୂର୍ଯ୍ୟମନ୍ଦିର ସମ୍ମୁଖରୁ ହଟିଲେ ହସ୍ତଶିଳ୍ପ ବ୍ୟବସାୟୀ

କୋଣାର୍କ, ୨୪।୮ (ଡି.ଏନ୍.ଏ.)



ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ ସାରି ଜିଲାପାଳ ସମର୍ଥ ବର୍ମା ଫେରୁଛନ୍ତି।

ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଭାବେ ଦୋକାନ କରିଥିବା ହସ୍ତଶିଳ୍ପ ବ୍ୟବସାୟୀମାନଙ୍କୁ ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସେଠାରୁ ହଟାଯାଇ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାରେ ସୂର୍ଯ୍ୟ ମନ୍ଦିର ସମ୍ମୁଖ ସୌନ୍ଦର୍ଯ୍ୟକରଣ ପାଇଁ ଏହି ବ୍ୟବସାୟୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମା କୋଣାର୍କ ପରିଭ୍ରମଣରେ ଆସି ସୂର୍ଯ୍ୟମନ୍ଦିର ବୁଲି ଦେଖିବା ସହ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏପରିକି ସରକାରଙ୍କ ନିୟମ ମାନି ଆଗୁଆ ବ୍ୟବସାୟୀମାନେ ସ୍ଥାନାନ୍ତର ପାଇଁ ଇଚ୍ଛାପ୍ରକାଶ କରିଥିବାରୁ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ସଂଘକୁ ସାଧୁବାଦ ଜଣାଇଛନ୍ତି। ସୂର୍ଯ୍ୟମନ୍ଦିର ପରିସର କିଭଳି ଶୀଘ୍ର ସୌନ୍ଦର୍ଯ୍ୟକରଣ ହେବ ନେଇ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୂର୍ଯ୍ୟମନ୍ଦିର ପରିସରରେ ଥିବା ପ୍ରାୟ ୩୧୯ ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାପାଳଙ୍କ ଗସ୍ତ ସମୟରେ ପ୍ରଶାସନିକ ଅଧିକାରୀ, କୋଣାର୍କ ଥାନାଧିକାରୀ ଉପସ୍ଥିତ ଥିଲେ। ସୂଚନା ଥାଉକି, ଗତ ୨୦୧୩ ମସିହାରେ ହସ୍ତଶିଳ୍ପ ବ୍ୟବସାୟୀମାନେ ସ୍ଥାୟୀ ଥଇଥାନ ଦାବିରେ ସୂର୍ଯ୍ୟ ମନ୍ଦିର ସମ୍ମୁଖ ଉଭୟ ପାର୍ଶ୍ୱରେ ଦୋକାନ କରିଆସୁଥିଲେ। ଜିଲାପାଳ ବର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଏନ୍ଏସି ପ୍ରଶାସକ ବିନୟ କୁମାର ଦାଶ ଓ ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ପ୍ରଚେଷ୍ଟା ଯୋଗୁ ଏହା ସଫଳତାର କାର୍ଯ୍ୟକାରୀ ହୋଇପାରିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ପରଲୋକ

ଭଦ୍ରକ ଅଫିସ, ୨୪।୮

ଭଦ୍ରକ ବ୍ଲକ କଲେଇ ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ (୯୧)ଙ୍କର ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି। ଗତ କିଛିଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ରାଉତ ନିଜ ଅଞ୍ଚଳର ବହୁ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିବା ସହ ହାଇସ୍କୁଲ, ଦେବାଳୟ ଓ ଡାକ୍ତରଖାନା ସ୍ଥାପନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଓ ଭଦ୍ରକର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହନିଫ ବାବୁଙ୍କ ସଂସ୍ପର୍ଶରେ ଆସି ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। ଜାତୀୟ ଦିବସଗୁଡ଼ିକ...



ଜାବଦଶା ମଧ୍ୟରେ ସେ ନିଜ ଉଦ୍ୟମରେ ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳନ କରି ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେ ରାଜ୍ୟର ଜଣେ ଆଗଧାଡ଼ିର କୃଷକ ନେତା ଭାବେ ଚାଷୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଆସୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ପୁଅ, ବୋହୂ, ୩ ଝିଅ, ପୁତୁରା ଖବରଦାତା ପ୍ରମୋଦ ରାୟ, ଶିକ୍ଷାବିତ୍ ବାବୁଲା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ବିଧାୟକ ଯୁଗଳ ପଟ୍ଟନାୟକ, ନରେନ ପଲେଇ, ରାଜେନ୍ଦ୍ର ଦାସ, ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଅଢ଼େଇ ହଜାର ପିଲାଙ୍କୁ ଦିଆଯିବ ମାଗଣା ତାଲିମ

**ରେଳ ଦକ୍ଷତା ବିକାଶ କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୨୪।୮: ପ୍ରଧାନମନ୍ତ୍ରୀଙ୍କ ଦକ୍ଷତା ବିକାଶ ଯୋଜନା ଅନ୍ତର୍ଗତ ପୂର୍ବତଟ ରେଳପଥ ପକ୍ଷରୁ 'ରେଳ ଦକ୍ଷତା ବିକାଶ ଯୋଜନା' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଦକ୍ଷତା ବିକାଶ ତାଲିମ ପାଇଁ ଆଶାୟୀ ପିଲାଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ପାସ୍ ହୋଇଥିବା ଆବଶ୍ୟକ। ସେହିଭଳି ଟ୍ରେନିଂ ପାଇଁ ବୟସସୀମା ୧୮ରୁ ୩୫ ବର୍ଷ ବୟସର ପ୍ରାୟ ୨୫୦୦ ଯୁବକଙ୍କୁ ପୂର୍ବତଟ ରେଳପଥ ୩ ବର୍ଷ ମଧ୍ୟରେ ମାଗଣା ତାଲିମ ଯୋଗାଇଦେବ। ବିଶାଖାପାଟନାମ୍ ଡିଜେଲ ଲୋକୋ ସେଡ, ଅନୁଗୋଳ ଓ ବିଶାଖାପାଟନାମ୍ ସ୍ଥିତ ଇଲେକ୍ଟ୍ରିକ୍ ଲୋକୋ ସେଡ୍ ଏବଂ ମଞ୍ଚେଶ୍ୱରରେ ଥିବା ରେଳବାଇ ପାସେଞ୍ଜର ଡବା ମରାମତି କର୍ମଶାଳାରେ ୱେଲ୍ଡିଂ, ଇଲେକ୍ଟ୍ରିସିଆନ୍ ଏବଂ ଫିଟର ଟ୍ରେଡ୍‌ରେ ତାଲିମ ଦିଆଯିବ। ତାଲିମ ସମୟସୀମା ୩ ସପ୍ତାହ ବା ୧୦୦ ଘଣ୍ଟା ରଖାଯାଇଛି। ଏଥି ସହ କ୍ଲାସ୍-ପ୍ରାକ୍ଟିକାଲ୍ ଟ୍ରେନିଂ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ପ୍ରତି ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଏବଂ ଶନିବାର ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ କ୍ଲାସ୍ ଓ ପ୍ରାକ୍ଟିକାଲ୍ ଟ୍ରେନିଂ ପ୍ରଦାନ କରାଯିବ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ପୂର୍ବତଟ ରେଳପଥର ୱେବ୍‌ସାଇଟ୍ ତଥା ସମ୍ପୃକ୍ତ ତାଲିମ କେନ୍ଦ୍ରଗୁଡ଼ିକରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ବିଶାଖାପାଟନାମ୍ ଏବଂ ଅନୁଗୋଳରେ ଇଲେକ୍ଟ୍ରିକାଲ ଲୋକୋ ସେଡ୍ ପାଇଁ ଆବେଦନର ଶେଷ ତାରିଖ ଚଳିତ ବର୍ଷ ଅଗଷ୍ଟ ୩୧ ରହିଥିବା ବେଳେ ବିଶାଖାପାଟନମ୍ ଡିଜେଲ୍ ଲୋକୋ ଶେଡ୍ ଏବଂ ମଞ୍ଚେଶ୍ୱର ସବାରୀ ଡ଼ବା ମରାମତି କର୍ମଶାଳା ପାଇଁ ୩ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି।

# ଅଗଷ୍ଟରେ ବଡ଼ ବର୍ଷା ନାହିଁ

**ଲଘୁଚାପ ନ ଥିବାରୁ ଓଡ଼ିଶାକୁ ମିଳିଲାନି ବର୍ଷା**

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ବର୍ଷା ଅଭାବରୁ ରାଜ୍ୟର ଅନେକ ଅଞ୍ଚଳରେ ମରୁଡ଼ି ଭଳି ସ୍ଥିତି ସୃଷ୍ଟି ହୋଇଛି। ଅଗଷ୍ଟ ମାସରେ ଆଉ ବଡ଼ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ଡାଇରେକ୍ଟର ଜେନେରାଲ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନର ବାୟୁମଣ୍ଡଳ ସ୍ଥିତିକୁ ଦେଖିଲେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ନାହିଁ। ଯେଉଁଭଳି ନିଅଣ୍ଟିଆ ବର୍ଷା ଚାଲିଛି ଆସନ୍ତା ୫ ବା ୭ ଦିନ ପର୍ଯ୍ୟନ୍ତ ମଧ୍ୟ ସେମିତି ନିଅଣ୍ଟିଆ ବର୍ଷା ଚାଲିବ। ଆସନ୍ତା ୫ ଦିନରେ ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହେବାର କୌଣସି ସ୍ଥିତି ଦେଖାଯାଉନାହିଁ। ତା'ପରେ ହୁଏତ କିଛି ପରିବର୍ତ୍ତନ ହୋଇପାରେ। ସେପ୍ଟେମ୍ବର ମାସରେ କିଭଳି ବର୍ଷା ହେବ, ତା'ର ଆକଳନ ଅଗଷ୍ଟ ୩୧ ତାରିଖ କିମ୍ବା ସେପ୍ଟେମ୍ବର ପହିଲାରେ କରାଯିବ। ଜୁନ୍ ୧ରୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ୩୩% ନିଅଣ୍ଟିଆ ବର୍ଷା ହୋଇଛି। ବିଶେଷତଃ ଅଗଷ୍ଟ ମାସରେ ୫୫% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଏହାର କାରଣ ହେଉଛି ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠାରେ ମୌସୁମୀ ବାୟୁ ଥିବା ସମୟରେ ଲଘୁଚାପଜନିତ ବର୍ଷା ହିଁ ଅଧିକ ହୋଇଥାଏ। ଏହି ଲଘୁଚାପଗୁଡ଼ିକ ସାଧାରଣତଃ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଓଡ଼ିଶା ଉପକୂଳ ନିକଟରେ ସୃଷ୍ଟି ହୋଇଥାଏ ଏବଂ ସେଗୁଡ଼ିକ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ଫଳରେ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ହୋଇଥାଏ। ପରିସଂଖ୍ୟାନ ଦେଖିଲେ ବର୍ଷକୁ ପ୍ରାୟ ୧୩ଟି ଲଘୁଚାପ କ୍ଷେତ୍ର ଏହି ସ୍ଥାନରେ ସୃଷ୍ଟି ହୋଇଥାଏ। ଏଥିଯୋଗୁ ଓଡ଼ିଶାକୁ ଭଲ ବର୍ଷା ମିଳିଥାଏ। ଏଥର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ନ ଥିବାରୁ ବର୍ଷା ହେଲା ନାହିଁ। ସେ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ୩୦ରୁ ୨୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। କୋରାପୁଟ, ମାଲକାନଗିରି ଓ ନୂଆପଡ଼ାକୁ ଛାଡ଼ି ଦେଲେ ଅନ୍ୟ ସବୁ ଜିଲାରେ ବର୍ଷାଭାବ ରହିଛି।

# ସଡ଼କ ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର ଜିଲା**

ସୋନପୁର, ୨୪।୮ (ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲାପାଳ ନରୱଣେ ଜିଲାରେ କିଭଳି ସଡକ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାସ୍ତାରୁ ବୁଲା ଗୋରୁଙ୍କୁ ହଟାଯିବା ପାଇଁ ପଦକ୍ଷେପ ନିଆଯାଇଥିବାରୁ ବୈଠକରେ ସମସ୍ତ ସଭ୍ୟ ସ୍ୱାଗତ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଜିଲାପାଳ ବିଭିନ୍ନ ବିଭାଗ ଯଥା ପୌର ପରିଷଦ, ପରିବହନ ବିଭାଗ, ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଦୁଇଚକିଆ ଆରୋହୀଙ୍କ ପାଇଁ ବାଧ୍ୟତାମୂଳକ ହେଲମେଟ୍ ପରିଧାନ, ବିନା ହେଲମେଟ୍‌ରେ ପେଟ୍ରୋଲ ପମ୍ପରେ ବାଇକ୍ ଆରୋହୀଙ୍କୁ ପେଟ୍ରୋଲ ନ ଦେବା, ଦୁଇଚକିଆ ଯାନରେ ତିନି ଜଣଙ୍କ ଯିବା ଉପରେ କଟକଣା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର, ଦ୍ରୁତ ଗତିରେ ଗାଡି ଚାଳନା ରୋକିବା, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ପରିଧାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କୁ ରାସ୍ତାରେ ଆବଶ୍ୟକ ପଡୁଥିବା ସ୍ଥାନରେ ହମ୍ପସ୍ ନିର୍ମାଣ ଓ ଗୁଡ୍ ସାମାରିଟାନ୍ସ ପଲିସିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତଥା ପରିବହନ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏଆରଟିଓ ଶିବାଶିଷ ସାହୁ, ଜୁନିୟର ଏମ୍‌ଭିଆଇ ଲୋକନାଥ ନାୟକ, ଡିଏସ୍‌ପି ଅନ୍ନପୂର୍ଣ୍ଣା ବେହେରା, ଡା. ତ୍ରିବିକ୍ରମ ପାଣ୍ଡିଆ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, କମିଟି ସଭ୍ୟ ସ୍ୱାଧୀନ ମେହେର, ପୁରୁଷୋତ୍ତମ ପାଣିଗ୍ରାହୀ, ଅନଙ୍ଗ ନେଗୀ ଯୋଗ ଦେଇଥିଲେ।

# ରାଷ୍ଟ୍ର ନିର୍ମାଣର ସର୍ବୋତ୍କୃଷ୍ଟ ମାଧ୍ୟମ ଶିକ୍ଷା : ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୪।୮ (ବ୍ୟୁରୋ): ଶିକ୍ଷା କେବଳ ଡିଗ୍ରୀ ପାଇବା ପାଇଁ ପ୍ରତିଯୋଗିତା ନୁହେଁ। ଶିକ୍ଷା ହେଉଛି ଜ୍ଞାନ, ଚରିତ୍ର ଏବଂ ରାଷ୍ଟ୍ର ନିର୍ମାଣର ସର୍ବୋତ୍କୃଷ୍ଟ ମାଧ୍ୟମ। ଏହି ଧାରଣା ବହୁ ଶତାବ୍ଦୀ ଧରି ଭାରତୀୟ ଶିକ୍ଷା ପରମ୍ପରାରେ ରହିଛି। ସନ୍ଥକବି ଭୀମ ଭୋଇ, ସ୍ୱାଧୀନତା ସଂଗ୍ରାମୀ ଅରବିନ୍ଦ ଘୋଷ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଭାରତର ଆତ୍ମାକୁ ଶିକ୍ଷାରେ ପ୍ରସ୍ଫୁଟିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମଙ୍ଗଳବାର ନୂଆଦିଲ୍ଲୀଠାରେ ନୂଆ ଜାତୀୟ ଶିକ୍ଷାନୀତିର ବର୍ଷପୂର୍ତ୍ତି ଉପଲକ୍ଷ୍ୟ ସମ୍ବନ୍ଧିତ ପୁସ୍ତକ ଏବଂ ଜାତୀୟ ଶିକ୍ଷାନୀତି ଅଧୀନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ୪ ନୂଆ ଉପକ୍ରମର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି। ଉପକ୍ରମଗୁଡ଼ିକ ହେଲା ନିପୁଣ ଭାରତ ମିଶନ ଅଧୀନରେ 'ମୌଳିକ ସାକ୍ଷରତା ଏବଂ ସଂଖ୍ୟା-ଜ୍ଞାନ ପାଇଁ ଇ-ସମ୍ବଳ, ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ (ଏନ୍ଆଇଏସ୍)-'ଭର୍ଚୁଆଲ ସ୍କୁଲ', ଏନ୍‌ସିଇଆର୍‌ଟିର 'ବୈକଳ୍ପିକ ଏକାଡେମିକ କ୍ୟାଲେଣ୍ଡର ୨୦୨୧-୨୨' ଏବଂ 'ପ୍ରିୟା-ଦ ଆକ୍ସେସିବିଲିଟି ୱାରିୟର' ନାମକ କମିକ୍ ବୁକ୍। କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀ ବିଜେନ୍ଦ୍ର କୁମାର ଉପସ୍ଥିତ ଥିଲେ। ଜାତୀୟ ଶିକ୍ଷାନୀତିରେ ଉଲ୍ଲେଖ ଥିବା ୩୨ଟି ପ୍ରମୁଖ ପରାମର୍ଶ ସଫଳତାର ସହିତ କାର୍ଯ୍ୟକାରୀ ହୋଇଛି। ବର୍ଷେ ମଧ୍ୟରେ ହାସଲ କରାଯାଇଥିବ ଉପଲବ୍ଧି ସମସ୍ତଙ୍କ ଆତ୍ମବିଶ୍ୱାସକୁ ଉଜ୍ଜୀବିତ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।


Government of Odisha — No. C-807

**"e" Procurement Notice**

**OFFICE OF THE EXECUTIVE OFFICER, RAYAGADA MUNICIPALITY**

Bid Identification No. RGDA-MUN-03/2021-22

Letter No. 3969 — Dated: 23.08.21

1. No. of the Works : Out Sourcing/Privatisation of Sanitation Works of 04 Zones only.
2. Total Nos. of the works : 04 Nos. individual works (Double Cover)
3. Estimated Cost : Works (Rs.79,45,196/-) to (Rs.92,848,94/-) respectively.
4. Cost of Documents : Rs.10,000/- for each zone.
5. As per works Department Letter No. 5984, Dated: 27.04.2021, only Bid Security Declaration is required.
6. Class of Contractor : "B" & "A" for each zone.
7. The Bid documents will be available in the website **www.tenderodisha.gov.in** from dated 26.08.2021 10.00 A.M. to dated 13.04.2021 upto 5.00 P.M. for online bidding.
8. Offline mode for receipt of bids scanned copies from 14.09.2021 at 10 A.M. to 16.09.2021 05.00 P.M. in office hours only.
9. Bid received online shall be opened at 11.00 A.M. on dated 17.09.2021 in the Office of the Executive Officer, Rayagada Municipality.
10. Further details can be seen from the e-Procurement portal: **www.tenderodisha.gov.in**. Any Addendum/Corrigendum/Cancellation of tender can also be seen in the said website only.

**Sd./- Executive Officer, Rayagada Municipality**
**OIPR-13150/11/0013/2122**

GOVT. OF ODISHA — No. A-393

**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
DRAINAGE CIRCLE, GANDARPUR, CUTTACK - 753003

**E-PROCUREMENT NOTICE No. SEDC-CTC-02/2021-22**

e-mail Id: sedrainagecirclectc@gmail.com

| | | | |
|---|---|---|---|
| 1. | Name of Works | : | 2 Nos. of Packages - Ranging from Rs.106.26 lakhs to Rs.530.12 lakhs |
| 2. | Bid Identification No. | : | 1) SEDC-CTC/DD-CTC-06/2021-22 2) SEDC-CTC/DD-KPD-07/2021-22 |
| 3. | Period of Completion | : | 11 (Eleven) Calendar Months |
| 4. | Availability of Tender Online | : | 27.08.2021 from 16.30 hours to 16.09.2021 upto 17.30 hours. |
| 5. | Date of opening of Technical Bid | : | 17.09.2021 at 10.00 hours in the O/o. The Additional Chief Engineer, Drainage Circle, Gandarpur, Cuttack |
| 6. | Date of Opening of Financial Bid | : | 23.09.2021 at 10.00 hours in the O/o. The Additional Chief Engineer, Drainage Circle, Gandapur, Cuttack |
| 7. | Date of Lottery (If required) | : | 28.09.2021 at 11.30 hours in the O/o. The Additional Chief Engineer, Drainage Circle, Gandarpur, Cuttack. |
| 8. | Procurement Officer | : | Additional Chief Engineer, Drainage Circle, Gandarpur, Cuttack - 753003 |

* Tender will be accepted if registered in the CDMS portal and furnish of "Bid" Security declaration.
Further details can be seen from the Govt. website **www.tendersorissa.gov.in**.

OIPR-32201/11/0004/2122 — **Sd./- Additional Chief Engineer, Drainage Circle, Cuttack**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**E-auction Notice (31.08.2021 – 93rd E-auction)**
**IRON ORE CLO**

**No. CAD-982:-** The Odisha Mining Corporation Ltd intends to sell various grades of Iron ore CLO produced at different iron ore mines at Daitari, Gandhamardan Block - A & B and Tiring Pahar , Guali, Jilling (under Barbil Region) in Keonjhar District and Khandadhar/ Kurmitar mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00PM on 31.08.2021.
For details, please visit the website of MSTC i.e. www.mstcecommerce.com
OIPR-30005/11/0080/2122 — **CHIEF GENERAL MANAGER (Min.)**

## ସଂକ୍ଷେପରେ

### ଭାରତ ଦ୍ୱିତୀୟ ଆକର୍ଷଣୀୟ ମାନୁଫାକଚରିଂ ହବ୍

**ନୂଆଦିଲ୍ଲୀ,୨୪।୮:** ଭାରତ ଆମେରିକାକୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଆକର୍ଷଣୀୟ ମାନୁଫାକଚରିଂ ହବ୍ ହେବାକୁ ସକ୍ଷମ ହୋଇଛି। ଏହି ତାଲିକାରେ ଚାଇନା ପ୍ରଥମ ସ୍ଥାନରେ ରହିଛି। ମୂଲ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଭଳି ପ୍ରସଙ୍ଗଗୁଡ଼ିକ ଆଧାରରେ ଭାରତ ପ୍ରମୁଖ ସ୍ଥାନ ହାସଲ କରିଥିବା ରିୟଲ ଇଷ୍ଟେଟ କନ୍ସଲଟାଣ୍ଟ କସ୍ମ୍ୟାନ ଆଣ୍ଡ ୱେକ୍‌ଫିଲ୍ଡ ପକ୍ଷରୁ ସୂଚନା ମିଳିଛି। ଗ୍ଲୋବାଲ ମାନୁଫାକ୍ଚରିଂ ରିସ୍କ ଇଣ୍ଡେକ୍ସରେ ଚାଇନା ପ୍ରଥମ ସ୍ଥାନରେ ରହିଛି। ୟୁରୋପ, ଆମେରିକା ଏବଂ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ପ୍ରାୟ ୪୭ ପ୍ରମୁଖ ଦେଶକୁ ନେଇ ଏହି ତାଲିକା ପ୍ରସ୍ତୁତ ହୋଇଥିଲା। ଏଥିରେ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନରେ ଆମେରିକା ରହିଥିବା ବେଳେ ଏହା ପରେ ପରେ କାନାଡା, ଚେକ୍ ରିପବ୍ଲିକ, ଇଣ୍ଡୋନେସିଆ, ଲିଥୁଆନିଆ, ଥାଇଲାଣ୍ଡ, ମାଲେସିଆ, ପୋଲାଣ୍ଡ ଭଳି ଦେଶ ସାମିଲ ହୋଇଛନ୍ତି।

### ଏଚ୍‌ପିର ନୂଆ ଏନ୍‌ଭି ପୋର୍ଟଫୋଲିଓ

**ନୂଆଦିଲ୍ଲୀ,୨୪।୮:** କଣ୍ଟେଣ୍ଟ କ୍ରିଏଟରମାନଙ୍କର ବର୍ଦ୍ଧିତ ଚାହିଦା ପୂରଣ କରିବା ଲାଗି ଏଚ୍‌ପି ପକ୍ଷରୁ ନୂଆ ଏନ୍‌ଭି ପୋର୍ଟଫୋଲିଓର ଘୋଷଣା କରାଯାଇଛି। ଏନ୍‌ଭି ୧୪ ଏବଂ ଏନ୍‌ଭି ୧୫ ନୋଟ୍‌ବୁକ୍‌କୁ ନେଇ ଗଠିତ। ଏହି ନୂଆ ପୋର୍ଟଫୋଲିଓ ସୃଜନଶୀଳ ପେସାଦାରମାନଙ୍କ ମଧ୍ୟରେ ଡିଭାଇସଗୁଡ଼ିକ ପାଇଁ ଥିବା ବର୍ଦ୍ଧିତ ଚାହିଦାକୁ ପୂରଣ କରୁଛି। ଏହା ସେମାନଙ୍କୁ ଯେକୌଣସି ସ୍ଥାନରୁ କ୍ରିଏଟ କରିବାର ସ୍ୱାଧୀନତା ଦେଇଥାଏ। ଏଚ୍‌ପି ଏନ୍‌ଭି ପୋର୍ଟଫୋଲିଓ ୧୬.୫ ଘଣ୍ଟାର ବ୍ୟାଟେରି ଲାଇଫ ସହିତ ଅନୁକୂଳତମ ପାୱାର ସହିତ ବ୍ୟବସ୍ଥିତ ଏବଂ କ୍ରିଏଟରମାନଙ୍କ ଦ୍ୱାରା ବ୍ୟବହୃତ ଆଡୋବ ଫଟୋଶପ୍, ଆଡୋବ ପ୍ରିମିୟମ ପ୍ରୋ, ଆଡୋବ ଲାଇଟରୁମ୍ ଏବଂ ଆହୁରି ଅନେକ କିଛି କ୍ରିଏଟିଭ ସଫ୍ଟୱେର ପ୍ରୋଗ୍ରାମ ଏବଂ ଟୁଲ ସହ କାର୍ଯ୍ୟକ୍ଷମ। ଏହି ଦୁଇ ମଡେଲର ପ୍ରାରମ୍ଭିକ ଦର ଯଥାକ୍ରମେ ୧.୦୪ ଲକ୍ଷ ଟଙ୍କା ଓ ୧.୫୪ ଲକ୍ଷ ଟଙ୍କା ରହିଛି।

# ବଢ଼ିପାରେ ଏଜିଆର୍ ଦେୟ ଅବଧି

## ଟେଲିକମ କ୍ଷେତ୍ର ସଙ୍କଟ ଟଳିପାରେ



ନୂଆଦିଲ୍ଲୀ,୨୪।୮

ଟେଲିକମ୍ କ୍ଷେତ୍ରରେ ବର୍ତ୍ତମାନ ଜିଓର ରହିଆସିଥିବା ଏକାଧିକାରକୁ କମ୍ କରିବାକୁ ସରକାର ଚାହୁଁଥିବା ଏକ ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ସରକାର ଭୋଡାଫୋନ-ଆଇଡିଆ ଏବଂ ଏୟାରଟେଲକୁ ଏଥିଲାଗି ଆଶ୍ୱସ୍ତି ପ୍ୟାକେଜ ପ୍ରଦାନ କରିପାରନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକ ଉପରେ ବର୍ତ୍ତମାନ ବୃହତ୍ ପରିମାଣର ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ(ଏଜିଆର୍) ଦେୟ ରହିଛି। ଏହି ଦେୟ ପ୍ରଦାନ ଅବଧିକୁ ସରକାର ୨୦ ବର୍ଷକୁ ବଢାଇପାରନ୍ତି ବୋଲି କୁହାଯାଉଛି। ସୂଚନା ମୁତାବକ, ଏହି ପ୍ରସଙ୍ଗରେ ଭୋଡାଫୋନ ଆଇଡିଆର ଏମ୍‌ଡି ରବିନ୍ଦର ଟକ୍କର ଏବଂ ଅନ୍ୟ ଅଧିକାରୀମାନେ ଟେଲିକମ୍ ସଚିବ ଅଞ୍ଜୁ ପ୍ରକାଶଙ୍କୁ ନିକଟରେ ଭେଟିଛନ୍ତି। ଏହି ବୈଠକ ପରେ ସରକାର ଟେଲିକମ୍ କ୍ଷେତ୍ରରେ ଆଶ୍ୱସ୍ତି ପ୍ୟାକେଜ ପ୍ରଦାନ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ସରକାରଙ୍କ ପକ୍ଷରୁ ଯଦି ଏଭଳି କୌଣସି ପଦକ୍ଷେପ ଆସେ ତେବେ ଭୋଡାଫୋନ ଆଇଡିଆ ଏବଂ ଏୟାରଟେଲ ଭଳି କମ୍ପାନୀ ଆଶ୍ୱସ୍ତି ଲାଭ କରିବେ।

ଭୋଡାଫୋନ ଆଇଡିଆ ବର୍ତ୍ତମାନ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହି କମ୍ପାନୀଗୁଡ଼ିକର ସ୍ଥିତି କାଏମ ରଖିବା ଲାଗି ସରକାର ହୁଏତ କିଛିଟା ପଦକ୍ଷେପ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି। ଭୋଡାଫୋନ ଆଇଡିଆ କିଭଳି ଏହାର ସ୍ଥିତି ବଜାୟ ରଖିବ ସେ ଯୋଜନା ଉପରେ ସରକାର ଜାଣିବାକୁ ଚାହିଁଛନ୍ତି। ସେହିଭଳି ଭୋଡାଫୋନ ଆଇଡିଆର ୫ଜି ନେଇ ଯୋଜନା କ'ଣ ତାହା ମଧ୍ୟ ସରକାର ବିଚାର କରୁଛନ୍ତି। ଭୋଡାଫୋନ ଆଇଡିଆ ଉପରେ ୧.୯୧ ଲକ୍ଷ କୋଟି ଟଙ୍କାର ଦେୟ ବକେୟା ରହିଛି। ଏହା ମଧ୍ୟରେ ୫୮,୨୫୪ କୋଟି ଏଜିଆର୍ ବକେୟା ବୋଲି ଜଣାପଡିଛି। ଏହି ବୃହତ୍ ଅର୍ଥ ମଧ୍ୟରୁ କମ୍ପାନୀ ମାତ୍ର ୭୮୫୪ କୋଟି ଟଙ୍କା ପ୍ରଦାନ କରିଛି। ମୋଟ ଅର୍ଥକୁ ୧୦ ବର୍ଷ ମଧ୍ୟରେ ପଇଠ କରିବାକୁ ପଡିବ। କମ୍ପାନୀକୁ ୯ ହଜାର କୋଟି ଟଙ୍କା ଆଗାମୀ କିସ୍ତି ଭାବେ ୨୦୨୨ ମାର୍ଚ୍ଚରେ ଦେବାକୁ ପଡିବ। ସେହିଭଳି ଏୟାରଟେଲ ଉପରେ ୨୫,୯୮୦ କୋଟି ଟଙ୍କାର ଏଜିଆର୍ ବକେୟା ରହିଥିବା ଜଣାପଡିଛି।

ଏଜିଆର୍ ଦେୟ ଅବଧିକୁ ୨୦ ବର୍ଷକୁ ବଢ଼ାଯାଇପାରିବ କି ନାହିଁ ସେ ନେଇ ସରକାର ଆଇନଗତ ପରାମର୍ଶ ନେବେ। ଏଜିଆର୍ ଦେୟ ପ୍ରଦାନ କରିବା ଲାଗି ୧୦ ବର୍ଷର ସମୟ ଅବଧି ସରକାର ଦେଇଛନ୍ତି। ୨୦୩୧ ମାର୍ଚ୍ଚ ଯାଏ ଏହି ସମୟ ସୀମା ରହିଛି। ଉକ୍ତ ଅବଧିକୁ ୨୦ ବର୍ଷ କରିବା ଲାଗି କ୍ୟାବିନେଟ ମଞ୍ଜୁରୀ ଦେଇଥିଲା। ମାତ୍ର ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଥିଲେ। ଟେଲିକମ୍ ଶିଳ୍ପ ସାମ୍ନାରେ ରହିଥିବା ସଙ୍କଟ ଟାଳିବା ଲାଗି ସରକାର କିଛି ପନ୍ଥା ବାହାରକରିପାରନ୍ତି। କାରଣ ଟେଲିକମ୍ କମ୍ପାନୀଗୁଡ଼ିକୁ ବ୍ୟାଙ୍କଗୁଡ଼ିକ ବୃହତ୍ ପରିମାଣର ଋଣ ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକରେ ବହୁ ଲୋକ ନିଯୁକ୍ତି ପାଇଛନ୍ତି। ଯଦି କମ୍ପାନୀଗୁଡ଼ିକ ବୁଡିଯାନ୍ତି ତେବେ ଅନେକ ଲୋକ ଚାକିରି ହରାଇବା ସହ ବ୍ୟାଙ୍କ ସେମାନଙ୍କ ଅର୍ଥ ଫେରିପାଇବାକୁ ସମସ୍ୟା ହେବ। ଏହି ପ୍ରସଙ୍ଗଗୁଡ଼ିକୁ ଆଧାରକରି ସରକାର ସୁପ୍ରିମକୋର୍ଟଙ୍କୁ ପୁଣି ଥରେ ପ୍ରସଙ୍ଗକୁ ବିଚାର କରିବା ଲାଗି ନିବେଦନ କରିପାରନ୍ତି। ସରକାର ଚାହିଁଲେ ଏହା କରିବା ସହଜ ବୋଲି ଭୋଡାଫୋନ ଆଇଡିଆ ଏମ୍‌ଡି ରବିନ୍ଦର ଟକ୍କର କହିଛନ୍ତି।

## ଏୟାରଟେଲକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୪।୮

ଏଜିଆର୍ ମାମଲାରେ ଏୟାରଟେଲକୁ ସୁପ୍ରିମକୋର୍ଟ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏୟାରଟେଲର ବ୍ୟାଙ୍କ ଗ୍ୟାରେଣ୍ଟିକୁ ଟେଲିକମ୍ ବିଭାଗ ଉଠାଣ କରିବା ଉପରେ ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଛନ୍ତି। ଏଜିଆର୍ ଦେୟ ପ୍ରଦାନ ମାମଲାରେ ଟେଲିକମ୍ ବିଭାଗର ଦାବି ବିରୋଧରେ ଟ୍ରିବ୍ୟୁନାଲ ଯିବାକୁ ଏୟାରଟେଲକୁ କୋର୍ଟ ଅନୁମତି ଦେଇଛନ୍ତି। ଭିଡିଓକନର ବକେୟା ଏଜିଆର୍ ଅର୍ଥ ଏୟାରଟେଲଠାରୁ ଅସୁଲ କରିବା ଲାଗି ଟେଲିକମ୍ ବିଭାଗ ପ୍ରକ୍ରିୟା ଜାରି କରିଥିଲା। ସୁପ୍ରିମକୋର୍ଟ ଜଷ୍ଟିସ ନାଗେଶ୍ୱର ରାଓ, ଜଷ୍ଟିସ ଏସ୍. ଅବଦୁଲ ନଜୀର ଏବଂ ଜଷ୍ଟିସ ଏମ୍.ଆର୍.ଶାହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିବା ଜଣାପଡିଛି। ଆଗାମୀ ୩ ସପ୍ତାହ ଯାଏ ଟେଲିକମ୍ ବିଭାଗ ଟେଲିକମ୍ କମ୍ପାନୀଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓକନର ଏଜିଆର୍ ବକେୟା ପଇଠ କରିବା ଲାଗି ଟେଲିକମ୍ ବିଭାଗ ଏୟାରଟେଲକୁ ଏକ ଡିମାଣ୍ଡ ନୋଟିସ ପଠାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୧୬ରେ ଭିଡିଓକନ ଏହାର ଟେଲିକମ୍ ସ୍ପେକ୍ଟ୍ରମକୁ ଏୟାରଟେଲକୁ ବିକ୍ରି କରିଦେଇଥିଲା।

## ସ୍କୋଡା ଡିଜାଇନ କଣ୍ଟେଷ୍ଟର ବିଜେତା

ନୂଆଦିଲ୍ଲୀ,୨୪।୮




ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଆସିଥିବା ଏହାର ମିଡ୍‌ସାଇଜ ପ୍ରିମିୟମ ସେଡାନ ଲାଗି ଡିଜାଇନ କଣ୍ଟେଷ୍ଟ 'କ୍ୟାମୋଫ୍ଲେଜ ୱିଥ୍ ସ୍କୋଡା'ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାକୁ ସାରା ଦେଶର ୨୦୦ ଏଣ୍ଟ୍ରି ମିଳିଥିବା ଜଣାପଡିଛି। ବିଚାରକଙ୍କ ଦ୍ୱାରା ଶୀର୍ଷ ୫ ଏଣ୍ଟ୍ରିର ନାମ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ତାମିଲନାଡୁର ବେନ୍ ଷ୍ଟୁଆର୍ଟ, ମହାରାଷ୍ଟ୍ରର ପ୍ରତୀକ ସେଠି, ରୋହିତ ଭଣ୍ଡୱାଲକର, ଶ୍ରେୟସ କରମବେଲକର ଏବଂ କର୍ନାଟକର ରିଜୁ କରୁଣାକରନ ରହିଛନ୍ତି। ଉଦ୍ଭାବନ, ଡିଜାଇନ, ସୁନ୍ଦରତା, କାର୍ଯ୍ୟକୁଶଳତା, ପ୍ରଭାବ ଏବଂ ୟୁଟିଲିଟି ଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ଡିଜାଇନଗୁଡ଼ିକୁ ବିଚାରକୁ ନିଆଯାଇଥିବା ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ଜ୍ୟାକ୍ ହୋଲିସ କହିଛନ୍ତି। ଟପ୍ ୫ ଡିଜାଇନରଙ୍କୁ କମ୍ପାନୀ ଶୁଭେଚ୍ଛା ଜଣାଇଛି। ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିବିଶେଷ ଏଥିରେ ଭାଗ ନେଇଥିଲେ।

## ଇଣ୍ଡିଆନ୍ ବ୍ୟାଙ୍କ ଇଡିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨୪।୮



ଇଣ୍ଡିଆନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭି.ଭି. ସେନୋୟେ ବ୍ୟାଙ୍କର ମିଶ୍ରଣ ପରେ ପ୍ରଥମଥର ପାଇଁ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ବ୍ୟାଙ୍କର ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ ମହାପ୍ରବନ୍ଧକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ଏକ ମେଗା ରିଟେଲ ଏବଂ ଏମ୍‌ଏସ୍‌ଏମ୍‌ଇ ଋଣମେଳାରେ ସେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୭ଟି ଜୋନ୍‌ର ଅଞ୍ଚଳ ମୁଖ୍ୟଙ୍କ ସହିତ ବ୍ୟାଙ୍କର ଋଣଗ୍ରହୀତାମାନେ ମଧ୍ୟ ଏଥିରେ ଯୋଗଦେଇଥିଲେ। ଏଠାରେ ଇଡି କେତେଜଣ ଋଣଗ୍ରହୀତାଙ୍କୁ ସ୍ୱଟ୍ ଲୋନ୍ ମଞ୍ଜୁରୀ ଟିକେଟ ପ୍ରଦାନ କରିଥିଲେ। ଏହି ରିଟେଲ ଏବଂ ଏମ୍‌ଏସ୍‌ଏମ୍‌ଇ ଋଣମେଳା ଅବସରରେ ୪୦୭ ଜଣଙ୍କୁ ୧୪୩କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର କ୍ଷେତ୍ରୀୟ ମହାପ୍ରବନ୍ଧକ ଏସ୍.ଏସ୍.ପି. ରୟ, ବ୍ୟାଙ୍କର ଉପ ମହାପ୍ରବନ୍ଧକ ମନୋରଞ୍ଜନ ଦାଶ, ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଆର୍. ଶ୍ରୀନିବାସନ, ସହାୟକ ମହାପ୍ରବନ୍ଧକ ମନୋରଞ୍ଜନ ସାହୁ, ସଞ୍ଜୀବ ଦୁଆ, ରୂପେଶ ଅଗ୍ରୱାଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଏଲ୍‌ଆଇସିରେ ଏଫ୍‌ଡିଆଇ ଲାଗି ବିଚାର

ନୂଆଦିଲ୍ଲୀ,୨୪।୮

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ)କୁ ଅନୁମତି ଦେବା ଲାଗି ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ଏ ସମ୍ପର୍କରେ ନାମଗୋପନ ରଖି ସୂଚନା ଦେଇଛନ୍ତି। ସରକାର ଏହି କମ୍ପାନୀର ମେଗା ଆଇପିଓ ଆଣିବାକୁ ଯୋଜନା ରଖିଛନ୍ତି। ବିଦେଶର ଏକ ବଡ଼ ସଂସ୍ଥାକୁ ଏଲ୍‌ଆଇସିର ବୃହତ୍ ସଂଖ୍ୟକ ଅଂଶଧନ ପ୍ରଦାନ କରିବା ନେଇ ବିଚାର ହୋଇପାରେ ବୋଲି ଏହି ଅଧିକାରୀ ଜଣକ କହିଛନ୍ତି।

## ଶୀଘ୍ର ଖାଲି ହେବ ଏୟାର ଇଣ୍ଡିଆ ଷ୍ଟାଫ କଲୋନି

ନୂଆଦିଲ୍ଲୀ,୨୪।୮

ସରକାର ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି। କମ୍ପାନୀର ପରିଚାଳନା ହସ୍ତାନ୍ତର ହେବାର ୬ ମାସ ମଧ୍ୟରେ ଷ୍ଟାଫ୍ ମାନେ ସେମାନଙ୍କୁ ମିଳିଥିବା ବାସଭବନ ଖାଲି କରିବାକୁ ହେବ। ସରକାର ବିମାନ କମ୍ପାନୀର ମ୍ୟାନେଜମେଣ୍ଟକୁ ଏ ନେଇ ସ୍ପଷ୍ଟ କରିଛନ୍ତି। କର୍ମଚାରୀଙ୍କ ଭବିଷ୍ୟନିଧି ଦେୟ କ୍ଷେତ୍ରରେ ଯଦି କିଛି ସମସ୍ୟା ଉପୁଜେ ତେବେ ସରକାର ଏହାକୁ ମଧ୍ୟ ବିଚାରକୁ ନେବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱାଧୀନ ମନ୍ତ୍ରୀ ଗୋଷ୍ଠୀ(ଜିଓଏମ୍) ଏୟାର ଇଣ୍ଡିଆର ଘରୋଇକରଣ କାର୍ଯ୍ୟ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

## ଫୁର୍‌ସତ୍

### ଆଲୁମିନିୟମ୍ ଫଏଲ ଖାଦ୍ୟ ହାନିକାରକ



**ନୂଆଦିଲ୍ଲୀ:** ଆଲୁମିନିୟମ୍ ଫଏଲରେ ଖାଦ୍ୟ ପ୍ୟାକିଂ ଓ ଏହାର ବ୍ୟବହାର ଏବେ ସାଧାରଣ କଥା। କିନ୍ତୁ ଏହା ଶରୀର ପାଇଁ କେତେ କ୍ଷତିକାରଣ ତାହା ହୁଏତ ସଭିଏଁ ଜାଣି ନ ଥିଲେ। ଏଥିରେ ଥିବା କେମିକାଲ ପ୍ରଭାବରେ ଶରୀରରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇଥାଏ। ନିକଟରେ ହୋଇଥିବା ଏକ ରିସର୍ଚ୍ଚରୁ ଏହି କଥା ଜଣାପଡିଛି। ବିଶେଷକରି ପୁରୁଷଙ୍କ କ୍ଷେତ୍ରରେ ଆଲୁମିନିୟମ୍ ଫଏଲ ଅଧିକ କ୍ଷତି କରିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଆଲୁମିନିୟମ୍ ଫଏଲରେ ଖାଦ୍ୟ ପ୍ୟାକ କରି ରଖିଲେ ତାହା ବେଶି ସମୟ ଫ୍ରେଶ୍ ରହିଥାଏ ବୋଲି ସମସ୍ତଙ୍କର ଧାରଣା। କିନ୍ତୁ ଏଥିରେ ଗରମ ଖାଦ୍ୟକୁ ରଖିଲେ ସେଥିରେ ଥିବା କେମିକାଲ ପ୍ରଭାବରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଏ। ନ୍ୟାଶନାଲ୍ ସେଣ୍ଟର ଫର୍ ବାୟୋଟେକ୍ନୋଲୋଜି ଇନଫରମେଶନ୍‌ର ଏକ ରିସର୍ଚ୍ଚ ଅନୁସାରେ ଆଲୁମିନିୟମ୍ ଫଏଲର ଅଧିକ ବ୍ୟବହାର ଶରୀର ପାଇଁ କ୍ଷତିକାରକ। ଯଦି ପୁରୁଷମାନେ ଆଲୁମିନିୟମ୍ ଫଏଲରେ ପ୍ୟାକ୍ ହୋଇଥିବା ଖାଦ୍ୟକୁ ପ୍ରାୟ ସବୁବେଳେ ଖାଉଥିବେ ତେବେ ସେମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଇଥାଏ। ଅତ୍ୟଧିକ ଗରମ ଖାଦ୍ୟକୁ ଆଲୁମିନିୟମ୍ ଫଏଲରେ ପ୍ୟାକ୍ କରିବା ଉଚିତ ନୁହେଁ। ଏଥିରେ ଥିବା ଖାଦ୍ୟ ଖାଇଲେ ଅଲଜାଇମର୍ ଏବଂ ଡିମେସିଆ ଭଳି ଭୟଙ୍କର ସମସ୍ୟା ମଧ୍ୟ ହୋଇଥାଏ। ପ୍ରତିଦିନ ଆଲୁମିନିୟମ୍ ଫଏଲରେ ଖାଦ୍ୟ ଖାଇଲେ ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ ଏବଂ କିଡ୍‌ନୀରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ କମ୍ ହୋଇଯାଏ ଏବଂ ଶ୍ୱାସ ସମସ୍ୟା ମଧ୍ୟ ସୃଷ୍ଟି ହୁଏ।

### ଦୀପିକା ପାଦୁକୋନଙ୍କ ୯୩,୨୭୭ ଟଙ୍କାର ଟପ୍



**ମୁମ୍ବାଇ:** ବଲିଉଡ୍ ନାୟିକା ଦୀପିକା ପାଦୁକୋନ ତାଙ୍କ ଶାଶୁ ବା ରଣବୀର ସିଂଙ୍କ ମା' ଅଞ୍ଜୁ ଭବନାନୀଙ୍କ ଜନ୍ମଦିନରେ ଯେଉଁ ଟପ୍ ପିନ୍ଧିଥିଲେ ଏବେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାଲେନସିଆଗା ବ୍ରାଣ୍ଡର ଏହି ଟପ୍ ସହ ବ୍ଲାକ କଲର ପ୍ୟାଣ୍ଟରେ ସେ ଖୁବ୍ ସୁନ୍ଦର ଲାଗୁଥିଲେ। ଏହାର ଦାମ କଥା ଯଦି ଆଲୋଚନାକୁ ଆସେ ତେବେ କେବଳ ଟପର ଦାମ ରହିଥିଲା ୯୩,୨୭୭ ଟଙ୍କା ତାହା ପୁଣି ବାଲେନସିଆଗା ୱେବସାଇଟରେ ମିଳୁନାହିଁ। ଏହି ଟପ୍ ପିନ୍ଧିଥିବା ଏକ ଫଟୋରେ ତାଙ୍କର ଅନେକ ପ୍ରଶଂସକ ସୁନ୍ଦର କମେଣ୍ଟ ଦେଇଛନ୍ତି।

### ବ୍ରେଡ୍, ଦହିରେ ୧୦ ବର୍ଷ

**ଲଣ୍ଡନ:** ଦୁନିଆରେ ଅନେକ ରୋଗ ଅଛି, ଯାହା ଅତ୍ୟନ୍ତ ବିପଜ୍ଜନକ ଏବଂ ବିଚିତ୍ର। ଜଣେ ୧୨ ବର୍ଷର ବାଳକ ଏପରି ଏକ ଅଜବ ରୋଗ ସହିତ ଲଢୁଛନ୍ତି। ଏହି କାରଣରୁ ସେ ଜଣେ ସାଧାରଣ ପିଲା ପରି ସବୁ ପ୍ରକାର ଖାଦ୍ୟ ଖାଇପାରୁ ନାହାନ୍ତି। ସେ କେବଳ ବ୍ରେଡ୍ ଏବଂ ଦହି ଖାଉଛନ୍ତି। ଏହି ଦୁଇଟି ଖାଦ୍ୟ ଛଡା ତୃତୀୟ ଖାଦ୍ୟ ଯଦି ତାଙ୍କୁ ଖାଇବାକୁ ଦିଆଯାଉଛି ତେବେ ସେ କାନ୍ଦିବା ଆରମ୍ଭ କରିଦେଉଛନ୍ତି। ବାଳକଙ୍କ ମାତାପିତା ଅନେକ ପୁଷ୍ଟିକର ଖାଦ୍ୟ ତାଙ୍କୁ ଖାଇବାକୁ ଦେଉଛନ୍ତି କିନ୍ତୁ ସେ କେବଳ ବ୍ରେଡ ଏବଂ ଦହି ଖାଉଛନ୍ତି। ୟୁନାଇଟେଡ୍ କିଙ୍ଗଡମ୍‌ର ନରଫୋକ ସିଟିରେ ରହୁଥିବା ୧୨ ବର୍ଷୀୟ ଆଷ୍ଟନ ଫିଶରଙ୍କ ଖାଦ୍ୟକୁ ନେଇ ତାଙ୍କ ମାତାପିତା ବେଶ୍ ଚିନ୍ତିତ। ଡାକ୍ତରଙ୍କ କହିବା ଅନୁଯାୟୀ, ଆଷ୍ଟନଙ୍କୁ ଫୁଡ ଫୋବିଆ ନାମକ ଏକ ରୋଗ ଅଛି। ଫଳରେ ସେ ଅନ୍ୟ ଖାଦ୍ୟକୁ ପସନ୍ଦ କରୁନାହାନ୍ତି। ତେଣୁ କେବଳ ଦହି, ବ୍ରେଡ୍ ଖାଇବାକୁ ପସନ୍ଦ କରୁଛନ୍ତି। ଡାକ୍ତରମାନେ ଆଷ୍ଟନଙ୍କୁ କାଉନ୍‌ସେଲିଂ କରୁଛନ୍ତି। ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ବଢିବ ବୋଲି ଡାକ୍ତର କହିଛନ୍ତି।

### ସୋନୁଙ୍କୁ କୋଟିଏ ମାଗିଲେ




**ମୁମ୍ବାଇ:** ଦେଶରେ କରୋନା ମହାମାରୀ ବ୍ୟାପିବା ଦିନରୁ ଅଭିନେତା ସୋନୁ ସୁଦ ଲୋକଙ୍କୁ ସାହାଯ୍ୟ କରିଆସୁଛନ୍ତି। ଆଜି ସମଗ୍ର ଦେଶ ତାଙ୍କୁ ପ୍ରକୃତ ହିରୋ ପରି ଦେଖୁଛି। ସେ ନିଃସ୍ୱାର୍ଥପର ଭାବରେ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ହଜାର ହଜାର ଅଭାବୀ ଲୋକ ତାଙ୍କ ସହ ଯୋଗାଯୋଗ କରନ୍ତି। ସେ ସମସ୍ତଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି। ଏବେ କେତେଜଣ ତାଙ୍କ ନିକଟରେ ଅଜବ ଦାବି ଉପସ୍ଥାପନ କରିଛନ୍ତି। ନିକଟରେ ଜଣେ ପ୍ରଶଂସକ ତାଙ୍କୁ ଟଙ୍କା ମାଗିଥିଲେ। ଅଗଷ୍ଟ ୨୩ ଆଉ ଜଣେ ପ୍ରଶଂସକ ସୋନୁଙ୍କୁ ଏକ କୋଟି ଟଙ୍କା ମାଗିଛନ୍ତି। କୌତୁହଳର କଥା ହେଲା ଅନ୍ୟ ଜଣେ ପ୍ରଶଂସକ ତାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରରେ ଏକ ଭୂମିକାରେ ଅଭିନୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଜଣେ ଟୁଇଟର୍ ବ୍ୟବହାରକାରୀ ସୋନୁଙ୍କୁ ଲେଖିଛନ୍ତି, ସାର୍ ୧ କୋଟି ଟଙ୍କା ଦିଅନ୍ତୁ। ଏହି ଟୁଇଟ୍‌ରେ ସୋନୁ ଏକ ମଜାଳିଆ ପ୍ରତିକ୍ରିୟା ଦେଇଛନ୍ତି। ସେ ଲେଖିଛନ୍ତି, କେବଳ ୧ କୋଟି? ଟିକିଏ ଅଧିକ ମାଗିଥାନ୍ତେ। ଅନ୍ୟ ଜଣେ ୟୁଜର୍ସ ପଚାରିଥିଲେ, ସୋନୁ ସୁଦ ସାର୍, ତୁମେ ତୁମର ପରବର୍ତ୍ତୀ ଚଳଚ୍ଚିତ୍ରରେ ମୋତେ ଏକ ରୋଲ୍ ଦେବ କି? ସୋନୁ ତାଙ୍କୁ ପ୍ରକୃତ ଜୀବନରେ ହିରୋ ହେବାକୁ କହିଥିଲେ ଏବଂ କାହାକୁ ସାହାଯ୍ୟ କର, ତା'ଠାରୁ ବଡ଼ ଭୂମିକା କେଉଁଠି ନାହିଁ। ଅତୀତରେ ଲୋକମାନେ ସୋନୁଙ୍କଠାରୁ ଅଜବ ଦାବି କରିଆସୁଥିଲେ। ଲୋକମାନେ ତାଙ୍କୁ ତାଙ୍କ ଗର୍ଲଫ୍ରେଣ୍ଡ, ମାଲଦ୍ୱୀପ ଯାତ୍ରା, କାର୍, ଉନ୍ନତ ଇଣ୍ଟରନେଟ ସ୍ପିଡ ଏବଂ ଏକ ଆଇଫୋନ ମାଗୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହାର ଜବାବରେ ସୋନୁ ସେମାନଙ୍କୁ ମଜାଳିଆ ଉତ୍ତର ଦେଇଛନ୍ତି।

9th Happy Birthday




Aaryan Anshuman
Ratilo, Nimapada, Puri
May you continue to improve as a person with each passing year wishing you a very
Happy Birthday.
D-71137

ମନେ ପଡ଼ନ୍ତି
୪୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ।
ଧ-୭୧୦୦୨

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
Pvt. Finance Secured /Unsecured 10Cr to 100Cr. against property at low Interest.
9008185706
9588088806

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନ୍ୟାଶନାଲ ଷ୍ଟାଡିୟମରେ ମଙ୍ଗଳବାର ଟୋକିଓ ପାରାଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।



ଜାପାନ ଜାତୀୟ ପତାକାକୁ ଉଦ୍‌ଘାଟନୀ ସ୍ଥଳକୁ ଅଣାଯାଉଛି।



କଲଡ୍ରନ୍‌ରେ ଅଗ୍ନିସଂଯୋଗ କରାଯାଇଛି।



ଉଦ୍‌ଘାଟନୀରେ ଭାରତର ପତାକା ବାହକ ଶଟ୍‌ପୁଟର ଟେକ୍ ଚାନ୍ଦ।

# ଟୋକିଓ ପାରାଲିମ୍ପିକ୍ସ ଉଦ୍‌ଘାଟିତ

ଟୋକିଓ,୨୪।୮

କୋଭିଡ୍-୧୯ ଚ୍ୟାଲେଞ୍ଜ ସତ୍ତ୍ୱେ ଅଲିମ୍ପିକ୍ସ କ୍ରୀଡ଼ାର ୩୨ତମ ସଂସ୍କରଣ ସଫଳତାର ଆୟୋଜନ ହେବା ପରେ ଟୋକିଓରେ ମଙ୍ଗଳବାର ପାରାଲିମ୍ପିକ୍ସ କ୍ରୀଡ଼ା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ମଙ୍ଗଳବାର ରଙ୍ଗାରଙ୍ଗ ତଥା ଆକର୍ଷଣୀୟ ଉତ୍ସବରେ ଏହି ମେଗା ଇଭେଣ୍ଟ ଆରମ୍ଭ ହୋଇଛି। ଅଲିମ୍ପିକ୍ସ ଭଳି ସମ୍ପୂର୍ଣ୍ଣ ଫାଙ୍କା ଷ୍ଟାଡିୟମରେ ଦର୍ଶକଙ୍କ ଅନୁପସ୍ଥିତିରେ କିନ୍ତୁ ଉଦ୍‌ଘାଟନୀ ଉତ୍ସବର ଦୃଶ୍ୟ ମନମୋହକ ଥିଲା। ପାରାଲିମ୍ପିକ୍ସର ଏହି ୧୬ତମ ସଂସ୍କରଣରେ ଭାରତ ପାଇଁ ଜାଭେଲିନ ଥ୍ରୋୟର ଟେକ୍ ଚାନ୍ଦ ପତକା ବହନ କରିଛନ୍ତି। ବିଶ୍ୱର ପ୍ରଥମ ସହର ଭାବେ ଟୋକିଓ ଦ୍ୱିତୀୟଥର ପାଇଁ ପାରାଲିମ୍ପିକ୍ସ ଆୟୋଜନ କରି ଇତିହାସ ସୃଷ୍ଟି କରିଛି। ଏହାପୂର୍ବରୁ ୧୯୬୪ରେ ଟୋକିଓରେ ପାରା ଅଲିମ୍ପିକ୍ସ ସଫଳତାର ସହ ଆୟୋଜନ ହୋଇଥିଲା। ଦୀର୍ଘ ୫୭ ବର୍ଷ ପରେ ପାରାଲିମ୍ପିକ୍ସ ଟୋକିଓକୁ ଫେରିଛି।

ଜାପାନ ସମ୍ରାଟ ନାରୁହିଟୋ ଅଲିମ୍ପିକ୍ସ ଭଳି ଏହି କ୍ରୀଡ଼ାକୁ ମଧ୍ୟ ସମାନ ଢଙ୍ଗରେ ଉଦ୍‌ଘାଟନ କରିଥିଲେ। ପାରାଲିମ୍ପିକ୍ସ ଆରମ୍ଭ ହେଲା ବୋଲି ସେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହାପରେ ପାରାଲିମ୍ପିକ୍ ପତାକା ନ୍ୟାଶନାଲ ଷ୍ଟାଡିୟମକୁ ପ୍ରବେଶ କରିଥିଲା। 'ୱି ହାଭ ଦି ୱିଙ୍ଗ୍ସ' ସେଣ୍ଟ୍ରାଲ ଥିମ୍ ସହ ଏହି ମେଗା ଇଭେଣ୍ଟ ଆରମ୍ଭ ହୋଇଛି। ପାରାଲିମ୍ପିକ୍ସର ମୋଟୋ 'ୟୁନାଇଟେଡ ବାଇ ଇମୋଶନ' ରହିଛି। ଏହି ଅବସରରେ ଆମେରିକା ଉପ ରାଷ୍ଟ୍ରପତି କମଳା ହାରିଶଙ୍କ ସ୍ୱାମୀ ଡୋଗଲାସ ଏମ୍‌ହୋଫ୍, ଅନ୍ତର୍ଜାତୀୟ ପାରାଲିମ୍ପିକ କମିଟି ଅଧ୍ୟକ୍ଷ ଆଣ୍ଡ୍ରୟୁ ପାର୍ସନ, ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଅଧ୍ୟକ୍ଷ ଥୋମାସ ବାକ ଉପସ୍ଥିତ ଥିଲେ।

ପାରା ଆଥଲେଟଙ୍କ ଶକ୍ତି ଏହି ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଏଥର ପାରାଲିମ୍ପିକ୍ସରେ ୧୬୩ଟି ଦେଶର ୪୫୩୭ ଜଣ ଆଥଲେଟ ଅଂଶଗ୍ରହଣ କରିବେ। ୨୨ଟି କ୍ରୀଡ଼ାରେ ୫୩୯ଟି ଇଭେଣ୍ଟ ଆୟୋଜନ ହେବ। ଏହାପୂର୍ବରୁ ୨୦୧୬ ରିଓ ପାରାଲିମ୍ପିକ୍ସରେ ୪୩୨୮ ଆଥଲେଟ ଅଂଶଗ୍ରହଣ କରିଥିଲେ। ଏଥର ୨୫୫୦ ପୁରୁଷ ଓ ୧୮୫୩ ମହିଳା ଆଥଲେଟ ବିଭିନ୍ନ ଇଭେଣ୍ଟରେ ଭାଗ ନେବେ।

ଉଦ୍‌ଘାଟନୀ ଉତ୍ସବ ସର୍କସ ଭଳି ଥିଲା। କଳକାର, ଜୋକରଙ୍କ ପ୍ରଦର୍ଶନ ଓ ସଙ୍ଗୀତ ପରିବେଷଣ ସହିତ ଷ୍ଟାଡିୟମ ଉପରେ ଆତସବାଜୀରେ ଏହି ଉତ୍ସବ ବେଶ୍ ମନମୋହକ ଥିଲା। ଆଫଗାନିସ୍ତାନର ଜଣେ ହେଲେ ବି ଆଥଲେଟ ଏଥିରେ ଅଂଶଗ୍ରହଣ କରିନାହାନ୍ତି। ଏହା ସତ୍ତ୍ୱେ ସମର୍ଥନ ପାଇଁ ଆଫଗାନିସ୍ତାନର ପତାକା ଷ୍ଟାଡିୟମରେ ଉଡାଯାଇଥିଲା। ଦୁଇଜଣ ଆଫଗାନ ଆଥଲେଟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା। ତେବେ ତାଲିବାନ କ୍ଷମତାକୁ ଆସିବା ପରେ ଏହି ଦୁଇ ଆଇଲେଟଙ୍କୁ ଓହରିଯିବା ପାଇଁ ବାଧ୍ୟ କରାଯାଇଥିଲା। ବିବିଧତା ଭିତରେ ଏକତାକୁ ସୂଚାଉଥିବା କାରଣରୁ ଉଦ୍‌ଘାଟନୀ ଉତ୍ସବ 'ପାରା ଏୟାରପୋର୍ଟ' ଉପରେ ଶେଟ କରାଯାଇଥିଲା। ଏକ ଭିଡିଓରୁ ଉତ୍ସବ ଆରମ୍ଭ ହୋଇଥିଲା ଓ ଏଥରେ ପାରା ଆଥଲେଟଙ୍କ ଶକ୍ତି ତଥା ସାମର୍ଥ ପ୍ରଦର୍ଶିତ ହୋଇଥିଲା। ଏହି ଭିଡିଓ ଶେଷ ହେବା ପରେ 'ପାରା ଏୟାରପୋର୍ଟ' କର୍ମଚାରୀଙ୍କ ଭଳି ପୋଷାକ ପିନ୍ଧି କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାପରେ ଷ୍ଟାଡିୟମରେ ସୁନ୍ଦର ତଥା ରଙ୍ଗାରଙ୍ଗ ଆତସବାଜୀ ଦେଖିବାକୁ ମିଳିଥିଲା। ବିଭିନ୍ନ ରଙ୍ଗବେରଙ୍ଗର ପୋଷାକ ସହିତ କଳାକାରମାନେ ଜାପାନର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଷ୍ଟେଜର ମଝିରେ ପୋଲ କଳାକାରମାନେ ପୋଲ ଡ୍ୟାନ୍ସ କରିଥିଲେ।

**୧୭ ନମ୍ବରରେ ଆସିଲା ଭାରତୀୟ ଦଳ**

ଉଦ୍‌ଘାଟନୀ ଉତ୍ସବରେ ସର୍ବପ୍ରଥମେ ଜାପାନର ଜାତୀୟ ପତାକା ଷ୍ଟାଡିୟମରେ ପ୍ରବେଶ କରିଥିଲା। ତେବେ ରିଫ୍ୟୁଜି ପାରାଲିମ୍ପିକ୍ସ ଟିମ ପ୍ରଥମେ ପ୍ରବେଶ କରିଥିଲା। ୧୭ ନମ୍ବରରେ ଭାରତୀୟ ଆଥଲେଟମାନେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ ଓ ତ୍ରିରଙ୍ଗା ସହ ମାର୍ଚ୍ଚ ପାଷ୍ଟ କରିଥିଲେ। ୧୨ ଦିନଧରି ଆୟୋଜନ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତର ୫୪ଜଣ ଖେଳାଳି ଭିନ୍ନ ଇଭେଣ୍ଟରେ ନିଜର ଭାଗ୍ୟ ପରୀକ୍ଷା କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆମେ ଆଥଲେଟମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ଅନ୍ୟମାନଙ୍କ ପ୍ରେରିତ କରିବେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ଟେକ ଚାନ୍ଦଙ୍କୁ ବାଦ୍ ଦେଲେ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଚିଫ ଡି ମିଶନ ଗୁରଶରନ ସିଂ, ଡେପୁଟି ଚିଫ ଡି ମିଶନ ଅରହାନ ବାଗାଟି, ଦଳର ଅନ୍ୟତମ ପ୍ରଶାସନିକ କର୍ମଚାରୀ ଓ ଜଣେ କୋଚ୍ ଅଂଶଗ୍ରହଣ କରିଥିଲେ। ପରେଡ ବେଳେ ଇସ୍ରାଏଲ ଦଳର ନେତୃତ୍ୱ ନେଇଥିଲା ଏକ ଗାଇଡ ଡଗ ଓ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେଡ ପରେ ହ୍ୱିଲ ଚେୟାର ବସି ଜଣେ ୧୩ ବର୍ଷୀୟା ବାଳିକା 'ଲିଟିଲ ୱାନ-ୱିଙ୍ଗଡ୍ ପ୍ଲେନ'ର ପ୍ରଦର୍ଶନ କରିଥିଲେ। ଏହା ସମସ୍ତଙ୍କ ମନକୁ ଛୁଇଁ ଥିଲା। ଭୁଟାନ, ଗ୍ରେନେଡା, ମାଳଦୀପ, ପରାଗୁଏ, ସେଣ୍ଟଭିନସେଣ୍ଟ ଆଣ୍ଡ ଦି ଗ୍ରେନେଡା ପାରାଲିମ୍ପିକ୍ସରେ ପ୍ରଥମଥର ପାଇଁ ଅଂଶଗ୍ରହଣ କରିଛନ୍ତି।

## ମାରିୟାପ୍ପାନଙ୍କ ବଦଳରେ ଟେକ୍ ଚାନ୍ଦ ଭାରତ ପତାକା ବାହକ

ଟୋକିଓ ପାରାଲିମ୍ପିକ୍ସ ଉଦ୍‌ଘାଟିତ ହୋଇଛି। ହାଇଜମ୍ପର ମାରିୟାପ୍ପାନ ଥାଙ୍ଗାଭେଲୁଙ୍କ ବଦଳରେ ଶଟ୍‌ପୁଟର ଟେକ୍ ଚାନ୍ଦ ଉଦ୍‌ଘାଟନୀ ଉତ୍ସବରେ ଭାରତର ପତାକା ବହନ କରିଛନ୍ତି। ଟୋକିଓକୁ ବିମାନରେ ଯିବା ବେଳେ ସେ ଜଣେ କୋଭିଡ୍ ପଜିଟିଭ ବ୍ୟକ୍ତିଙ୍କ ସହିତ ଅତି ନିକଟରୁ ସମ୍ପର୍କରେ ଆସିଥିଲେ। ଫଳରେ ସେ ଏହି ଗୁରୁଦାୟିତ୍ୱ ବହନ କରିବାରୁ ଓହରିଯାଥିଲେ।

୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ମାରିୟାପ୍ପାନଙ୍କ ସମେତ ୫ଜଣ ଭାରତୀୟଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଡିସକସ ଥ୍ରୋୟର ବିନୋଦ କୁମାର ମଧ୍ୟ ସମକାରଣ ଯୋଗୁ ଉଦ୍‌ଘାଟନୀ ଉତ୍ସବରୁ ଓହରି ଯାଇଥିଲେ। ଟୋକିଓକୁ ଯାତ୍ରା କରୁଥିବା ବେଳେ ୬ଜଣ ପାରା ଆଥଲେଟ୍ କୋଭିଡ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥଲେ ବୋଲି ଭାରତର ଚିଫ୍ ଡି ମିଶନ ଗୁରଶରନ ସିଂ କହିଛନ୍ତି।

ତେବେ ପରୀକ୍ଷାରେ ନେଗେଟିଭ ହୋଇଥିବାରୁ ମାରିୟାପ୍ପାନ ଓ ବିନୋଦ ସେମାନଙ୍କ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତ ୬ ଦିନ ହେବ ହୋଇଥିବା ପରୀକ୍ଷାଗୁଡିକରେ ଏହି ଦୁଇ ଖେଳାଳିଙ୍କ ରିପୋର୍ଟ ନେଗେଟିଭ ଆସିଛି। ତେଣୁ ଏମାନେ ଇଭେଣ୍ଟରେ ଅଂଶଗ୍ରହଣ କରିବା ନେଇ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ପାରାଲିମ୍ପିକ୍ସ ଇତିହାସରେ ଏଥର ଭାରତର ସର୍ବବୃହତ ଦଳ ଅଂଶଗ୍ରହଣ କରିଛି।

# ମହିଳା ଦଳରେ ମେଘନା, ରେଣୁକା ନୂଆ ମୁହଁ

ନୂଆଦିଲ୍ଲୀ, ୨୪।୮ (ପି.ଟି.)

ଅଷ୍ଟ୍ରେଲିଆ ଟୁର୍ ପାଇଁ ମଙ୍ଗଳବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୧୮ ଜଣିଆ ଭାରତୀୟ ମହିଳା କ୍ରିକେଟ ଦଳ ଘୋଷଣା କରିଛି। ସିମ୍ ବୋଲର ଦ୍ୱୟ ମେଘନା ସିଂ ଓ ରେଣୁକା ସିଂ ଠାକୁର ଦଳରେ ନୂଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ବାମହାତୀ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ ଡାକରା ପାଇଛନ୍ତି। ଭାରତୀୟ ଦଳ ଅଗଷ୍ଟ ୨୯ରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ, ଏକ ଦିବାରାତ୍ର ଟେଷ୍ଟ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଏପ୍ରିଲରେ ଅନୁଷ୍ଠିତ ସିନିୟର ଦିନିକିଆ ଟ୍ରଫିରେ ପ୍ରଦର୍ଶନକୁ ଭିତ୍ତି କରି ୨୭ ବର୍ଷୀୟା ମେଘନା ଓ ୨୫ ବର୍ଷୀୟା ରେଣୁକାଙ୍କୁ

**ଅଷ୍ଟ୍ରେଲିଆ ଟୁର୍**

ଦଳରେ ସ୍ଥାନ ମିଳିଛି। ଟୁର୍ନାମେଣ୍ଟରେ ଡାହାଣହାତୀ ମିଡିୟମ ପେସ୍ ବୋଲର ମେଘନା ରେଲୱେ ତରଫରୁ ୫ ଉଇକେଟ ନେଇଥିବାବେଳେ ହିମାଚଳ ପ୍ରଦେଶରୁ ଖେଳି ରେଣୁକା ୯ ଉଇକେଟ ଅକ୍ତିଆର କରିଥିଲେ। ବାମହାତୀ ବ୍ୟାଟ୍ସଓମ୍ୟାନ ୟାସ୍ତିକା ଭାଟିଆ ସମସ୍ତ ୩ଟି ଦଳରେ ସ୍ଥାନ ପାଇଥିବାବେଳେ ପ୍ରିୟା ପୁନିଆ ଓ ଇନ୍ଦ୍ରାଣୀ ରୟ ଦଳରୁ ବାଦ୍ ପଡ଼ିଛନ୍ତି।

**ଏକମାତ୍ର ଟେଷ୍ଟ ଓ ଦିନିକିଆ ସିରିଜ ପାଇଁ ଭାରତୀୟ ମହିଳା ଦଳ:** ମିଥାଲୀ ରାଜ (ଅଧିନାୟିକା), ହରମନପ୍ରୀତ କୌର (ଉପ ଅଧିନାୟିକା), ସ୍ମୃତି ମାନ୍ଧନା, ଶେଫାଳି ବର୍ମା, ପୁନମ ରାଉତ, ଜେମିମା ରୋଡ୍ରିଗୁଏଜ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ୟାସ୍ତିକା ଭାଟିଆ, ତାନିଆ ଭାଟିଆ (ଉଇକେଟକିପର), ଶିଖା ପାଣ୍ଡେ, ଝୁଲଣ ଗୋସ୍ୱାମୀ, ମେଘନା ସିଂ, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ, ରିଚା ଘୋଷ ଓ ଏକତା ବିଷ୍ଟ।

**ଭାରତୀୟ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗୁଏଜ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ୟାସ୍ତିକା ଭାଟିଆ, ଶିଖା ପାଣ୍ଡେ, ମେଘନା ସିଂ, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ, ରିଚା ଘୋଷ (ଉଇକେଟକିପର), ହାର୍ଲିନ ଦେଓଲ, ଅରୁନ୍ଧତି ରେଡ୍ଡୀ, ରାଧା ଯାଦବ ଓ ରେଣୁକା ସିଂ ଠାକୁର।

# ଉତ୍ସାହଜନକ ଆରମ୍ଭ ଆବଶ୍ୟକ

ଭି.ଭି.ଏସ୍. ଲକ୍ଷ୍ମଣ

ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଧ୍ୟରେ ଏକ ସପ୍ତାହ ବ୍ୟବଧାନ ରହିଥିଲା। ଶାରୀରିକ ଓ ମାନସିକ ସ୍ତରରେ ନିଜକୁ ଫିଟ୍ କରିବା ଲାଗି ଉଭୟ ଭାରତ ଓ ଇଂଲଣ୍ଡ କ୍ରିକେଟ ଦଳ ଯଥେଷ୍ଟ ସମୟ ପାଇଲେ। ଦ୍ୱିତୀୟ ଟେଷ୍ଟର ଅନ୍ତିମ ଦିବସରେ ଭ୍ରମଣକାରୀ ଦଳ ଯେପରି ନାଟକୀୟ ବିଜୟ ହାସଲ କଲା ଏଥିରେ ଘରୋଇ ଦଳ ମାନସିକ ସ୍ତରରେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ଭାରତକୁ ଏଥିରୁ ଫାଇଦା ଉଠାଇବାକୁ ପଡ଼ିବ। ବ୍ୟାଟିଂ ହେଉ ଅବା ବୋଲିଂ ତୃତୀୟ ଟେଷ୍ଟରେ ଉତ୍ସାହଜନକ ଆରମ୍ଭ କରିବାକୁ ହେବ। ବହୁ ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ଇଂଲଣ୍ଡ ଦଳ ଏକ ପ୍ରକାର ପଙ୍ଗୁ ହୋଇଯାଇଛି। ତେଣୁ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ମନେ ହେଉଛି। ମାର୍କ ଉଡ୍ ଆଘାତପ୍ରାପ୍ତ ହୋଇଥିବାରୁ ସେ ଉପଲବ୍ଧ ହେବେ ନାହିଁ। ତାଙ୍କର ବିକଳ୍ପ ଅନ୍ୟ କୌଣସି ବୋଲର ଥିବା ଭଳି ମନେ ହୁଏ ନାହିଁ। ଇଂଲଣ୍ଡର ଐତିହାସିକ ହେଡିଂଲେ ଭେନ୍ୟୁ ବିଶେଷକରି ବୋଲରମାନଙ୍କୁ ସୁହାଇଥାଏ। ଏହି ପିଚ୍‌ରେ ବଲ୍ ଭଲ ରୂପେ ସୁଇଂ ଓ ମୁଭମେଣ୍ଟ କରୁଥିବା ଗତ କିଛିବର୍ଷ ହେଲା ଲକ୍ଷ୍ୟ କରାଯାଇଛି। କିନ୍ତୁ ଏହି କଣ୍ଡିଶନରୁ ଫାଇଦା ଉଠାଇବା ଲାଗି ଭାରତ ପାଖରେ ଯଥେଷ୍ଟ ସମ୍ବଳ ରହିଛି। ସେମାନେ ଏହାର ଠିକଣା ଉପଯୋଗ କରିବା ଦରକାର। ଭାରତୀୟ ପେସ୍ ବାହିନୀ ଯେତେଶୀଘ୍ର ଜୋ ରୁଟ୍‌ଙ୍କୁ ଆଉଟ କରିବେ ଦଳ ପାଇଁ ସେତେ ଭଲ। ବ୍ୟାଟିଂ ବେଳେ ରୋହିତ ଶର୍ମା ଓ କେ.ଏଲ୍ ରାହୁଲ ଦଳ ପାଇଁ ଭଲ ଆରମ୍ଭ କରିବା ଦରକାର। ଏହା ଦ୍ୱାରା ଭାରତ ବଡ଼ ସ୍କୋର କରିପାରିବ। ଇଂଲିଶ କଣ୍ଡିଶନରେ ଦଳର ମୂଳଦୁଆ ହେଉଛି ମୁଖ୍ୟ। ଅଭିଜ୍ଞ ମିଡଲ ଅର୍ଡର ଏପର୍ଯ୍ୟନ୍ତ ଆଖିଦୃଶିଆ ବ୍ୟାଟିଂ କରି ନାହାନ୍ତି। ଲର୍ଡ୍ସ ଟେଷ୍ଟର ଦ୍ୱିତୀୟ ଇନିଂସରେ ଚାପରେ ଥାଇ ସୁଦ୍ଧା ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଅବଶ୍ୟ ଭଲ ପ୍ରଦର୍ଶନ କରି ଆସ୍ଥାଭାଜନ ହୋଇ ପାରିଛନ୍ତି। ବିରାଟଙ୍କର ବର୍ତ୍ତମାନ ଖରାପ ସମୟ ଚାଲିଛି। ପ୍ରତ୍ୟେକ କ୍ରିକେଟରଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଥାଏ। ପ୍ରଭାବୀ ପ୍ରଦର୍ଶନ ସହ ସମାଲୋଚକଙ୍କ ମୁହଁ ବନ୍ଦ କରିବା ଲାଗି ତାଙ୍କ ପାଇଁ ସମୟ ଉପନୀତ ହୋଇଛି। ପ୍ରଥମ ଟେଷ୍ଟ ଭଳି ଯେପରି ସ୍ଲୋ ଓଭର ରେଟ୍ ପାଇଁ ଡବ୍ଲ୍ୟୁଟିସି ପଏଣ୍ଟ ହରାଇବାକୁ ନ ପଡ଼େ ସେଥିପ୍ରତି ଯତ୍ନବାନ ହେବାକୁ ବିରାଟ ଏବଂ କୋଚ୍ ରବି ଶାସ୍ତ୍ରୀ ଦଳର ଖେଳାଳିମାନଙ୍କୁ ପରାମର୍ଶ ଦେଇଥିବେ। କୁଇକ୍ ଫିଲ୍ଡି ପାଇଁ ମଧ୍ୟ କହିଥିବେ।

-(ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
PACKAGED DRINKING WATER

# ସନ୍ଦୀପଙ୍କ ଶତକ, ସୁନୀଲଙ୍କୁ ୬ ଉଇକେଟ



ଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକ।



୬ ଉଇକେଟ ନେଇଥିବା ସୁନୀଲ କୁମାର ରାଉଳ।

**କଳାହାଣ୍ଡି କପ୍ ସୁପରଲିଗ୍**

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ୍ ମ୍ୟାଚରେ ମଙ୍ଗଳବାର ଇକୋର୍ସା, ଓଡ଼ିଶା ବ୍ଲୁ, ଓଡ଼ିଶା ୟେଲୋ, ଓଡ଼ିଶା ଭାଓଲେଟ, କଟକ-ଏ ଓ ଓଡ଼ିଶା ପିଙ୍କ୍ ଦଳ ବିଜୟ ହାସଲ କରିଛନ୍ତି। ଓଡ଼ିଶା ବ୍ଲୁର ସନ୍ଦୀପ ପଟ୍ଟନାୟକ ଶତକ ହାସଲ କରିଥିବାବେଳେ କଟକ-ଏର ସୁନୀଲ କୁମାର ରାଉଳ ୬ ଉଇକେଟ ସଫଳତା ପାଇଛନ୍ତି।

ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୩୮ ରନରେ ଓଡ଼ିଶା ଗ୍ରୀନ୍‌କୁ ପରାସ୍ତ କରିଛି। ଇକୋର୍ସା ୪୯.୨ ଓଭରରେ ୨୫୮ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ଗ୍ରୀନ୍ ପୂରା ୫୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୨୨୦ ରନ କରିପାରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ମ୍ୟାଚରେ ଓଡ଼ିଶା ବ୍ଲୁ ୧୨୧ ରନରେ ସୁନ୍ଦରଗଡ଼କୁ ହରାଇଛି। ଓଡ଼ିଶା ବ୍ଲୁ ୫୦ ଓଭରରେ ୬ ଉଇକେଟ ହରାଇ ୨୨୯ ରନ କରିଥିଲା। ସନ୍ଦୀପ ପଟ୍ଟନାୟକ ୧୩୨ ରନ ସ୍କୋର କରିଥିଲେ। ସୁନ୍ଦରଗଡ଼ ୩୩ ଓଭରରେ ୧୦୮ ରନରେ ଅଲଆଉଟ ହୋଇଥିଲା। ବିଡ଼ାନାସୀ ପଡ଼ିଆ ମ୍ୟାଚରେ ଓଡ଼ିଶା ୟେଲୋ ୫ ଉଇକେଟରେ ଖୋର୍ଦ୍ଧାକୁ ହରାଇଛି। ଖୋର୍ଦ୍ଧା ୪୫.୫ ଓଭରରେ ୧୬୯ ରନରେ ସମସ୍ତ ଉଇକେଟ ହରାଇଥିଲା। ୧୭୦ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୟେଲୋ ୩୧.୨ ଓଭରରେ ୫ ଉଇକେଟ ହରାଇ ହାସଲ କରିଥିଲା।

ଏସସିବି ମେଡିକାଲ କଲେଜ ପଡ଼ିଆରେ ଓଡ଼ିଶା ଭାଓଲେଟ ୪ ଉଇକେଟରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଝାରସୁଗୁଡ଼ା ୫୦ ଓଭରରେ ୭ ଉଇକେଟ ହରାଇ ୨୩୭ ରନ କରିଥିଲା। ଓଡ଼ିଶା ଭାଓଲେଟ ୪୯.୫ ଓଭରରେ ୬ ଉଇକେଟ ହରାଇ ୨୪୧ ରନ ସଂଗ୍ରହକରି ନେଇଥିଲା। ସନ୍‌ସାଇନ୍ ପଡ଼ିଆରେ କଟକ-ଏ ୧୦୮ ରନରେ ଓଡ଼ିଶା ରେଡ୍‌କୁ ପରାସ୍ତ କରିଛି। କଟକ-ଏ ୪୭ ଓଭରରେ ୧୯୧ ରନ କରି ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶା ରେଡ୍ ୨୬ ଓଭରରେ ୮୩ ରନକରି ଅଲଆଉଟ ହୋଇ ଯାଇଥିଲା। କଟକ-ଏର ସୁନୀଲ କୁମାର ରାଉଳ ୯ ଓଭରରେ ମାତ୍ର ୧୫ ରନ ଦେଇ ୬ ଉଇକେଟ ସଫଳତା ପାଇଥିଲେ। ନିମପୁର ପଡ଼ିଆରେ ଓଡ଼ିଶା ପିଙ୍କ୍ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୭୭ ରନରେ ରାଉରକେଲାକୁ ହରାଇ ଦେଇଛି।

# ବିଜୟ ସହ ଭାରତର ଅଭିଯାନ



ମ୍ୟାଚ୍ ଜିତିବା ପରେ ଭାରତୀୟ ଦଳ।

### ୧୯ ବର୍ଷରୁ କମ୍ ବିଶ୍ୱ ଭଲିବଲ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି)** ଇରାନର ତେହେରାନରେ ମଙ୍ଗଳବାର ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ବିଶ୍ୱ ଭଲିବଲ ଚାମ୍ପିୟନଶିପ୍‌ରେ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଭାରତ ୩-୧ ସେଟ୍‌ରେ ନାଇଜେରିଆକୁ ହରାଇ ଦେଇଛି। ପୂରା ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଭାରତ ୨୫-୧୭, ୨୩-୨୫, ୨୫-୨୧ ଓ ୨୬-୨୪ ପଏଣ୍ଟରେ ବିଜୟ ହାସଲ କରିଛି। ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତୀୟ ଦଳର ଚୟନ ଟ୍ରାଏଲ ଓ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଭାରତ ପକ୍ଷରୁ ତନିଶ ଚୌଧାରୀ ସର୍ବାଧିକ ୨୧ ପଏଣ୍ଟ ହାସଲ କରିଥିବାବେଳେ ଅମନ କୁମାର ୧୯ ପଏଣ୍ଟ ଅର୍ଜନ କରିଥିଲେ। ଭାରତୀୟ ଦଳ ପୁଲ୍ 'ଏ'ରେ ଆୟୋଜକ ଇରାନ, ପୋଲାଣ୍ଡ, ନାଇଜେରିଆ ଓ ଗ୍ୱାଟେମାଲା ସହିତ ସ୍ଥାନ ପାଇଛି। ପରବର୍ତ୍ତୀ ମ୍ୟାଚରେ ଭାରତ ୨୫ ତାରିଖରେ ଇରାନକୁ ଭେଟିବ।

## କରାଟେ ଓ ଶକ୍ତିଉତ୍ତୋଳନ ସହ ଓଡ଼ିଶା ପୋଲିସ ଦଳ ଅନୁବନ୍ଧିତ

**ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ କରାଟେ ସଂଘ ଓ ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ସହ ଅନୁବନ୍ଧିତ ହେବାପାଇଁ ଓଡ଼ିଶା ପୋଲିସ ସହମତି ପ୍ରକାଶ କରିଛନ୍ତି। ତେଣୁ ଆଗାମୀ ଦିନରେ ହେବାକୁଥିବା ରାଜ୍ୟ କରାଟେ ଓ ଶକ୍ତିଉତ୍ତୋଳନରେ ଓଡ଼ିଶା ପୋଲିସ ଦଳ ଭାଗ ନେଇପାରିବ। ଗତ ୭ ବର୍ଷ ଧରି ରାଜ୍ୟର ୨୬ଟି ଖେଳରେ କୃତୀ କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା ପୋଲିସରେ ନିଯୁକ୍ତି ମିଳୁଛି। ରାଜ୍ୟର ଅନେକ ଜାତୀୟ, ଅନ୍ତର୍ଜାତୀୟ କରାଟେକା ଓ ଶକ୍ତିଉତ୍ତୋଳକ ଓଡ଼ିଶା ପୋଲିସରେ କାର୍ଯ୍ୟରତ । ଆଗକୁ ଏହି ଦୁଇ କ୍ରୀଡ଼ାରେ ଓଡ଼ିଶା ପୋଲିସ ଦଳ ଭାଗନେବ ବୋଲି ରାଜ୍ୟ ସଂଘକୁ ଜଣାଇ ଦିଆ ଯାଇଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଯୋଗୁ କ୍ରୀଡ଼ାବିତ୍‌ମାନେ ଦେଶ ବିଦେଶରେ ଦକ୍ଷତା ପ୍ରତିପାଦନ କରି ଗୌରବ ଆଣୁଛନ୍ତି ବୋଲି ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି କହିଛନ୍ତି।

# ସମ୍ବିତ ଚାମ୍ପିୟନ, ହର୍ଷିତ ରନର୍ସ ଅପ୍



ସମ୍ବିତ ପଣ୍ଡା

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ସନ୍ତୋଷ କୁମାର ସିହ୍ନା ମେମୋରିଆଲ ଅନ୍‌ଲାଇନ୍ ଓପନ ଚେସ୍‌ରେ ସମ୍ବିତ ପଣ୍ଡା ଚାମ୍ପିୟନ ଓ ହର୍ଷିତ ରଞ୍ଜନ ସାହୁ ରନର୍ସଅପ୍ ହୋଇଛନ୍ତି। ସମ୍ବିତ ୮ ଓ ହର୍ଷିତ ୭.୫ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ରଞ୍ଜନ ଦାସ, ବୈଭବ ମଜୁମଦାର, ବିକାଶ କୁମାର ଲେଙ୍କା, ସୌମ୍ୟରଞ୍ଜନ ମିଶ୍ର, ରବୀନ୍ଦ୍ର କୁମାର ଓଝା, ସୁରଜିତ ନାୟକ, ଜୀତେନ୍ଦ୍ର କୁମାର ଦାସ ଓ ଆରିନ ଅନ୍ୱେଷ ସ୍ୱାଇଁ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗରେ ମ୍ରିଗଙ୍କ ଶେଖର ଦାସ, ଅଞ୍ଜନେୟା ସାହୁ, ସାଇ ଶ୍ରୀହନ, ଦିବ୍ୟାଂଶୁ ମହାପାତ୍ର, ସିଦ୍ଧାର୍ଥ ମିଶ୍ର, ଆୟୁଷ୍ମାନ ମହାନ୍ତି, ସ୍ଥିତିପ୍ରଜ୍ଞ ସାହୁ, ଦକ୍ଷ ସକ୍ସେନା, ସତ୍ୟମ ସରବଜିତ ମିଶ୍ର, ସାହାନା ଲେଙ୍କା, ଅଦିତି ଉପାସନା ପଟ୍ଟନାୟକ ଓ ସ୍ନେହାଞ୍ଜଳି ପ୍ରଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଗୁଗୁଲ ମିଟ୍‌ରେ ଉଦ୍‌ଘାଟିତ ଏହି ପ୍ରତିଯୋଗିତାରେ କୋଲକାତା ଟିସିଏସ୍‌ର ବରିଷ୍ଠ ପ୍ରକଳ୍ପ ପରିଚାଳକ ପାର୍ଥ ଅଦକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ହରପ୍ରୀୟ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## କୁସମାଲ ସରକାରୀ ବିଦ୍ୟାଳୟରେ ତାରାରୋପଣ

ଖଡିଆଳ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ କୁସମାଲ ସରକାରୀ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଡିଆଳ ଏସିଏଫ ଶିବ ପ୍ରସାଦ ରଥ ଯୋଗଦେଇଥିବା ବେଳେ ରେଞ୍ଜର ସଂସ୍କୃତି ଗଡନାୟକ, ବନରକ୍ଷକ କନ୍ଦର୍ପ ସୁନାନୀ, ବନକର୍ମଚାରୀ ରାଜକୁମାରୀ ମହାନ୍ତି, ନରେଶ କୁମାର ଦଣ୍ଡସେନା, ସିଲଭା ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ପକ୍ଷରୁ ବିଇଓ ଜଗଦିଶ ପ୍ରସାଦ ଖମାରୀ, ଏବିଇଓ ପ୍ରମୋଦ କୁମାର ଖମାରୀ, ପ୍ରଧାନ ଶିକ୍ଷକ ନରହରି ସାଗରିଆ, ସହକାରୀ ଶିକ୍ଷକ ଗୁପ୍ତେଶ୍ୱର ଦଣ୍ଡସେନା ଏବଂ ମଧୁସ୍ମିତା ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ। ସ୍କୁଲ ପରିଚାଳନା ଅଧ୍ୟକ୍ଷ ସନ୍ତୋଷ କୁମାର ପୋଡ଼ ଯୋଗ ଦେଇଥିଲେ ।

**ସଂକ୍ଷେପରେ**

### ୩ ମାସ ପରେ ବଳାତ୍କାରୀ ଗିରଫ

**ମ.ରାମପୁର,୨୪।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ଥାନା ଉର୍ଲାଦାନୀ ପଞ୍ଚାୟତ ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କଳାହାଣ୍ଡି ପୋଲିସ ତଦନ୍ତ କରି ଗୁଜରାଟ ଓ ମହାରାଷ୍ଟ୍ର ସୀମାନ୍ତ ସିଲିଭାସ୍‌ରୁ ବଳାତ୍କାରୀ ପିଙ୍କୁ ମାଝି (୧୯)ଙ୍କୁ ଗତ ୨୦ ତାରିଖରେ ଗିରଫ କରି ସିଲିଭାସ୍ ସିଜିଏମ୍ କୋର୍ଟରେ ହାଜର କରିଥିଲା। ସେଠାରୁ ୩ ଦିନ ପାଇଁ ରିମାଣ୍ଡରେ ଆଣି ୨୩ ତାରିଖ ରାତିରେ ମ.ରାମପୁର ପହଞ୍ଚିବା ପରେ ୨୪ ତାରିଖ ମ.ରାମପୁର କୋର୍ଟରେ ହାଜର କରିଛି। ସୂଚନା ଯେ, ୨୦୨୧ ମେ' ୯ ତାରିଖରେ ସମ୍ପୃକ୍ତ ନାବାଳିକାଙ୍କୁ ମୁହଁରେ କପଡା ଦେଇ ପିଙ୍କୁ ବଳାତ୍କାର କରିଥିଲେ। ଏ ନେଇ ୧୪।୫।୨୦୨୧ରେ ଲିଖିତ ଏତଲା ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଏହି ସମୟରେ ଅଭିଯୁକ୍ତ ରାଜ୍ୟ ବାହାରକୁ ଚାଲି ଯାଇଥିଲେ। ୩ ମାସ ପରେ ରାମପୁର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିଲିଭାସ୍‌ରୁ ତାଙ୍କୁ ଗିରଫ କରିଛି।

### ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

**ନର୍ଲା,୨୪।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବାଲିସିଙ୍ଗା ପଞ୍ଚାୟତ ସାଲେପଡା ଗ୍ରାମରେ ପାରିବାରିକ ଆକ୍ରୋଶକୁ କେନ୍ଦ୍ରକରି ଟାଙ୍ଗିଆ ଚୋଟରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ଉକ୍ତ ଗ୍ରାମର ଦୁର୍ବାଦଳ ସେନାପତି (୩୮)। ଏ ନେଇ ପରିବାର ଲୋକ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଦୁର୍ବାଦଳ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ନିଜ ଜମିକୁ ପାଣି ମଡ଼ାଇବା ପାଇଁ ଯାଇଥିଲେ। ଏହି ସମୟରେ ପାରିବାରିକ ଆକ୍ରୋଶରେ ହିଂସାତ୍ମକ ଭାବେ ଉକ୍ତ ଗ୍ରାମର ସୁରେଶ ସେନାପତି (୪୦), କୁଞ୍ଜ ସେନାପତି (୨୦) ଏବଂ କାହ୍ନୁ ସେନାପତି (୧୯) ୩ଜଣ ମିଶି ଟାଙ୍ଗିଆରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଦୁର୍ବାଦଳଙ୍କ ଗୋଡ ଓ ମୁଣ୍ଡରେ ଟାଙ୍ଗିଆ ଚୋଟ ଲାଗିଛି। ଫଳରେ ସେ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ନର୍ଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରିବା ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଅମରପାଲି,୨୪।୮ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ପଣ୍ଡା(୮୦)ଙ୍କ ପରଲୋକ ହୋଇଯାଇଛି।



ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ନିଆଯାଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଖଣ୍ଡହତା ପଞ୍ଚାୟତର ସାହାଜଲଥା ୟୁପି ସ୍କୁଲରୁ ଅବସର ନେଇଥିଲେ। ଖଣ୍ଡହତା କଳାସିଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟୋଷ୍ଠ ପୁତ୍ର ଗୋପବନ୍ଧୁ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଧର୍ମପ୍ରାଣା ସରଜୁ ଜୋଷୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୨୪।୮:** ବଲାଙ୍ଗୀର ବରପାଲିପଡା ନିବାସୀ ସରଜୁ ଜୋଷୀ (୭୩)ଙ୍କ ପରଲୋକ ଘଟିଛି। ମଙ୍ଗଳବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା।



ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଡାକ୍ତର ତାଙ୍କ ଉଚ୍ଚତର ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ନେଉଥିବା ବାଟରେ ତାଙ୍କର ପରଲୋକ ହୋଇଛି। ଜଣେ ମେଳାପୀ, ପରୋପକାରୀ ଓ ଧର୍ମପ୍ରାଣା ମହିଳା ଭାବେ ସେ ପରିଚିତ ଥିଲେ। ତାଙ୍କ ଚାରିପୁଅ ବ୍ୟବସାୟୀ ଆର୍ତ୍ତତ୍ରାଣ, ମାନଭଞ୍ଜନ, ଗଣମାଧ୍ୟମ ପ୍ରତିନିଧି ମନରଞ୍ଜନ ଓ ଅଷ୍ଟ୍ରେଲିଆରେ ଥିବା ଡାକ୍ତର ଚିତ୍ତରଞ୍ଜନ, ବୋହୂ, ନାତିନାତୁଣୀ ଅଛନ୍ତି।

# ଖଟିଆରେ ବୁହାହେଲେ ରୋଗୀ

**ବରଗଡ଼ ଅଫିସ,୨୪।୮**

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ୱାର୍ଡ଼ ନଂ-୧୧ ଅଧୀନ କଣ୍ଟାତଳରେ ମଙ୍ଗଳବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଗାଁକୁ ଭଲ ରାସ୍ତା ନ ଥିବାରୁ ପରିବାର ଲୋକେ ଜଣେ ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନାକୁ ନେଇଛନ୍ତି। ଗ୍ରାମର ଭକ୍ତ ଚରଣ ନାଏକ(୭୫)ଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଘଟଣାଟି ଜିଲା ସାରା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଭକ୍ତଚରଣ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ସାଙ୍ଗକୁ ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗରେ ପୀଡିତ ହୋଇ ମାସାଧିକକାଳ ଶଯ୍ୟାଶାୟୀ ଅଛନ୍ତି। ମଙ୍ଗଳବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପାଇଁ ଏକ



କଣ୍ଟାତଳରୁ ଜଣେ ରୋଗୀଙ୍କୁ ଖଟିଆରେ ବୋହି ଆଣୁଛନ୍ତି।

**ଗାଁକୁ ଭଲ ରାସ୍ତା ନାହିଁ**

ବୋଲେରୋ ଭଡ଼ା କରିଥିଲେ। ମାତ୍ର ଭଲ ରାସ୍ତା ନ ଥିବାରୁ ଗାଡ଼ିଟି ଗାଁକୁ ପହଞ୍ଚି ପାରି ନ ଥିଲା। ପ୍ରାୟ ଅଢ଼େଇ କି.ମି ଦୂର ପତ୍ରାପାଲି ଗେଜୋଗୋଠରେ ଗାଡ଼ି ରହିଥିଲା। ପରିବାର ଲୋକେ ଭକ୍ତଚରଣଙ୍କୁ ଏକ ଖଟିଆରେ ବୋହି ଗାଡ଼ି ନିକଟକୁ ଆଣିଥିଲେ ଏବଂ ସେଠାରୁ ବରଗଡ଼ ସହର ଉପକଣ୍ଠ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ସୂଚନାଯୋଗ୍ୟ, ଏହି ଘଟଣା ଗ୍ରାମବାସୀଙ୍କ ପାଇଁ ନୂଆ ନୁହେଁ। ଭଲ ରାସ୍ତା ନ ଥିବାରୁ ବାରମ୍ବାର ଗ୍ରାମବାସୀଙ୍କୁ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ୨୦୨୦ ଅଗଷ୍ଟ ୧୪ରେ ଅନୁରୂପ ଭାବେ ରାସ୍ତା ଖରାପ ଯୋଗୁ ଜଣେ ଅସୁସ୍ଥ ଯୁବକଙ୍କୁ ଠିକଣା ସମୟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପାରି ନ ଥିଲା। ସେତେବେଳେ ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚି ପାରି ନ ଥିଲା ଏବଂ ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ନେଇଥିଲେ। ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମେତ ଅନ୍ୟ ଜରୁରୀ କାମ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏହାସତ୍ତ୍ୱେ ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ରାସ୍ତା ମରାମତି ଦିଗରେ ଉଦାସୀନ ରହିବା ଚର୍ଚ୍ଚାର ବିଷୟ ପାଲଟିଛି।

# ବିଡିଓଙ୍କୁ ଅଟକାଇଲେ ସ୍ୱୟଂ ସହାୟକ ଗୋଷ୍ଠୀ



ବିଡିଓଙ୍କୁ ମହିଳାମାନେ ଘେରି ରଖିଛନ୍ତି।

**ଗୋଲାମୁଣ୍ଡା,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବିଡିଓ ସ୍ମିସ୍ମାରାଣୀ ପ୍ରଧାନଙ୍କୁ ଲେତେର ଗ୍ରାମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମଙ୍ଗଳବାର ଅଟକାଇ ରଖିଥିଲେ। ଉନ୍ନତିମୂଳକ କାମ ଦେଖିବା ପାଇଁ ଲେତେର୍ ଅଞ୍ଚଳକୁ ଯାଇଥିବା ବେଳେ ମହିଳାମାନେ ବିଡିଓଙ୍କୁ ଅଟକ ରଖିଥିଲେ। ଖବର ପାଇ କେଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ମହିଳାମାନେ ବିଡିଓଙ୍କୁ ଛାଡିଲେ। ମହିଳାମାନଙ୍କ ମିଶନ ଗୃହ ନିର୍ମାଣ ପାଇଁ ଟଙ୍କା ଆସିଛି। ଗାଁର ବହୁତ ଦୂର ଜଙ୍ଗଲ ନିକଟରେ ଗୃହ ତିଆରି କରୁଥିବାରୁ ଆମେ ବୈଠକ ପାଇଁ ଏତେ ଦୂର କେମିତି ଯିବୁ। ବସତି ମଧ୍ୟରେ ଗୃହ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି। ଯଦି ବସତି ମଧ୍ୟରେ ଗୃହ ନିର୍ମାଣ ନ କରନ୍ତି ତେବେ ଆମେ ବ୍ଲକ ସାମ୍ନାରେ ଧାରଣା ଦେବୁ ବୋଲି ମହିଳାମାନେ କହିଛନ୍ତି।

# କେନାଲ ପୁନରୁଦ୍ଧାର ଦାବିକଲେ ଚାଷୀ

**ଅମରପାଲି,୨୪।୮ (ଡି.ଏନ.ଏ)**

ଚାଷ ଜମିରେ ଜଳସେଚନ ପାଇଁ ଜଳକର ଦେଉଛନ୍ତି ଚାଷୀ। ମାତ୍ର ସେମାନଙ୍କ ଚାଷ ଜମି ହେଉକି ଜଳସେଚନ। ଜଳସେଚନ ପାଇଁ କରାଯାଇଥିବା କେନାଲକୁ ଜବରଦଖଲକାରୀ ନିଜ କବଜାକୁ ନେଇ ପୋତି ଦେଇଛନ୍ତି। ଏନେଇ ବିଭାଗକୁ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ଏଭଳିଆ ଅଭିଯୋଗ କରିଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଉଫୁଲା ପଞ୍ଚାୟତ ଗୌଡକେଲା ଗ୍ରାମର ଚାଷୀ। ଜବରଦଖଲକାରୀଙ୍କ କବଜାରେ ଥିବା କେନାଲକୁ ପୁନରୁଦ୍ଧାର କରି ଜମିକୁ ଜଳସେଚନର ବ୍ୟବସ୍ଥା କରିବାକୁ ଦାବି କରି ଚାଷୀମାନେ ମଙ୍ଗଳବାର ତହସିଲଦାର ବିଜ୍ଞାନ କୁମ୍ଭାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମତେ ଠେଙ୍ଗୋ ଡ୍ୟାମରୁ କେନାଲ ମାଧ୍ୟମରେ ପୂର୍ବରୁ ଜଳସେଚନ ହୋଇ ଗୌଡକେଲାରେ ଚାଷ ହେଉଥିଲା। ଡ୍ୟାମ ଆରମ୍ଭରୁ ଉକ୍ତ ଗ୍ରାମକୁ ଏକ ଅସ୍ଥାୟୀ କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ମାତ୍ର ଏବେ ବୀରମହାରାଜପୁର



ଗୌଡକେଲା ଗ୍ରାମର ଚାଷୀ ତହସିଲ ଅଫିସକୁ ଦାବିପତ୍ର ଦେବାକୁ ଆସିଛନ୍ତି।

ଉପଖଣ୍ଡର ଟାଙ୍ଗରସାହି ଗ୍ରାମ ନିକଟରେ ଜବରଦଖଲକାରୀ ଉକ୍ତ କେନାଲ ଉପରେ ମାଟି ପକାଇ କେନାଲକୁ ପୋତି ଦେଇଛନ୍ତି। ଚାଷୀମାନେ ଉକ୍ତ କେନାଲ ପୁନରୁଦ୍ଧାର କରିବାକୁ ଗଲେ ଜବରଦଖଲକାରୀ ଗଣ୍ଡଗୋଳ କରୁଛନ୍ତି। ତେଣୁ ପ୍ରାୟ ୫ଶହ ହେକ୍ଟର ଚାଷ ଜମି ଏବେ ଜଳସେଚନ ହୋଇପାରୁନାହିଁ। ଚଳିତ ବର୍ଷ ଅନାବୃଷ୍ଟି ଯୋଗୁଁ କେନାଲର ପାଣି ଜରୁରୀ ହୋଇପଡୁଛି। ଅନେକ ଜମିରେ ଏବେବି ରୁଆ, ବିହୁଡା ହୋଇପାରୁନାହିଁ। ଜମି ମାଟି ଫାଟି ଆଁ କଲାଣି। ଯେତେ ଜମିରେ ଚାଷ ହୋଇଛି ସେ ସବୁ ମରିବାକୁ ବସିଲାଣି। ଜବରଦଖଲକାରୀ କେନାଲକୁ ପ୍ରତିବର୍ଷ ଖଣ୍ଡେଖଣ୍ଡେ ପୋତି ଦେଇ ଘର କରି ଦେଉଛନ୍ତି। କେନାଲ ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଠୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କେହି ବି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ଗୌଡକେଲା ଗ୍ରାମର ୱାର୍ଡସଭ୍ୟ ସୁଦାମ ଜଗଦଲାଙ୍କ ନେତୃତ୍ୱରେ ସାରଥି ମିଶ୍ର, ଶବ୍ୟସାଚୀ ମିଶ୍ର, ଜଗନ୍ନାଥ ମେହେର, ବ୍ୟୋମକେଶ ପଣ୍ଡା, ରାଜେନ୍ଦ୍ର ଜଗଦଲା, ଶମ୍ଭୁ ମେହେରଙ୍କ ସମେତ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଦସ୍ତଖତ ଥିବା ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ତହସିଲଦାର ଖୁବଶୀଘ୍ର ଏହାର ପୁନରୁଦ୍ଧାର କରାଯିବ ବୋଲି ଚାଷୀଙ୍କୁ କହିଛନ୍ତି।

## ବୌଦ୍ଧରେ କର୍କଟ ରୋଗ ପରାମର୍ଶ ଶିବିର

**ବୌଦ୍ଧ,୨୪।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା କର୍କଟ ରୋଗ ଚିକିତ୍ସା ଓ ପ୍ରଶମନ କେନ୍ଦ୍ରଠାରେ ସୋମବାର କର୍କଟ ରୋଗ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇର କର୍କଟ ରୋଗ ବିଶେଷଜ୍ଞ ଡା. ଦୀନେଶ ପଣ୍ଡାରକର ଶିବିରରେ ଯୋଗଦେଇ ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦେଇଥିଲେ। ଏହାବ୍ୟତୀତ କର୍କଟ ରୋଗର କାରଣ ଓ ନିରାକରଣ,ଚିହ୍ନଟ ଓ ଚିକିତ୍ସା ସମ୍ପର୍କରେ ରୋଗୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ କୁମାର ମହାପାତ୍ର, ଏପିଡେମୋଲୋଜିଷ୍ଟ ଜ୍ଞାନ ରଞ୍ଜନ ମହାନ୍ତି, ପରାମର୍ଶଦାତା ଆଲୋକ କୁମାର ମିଶ୍ର, ସ୍ମୃତି ରଞ୍ଜନ ନାୟକ ଓ ଲଳିତ ମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିର ଜରିଆରେ ୧୪ ଜଣ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦିଆଯାଇଥିଲା।

## କୃଷିବିଜ୍ଞାନ କେନ୍ଦ୍ରରେ ପ୍ରତିଷ୍ଠା ଦିବସ ପାଳନ

**ବଘିଆପଡା,୨୪।୮(ଡି.ଏନ.ଏ.)**

ବୌଦ୍ଧ ଜିଲା ପାଲଝାରଠାରେ ଥିବା କୃଷିବିଜ୍ଞାନ କେନ୍ଦ୍ର ଠାରେ ମଙ୍ଗଳବାର ଓ.ୟୁ.ଏ.ଟିର ୬୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ ହେବା ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାରେ ଚାଷର ଉନ୍ନତି ତଥା ଚାଷୀ କିପରି ଚାଷ କରି ଲାଭବାନ ହୋଇପାରିବେ ସେନେଇ ଆଲୋଚନା ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିତା ପ୍ରିୟଦର୍ଶନୀ ସ୍ୱାଗତ ଭାଷଣ ଦେଇଥିଲେ। ସିଡିଏଓ ସାରଦା କୁମାର ମିଶ୍ର, ସିଡିଭିଓ ଅମିତାଭ ପଣ୍ଡା, ଡିଏଓ ନାରାୟଣ ମହାନନ୍ଦ ଯୋଗ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ମୟୁରୀ ସିଂ ସରଧାର , ହରପ୍ରିୟା ସେଠୀ, ବିକ୍ରମ କେଶରୀ ପରମାଣିକ, ସଦକତ ଅଲ୍ଲୀ ସହଯୋଗ କରିଥିଲେ। ସଫଳ ଚାଷୀ ଭାବରେ ମନୋଜ କୁମାର ପ୍ରଧାନ ଓ ସୁବିଜ୍ଞ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।

## ମରୁଡ଼ି ଘୋଷଣା ପାଇଁ ଦାବିପତ୍ର ପ୍ରଦାନ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କେସିଙ୍ଗା,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କିକିଆ ଗ୍ରାମପଞ୍ଚାୟତରେ ବର୍ଷା ଅଭାବରୁ ଚାଷ ନଷ୍ଟ ହୋଇ ମରୁଡି ହେବାକୁ ବସିଲାଣି। ଏହି ପଞ୍ଚାୟତକୁ ମରୁଡି ଘୋଷଣା ଓ ସହାୟତା ପ୍ରଦାନ ଦାବିରେ ମଙ୍ଗଳବାର କିକିଆ ପଞ୍ଚାୟତ ଚାଷୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଗଷ୍ଟ ସରିବାକୁ ବସିଲାଣି ହେଲେ ଏଯାଏ ବର୍ଷାର ଦେଖାନାହିଁ। ଫଳସ୍ୱରୂପ ଧାନ ଗଛଗୁଡିକ ମରିବାକୁ ଲାଗିଲାଣି। ଏହି ପଞ୍ଚାୟତ ଅଣାଜଳସେଚିତ ଅଞ୍ଚଳ ହୋଇଥିବାରୁ ଅଭାବ ବର୍ଷା ଯୋଗୁ ଧାନ ଚାଷ ସମ୍ପୂର୍ଣ୍ଣ ଠପ ହୋଇରହିଛି। ଏହି ପଞ୍ଚାୟତରେ ପ୍ରାୟ ୯୫ ଶତକଡା ଭାଗ ଜମି ଫାଟି ଗଲାଣି। ଆଉ ଯଦି ବର୍ଷା ହେଲେ ମଧ ଠିକ ପରିମାଣରେ ଅମଳ ହୋଇପାରିବ ନାହିଁ ଏବଂ ଉପରୋକ୍ତ ସମସ୍ୟା ହେବା ଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଲାଣି ବୋଲି ଚାଷୀମାନେ କହିଛନ୍ତି। ମରୁଡି ଓ ସହାୟତା ରାଶି ପ୍ରଦାନ ଦାବିରେ କିକିଆ ପଞ୍ଚାୟତ ରାଷ୍ଟ୍ର ନିର୍ମାଣ କୃଷକ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଖଗେନ୍ଦ୍ର ମାଝି, ସମ୍ପାଦକ ସୁନୀଲ କୁମାର ନାଏକ, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ପଧାନ, କିକିଆ ସରପଞ୍ଚ ଗୌରି ରଣା, ନାଏବ ସରପଞ୍ଚ ବିକାଶ ପ୍ରଧାନ ତଥା ଚାଷୀମାନେ ଉପସ୍ଥିତ ରହିଥିଲେ।

# ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କ ଡୋଙ୍ଗର ଯାତ୍ରା

**କୋକସରା,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ଅଞ୍ଚଳର ଜନଜାତି ଓ ଗ୍ରାମବାସୀ ଜଙ୍ଗଲରେ ଥିବା ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରି ଆସୁଛନ୍ତି। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦେବୀ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ। ଡୋଙ୍ଗର ଯାତ୍ରା ନାମରେ ନାମିତ ଏହି ପର୍ବରେ ଗ୍ରାମବାସୀ ମିଳିତ ଭାବେ କାଳିସୀ ଓ ପୂଝାରୀଙ୍କ ଗହଣରେ ପାଳନ କରିଥାନ୍ତି। ଗୋତମୁଣ୍ଡା ଗ୍ରାମରୁ



ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଉଛି।

ପ୍ରାୟ ୩ କି.ମି. ରାସ୍ତା ଚାଲି କାଳିସି ଓ ଲାଠି ଶୋଭାଯାତ୍ରାରେ ବାହାରି ଜଙ୍ଗଲରେ ଥିବା ଦେବୀଙ୍କ ଆସ୍ଥାନରେ ପହଞ୍ଚିଥାନ୍ତି। ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଜଙ୍ଗଲ ମଧ୍ୟରେ ଥିବା ଦେବୀଙ୍କ ମନ୍ଦିରରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ଶୁକ୍ଳ ଭୋଗ ସହ କୁକୁଡ଼ା, ବୋଦା ବଳି ଦେଇ ନିଜର ମାନସିକ ପୂରଣ କରିଥାନ୍ତି। ଦେବିଙ୍କ ସେବକ ମନୋହର ପୂଝାରୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଗ୍ରାମର ଉପେନ୍ଦ୍ର ବାଗ, ଦେବିସିଂ ମାଝି, ଅଖିଲ ମାଝି, ହେମନ୍ତ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୂଝାରି, ଯଦୁମଣୀ ଦୁର୍ଗା, ରତନ ମାଝି, ପାର୍ଥବ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ନିରଞ୍ଜନ ବାଗ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଥିବା ଜଙ୍ଗଲ ମଧ୍ୟରେ ମା'ଙ୍କ ପ୍ରସାଦ ସେବନ କରିଥିଲେ।

# ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ

**ବରଗଡ଼ ଅଫିସ,୨୪।୮**

ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ସି ବୈଠକ ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ସମୀକ୍ଷା ହୋଇଥିଲା । ପଦ୍ମପୁର ଉପଖଣ୍ଡ କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀନରେ ଚାଲିଥିବା କାମଗୁଡ଼ିକ ଉପରେ ଆଲୋଚନା ବେଳେ ଏଠାରେ ୩କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୭ଟି ପ୍ରକଳ୍ପ ନିର୍ମାଣ ଲକ୍ଷ୍ୟ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଗ୍ରୀନ କ୍ଲାଇମେଟ୍ ଫଣ୍ଡରେ ୧୨୦ଟି ପ୍ରକଳ୍ପ ନିର୍ମାଣ କରାଯିବ ଏବଂ ଏଥିପାଇଁ ୪କୋଟି ୭୪ଲକ୍ଷ ୯୪ହଜାର ଟଙ୍କା ବ୍ୟୟ ଅଟକଳ ରହିଥିବା ସୂଚନା ଦିଆଯାଇଥିଲା।

ବରଗଡ଼ ଜଳସେଚନ ବିଭାଗର ସମୀକ୍ଷା ବେଳେ ୨୦୨୧ ଖରିଫ ଋତୁରେ ୨୪ହଜାର ୫୭୩.୪୪୨ ହେକ୍ଟର ଜମିକୁ ଜଳସେଚିତ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। କେନାଲରେ ବର୍ଜ୍ୟବସ୍ତୁ ଫିଙ୍ଗା ନ ଯିବା ଏବଂ ଏହାର



ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିରେ ଉପସ୍ଥିତ ସଭ୍ୟ, ଅଧିକାରୀବୃନ୍ଦ।

ପ୍ରତିକାର ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ବରଗଡ଼ ଜଳସେଚନ ବିଭାଗରେ ୧କୋଟି ୮୨ଲକ୍ଷ ୪୮ହଜାର ଟଙ୍କାରେ ୧୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣାଧୀନ ବ୍ରିଜ୍ ନିକଟରେ ପରିଶ୍ରାଗାର ନିର୍ମାଣ ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଦାବି କରିଥିଲେ।

ବରପାଲି ଜଳସମ୍ପଦ ବିଭାଗର ସମୀକ୍ଷାବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ୧କୋଟି ୮୨ଲକ୍ଷ ୪୮ହଜାର ଟଙ୍କାରେ ୧୩ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ୧କୋଟି ୪୧ଲକ୍ଷ ୯୫ହଜାର ଟଙ୍କା ବ୍ୟୟ ଅଟକଳରେ ୧୫ଟି ପ୍ରକଳ୍ପର କାମ ଆଗେଇ ଚାଲିଥିବା ବୈଠକରେ ସୂଚନା ଦିଆଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କେନାଲ ରାସ୍ତା ଗୁଡ଼ିକୁ ନିର୍ମାଣ କରିବା ପାଇଁ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପ ଦାବି ଉପସ୍ଥାପନ କରିଥିଲେ। ଜଳସମ୍ପଦ ବିଭାଗ କେନାଲ ଉପବିଭାଜନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସେହିପରି ବରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୭ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ସେଥିରୁ ୧୨ଟି ପ୍ରକଳ୍ପର କାର୍ଯ୍ୟ ଆଗେଇ ଚାଲିଛି ଏବଂ ୧୫ଟି ପ୍ରକଳ୍ପର ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ବିଜୁ ସେତୁ ଯୋଜନାରେ ୪ଟି ପ୍ରକଳ୍ପର କାର୍ଯ୍ୟ ଆଗେଇ ଚାଲିଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ଭଟଲି,

**ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ସି ବୈଠକ**

ଘେଁସ, ଲରମ୍ଭା କଲେଜର ଶ୍ରେଣୀଗୃହ, ସୋହେଲା ଡାକ୍ତରଖାନାରେ ମାତୃ, ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଉପରେ ସୂଚନା ଦିଆଯାଇଥିଲା। ବିଜେପୁର ବ୍ଲକ ଏମ୍. ଗଣ୍ଡପାଲିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଚଳିତ ମାସରେ ସରିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ଶକ୍ତି ବିଭାଗର ସମୀକ୍ଷାବେଳେ ଏହି ବିଭାଗ ଅଧୀନରେ ଚାଲିଥିବା କାର୍ଯ୍ୟଗୁଡ଼ିକ ସନ୍ତୋଷଜନକ ନ ଥିବା ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ବିଦ୍ୟୁତ୍ ତାର ଯାଇଥିଲେ ତାକୁ ଅପସାରଣ କରାଯିବା, ଲୋ ଭୋଲଟେଜ, ବିଦ୍ୟୁତ କାଟ୍ ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି ହୋଇଥିଲା। ଏହା ସହିତ ପାନୀୟଜଳ, ପରିମଳ ବିଭାଗର ସମୀକ୍ଷା ହୋଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ଅଶୋକ ସାହୁ, ଶଙ୍କର ଖାଲକୋ, ଉମେଶ ବେହେରା, ସୁବାଷ ହୋତା ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ନୂଆମାଲପଡ଼ାବାସୀ

**ନୂଆପଡ଼ା ଅଫିସ,୨୪।୮**

ନୂଆପଡା ଜିଲା ସିନାପାଲି ବ୍ଲକ ନୂଆମାଲପଡା ପଞ୍ଚୟତବାସୀ ବିଭିନ୍ନ ସମସ୍ୟା ନେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆମାଲପଡା ପଞ୍ଚାୟତ ଛତିଶଗଡସୀମାରେ ରହିଛି। ଯାତାୟାତ ପାଇଁ ଭଲ ରସ୍ତା ନାହିଁକି ପାନୀୟ ଜଳର ବ୍ୟବସ୍ଥା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଜୁଳି ଏଠି ସପନ। ଛତିଶଗଡ ସୀମାନ୍ତରେ ଥିବା ନୂଆମାଲପଡାରେ ସମସ୍ୟା ଲଗି ରହିଛି। ନୂଆମାଲପଡାବାସୀ ଅନେକ ଥର ତହସିଲଦାର, ବିଡିଓ, ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ସରକାରଙ୍କ ଅନୁଦାନ ଆସିଲେ ସମସ୍ୟା ସମାଧନ ହେବ ବୋଲି ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଆରଡିସି ମଧ୍ୟ ସେହି ସ୍ଥାନକୁ ପରିଦର୍ଶନ କରି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳୁ ନ ଥିବାରୁ ନୂଆମାଲପଡାର ଉଜଳ ସିଂ ମାଝି, ଡବଲ ମାଝି, ବୁଧମନ ହଂସ, ମାନ ମାଝି, ନିଳା ମାଝି, ପୁନିତ ମାଝି, ଡିଙ୍ଗର ମାଝି, ଅମର ସିଂ ଚିନ୍ଦା, ଟିକଚନ ଚିନ୍ଦା, ମୋହନ ମାଝି ପ୍ରମୁଖ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୫ ଅଗଷ୍ଟ, ୨୦୨୧

## ଟ୍ରାକ୍ଟର ଓଲଟିଲା, ଡ୍ରାଇଭର ଗୁରୁତର

ଅତାବିରା,(ଡି.ଏନ.ଏ): ଅତାବିରା ଥାନା ଅନ୍ତର୍ଗତ ଟୋପ-ଅତାବିରା ରେଲୱେ ଆର୍‌ଡି ରାସ୍ତାର ନଳିଆ ବ୍ରିଜ୍‌ରେ ଏକ ସିମେଣ୍ଟ ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିଛି। ଫଳରେ ଗାଡି ଚାଳକ ଗୋବିନ୍ଦ ଭୋଇ (୨୬) ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଛି। ଓଡି୧୭ଡି/୩୨୬୦ ନମ୍ବର ବିଶିଷ୍ଟ ଇଟା ବୋଝେଇ ଟ୍ରାକ୍ଟର ଏହି ରାସ୍ତାରେ ଯାଉଥିବା ବେଳେ ବ୍ରିଜ୍ ଉପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।



## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳକ ମୃତ

ଦେଓଗାଁ,୨୪।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଜଲିଆ ଗାଁରେ ସାପ କାମୁଡ଼ାରେ ଜଣେ ୧୨ବର୍ଷର ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମାରୁ କୁମ୍ଭାରଙ୍କ ଏକମାତ୍ର ପୁଅ ଅଜ। ସୋମବାର ଅପରାହ୍ଣରେ ଖେଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ବିଳମ୍ବିତ ରାତିରେ ସେଠାରେ ଅଜୁଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ଏକ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି।

### ଦୁଇ ବାଇକ ଚୋର ଜେଲଗଲେ

ଲୋଇସିଂହା,୨୪।୮(ଡି.ଏନ.ଏ.): ଲୋଇସିଂହା ପୋଲିସ ଗିରଫ କରିଥିବା ୨ବାଇକ ଚୋରଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବରଗଡ଼ ଜିଲା ଗାଇସିଲାଟ ଥାନ ପଣ୍ଡକିଟାଲର ରାହୁଲ ସାହୁ ଓ ପଦ୍ମପୁର ବଡବନ୍ଧପଡାର କାବଲୁ ଦାଶ। ସେମାନଙ୍କ ନାମରେ ପଦ୍ମପୁର, ସେହେଲା, ପାଟଣାଗଡ ପ୍ରଭୃତି ଥାନାରେ ଏକାଧିକ ମାମଲା ରହିଥିବା ଆଇଆଇସି ରମାକାନ୍ତ ଜେନା ପ୍ରକାଶ କରିଛନ୍ତି।

### ଶ୍ରମ ବିଭାଗ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶ୍ରମିକ

ଲାଠୋର,୨୪।୮(ଡ.ଏନ.ଏ.): ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଞ୍ଚଳର ଶ୍ରମିକମାନେ ନାନା ସମସ୍ୟାରେ ରହିଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଜିଲା ଶ୍ରମ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଶ୍ରମ ବିଭାଗ ନିର୍ଦ୍ଦେଶକ ଏଥିରେ ହସ୍ତକ୍ଷେପ କରିବାକୁ ବଳବନ୍ତ ସାଣ୍ଡ, ଥବିର ନାଗ, ପରମାନନ୍ଦ ନାଗ, ସନ୍ତୋଷ ନାଗ, ଲିଙ୍ଗ ଶବର, ଡ୍ରାମ ଲିଟି, ଭଜମନ ବରିହା ପ୍ରମୁଖ ଶ୍ରମିକ ଦାବି କରିଛନ୍ତି। ଏହି ଅଞ୍ଚଳର ୮୦ଭାଗ ଲୋକ ଦିନ ମଜୁରିଆ। ପ୍ରତିବର୍ଷ ଏମାନେ ପରିବାର ସହ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ଏଥିପାଇଁ ଶ୍ରମିକମାନେ ଜିଲା ଶ୍ରମ କାର୍ଯ୍ୟାଳୟକୁ ପଞ୍ଜିକରଣ ପାଇଁ ଯାଉଥିଲେ ମଧ ବିଭିନ୍ନ ଆଳ ଦେଖାଇ ଫେରାଇ ଦିଆଯାଉଛି। ଫଳରେ ଶ୍ରମିକମାନେ ପଞ୍ଜିକରଣ ଏବଂ ନବୀକରଣ କରି ନ ପାରି ଶ୍ରମ ଅଧିକାର ଆଇନ ଅନୁଯାୟୀ ରହିଥିବା ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି।

### ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

ବାଉଁଶୁଣୀ,୨୪।୮(ଡି.ଏନ.ଏ.): ନେହେରୁ ଯୁବ କେନ୍ଦ୍ର ବୌଦ୍ଧ ଆନୁକୂଲ୍ୟରେ ଲଭ ଅର୍ଗାନାଇଜେସନ ୟୁଥ କ୍ଲବ ବାଉଁଶୁଣୀ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ସଭାପତି ଗୋପାଳ କ୍ରିଷ୍ଣା ଥାପା ଓ ସମ୍ପାଦକ କୃଷ୍ଣାପଣ ଦନାୟକଙ୍କ ନେତୃତ୍ୱରେ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଫିଟ ଇଣ୍ଡିଆ ଫ୍ରିଡମ ରନ ହୋଇଥିଲା। ଏହାଛଡା ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ଶପଥ ପାଠ କରାଯାଇଥିଲା। ଏଥିରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତି ସଞ୍ଜୟ କୁମାର ତନ୍ତୀ, ବିଦ୍ୟାଧର ମେହେର, ଶେଷଦେବ ମେହେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କ୍ଷୀରୋଦ ବିଶ୍ୱାଳ, ମହେନ୍ଦ୍ର ମହାକୁଲ, ଦୀପକ କୁମାର ମେହେର ସହଯୋଗ କରିଥିଲେ।

### ଜିଲା ପରିଷଦ ଅଧକ୍ଷାଙ୍କ ସମୀକ୍ଷା ବୈଠକ

ଅମରପାଲି,୨୪।୮ (ଡି.ଏନ.ଏ.): ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲା ପରିଷଦ ଅଧକ୍ଷାଙ୍କ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଉଷା କୁମାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ବିଡିଓ ମୋତିଲାଲ ସୁଲିଆ, ଏପିଡି ହାଉସିଙ୍ଗ ଆଲୋକ ମିଶ୍ର, ଏମ୍‌ଜିଏନ୍‌ଆରଇଜିଏସ୍ ସଂଯୋଜିକା ଶୈବାଳୀ ଦାଶ, ଏଇ ବିନିତ ଲାକ୍ରା, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ମଞ୍ଜୁଲତା ଗୌଡ, ଦିଲୀପ ପଧାନଉପସ୍ଥିତ ଥିଲେ। ବୈଠକରେ ରୁରାଲ ହାଉସିଙ୍ଗ,ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପରିମଳ ଓ ଜଳ ଯୋଗାଣ, ଓଏଲଏମ, ମିଶନ ଶକ୍ତି, ପିଡିଏସ ତଥା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। କିପରି ପ୍ରତ୍ୟେକ କାର୍ଯ୍ୟ ଠିକ ଭାବରେ ହେବ, ହିତାଧିକାରୀ ସୁବିଧାରେ ସରକାରୀ ସହାୟତା ପାଇପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।



ଏକ୍ସପାଏରୀ ସାଲାଇନ ନେଇଥିବା ରୋଗୀ।




ଏକ୍ସପାଏରୀ ସାଲାଇନ।

# ଏକ୍ସପାଏରୀ ସାଲାଇନ ନେଇ ରୋଗୀ ଗୁରୁତର

ଲୋଇସିଂହା,୨୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଜଣେ ରୋଗୀଙ୍କୁ ସୋମବାର ବିଳମ୍ବିତରେ ଏକ୍ସପାଏରୀ ସାଲାଇନ ଦେବାପରେ ସେ ଗୁରୁତର ହୋଇପଡିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ରୋଗୀ ଜଣକ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଚିକିତ୍ସା ଅଧିକାରୀ ପ୍ରତିମା ସୋରେନ ଏହାକୁ ଗୁରତର ଭାବେ ନେଇ ଷ୍ଟାଫନର୍ସ ଓ ଫାର୍ମାଶିଷ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି କରିବେ

**ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଫାର୍ମାସିଷ୍ଟ, ଷ୍ଟାଫନର୍ସ ଦୋଷ ଲଦାଲଦି
- କାର୍ଯ୍ୟାନୁଷ୍ଠାନ ହେବ: ମେଡିକାଲ ଅଫିସର

ବୋଲି କହିଛନ୍ତି। ଏବେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ସେ କହିଛନ୍ତି।

ସୂଚନା ମତେ, କନ୍ଦାଜୁରୀ ଗ୍ରାମର ହୃଷିକେଶ ପଧାନଙ୍କ ଝିଅ ସନ୍ତୋଷିନୀ ପଧାନ(୧୯)ଙ୍କୁ ଜ୍ୱର ହେଉଥିବାରୁ ପରିବାର ଲୋକେ ତାଙ୍କୁ ଗତ ୨୨ ତାରିଖ ପୂର୍ବାହ୍ନରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଟାଇଫଏଡ ଜ୍ୱରରେ ପୀଡତ ଥିବା ଓ ଶରୀରରେ ଗ୍ଲୁକୋଜ ସ୍ତର କମିଯାଇଥିବା ଜଣା ପଡିଥିଲା। ଡାକ୍ତରଖାନରେ ଭର୍ତ୍ତି କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ସୋମବାର ସନ୍ଧ୍ୟାରେ ତାଙ୍କୁ କେତେକ ସାଲାଇନ ଲଗାଇଥିଲେ ଷ୍ଟାଫନର୍ସ ବିଣାପାଣୀ ସେଠ। ସେଥିରେ ରହିଥିଲା ଡିଏସ ୫ ସାଲାଇନ। ଗତ ମାର୍ଚ୍ଚ ୨୦୨୧ରୁ ତାହାର ଏକ୍ସପାଏରୀ ହୋଇଯାଇଥିବା ଜଣାପଡିଥିଲା। ଏହି ସାଲାଇନ ନେବା ପରେ ରାତି ୧ଟା ୧୫ରେ ସନ୍ତୋଷିନୀ ଗୁରୁତର ହୋଇ ପଡିଥିଲେ। ପ୍ରବଳ ବାନ୍ତି କରିବା ସହ ସେ ଅଚେତ ହୋଇପଡିଥିଲେ। ଝିଅର ଏପରି ଅସ୍ୱାଭାବିକ ପରିସ୍ଥିତି ଦେଖି ହୃଷିକେଶ ଷ୍ଟାଫନର୍ସଙ୍କୁ ଡାକିଥିଲେ। ଏହି ସମୟରେ ଏକ୍ସପାଏରୀ ସାଲାଇନକୁ ନେଇଯାଇଥିଲେ ଷ୍ଟାଫନର୍ସ । ଖବର ପାଇ ଚିକିତ୍ସା ଅଧିକାରୀ ଡ଼ା ସୋରେନ ୱାର୍ଡରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ଏହି ଘଟଣା ପରେ ଷ୍ଟାଫନର୍ସ କହିଥିଲେ ଯେ, ଗୋଟିଏ ସାଲାଇନର ଏକ୍ସପାଏରୀ ମାର୍ଚ୍ଚ ୨୦୨୧ ରହିଥିବାବେଳେ ଅନ୍ୟଗୁଡିକ ଅକ୍ଟୋବର ୨୦୨୧ ରହିଛି। ଷ୍ଟକରୁ ପଠାଉଥିବା ଫାର୍ମାଶିଷ୍ଟ ଏକ୍ସପାଏରୀ ଦେଖି କରି ପଠାଇବା କଥା। ସାଲାଇନ, ଇଞ୍ଜେକସନ ଦେଲା ବେଳେ ଦେଖିକି ଦେବା ଆମ ଦାୟିତ୍ୱ ବୋଲି କହିଥିଲେ। ଅପରପକ୍ଷେ ଫାର୍ମାଶିଷ୍ଟ ମହାଦେବ ରଣା କହିଛନ୍ତି ଯେ, ଷ୍ଟାଫନର୍ସମାନେ ଔଷଧକୁ ଦେଖି ରୋଗୀଙ୍କୁ ଦେବା କଥା। ୨୯ ମାର୍ଚ୍ଚ ୨୦୨୧ରେ ୨୫ଟି ଡି ୫ ସାଲାଇନ ଷ୍ଟକରୁ ହସ୍ପିଟାଲକୁ ଇସ୍ୟୁ ହୋଇଥିବା ସେ କହିଛନ୍ତି।

# ଜମିପଟ୍ଟା ପ୍ରଦାନକୁ ନେଇ ତାତିଲେ ଆଦିବାସୀ

ଲାଠୋର,୨୪।୮(ଡି.ଏନ.ଏ.)

**ଦାବି ପୂରଣ ନ ହେବା ଯାଏ ପ୍ଲାଣ୍ଟେସନରେ ପୂରାଇ ଦେବୁନି**

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଧୀନ ବାଦିମାଲ ଗ୍ରାମର ୨୧ ଆଦିବାସୀ ପରିବାରକୁ ଦୀର୍ଘଦିନ ହେଲା ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ପ୍ରଦାନ କରାଯାଇନାହିଁ। ବନ ବିଭାଗ ନିକଟରେ ଏ ନେଇ ଆବଶ୍ୟକ କାଗଜାତ୍ ଦାଖଲ ପରେ ମଧ କୌଣସି ସୁଫଳ ମିଳୁନାହିଁ। ସୋମବାର ଲାଠୋର ରେଞ୍ଜର ପ୍ରଭାତୀ ସେଠ ଓ ଅନ୍ୟ କର୍ମଚାରୀ ବାଦିମାଲକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ୨ଘଣ୍ଟା କାଳ ଅଟକ ରଖିଥିଲେ। ମଙ୍ଗଳବାର ସେମାନେ ବନ ବିଭାଗ ପ୍ରଶାସନକୁ ଚ୍ୟାଲେଞ୍ଜ କରିଛନ୍ତି। ପଟ୍ଟା ପ୍ରଦାନ ନ କରିବା ଯାଏ ପ୍ଲାଣ୍ଟେସନରେ ପୂରାଇ ଦେବୁ ନାହିଁ ବୋଲି ଆଦିବାସୀମାନେ କଡା ଚେତାବନୀ ଦେଇଛନ୍ତି।

ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ୨୦୦୫ ଅନୁସାରେ ୨୧ ପରିବାର ଫର୍ମ(କ) ରେ ପ୍ରମାଣ ସ୍ୱରୁପ ସମସ୍ତ କାଗଜ ପତ୍ର ବାରମ୍ବାର ଦାଖଲ କରୁଛନ୍ତି। ଜଙ୍ଗଲ ଅଧିକାର କମିଟି ଓ ପଲ୍ଲୀସଭାରେ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପୃକ୍ତ ପରିବାରଗୁଡିକ ୨୦୦୫ ପୂର୍ବରୁ ସେଠାରେ ଚାଷବାସ କରି ତଥା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଛନ୍ତି ବୋଲି ସୁପାରିଶ କରିଛି। ଏହାସତ୍ତ୍ୱେ ବନ ବିଭାଗ ଆଦିବାସୀଙ୍କ ଆବେଦନକୁ ଖାରଜ କରି ଦେଉଛି। ଫଳରେ ସେମାନେ ବାଧ ହୋଇ ବେନ୍ଦେର ସଂରକ୍ଷଣ ଜଙ୍ଗଲ-୧ (ବାଦିମାଲ)ରେ ଥିବା ପ୍ଲାଣ୍ଟେସନକୁ ଦେଖରେଖ କରୁଥିବା ୱାଚରକୁ ପଶିବାକୁ ଦେଉ ନ ଥିଲେ। ଏହାକୁ ନେଇ ଲାଠୋର ରେଞ୍ଜର ପ୍ରଭାତୀ ସେଠ ସୋମବାର ସଦଳବଳ ସେଠାରେ ପହଞ୍ଚି ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଦିବାସୀ ମାନେ ସ୍ୱୀକୃତି ପ୍ରଦାନ ପାଇଁ ଜିଦ ଧରି ବନ ବିଭାଗ କର୍ମଚାରୀଙ୍କୁ ଅଟକ ରଖିଥିଲେ। ରେଞ୍ଜର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ହେବ ବୋଲି ପ୍ରତିଶୃତି ଦେବା ପରେ ଛାଡିଥିଲେ। ଘଟଣାକୁ ନେଇ ଆଦିବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ଆଦିବାସୀଙ୍କ ଦାବି ଯଥାର୍ଥ ବୋଲି କହିଛନ୍ତି। ବନ ବିଭାଗ ବାରମ୍ବାର ସେମାନଙ୍କ ଦାବି ଖାରଜ କରୁଛି। ବୁଧବାର ବଲାଙ୍ଗିର ଜିଲାପାଳ, ଏସ୍‌ପି, ଡିଏଫଓ ଏବଂ ଡିଡବ୍ଲ୍ୟୁଓଙ୍କ ସହ ଆଲୋଚନା ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ନିଷ୍ପତ୍ତି ନେଇଛି।

# ଜମି ବନ୍ଦୋବସ୍ତ କରିବାକୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ

ବଲାଙ୍ଗୀର ଅଫିସ, ୨୪।୮

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**



ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଜମି ବନ୍ଦୋବସ୍ତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ଚିଠି (ନଂ ୨୪୦୩୫/୧୩ ଅଗଷ୍ଟ ୨୦୨୧) ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚିଠିରେ ବିଶ୍ୱବିଦ୍ୟାଳୟ ପାଇଁ ଜମି ବନ୍ଦୋବସ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜମି ବନ୍ଦୋବସ୍ତ ପଦକ୍ଷେପ ନେବା ପରେ ଏସଂକ୍ରାନ୍ତରେ ବିଭାଗକୁ ଏକ ରିପୋର୍ଟ ଯୋଗେ ଅବଗତ କରିବାକୁ କୁହାଯାଇଛି। ରାଜସ୍ୱ ବିଭାଗ ଅନୁସଚିବ ବି. କେ. ସିଂ ଚିଠି ଲେଖି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ସମସ୍ୟାକୁ ନେଇ ଧରିତ୍ରୀରେ କ୍ରମାଗତ ରିପୋର୍ଟ ପ୍ରକାଶ ପାଇଥିଲା। ଏ ନେଇ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଗତ ୨ତାରିଖ ଦିନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମାପାତ୍ର, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ବିଷ୍ଣୁପଦ ସେଠୀଙ୍କ ନିକଟକୁ ଚିଠି ଲେଖି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଯୁଦ୍ଧକାଳୀନ ଭିତ୍ତିରେ ଜମିପଟ୍ଟା ବା ରେକର୍ଡସ୍ ଅଫ୍ ରାଇଟ୍ସ (ଆରଓଆର୍) ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ୨୦୨୦ ଜୁନ୍ ମାସରୁ ରାଜେନ୍ଦ୍ର କଲେଜକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ ମଧ ୟୁଜିସି ଏହି ଶିକ୍ଷାନୁଷ୍ଠାନକୁ ମାନ୍ୟତା ଦେଇ ନ ଥିଲା। ପରବର୍ତ୍ତୀ ସମୟରେ ୟୁଜିସି ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଥିଲେ ମଧ ଶିକ୍ଷାନୁଷ୍ଠାନ ନାଁରେ ଆବଶ୍ୟକ ଜମିପଟ୍ଟା ଓ ଜମି ନଥିବାରୁ ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ସ୍ୱୀକୃତି ମିଳିନାହିଁ। ଶିକ୍ଷାନୁଷ୍ଠାନ ପାଇଁ ପ୍ରାୟ ୧୫୦ ଏକର ଜମିର ଆବଶ୍ୟକତା ରହିଛି। ଯେତେ ଶୀଘ୍ର ଏହି ଶିକ୍ଷାନୁଷ୍ଠାନକୁ ସରକାର ଜମି ଓ ଜମିପଟ୍ଟା ଯୋଗାଇ ଦେବେ ଏହା ୟୁଜିସି ସ୍ୱୀକୃତି ଓ ଅନୁଦାନ ପାଇବାରେ ସହାୟକ ହେବ। ଏଭଳି ସମୟରେ ରାଜ୍ୟ ସରକାର ତୁରନ୍ତ ଜମି ଓ ଜମିପଟ୍ଟା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଚିଠି ପାଇଲା ପରେ ସରକାରଙ୍କ ତରଫରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ବିଧାୟକ ଡ ମହାଲିଙ୍ଗଙ୍କୁ ମଧ ଏହି ଚିଠିର ନକଲ ପ୍ରଦାନ କରାଯାଇଛି। ଏହି ଶିକ୍ଷାନୁଷ୍ଠାନର ଜମି ସମସ୍ୟାର ସମାଧାନ ଦିଗରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି। ଦଖଲଭୁକ୍ତ ୪୯ ଏକର ଜମି ମଧ୍ୟରୁ ପୂର୍ତ୍ତ ବିଭାଗ ନାଁରେ ଥିବା ପ୍ରାୟ ୭ ଏକର ଜମି ରାଜସ୍ୱ ବିଭାଗକୁ ଫେରାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।

## ମାଟି ବିଛାଇବାକୁ କେନ୍ଦ୍ରକରି ମାରପିଟ୍

ବିନିକା,୨୪।୮(ଡି.ଏନ୍.ଏ.)

ମାଟିବିଛାକୁ କେନ୍ଦ୍ର କରି ମାରପିଟ ହୋଇଥିବା ନେଇ ସୁବର୍ଣ୍ଣପୁର ଜିଲା ବିନିକା ଥାନାରେ ମଙ୍ଗଳବାର ଦୁଇଟି ମାମଲା ରୁଜୁ କରାଯାଇଛି। ଚେରୁପାଲି ଗାଁର ଗୋପାଳ ବାଘ(୪୮) ବିନିକା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସିଂଘିଝୁବା-ଦେଣ୍ଟୁପଦର ଆରଡି ରାସ୍ତା ମଧ୍ୟବର୍ତ୍ତୀ ଏକ ଖେତରେ ସୋମବାର ଅପରାହ୍ନରେ ଏକ ରାଇସ ମିଲ୍ ନିର୍ମାଣ ପାଇଁ ମାଟିବିଛା କାମ ଚାଲିଥିଲା। କାମ ତଦାରଖ ପାଇଁ ବାଙ୍କିଗିର୍ଡି ଗାଁର ମନୋଜ ସାହୁ(୪୫) ଓ ମଣିଗାଁ ଗାଁର ହେମସାଗର ଭୋଇ(୪୩)ଙ୍କୁ ରାଇସ୍ ମିଲ କର୍ତ୍ତୃପକ୍ଷ ଦାୟିତ୍ୱ ଦେଇଥିଲେ। ମନୋଜ, ହେମସାଗରଙ୍କ ସହ ସେ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ। ଏହିସମୟରେ ସିଂଘିଝୁବା ଗ୍ରାମର ଅଶୋକ ପଣ୍ଡା (୩୪) ଏକ ବାଇକ୍‌ରେ ସେଠାକୁ ଆସି ମାଟିକାମକୁ ବିରୋଧ କରି ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଉତ୍ୟକ୍ତ ହୋଇ ତାଙ୍କ ତଣ୍ଟି ଚିପି ଦେବା ସହ ନିସ୍ଥୁକ ପିଟିଥିଲେ। ପରେ ତାଙ୍କ ପ୍ୟାକେଟରେ ଥିବା ୬ହଜାର ଟଙ୍କା ଅଶୋକ ଛଡାଇ ନେଇଥିବା ଗୋପାଳ ଅଭିଯୋଗ କରିଛନ୍ତି। ଗୋପାଳଙ୍କ ଅଭିଯୋଗକୁ ଭିତ୍ତି କରି ଅଶୋକ ପଣ୍ଡାଙ୍କ ନାଁରେ ଥାନାରେ ଏକ ମାମଲା(ନଂ.୧୫୪/୨୧) ରୁଜୁ ହୋଇଛି। ଅନ୍ୟପକ୍ଷେ ଅଶୋକ ମଧ ଗୋପାଳଙ୍କ ନାଁରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅନ୍ୟ ଏକ ମାମଲା(ନଂ.୧୫୫/୨୧) ରୁଜୁ ହୋଇଛି। ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ତଦନ୍ତ ଚାଲିଥିବା ବିନିକା ଥାନା ଆଇଆଇସି ପବିତ୍ର ସାହୁ କହିଛନ୍ତି। ଅପରପକ୍ଷରେ ଡିଏସପି ଅର୍ଣ୍ଣପୂର୍ଣ୍ଣା ସ୍ୱାଇଁ ଆଟ୍ରୋସିଟି ମାମଲାର ତଦନ୍ତ କରିଛନ୍ତି।

# ମୃତ୍ତିକାର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ




ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୨୪।୮(ନି.ପ୍ର.)

ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ପରିସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୬୦ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପିଡି ଡିଆରଡିଏ ଡୋଳାମଣି ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୃତ୍ତିକାର ଗୁଣବତ୍ତା ବଜାୟ ରଖିବା ସହିତ ଅଧିକ ଅମଳ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର ଓ ଆନୁସଙ୍ଗିକ ବିଭାଗ ସହିତ ଚାଷୀମାନେ ସୁସମ୍ପର୍କ ସ୍ଥାପନ ଉପରେ ପିଡି ପଟେଲ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ ଚାଷ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ନୂତନ ଜ୍ଞାନକୌଶଳ ଆପଣେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ ଓ ୬ଟି ବ୍ଲକରୁ ଯୋଗ ଦେଇଥିବା କୃଷକ ମାନେ ଯୋଗଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଜୀବନଜ୍ୟୋତି ସେନ୍ ସଭାରେ ଅଧ୍ୟକ୍ଷତା କରିଥିଲେ। ଡ. ସେନ ତାଙ୍କ ବକ୍ତବ୍ୟରେ ଓୟୁଏଟିର ବିଭିନ୍ନ କାର୍ଯ୍ୟ, ନୂତନ ଦିଗନ୍ତ, ଆନୁସଙ୍ଗିକ କ୍ଷେତ୍ରରେ ଜ୍ଞାନକୌଶଳର ବିକାଶ ତଥା ରାଜ୍ୟର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ଉନ୍ନତି ସକାଶେ ଅବଦାନ ଉପରେ ଆଲୋଚନା କରିଥିଲେ। ବୀରମହାରାଜପୁରର ଅଗ୍ରଣୀ ଚାଷୀ ଦାମୋଦର ହୋତାଙ୍କୁ ଉଦ୍ୟାନକୃଷିରେ ଉଲ୍ଲେଖନୀୟ ସଫଳତା ପାଇଁ କେଭିକେ ତରଫରୁ ପୁରସ୍କୃତ କରାଯାଇଥିଲା। ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ଏକ୍ସ କ୍ୟାଡର ଶିକ୍ଷକ ଓ ଗଣଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ

ବୌଦ୍ଧ,୨୪।୮(ସ୍ୱ.ପ୍ର.)

ବୌଦ୍ଧ ବ୍ଲକ ବିଜାପଦର କ୍ଲଷ୍ଟରର ଏକ୍ସ କ୍ୟାଡର ଓ ଗଣଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ବୈଠକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହରଭଙ୍ଗା ବ୍ଲକ ଏକ୍ସ କ୍ୟାଡର ଓ ଗଣଶିକ୍ଷକ ସଂଘ ସଭାପତି ବିରେନ ଦାସିଆ, ସମ୍ପାଦକ ରାଜକିଶୋର ପୃଷ୍ଟି, ସୁବାସ କୁମାର ପ୍ରଧାନ, ଅଜୟ ପ୍ରଧାନ, ରଞ୍ଜିତ ଷଡଙ୍ଗୀ ଓ ରଞ୍ଜିତ ଭୋଇ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏନପିଏସ, ଟ୍ରେଜେରୀ ଦରମା, ନିୟମିତ ହେବାରୁ ବଞ୍ଚିତ ଗଣଶିକ୍ଷକ, ଓଟିଇଟିରୁ ବଞ୍ଚିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବୌଦ୍ଧ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଭାବେ ସୁଶାନ୍ତ ଅମାତ, ସମ୍ପାଦକ ସୁଧୀର ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ର ନାୟକ, ସହ ସମ୍ପାଦକ ଜୟରାମ ମେହେର, କୋଷାଧକ୍ଷ ଭାବେ ଲକ୍ଷ୍ମୀଧର ଥପାଙ୍କୁ ମନୋନୀତ କରାଯାଇଥିଲା। ସଂଘ ଉପଦେଷ୍ଟା ଯୋଗେଶ ମିଶ୍ର, ମଧୁସୂଦନ ନାୟକ ଓ କାର୍ଯ୍ୟକାରୀ ସଭ୍ୟ ସୁମନ୍ତ ମିଶ୍ର, ନିବେଦିତା ମିଶ୍ର, ଗଣମାଧ୍ୟମ ସଂଯୋଜକ ଭାବରେ ସ୍ୱରଜିତ୍ ପ୍ରଧାନ, ଉମେଶ ସୁନାଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷକ ସୁବାସ ବେରିହା, ଜିତେନ୍ଦ୍ର ପ୍ରଧାନ, ସୁଜିତ ସିଂ ମତ ରଖିଥିଲେ।

## ଟେଣ୍ଟ ଲାଇଟ, ବାଜା ମାଲିକ ସଂଘର ଦାବିପତ୍ର

ଟିଟିଲାଗଡ,୨୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଟେଣ୍ଟ ଲାଇଟ ଓ ବାଜା ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ସହକାରୀ ଜିଲାପାଳ ଲଳିତ ବାଗଙ୍କୁ ପ୍ରଦାନ କରାଯାଇଛି। କୋଭିଡ କଟକଣା ଯୋଗୁଁ ସଂଘର ବ୍ୟବସାୟ ସମ୍ପୂର୍ଣ୍ଣ କ୍ଷତିରେ ଚାଲିଛି। ମାଲିକମାନେ ବ୍ୟବସାୟ ପାଇଁ କରିଥିବା ବ୍ୟାଙ୍କ ଋଣ ପରିଶୋଧ କରିପାରୁ ନାହାନ୍ତି। ଏହି କାମ ପାଇଁ ନିୟୋଜିତ ଶ୍ରମିକମାନେ ମଧ ହାତ ବାନ୍ଧି ବସିଛନ୍ତି। ପରିବାର ଚଳାଇବା କଷ୍ଟକର ହୋଇ ପଡିଛି। ଏହି ପରିସ୍ଥିତିରେ ରାଜ୍ୟ ସରକାର ତୁରନ୍ତ ଉଚିତ ସ୍ୱରୂପ ସେମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ସେମାନେ ଦାବି କରିଛନ୍ତି।




ସହକାରୀ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ବାହାରିଥିବା ଶୋଭାଯାତ୍ରା।

# ଅନିୟମିତତାର ଗୁମର ଫିଟୁଛି

ଦେଓଗାଁ,୨୪।୮(ଡି.ଏନ.ଏ.)



ରତନପୁରରେ ସମବାୟ ବିଭାଗ, ରାଜସ୍ୱ ବିଭାଗ ଓ କୃଷି ବିଭାଗର ଅଧିକାରୀ ଚାଷୀଙ୍କ ଜମିକୁ ଯାଇ ତଦନ୍ତ କରୁଛନ୍ତି।

- ଅଣଜଳସେଚିତ ଜମିରେ ରବିଧାନ ଚାଷ ଦର୍ଶାଇ ଧାନବିକ୍ରି ଅଭିଯୋଗ
- ସମବାୟ, କୃଷି, ରାଜସ୍ୱ ବିଭାଗର ମିଳିତ ତଦନ୍ତ

ବଲାଙ୍ଗୀର ଜିଲା ଦେଓଗାଁ କୃଷିସେବା ସମବାୟ ସମିତିରେ ୨୦୧୯-୨୦ ରବିଋତୁରେ ଜଳସେଚନ ସୁବିଧା ନ ଥିବା ଜମିରେ ଧାନଚାଷ ଦର୍ଶାଇ ଅନେକ ଚାଷୀଙ୍କ ନାମରେ ଧାନବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଉକ୍ତ ଅଭିଯୋଗର ମିଳିତ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ଉପନିବନ୍ଧକ ସମବାୟ ବିଭାଗ(ଏସଏଆରସିଏସ) ରବିନ୍ଦ୍ର କୁମାର ପଣ୍ଡା, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ଅଧୀର କୁମାର ନାଏକ, ଗ୍ରାମ୍ୟ କୃଷିକର୍ମୀ ମାମିନା ଦେହୁରୀ, ପ୍ୟାକ୍ସ ସମ୍ପାଦକ ରଘୁମଣି ବାରିକ, ପ୍ୟାକ୍ସ ଡାଟା ଏଣ୍ଟ୍ରି ଅପରେଟର ଶ୍ରୀକାନ୍ତ ସାହୁ, ପ୍ୟାକ୍ସର ପୂର୍ବତନ ସଭାପତି ଶୈଳେଶ କୁମାର ସାହୁ ପ୍ରମୁଖ ରତନପୁର ଗାଁର ଚାଷୀଙ୍କ ଜମିକୁ ଯାଇ ତଦନ୍ତ କରିଥିଲେ। ଚଳିତ ଖରିଫରେ ମଧ ଉକ୍ତ ଜମିମାନଙ୍କରେ ଏଯାଏ ଧାନଚାଷ ହୋଇ ନ ଥିବାରୁ ରବିଋତୁରେ ଧାନଚାଷ ହେବା ଅସମ୍ଭବ ବୋଲି ପ୍ରମାଣିତ ହୋଇଥିଲା। ତେବେ ସମ୍ପୃକ୍ତ ଚାଷୀ ମଧ ଗତ ୨୦୧୯ ରବିଋତୁରେ ଧାନଚାଷ କରି ନ ଥିବା ସ୍ୱୀକାର କରିବା ପରେ ଧାନବିକ୍ରିରେ ଅନିୟମିତତା ସ୍ପଷ୍ଟଭାବେ ବାରି ହୋଇପଡିଛି। ଏହି ପ୍ୟାକ୍ସ ଅଧୀନରେ ଥିବା ରତନପୁର ଓ ଘୁଟିପାଲି ଗାଁରେ ଜଳସେଚନ ସୁବିଧା ନ ଥିବାରୁ ରବିଧାନ ଚାଷ ହୋଇ ନ ଥାଏ। ତେବେ ରତନପୁର ଗାଁର ଚାଷୀ ଅଭି ଭଣ୍ଡା, ଚନ୍ଦ୍ର ଭଣ୍ଡା, ନେହେରୁ କୁମୁରା, ହଜାରୁ ରାଉତଙ୍କ ଜମିରେ ରବିଧାନ ଚାଷ ହୋଇଥିବା ଦର୍ଶାଇ କେମିତି ଧାନକ୍ରୟ ହୋଇଛି ତାହାର ତଦନ୍ତ କରିବା ପାଇଁ ପୂର୍ବତନ ପ୍ୟାକ୍ସ ସଭାପତି ଶୈଳେଶ କୁମାର ସାହୁ ଅଧିକାରୀଙ୍କୁ ଲିଖିତଭାବେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏସଏଆରସିଏସ ପଣ୍ଡାଙ୍କୁ ପଚାରିବାରୁ ବର୍ତ୍ତମାନ ସମବାୟ ବିଭାଗ, କୃଷି ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଦ୍ୱାରା ସମସ୍ତ ପ୍ୟାକ୍ସ ଅଧୀନ ଚାଷୀଙ୍କ ଜମିକୁ ଯାଇ ପ୍ରକୃତ ଚାଷ ହୋଇଥିବା ଜମିର ତଦନ୍ତ ଆରମ୍ଭ ହୋଇଛି। ଏହିକ୍ରମରେ ଅଭିଯୋଗ ହୋଇଥିବା ଜମିର ତଦନ୍ତ ମଧ କରାଯାଇଛି ବୋଲି ସେ କହିଛନ୍ତି।